# ସକାଳ
## THE SAKALA

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR

◆ VOLUME- 19 ◆ ISSUE- 90 ◆ BHUBANESWAR ◆ THURSDAY ◆ 23 SEPTEMBER 2021 ◆ PAGE- 16 ◆ ₹ 5.00

◆ବର୍ଷ-୧୯ ◆ସଂଖ୍ୟା- ୯୦ ◆ଭୁବନେଶ୍ୱର ◆ଗୁରୁବାର ◆୨୩ ସେପ୍ଟେମ୍ବର ୨୦୨୧ ◆ପୃଷ୍ଠା- ୧୬ ◆ଟ.୫.୦୦




‘ରାଧେ ଶ୍ୟାମ’ ଯୋଡ଼ିଙ୍କ ମଧ୍ୟରେ ଫାଟ ପୃଷ୍ଠା ୨

## ମା’ ଓ ଦୁଇ ଝିଅଙ୍କୁ ହତ୍ୟା

### ଘର ଭିତରୁ ମୃତଦେହ ଉଦ୍ଧାର

**ସ୍ୱାମୀ ଫେରାର୍**

**ହତ୍ୟା ଅଭିଯୋଗ ଆଣିଲେ ମୃତ ମହିଳାଙ୍କ ମାଆ**

■ **ବ୍ରଜରାଜନଗର, ୨୨।୯ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗଙ୍ଗାନଗର ଫାଟକପଡ଼ାରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଏକ ଘର ଭିତରୁ ମା’ ଓ ୨ ଝିଅଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ୩ ଜଣ ହେଲେ ୨୮ ବର୍ଷୀୟା ସୋନି ପୋଦାର, ଝିଅ ମୁସ୍କାନ (୫) ଓ ରାଧିକା (୩)। ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ପୋଦାର ଫେରାର ଥିବାରୁ ପରିବାରର ୩ ଜଣଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ଦୃଢ଼ୀଭୂତ ହୋଇଛି। ମୃତ ମହିଳାଙ୍କ ମାଆଙ୍କ ଏତଲା କ୍ରମେ ପୁଲିସ ଥାନା କେସ୍ ନମ୍ବର ୨୬୯/୨୧, ଭାରତୀୟ ପିଙ୍ଗଳ କୋଡ଼ ଧାରା ୩୦୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ନାରାୟଣ ଓ ସୋନି ନିଜ ୨ ଝିଅଙ୍କ ସହ ଗଙ୍ଗାନଗର ▶ପୃଷ୍ଠା-୧୦

## ଆଜି ‘ଅଗ୍ନି-୫’ର ପରୀକ୍ଷଣ



■ **ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି):** ଭାରତ ଗୁରୁବାର ଅଗ୍ନି-୫ କ୍ଷେପଣାସ୍ତ୍ରର ପରୀକ୍ଷଣ କରିପାରେ। ପରମାଣୁ ଅସ୍ତ୍ରଶସ୍ତ୍ର ବହନ କରିପାରୁଥିବା ଏହି କ୍ଷେପଣାସ୍ତ୍ରର ଏହା ଅଷ୍ଟମ ପରୀକ୍ଷଣ ହେବ। ୫ ହଜାର କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ଅଗ୍ନି-୫ର ପରିସର ମଧ୍ୟରେ ଚୀନର ଅନେକ ସହର ଆସୁଛି। ମିଡିଆରେ ଏହି ଖବର ପ୍ରକାଶିତ ହେବା ପରେ ବିସ୍ତାରବାଦ ନୀତି ପାଇଁ ପ୍ରସିଦ୍ଧ ଚୀନ ଭୟଭୀତ ହୋଇ ଶାନ୍ତି ଏବଂ ସୁରକ୍ଷା ପ୍ରସଙ୍ଗ ଉଠାଇଛି। ଏହା ପୂର୍ବରୁ ଚଳିତ ବର୍ଷ ଜୁନ ମାସରେ ଭାରତ ଅଗ୍ନି ପ୍ରାଇମର ପରୀକ୍ଷଣ କରିଥିଲା। ଅଗ୍ନି-୬ ଉପରେ ମଧ୍ୟ କାର୍ଯ୍ୟ ଜାରି ରହିଛି। ଏହା ସେନାରେ ସାମିଲ ▶ପୃଷ୍ଠା-୧୦

### ■ ସୀମା ଲଙ୍ଘିଲା ବର୍ବରତା; ଦୋକାନୀ ଗିରଫ

## ଖାଦ୍ୟରେ ବିଷ ଦେଇ ୨୦ କୁକୁରଙ୍କୁ ହତ୍ୟା



■ **ଚୌଦ୍ୱାର, ୨୨।୯ (ସମିସ):** ଜଳଖିଆ ଦୋକାନ ଆଗରେ କୁକୁରମାନେ ସବୁଦିନ ଗହଳି କରୁଥିଲେ। ମଳତ୍ୟାଗ କରିବା ସହ କୋଇଲା ଆଞ୍ଚ କାଢ଼ି ଦେଉଥିଲେ। ପ୍ରତ୍ୟହ ଦୋକାନୀ ହଇରାଣ ହରକତ ହେଉଥିବାରୁ ଅତିଷ୍ଠ ହୋଇ ଶେଷରେ ସେମାନଙ୍କୁ ମାରିଦେବାକୁ ନିଷ୍ପତ୍ତି ନେଲେ। ଏଭଳି ଏକ ବର୍ବରୋଚିତ ଘଟଣା ଘଟିଛି ଚୌଦ୍ୱାର ଥାନା ଅନ୍ତର୍ଗତ ଶଙ୍କରପୁର ଗ୍ରାମରେ। ଫଳରେ ପୁଲିସ ଅଭିଯୁକ୍ତ ▶ପୃଷ୍ଠା-୧୦

# ବଲାଙ୍ଗିରରେ ବିକାଶର ବିସ୍ତାର

- ସ୍ମାର୍ଟ ହେଲ୍ଥ କାର୍ଡ ବ୍ୟବସ୍ଥାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ଜିଲ୍ଲାରେ ସାଢ଼େ ଚାରି ଲକ୍ଷ ପରିବାର ପାଇବେ ହେଲ୍ଥ କାର୍ଡ
- ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ
- ୬୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ଅନ୍ୟ ବିଶ୍ୱବିଦ୍ୟାଳୟ ଲାଗି ଆଦର୍ଶ ହେବ ରାଜେନ୍ଦ୍ର




■ **ଭୁବନେଶ୍ୱର, ୨୨।୯ (ସମିସ):** ମାଲକାନଗିରି ଏବଂ ରାଉରକେଲା ପରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗୀରବାସୀଙ୍କୁ ଉପହାର ଦେଇଛନ୍ତି ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ଼। ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍ଥ କାର୍ଡ଼ ବଣ୍ଟନ କରିଛନ୍ତି। ଜିଲ୍ଲାର ପ୍ରଥମ ହିତାଧିକାରୀ ଭାବରେ ସରୋଜିନୀ ବହିଦାର ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ୱାସ୍ଥ୍ୟ କାର୍ଡ଼ଗ୍ରହଣ କରିଥିଲେ। ଅନୁରୂପ ଭାବରେ ଟିଟିଲାଗଡ଼, ପାଟଣାଗଡ଼ରେ ମଧ୍ୟ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିଛନ୍ତି। ଏହି ସ୍ୱାସ୍ଥ୍ୟ କାର୍ଡ଼ ଯୋଗୁଁ ଜିଲ୍ଲାର ସାଢ଼େ ଚାରି ଲକ୍ଷ ପରିବାର ସିଧାସଳଖ ଭାବେ ଉପକୃତ ହେବେ। ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ୨୦୦ କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୫୯୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ସେହିପରି ପାଟଣାଗଡ଼ରେ ମୁଖ୍ୟମନ୍ତ୍ରୀ ହରିଶଙ୍କର ପୀଠର ବିକାଶ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ରଖିଥିଲେ।

> **ଉତ୍ତମ ଚିକିତ୍ସା ସୁବିଧାରୁ କେହି ବଞ୍ଚିତ ନ ହୁଅନ୍ତୁ, ଏହା ହିଁ କାର୍ଯ୍ୟକ୍ରମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଭିଙ୍କୁ ନୂଆଖାଇ ଜୁହାର କରିବା ସହ ବଲାଙ୍ଗୀର ଗସ୍ତ କରିଥିବାରୁ ନିଜର ଆନନ୍ଦବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ସ୍ମାର୍ଟ ହେଲ୍ଥ କାର୍ଡର ବ୍ୟବସ୍ଥା ସାଧାରଣ ଲୋକଙ୍କର ଚିକିତ୍ସା ବ୍ୟବସ୍ଥାରେ ରୂପାନ୍ତର ଆଣିପାରିବ। ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନୂଆ ରୂପରେ କାର୍ଯ୍ୟକାରୀ କରାଯାଇ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ▶ପୃଷ୍ଠା-୧୦

## ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ ନରସିଂହ-ସାଲୁଜା

■ **ବଲାଙ୍ଗିର, ୨୨।୯ (ସମିସ):** କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ଆୟୁଷ୍ମାନ ଯୋଜନାଠାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବହୁତ ଭଲ। ରାଜ୍ୟବାସୀଙ୍କ ହିତ ଲାଗି ମୁଖ୍ୟମନ୍ତ୍ରୀ ଯେଉଁ ସ୍ମାର୍ଟ ହେଲ୍ଥ କାର୍ଡ଼ ପ୍ରଚଳନ କରିଛନ୍ତି ତାହା ସାଧାରଣ ଲୋକଙ୍କ ପାଇଁ ବେଶ୍ ଉପଯୋଗୀ ହେବ ବୋଲି କହିଛନ୍ତି ବଲଙ୍ଗିରର ଦୁଇ ବିଧାୟକ ନରସିଂହ ମିଶ୍ର ଓ ସନ୍ତୋଷ ସିଂହ ସାଲୁଜା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନିକିଆ ବଲାଙ୍ଗିର ଗସ୍ତ ଅବସରରେ ଶ୍ରୀ ସାଲୁଜା କହିଛନ୍ତି ଯେ ଆୟୁଷ୍ମାନ ଯୋଜନା ପରିବର୍ତ୍ତେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଯେଉଁ ସ୍ମାର୍ଟ କାର୍ଡ଼ ବାଣ୍ଟୁଛନ୍ତି ତାହା ସାଧାରଣ ଲୋକଙ୍କ କାମରେ ଆସିବ। ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରାଯିବାର କୌଣସି ଆବଶ୍ୟକତା ନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ▶ପୃଷ୍ଠା-୧୦

**ଆୟୁଷ୍ମାନଠାରୁ ଭଲ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା**

### ▶▶ ପ୍ରତ୍ୟେକ କୋଭିଡ୍ ମୃତକଙ୍କ ପରିବାରକୁ ମିଳିବ କ୍ଷତିପୂରଣ

## ସହାୟତା ରାଶି ୫୦ ହଜାର

■ **ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି):** ସୁପ୍ରିମକୋର୍ଟଙ୍କ କଡ଼ା ଭର୍ତ୍ସନା ପରେ ପ୍ରତ୍ୟେକ କରୋନା ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ସରକାର ସୁପ୍ରିମକୋର୍ଟରେ ଜବାବ ଦାଖଲ କରି ଏହି ସୂଚନା ଦେଇଛନ୍ତି। ତେବେ ଏହି ଅର୍ଥ ରାଜ୍ୟ ବିପର୍ଯ୍ୟୟ ରିଲିଫ ପାଣ୍ଠି(ଏସଡିଆରଏଫ)ରୁ ଦିଆଯିବ ଏବଂ ରାଜ୍ୟ ସରକାର ଏହାକୁ ବହନ କରିବେ। ଉଦ୍ଧାରକାର୍ଯ୍ୟରେ ସାମିଲ ଥିବା ଲୋକଙ୍କ ପରିଜନଙ୍କୁ ମଧ୍ୟ ଏହି ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ପୂର୍ବରୁ ମୃତ୍ୟୁବରଣ କରିଥିବା ଏବଂ ଭବିଷ୍ୟତରେ ମୃତ୍ୟୁ ପାଇଁ ମଧ୍ୟ ଏହି ଅର୍ଥ ଦିଆଯିବ ବୋଲି କୁହାଯାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଏନଡିଏମଏ ଅନୁକମ୍ପାମୂଳକ ସହାୟତା ନେଇ ମାର୍ଗଦର୍ଶିକା ପ୍ରସ୍ତୁତ କରିଛି।

ସୂଚନାଯୋଗ୍ୟ ଯେ କରୋନାରେ ଏ ପର୍ଯ୍ୟନ୍ତ ୪୪୫୭୬୮ ଲୋକ ପ୍ରାଣ ହରାଇଲେଣି। ଏହି ଲୋକଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ଦେବା ଲାଗି ଦୀର୍ଘଦିନରୁ ଦାବି କରାଯାଉଛି। ପରିଶେଷରେ କେନ୍ଦ୍ର ଏ ନେଇ ରାଜି ହୋଇଛି। ଗତ ଶୁଣାଣିରେ କରୋନା ମୃତକଙ୍କ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ଦେବାକୁ ସରକାର ମନା କରିଦେଇଥିଲେ। ଏହାକୁ କୋର୍ଟ ମଧ୍ୟ ସ୍ୱୀକାର କରିନେଇଥିଲେ। କିନ୍ତୁ ବିପର୍ଯ୍ୟୟ ପ୍ରଶମନ ଆଇନ ଅନୁଯାୟୀ କ୍ଷତିପୂରଣ ଦେବା ନିମନ୍ତେ କି ପଦକ୍ଷେପ ନିଆଯାଇଛି ଜଣାଇବାକୁ କୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ଏହା ଉପରେ ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା କୋର୍ଟଙ୍କୁ ତଥ୍ୟ ଦିଆଯିବ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ। ସେହିପରି ଗତ ସୋମବାର କରୋନାରେ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ଲୋକଙ୍କ ମୃତ୍ୟୁକୁ କରୋନା ମୃତ୍ୟୁ ଧରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ। ଏ ନେଇ ରାଜ୍ୟସରକାରମାନଙ୍କୁ ନୂଆ ମାର୍ଗଦର୍ଶିକା ଜାରି କରାଯାଉ। କରୋନା ଯୋଗୁଁ ଆତ୍ମହତ୍ୟା କରିଥିବା ଲୋକଙ୍କ ମୃତ୍ୟୁକୁ କରୋନାଜନିତ ନ ମାନିବା ଗ୍ରହଣଯୋଗ୍ୟ ନୁହେଁ। ସେମାନଙ୍କୁ କରୋନା ମୃତ୍ୟୁ ପ୍ରମାଣପତ୍ର ମିଳିବା ଉଚିତ। ଚଳିତ ବର୍ଷ ଜୁନ ମାସରେ କରୋନା ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତାଦେବା ସମ୍ଭବ ନୁହେଁ ବୋଲି କେନ୍ଦ୍ର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲା।

**ସୁପ୍ରିମକୋର୍ଟଙ୍କୁ ଜଣାଇଲେ କେନ୍ଦ୍ର ସରକାର**



### ଭିତର ପୃଷ୍ଠାରେ...

ବୁଥ୍‌ରେ ନୁହେଁ; ବ୍ଲକ୍‌ରେ ଗଣତି






### ■ ନିୟମ ପରିବର୍ତ୍ତନ କଲା ସ୍ୱାସ୍ଥ୍ୟ ବିଭାଗ

## ଡାକ୍ତର ନ ଥିଲେ ରୋଗୀ ଚିକିତ୍ସା କରିବେ ଫାର୍ମାସିଷ୍ଟ

■ **ଭୁବନେଶ୍ୱର,୨୨।୯ (ସମିସ):** ବିଭିନ୍ନ ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବ ରହିଥିବା ବେଳେ ରୋଗୀ ଚିକିତ୍ସା ବାଧାପ୍ରାପ୍ତ ହେଉଛି। ଏପରିସ୍ଥଳେ ଫାର୍ମାସିଷ୍ଟ ମାନଙ୍କୁ ଚିକିତ୍ସାରେ ନିୟୋଜିତ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଡାକ୍ତର ନ ଥିବା ଚିକିତ୍ସାଳୟରେ ନିୟୋଜିତ ଫାର୍ମାସିଷ୍ଟ ମାନେ ରୋଗୀଙ୍କୁ ଔଷଧ ଏବଂ ଇଞ୍ଜେକ୍ସନ୍ ଦେଇ ପାରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ତେବେ ଫାର୍ମାସିଷ୍ଟଙ୍କ ଚିକିତ୍ସା ଏବଂ ଔଷଧ ପ୍ରଦାନ କିଛି ନିର୍ଦ୍ଦିଷ୍ଟ ରୋଗୀଙ୍କ ମଧ୍ୟରେ ସୀମିତ ରହିବ। ମ୍ୟାଲେରିଆ, ଜ୍ୱର, ଚର୍ମ ରୋଗ, କୃମି, ଡାଇରିଆ, ସାଧାରଣ କ୍ଷତ, ସ୍ୱଳ୍ପ ପୋଡ଼ା ଜଳା ଭଳି ୧୨ ପ୍ରକାର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦିଆଯାଇ ପାରିବ। ବିଭାଗ ପକ୍ଷରୁ କୁହାଯାଇଛି ଯେ ବିଭିନ୍ନ କାରଣ ପାଇଁ ଅନେକ ଡାକ୍ତରଖାନାରେ ଡାକ୍ତର ନାହାନ୍ତି ଏବଂ ସେହି ଡାକ୍ତରଖାନା ଗୁଡ଼ିକ ଫାର୍ମାସିଷ୍ଟଙ୍କ ଦ୍ୱାରା ପରିଚାଳିତ ହେଉଛି। କିନ୍ତୁ ବିଭାଗ ପକ୍ଷରୁ ଏ ନେଇ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ନଥିବାରୁ ରୋଗୀଙ୍କ ଚିକିତ୍ସା ସମ୍ଭବପର ହେଉ ନଥିଲା। ତେଣୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିୟମରେ ପରିବର୍ତ୍ତନ କରାଯିବା ସହ ଫାର୍ମାସିଷ୍ଟ ମାନଙ୍କୁ ସାଧାରଣ ରୋଗୀଙ୍କ ଚିକିତ୍ସା ସହିତ ଔଷଧ ପ୍ରଦାନ ପାଇଁ ଅନୁମତି ଦିଆଯାଉଛି।

### ଉତ୍ତର ଓଡ଼ିଶାରୁ ଟଳୁନି ବନ୍ୟା ଭୟ

## ବଢୁଛି ନଦୀ; ୨୪ରେ ପୁଣି ଲଘୁଚାପ

■ **ଭୁବନେଶ୍ୱର,୨୨।୯ (ସମିସ)**

- ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ଜଳକା
- ସତର୍କ ସଙ୍କେତ ଡେଇଁଲା ବୈତରଣୀ-ସୁବର୍ଣ୍ଣରେଖା
- ବସ୍ତା, ଜଳେଶ୍ୱର ବ୍ଲକର ବହୁ ଗାଁରେ ପଶିଲା ପାଣି
- ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା
- ମ୍ୟାଁମାର ଉପକୂଳରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ



ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି। ଏହାପ୍ରଭାବରେ ଝାଡ଼ଖଣ୍ଡ ସମେତ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ରହିଛି। ଉପରମୁଣ୍ଡରେ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ବିଶେଷ କରି ଜଳକା ନଦୀରେ ଜଳସ୍ତର ବୃଦ୍ଧି ଯୋଗୁଁ ତଳିଆ ଅଞ୍ଚଳରେ ପାଣି ମାଡ଼ିବାରେ ଲାଗିଛି। ଜଳକା ନଦୀ ମଥାନୀଠାରେ ବିପଦ ସଙ୍କେତ ୫.୫୦ ମିଟର ରହିଥିବା ବେଳେ ବର୍ତ୍ତମାନ ଏହା ୭ ମିଟର ଉପରେ ପ୍ରବାହିତ ହେଉଛି। ଫଳରେ ଜଳେଶ୍ୱର ଓ ବସ୍ତା ବ୍ଲକର ବହୁ ଗାଁ ଜଳମଗ୍ନ ହୋଇଛି। ସେହିପରି ବୈତରଣୀ ନଦୀ ମଧ୍ୟ ପୁଣି ସତର୍କ ସଙ୍କେତ ପାର କରିଛି। ଆଖୁଆପଦା ନିକଟରେ ବୈତରଣୀ ସତର୍କ ସଙ୍କେତ ଟପି ୧୭.୩୪ ମିଟର ଉପରେ ପ୍ରବାହିତ ହେଉଛି। ସୁବର୍ଣ୍ଣରେଖା ମଧ୍ୟ ରାଜଘାଟଠାରେ ସତର୍କ ସଙ୍କେତ ପାର୍ କରିସାରିଛି। ଏବେ ନଦୀରେ ଜଳସ୍ତର ବଢୁଥିବାରୁ ନଦୀକୂଳିଆ ଲୋକେ ଆତଙ୍କିତ ଅଛନ୍ତି। ଅନ୍ୟପଟେ ୨୪ ତାରିଖରେ ପୁଣି ଏକ ଲଘୁଚାପ ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହା ପ୍ରଭାବରେ ୨୬ ତାରିଖଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ହେବ। ▶ପୃଷ୍ଠା-୧୦

### ଲୋକକଥା



ବନ୍ୟା, ବାତ୍ୟା, ବଢ଼ି ମରୁଡ଼ିରେ ରାଜ୍ୟ
କଳବଳ ହଉଥାଇ,
କେନ୍ଦ୍ର ସରକାର ଦେଖି ଶୁଣି ସବୁ
ବଲବଲ ଛନ୍ତି ଚାହିଁ।
ଆମର ପ୍ରାପ୍ୟ ନ ଦେଇ
ହଟ ଦେଖୁଛନ୍ତି କୁଟ କପଟିଆ,
ପଦୁଅଁ ଫୁଲିଆ ସାଇଁ... ॥

### ‘ସିଡ୍ୟୁଲ-୧’ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ପାଇଁ ପଦକ୍ଷେପ

## ପୁରୀ ବେଳାଭୂମିରୁ ୬ କିଗ୍ରା କୋରାଲ ଜବତ






**‘ସକାଳ’ ପ୍ରଭାବ**

■ **ପୁରୀ, ୨୨।୯ (ସମିସ):** ବନ୍ୟପ୍ରାଣୀ ଆଇନ-୧୯୭୨ ଅନୁଯାୟୀ ସିଡ୍ୟୁଲ-୧ ଶ୍ରେଣୀଭୁକ୍ତ ସାମୁଦ୍ରିକ ଜୀବଙ୍କୁ ଧରିବା ଏବଂ ବିକ୍ରି କରିବା ଦଣ୍ଡନୀୟ ଅପରାଧ। କିନ୍ତୁ ସଚେତନତା ଅଭାବ ଏବଂ ବନ୍ୟପ୍ରାଣୀ ଆଇନ ବିଷୟରେ ଅନେକ ଜାଣି ନ ଥିବାରୁ ଖୋଲାଖୋଲି ସିଡ୍ୟୁଲ-୧ ଜୀବଙ୍କୁ ବିକ୍ରି କରାଯାଉଛି। ରାଜ୍ୟର ୪୮୦ କିମି ବେଳାଭୂମିରେ ଏମିତି ଖୁଲମଖୁଲା ବନ୍ୟପ୍ରାଣୀ ଆଇନକୁ ଉଲ୍ଲଂଘନ ହେଉଛି। ବିଶେଷକରି ଯେଉଁ ବେଳାଭୂମିକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି ସେହିଠାରେ ଅନେକ ବ୍ୟବସାୟୀ ଏହାକୁ ବିକ୍ରି କରୁଛନ୍ତି। ଏ ନେଇ ‘ସକାଳ’ରେ ତଥ୍ୟ ଭିତ୍ତିକ ଖବର ପ୍ରକାଶ ପରେ ଓଡ଼ିଶା ବନ ବିଭାଗ ସିଡ୍ୟୁଲ-୧ ସାମୁଦ୍ରିକ ଜୀବ ଜବତ କରିବା ଦିଗରେ ଆଗ୍ରହ ଦେଖାଇଛି। ପ୍ରଥମଥର ପାଇଁ ପୁରୀ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ପି. ରାମାସ୍ୱାମୀ ଏ ଦିଗରେ ତତ୍ପରତା ଦେଖାଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବୁଧବାର ପୁରୀ ବନ୍ୟପ୍ରାଣୀ ଡିଭିଜନ ବେଳାଭୂମିରୁ ୬ କିଗ୍ରା କୋରାଲ ଜବତ କରିଛି। ତେବେ କେଉଁଠାରୁ ବ୍ୟବସାୟୀମାନେ କୋରାଲ ପାଉଛନ୍ତି ଏ ଦିଗରେ ଅନୁସନ୍ଧାନ ଚାଲିଛି ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି। ▶ପୃଷ୍ଠା-୧୦

### ଭିଜିଲାନ୍ସ ଜାଲରେ ମୋଟୁ ଥାନା ଆଇଆଇସି

## କାର୍‌ରୁ ୨.୮ ଲକ୍ଷ ଟଙ୍କା ଜବତ



■ **କଟକ, ୨୨।୯ (ସମିସ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମାଲକାନଗିରି ଜିଲ୍ଲା ମୋଟୁ ଥାନାଧିକାରୀ ସୁଶାନ୍ତ ସାହୁ। ବୁଧବାର ସନ୍ଧ୍ୟାରେ ଶ୍ରୀ ସାହୁ ମୋଟୁରୁ ଏକ କାର୍ ଯୋଗେ କଟକ ଫୁଲନଖରାସ୍ଥିତ ନିଜ ବାସଭବନକୁ ଆସୁଥିବା ବେଳେ ଖୋର୍ଦ୍ଧା ନିକଟରେ ଭିଜିଲାନ୍ସ ଟିମ ତାଙ୍କୁ ଅଟକାଇଥିଲା। ଶ୍ରୀ ସାହୁ ବିପୁଳ ଅର୍ଥ ନେଇଆସୁଥିବା ସମ୍ପର୍କରେ ଭିଜିଲାନ୍ସ ପୂର୍ବରୁ ସୂଚନା ପାଇଥିଲା। ଭିଜିଲାନ୍ସ ଟିମ କାର୍‌କୁ ତଲାସି କରିବା ପରେ ସେଥିରେ ୨.୮ ଲକ୍ଷ ଟଙ୍କା ଥିବା ଜଣାପଡ଼ିଥିଲା। ଏହି ଟଙ୍କା ସମ୍ପର୍କରେ ଶ୍ରୀ ସାହୁ ଭିଜିଲାନ୍ସକୁ ସନ୍ତୋଷଜନକ ଉତ୍ତର ଦେଇ ନପାରିବାରୁ ଉକ୍ତ ଟଙ୍କାକୁ ଜବତ କରାଯାଇଛି। ଏଥିସହ ଶ୍ରୀ ସାହୁଙ୍କୁ ଭିଜିଲାନ୍ସ ପଚରାଉଚରା ଚଳାଇଥିବା ବେଳେ ତାଙ୍କ କଟକସ୍ଥିତ ବାସଭବନ ସହ ମୋଟୁ ଓ ମାଲକାନଗିରିରେ ଚଢ଼ଉ ଜାରି ରଖିଛି।

# 'ରାଧେ ଶ୍ୟାମ' ଯୋଡ଼ିଙ୍କ ମଧ୍ୟରେ ଫାଟ



ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଓ ପୂଜା ହେଗ୍‌ଡେ ବହୁତ ଜଲ୍‌ଦି ରୋମାଣ୍ଟିକ୍ ଡ୍ରାମା 'ରାଧେ ଶ୍ୟାମ'ରେ ନଜର ଆସିବେ। 'ରାଧେ ଶ୍ୟାମ'ର ଏହି ଯୋଡ଼ିଙ୍କ ମଧ୍ୟରେ ସୁସମ୍ପର୍କ ନାହିଁ ବୋଲି ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ପ୍ରଭାସ, ପୂଜାଙ୍କ ଅଣ ପେସାଦାର ମନୋବୃତ୍ତିକୁ ନେଇ କ୍ଷୁବ୍ଧ ଥିବା ଜଣାପଡିଛି। ପ୍ରତିଦିନ ସେଟ୍‌କୁ ପୂଜା ବିଳମ୍ବରେ ଆସିବା ନୀତିକୁ ମଧ୍ୟ ସହଜରେ ଗ୍ରହଣ କରିପାରୁନାହାନ୍ତି ପ୍ରଭାସ। ସେ ପୂଜାଙ୍କ ସହିତ କଥାବାର୍ତ୍ତା ମଧ୍ୟ ବନ୍ଦ କରି ଦେଇଥିବା ଖବର ପ୍ରକାଶ ପାଇଛି। ଏଭଳି ଖବର ପ୍ରକାଶ ପାଇବା ପରେ ପ୍ରଯୋଜନା ସଂସ୍ଥା 'ୟୁବି କ୍ରିଏସନ୍' ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

ୟୁବି କ୍ରିଏସନ୍ ପକ୍ଷରୁ କୁହାଯାଇଛି ଯେ, 'ଏସବୁ ଖବରରେ କୌଣସି ସତ୍ୟତା ନାହିଁ। ପ୍ରଭାସ ଓ ପୂଜା ପରସ୍ପରକୁ ବହୁତ ସମ୍ମାନ ଦିଅନ୍ତି। ପରଦା ପଛରେ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଛି। ଯେଉଁଥିପାଇଁ ସେମାନେ ପରଦା ଉପରେ ବେଶ୍ ଭଲ ଅଭିନୟ କରିପାରିଛନ୍ତି। ପୂଜା ଠିକ୍ ସମୟରେ ସେଟ୍‌କୁ ଆସନ୍ତି। ଏଭଳି ଖବର କେବଳ କାହାରି କାଳ୍ପନିକ ଚିନ୍ତାଧାରା। ଫିଲ୍ମର ନାୟକ ନାୟିକାଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଛି। ପୂରା ଟିମ୍ ଏହି ଫିଲ୍ମକୁ ଦର୍ଶକଙ୍କ ନିକଟକୁ ଆଣିବାକୁ ଆଶାବାଦୀ।'

ରାଧାକୃଷ୍ଣ କୁମାରଙ୍କ ନିର୍ଦ୍ଦେଶିତ ଏହି ପ୍ରେମ କାହାଣୀ ହିନ୍ଦୀ, ତେଲୁଗୁ, ତାମିଲ ଓ ମାଲାୟାଲାମ ଭାଷାରେ ରିଲିଜ୍ ହେବ।


# ଦୁଇଟି ଚେହେରା ଥିବା ବ୍ୟକ୍ତି



କେବେକେବେ ଆମେ କଥା ଛଳରେ କହିଦେଉ ଯେ, ସବୁ ମଣିଷଙ୍କର ଦୁଇଟି ଚେହେରା। ମନ ଭିତରେ କିଛି ଥାଏ ଓ ବାହାରକୁ କିଛି ଦେଖାନ୍ତି। କିନ୍ତୁ ଏହି ଉକ୍ତିଟି ଏକଦା ବାସ୍ତବ ରୂପ ନେଇଥିଲା। ୧୮୦୦ ଶତାବ୍ଦୀରେ ଏଡୱାର୍ଡ ମୋର୍‌ଡ୍ରାକେ ନାମକ ଜଣେ ବ୍ୟକ୍ତିଙ୍କର ବାସ୍ତବରେ ଦୁଇଟି ଚେହେରା ଥିଲା। ସାମନାରେ ଗୋଟିଏ ଚେହେରା ଓ ମୁଣ୍ଡ ପଛପଟେ ଆଉ ଏକ ଚେହେରା । ଇଂଲଣ୍ଡର ଅଧିବାସୀ ଏଡୱାର୍ଡ ଏକ୍ଷେତ୍ରରେ ବିଶ୍ୱର ଏକମାତ୍ର ବିରଳ ବ୍ୟକ୍ତି, ଯାହାଙ୍କର ଦୁଇଟି ଚେହେରା ଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ତାଙ୍କର ପଛ ପାଖ ଚେହେରାଟି ଦିନସାରା ନିଷ୍କ୍ରିୟ ଥାଏ। କିନ୍ତୁ ଯେତେବେଳେ ସେ ଶୋଇବାକୁ ଚେଷ୍ଟା କରନ୍ତି ଏହା ସକ୍ରିୟ ହୋଇଉଠେ ଏବଂ ରାତିସାରା ସେହି ପଛପାଖ ଚେହେରାଟି ଗୁଣୁଗୁଣୁ ହୋଇ କିଛି କହିଥାଏ। ଏହି କାରଣରୁ ଏଡୱାର୍ଡ଼ ଅନେକ ଦିନ ପର୍ଯ୍ୟନ୍ତ ଶୋଇ ପାରୁନଥିଲେ। ସେ ଏହାକୁ ନେଇ ଅତ୍ୟନ୍ତ ଚିନ୍ତିତ ହୋଇ ଡାକ୍ତରଙ୍କ ପରାମର୍ଶ ମଧ୍ୟ ନେଇଥିଲେ। କିନ୍ତୁ ସେ ସମୟରେ ବିଜ୍ଞାନର ଏତେଟା ଅଗ୍ରଗତି ହୋଇ ନଥିବାରୁ ତାଙ୍କର ଚିକିତ୍ସା ହୋଇପାରିନଥିଲା। ତେଣୁ ସେ ଅସହାୟ ହୋଇ ଆତ୍ମହତ୍ୟା କରିଥିଲେ।

## ଜଣା ଅଜଣା

- ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଚେହେରା ମନେ ରଖିପାରନ୍ତି।
- ବିଶ୍ୱରେ ଶରଣାର୍ଥୀ ଓ ବିସ୍ଥାପିତଙ୍କ ମଧ୍ୟରେ ୮୦% ମହିଳା ଅଛନ୍ତି।
- ଡଲଫିନ୍ ଖାଦ୍ୟକୁ ନ ଚୋବାଇ ସିଧା ଗିଳି ଦେଇଥାଏ।



# ପେଣ୍ଟାଏ ଅଙ୍ଗୁରର ଦାମ୍ ୩୩ ହଜାର !



ଭାରତୀୟ ବଜାରରେ ବିକ୍ରି ହେଉଥିବା ଅଙ୍ଗୁର କେଜି ପ୍ରତି ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ହୋଇଥାଏ। କିନ୍ତୁ ପେଣ୍ଟାଏ ଅଙ୍ଗୁରର ଦାମ୍ ୩୩ ହଜାର ଟଙ୍କା ଶୁଣି ଯେକେହି ଆଶ୍ଚର୍ଯ୍ୟ ହେବେ । 'ରୁବି ରୋମାନ' ନାମକ ଏହି ପ୍ରଜାତିର ଅଙ୍ଗୁର ପେଣ୍ଟାର ଦାମ୍ ୩୩ ହଜାର ଟଙ୍କା। ଏହି ଅଙ୍ଗୁର କେବଳ ଜାପାନରେ ହିଁ ଚାଷ କରାଯାଏ। ସାଧାରଣ ଅଙ୍ଗୁର ତୁଳନାରେ ରୁବି ରୋମାନର ଆକାର ଚାରିଗୁଣ ବଡ଼ ଓ ସ୍ୱାଦ ମଧ୍ୟ ପୂରାପୂରି ନିଆରା। ଅବଶ୍ୟ ଅଙ୍ଗୁରର ଏଭଳି ଆକାଶଛୁଆଁ ଦରକୁ ସହଜରେ କେହି ଗ୍ରହଣ କରିପାରୁନାହାନ୍ତି। ଏହାକୁ ବିଶ୍ୱର ସବୁଠୁ ବଡ଼ ତଥା ନାଲି ରଙ୍ଗର ଅଙ୍ଗୁର ବୋଲି କହିଛନ୍ତି ଜାପାନର ଜଣେ ଗବେଷକ। ରୁବି ରୋମାନ ଅଙ୍ଗୁରକୁ ପ୍ରଥମଥର ପାଇଁ ୧୯୯୫ ମସିହାରେ ବିକଶିତ କରାଯାଇଥିଲା। ପ୍ରତ୍ୟେକ ବର୍ଷ ରୁବି ରୋମାନ ଅଙ୍ଗୁରର ମାତ୍ର ୨୪୦୦ ଗୁଚ୍ଛା ଉତ୍ପନ୍ନ କରାଯାଇଥିଲା। ଏହାର ଆକାର ଓ ରଙ୍ଗ ଯୋଗୁଁ ଦାମ୍ ଅଧିକ ହୋଇଥିବା କୁହାଯାଉଛି। ଅନ୍ୟପଟେ ଏହି ଅଙ୍ଗୁରଗୁଡ଼ିକ ଟମାଟୋ ଆକୃତିର ହୋଇଥାନ୍ତି। ସାଧାରଣ ଅଙ୍ଗୁର ତୁଳନାରେ ଏହାର ସ୍ୱାଦ ୧୮ ଗୁଣ ଅଧିକ। ସୁପରିୟର, ସ୍ପେସାଲ ସୁପରିୟର ଓ ପ୍ରିମିୟମ୍ ତିନିଟି ଶ୍ରେଣୀରେ ଏହାକୁ ବିଭକ୍ତ କରାଯାଇଛି। ଏହି ଅଙ୍ଗୁରଗୁଡ଼ିକ ବଜାରରେ ଉପଲବ୍ଧ ହୋଇନଥାଏ। ଏହା କେବଳ ନିଲାମ ପାଇଁ ଉଦ୍ଦିଷ୍ଟ। ଏହି ଅଙ୍ଗୁରର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଏହା ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି।

## ଅଜବ ବିଶ୍ୱାସ

# ବିବାହ ପାଇଁ ଅଶୁଭ ନଭେମ୍ବର

ଜାତି- ବର୍ଣ୍ଣ-ଧର୍ମକୁ ନେଇ ବିବାହ ପରମ୍ପରାରେ ଭିନ୍ନତା ଦେଖିବାକୁ ମିଳିଥାଏ। ପୁଣି ଅନେକ ବିଶ୍ୱାସ-ଅନ୍ଧବିଶ୍ୱାସ କଥା ମଧ୍ୟ ରହିଛି। କିନ୍ତୁ ଜିମ୍ବାୱେରେ ଏହାକୁ ନେଇ ଏକ ଅଜବ ବିଶ୍ୱାସ ରହିଛି। ଏଠାରେ ନଭେମ୍ବର ମାସରେ କେହି ମଧ୍ୟ ବିବାହ କରନ୍ତି ନାହିଁ। ନଭେମ୍ବର ମାସରେ ବିବାହ କଲେ ବିବାହ ବିଚ୍ଛେଦ ସହ ଗର୍ଭଧାରଣ କ୍ଷେତ୍ରରେ ନାନା ସମସ୍ୟା ଦେଖାଯାଇଥାଏ ବୋଲି ସ୍ଥାନୀୟ ଅଞ୍ଚଳରେ ବିଶ୍ୱାସ ରହିଛି। ତେଣୁ ଜିମ୍ବାୱେରେ ନଭେମ୍ବର ମାସରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇନଥାଏ। ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକାରେ ରହୁଥିବା ସୋନା ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ କାହିଁ କେତେକାଳରୁ ଏଭଳି ଏକ ବିଶ୍ୱାସ ପ୍ରଚଳିତ । କିଛି ଲୋକଙ୍କର ମତାନୁସାରେ, ନଭେମ୍ବର ମାସରେ ଏଠାରେ ଅଧିକ ବର୍ଷା ହୋଇଥାଏ , ଯାହାକି ଜୀବଜନ୍ତୁ ଓ ବନସ୍ପତିର ବିକାଶ ଦିଗରେ ସହାୟକ ହୋଇଥାଏ। ତେଣୁ ଏହି ମାସ ଅତ୍ୟନ୍ତ ପବିତ୍ର ମାସ। ଏହି ସମୟରେ ହୋହାଲ୍ଲା କଲା ଭଳି କିଛି ସାମାଜିକ ସମାରୋହର ଆୟୋଜନ କରାଯିବା ଅନୁଚିତ। କିଛି ବ୍ୟକ୍ତି ଏହି ପ୍ରତିବନ୍ଧକକୁ ମାନୁ ନଥିବାବେଳେ ଏଠାକାର ରଢ଼ିବାଦୀ ଲୋକେ ଏହାକୁ 'କଳା ନଭେମ୍ବର'ର ଆଖ୍ୟା ଦେଇ ପରମ୍ପରାକୁ ଜାବୁଡ଼ି ଧରିଛନ୍ତି। ପ୍ରକୃତି ବିରୋଧରେ ଯାଇ ବିବାହ କଲେ ଅନିଷ୍ଟ ଘଟେ ବୋଲି ସେମାନେ ବିଶ୍ୱାସ କରନ୍ତି।



# 'ଭାଇରସ୍' ଚରିତ୍ରକୁ ନକଲ କରୁଛନ୍ତି ଛାତ୍ରୀ




ପ୍ରତିଭାଧାରୀ ବ୍ୟକ୍ତିମାନେ ତାଙ୍କର ଅନନ୍ୟ କଳା ନୈପୁଣ୍ୟରେ ଅନ୍ୟମାନଙ୍କୁ ପ୍ରଭାବିତ କରିଥାନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଛତିଶଗଡ଼ର ରାଜଧାନୀ ରାୟପୁରରେ। କାବ୍ୟା ଚାୱଡ଼ା ନାମକ ଜଣେ ସପ୍ତମ ଶ୍ରେଣୀର ଛାତ୍ରୀ ବଲିଉଡ୍‌ର ବ୍ଲକ୍‌ବଷ୍ଟର୍ ଚଳଚ୍ଚିତ୍ର 'ଥ୍ରି ଇଡିଅଟସ୍'ର 'ଭାଇରସ୍' ଚରିତ୍ରରୁ ପ୍ରେରଣା ପାଇ ଦୁଇ ହାତରେ ଏକା ସାଙ୍ଗରେ ଲେଖିବାର ଏକ ନିଆରା କୌଶଳକୁ ଆପଣାଇ ନେଇଛନ୍ତି। ସେ ଡାହାଣ ହାତରେ ଯେଉଁ ଶବ୍ଦ ଲେଖନ୍ତି ବାମ ହାତରେ ତାକୁ ଓଲଟା କରି ଲେଖିଥାନ୍ତି (ମିରର୍ ଇମେଜ୍ ଭଳି)। କାବ୍ୟା ପ୍ରାୟ ୩-୪ ବର୍ଷ ହେଲା ଏହିଭଳି ଲେଖା ଅଭ୍ୟାସ କରୁଛନ୍ତି। ଏ ସମ୍ପର୍କରେ କାବ୍ୟାଙ୍କ ମା' ନେହା ଚାୱାଡା କହିଛନ୍ତି ଯେ, ପାଠପଢା ସରିବା ପରେ ସେ କାୟାଙ୍କୁ ଆରାମ କରିବାକୁ କହନ୍ତି। କିନ୍ତୁ ସେ ଆରାମ ନ କରି ତାଙ୍କର ଲେଖା ଅଭ୍ୟାସ କଳାରେ ଲାଗିଯାନ୍ତି। ସେ ନିଜେ ଛଅମାସ ପୂର୍ବରୁ ତାଙ୍କ ଝିଅର ଏହି ପ୍ରତିଭା ବିଷୟରେ ଅବଗତ ହୋଇଥିବା କଥା କହିଛନ୍ତି।

## ଆଜିର ଦିନରେ

- ୧୯୨୯- ବାଲ୍ୟ ବିବାହ ନିରୋଧ ବିଧେୟକ ପାରିତ।
- ୧୯୫୫- ପାକିସ୍ତାନ ବାଗଦାଦ୍ ଚୁକ୍ତିରେ ସ୍ୱାକ୍ଷର କଲା।
- ୧୯୭୯- ସୋମାଲିଆ ସମ୍ବିଧାନକୁ ରାଷ୍ଟ୍ରପତି ମଞ୍ଜୁରୀ ଦେଲେ।
- ୨୦୦୨- ମୋଜିଲା ଫାୟାର ଫକ୍ସ ତା'ର ପ୍ରଥମ ଭର୍ସନ୍ ଲଞ୍ଚ କଲା।
- ୨୦୦୪- ହାଇତିରେ ତୋଫାନ ପରେ ଆସିଥିବା ବନ୍ୟା ଯୋଗୁଁ ପାଖାପାଖି ୧୦୭୦ ଜଣଙ୍କ ମୃତ୍ୟୁ।

# ମଝି ରାସ୍ତାରେ ପାହାଚ

ଆଜିକାଲି ସୋସିଆଲ୍ ମିଡିଆରେ ପ୍ରାଙ୍କ୍ ଭିଡିଓ ଅଧିକ ଟ୍ରେଣ୍ଡରେ ଅଛି। ବିଭିନ୍ନ ପ୍ରକାର ମନୋରଞ୍ଜନ ଭିତ୍ତିକ କୌଶଳରେ ଲୋକମାନଙ୍କୁ ସହଜରେ ବୋକା ବନାଇ ଦିଆଯାଇପାରୁଛି। ଏବେ ସେଭଳି ଏକ ଭିଡିଓ ଭାଇରାଲ୍ ହୋଇଛି, ଯେଉଁଥିରେ ଜଣେ ବ୍ୟକ୍ତି ରାସ୍ତା ଉପରେ ଥ୍ରୀ-ଡି ପେଣ୍ଟିଙ୍ଗ୍ ସାହାଯ୍ୟରେ ପାହାଚ ଭଳି ଏକ ଚିତ୍ରକଳା ତିଆରି କରିଛନ୍ତି। ଏହା ରାସ୍ତା ଉପରେ ପାହାଚ ତିଆରି ହୋଇଥିବା ଭଳି ମନେ ହେଉଛି। ରାସ୍ତାରେ ଯାଉଥିବା ଲୋକ ଦୁର୍ଘଟଣା ଆଶଙ୍କାରେ ଏଠାରେ ଅଟକି ଯାଉଛନ୍ତି। ସେମାନଙ୍କ ମନରେ କ୍ଷଣକ ପାଇଁ ଭୟ ମଧ୍ୟ ଉଦ୍ରେକ ହେଉଛି। ଏହି ଭିଡିଓ ହେପଗୁଲ୍ ୫ ନାମକ ଏକ ଇନଷ୍ଟାଗ୍ରାମ୍ ମାଧ୍ୟମରେ ସେୟାର୍ ହୋଇଛି। ଭିଡିଓରେ ଦେଖିବାକୁ ମିଳିଛି ଯେ, ପ୍ରଥମେ ଜଣେ ବାଇକ୍ ରାଇଡର୍ ରାସ୍ତା ଉପରେ ଥ୍ରିଡି ଆର୍ଟକୁ ଦେଖିବା ପରେ ଏହାକୁ ପାହାଚ ବୋଲି ଭାବି ରାସ୍ତା କଡ଼ରେ କଡ଼ରେ ବାଇକ୍ ଚଳାଇ ଯାଇଥିଲେ। ଏହାପରେ ସ୍କୁଟି ଚଳାଇ ଆସୁଥିବା ଦୁଇଜଣ ବ୍ୟକ୍ତି ମଧ୍ୟ ଠିକ୍ ଏଭଳି କରିଥିଲେ। ଶେଷରେ କାର୍‌ଟିଏ ଆସି ଏହି ସ୍ଥାନରେ ଅଟକି ଯାଉଛି। ଏହି ଭିଡିଓ ଦେଖିବାକୁ ବେଶ୍ ମଜାଦାର ଲାଗୁଛି ଏବଂ ଏହାକୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଖି ସାରିଛନ୍ତି।



# ବହୁରୂପୀ 'ପିକେ'

ଲୋକକଳା ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସମୟକ୍ରମରେ ଏହି ଲୋକକଳା ଲୋପ ପାଇବାରେ ଲାଗିଛି। ଲୋପ ପାଇ ଯାଉଥିବା ଲୋକକଳା ମଧ୍ୟରୁ ଗୋଟିଏ ହେଉଛି ବହୁରୂପିଆ। ଏହା ବିହାରର ମୁଜଫରପୁରରେ ବହୁଳ ଭାବେ ପ୍ରଚଳିତ। ବିଭିନ୍ନ ପର୍ବପର୍ବାଣି ଅନୁଯାୟୀ, ଏହି ବହୁରୁପୀମାନେ ନିଜକୁ ସଜେଇ ଲୋକମାନଙ୍କୁ ଘରଘର ବୁଲି ହସାନ୍ତି ଏବଂ ମନୋରଞ୍ଜନ କରନ୍ତି। ଏହାର ପ୍ରତିବଦଳରେ ତାଙ୍କୁ କିଛି ଟଙ୍କା ମଧ୍ୟ ଦିଆଯାଇଥାଏ। ଲୋପ ପାଇଯାଉଥିବା ଏହି ଲୋକକଳାକୁ ବଞ୍ଚାଇ ରଖିଛନ୍ତି ମୁଜଫରପୁର ଜଣେ ବହୁରୂପୀଆ। ମଧୁବାଣୀ ଅଞ୍ଚଳରେ ଏହି ବହୁରୂପୀଆ ଜଣକ ପି.କେ. ଚଳଚ୍ଚିତ୍ରର ପି.କେ. ଚରିତ୍ରକୁ ଧାରଣ କରିଛନ୍ତି। ମୁଣ୍ଡରେ ହଳଦିଆ ହେଲମେଟ୍, ଗଳାରେ ରେଡ଼ିଓ ଓ ମାଳା ଆଦି ପିନ୍ଧି ମନୋରଞ୍ଜନ କରୁଛନ୍ତି। ଲୋକମାନଙ୍କୁ ସେ ଏହି ଚଳଚ୍ଚିତ୍ରର ଡାଇଲଗ୍ କହି ମଧ୍ୟ ହସାଉଛନ୍ତି। ଏହାପୂର୍ବରୁ ସେ ନାରଦ ମୁନି, ଭଗବାନ ଶିବ ଶଙ୍କର, ବିଭିନ୍ନ ବଲିଉଡ୍ ଅଭିନେତାଙ୍କ ବେଶ ଧାରଣ କରୁଥିଲେ। ଏହି ବହୁରୂପୀଆ ଜଣକ କହିଛନ୍ତି ଯେ, ପୂର୍ବପୁରୁଷଙ୍କ ପରମ୍ପରାକୁ ବଜାୟ ରଖିବା ପାଇଁ ସେ ଏପରି ବହୁରୂପିଆ ବେଶ ଧାରଣ କରୁଛନ୍ତି।



## ଆଜିର ରାଶିଫଳ

**ମେଷ:** କିଛିଟା ଟେନସନ୍ ଭିତରେ ଆଗେଇ ଚାଲିବେ। ଚାକିରିରେ ଚଳଚଞ୍ଚଳ ରହିବେ। ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ରହିବ।ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ ଭ୍ରମଣପ୍ରିୟ ହେବେ। **ଶୁଭ ଅଙ୍କ- ୯, ଶୁଭ ରଙ୍ଗ-ମେରୁନ୍**

**ବୃଷ:** ଅନେକ ଚେଷ୍ଟା କରି ସୁଫଳ ପାଇବେ। ଚାକିରିରେ ବ୍ୟସ୍ତତା ଭିତରେ କଟିବ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ସ୍ୱଳ୍ପ ଲାଭ ମିଳିବ। ଶିକ୍ଷାର୍ଥୀ ସଫଳ ହେବ। **ଶୁଭ ଅଙ୍କ-୬, ଶୁଭ ରଙ୍ଗ-ଧଳା**

**ମିଥୁନ:** ଦିନଟି ସୁଖସମୃଦ୍ଧି ପ୍ରାପ୍ତି ହେବ। ଉଭୟ ପ୍ରେମ ଓ ଦାମ୍ପତ୍ୟ ସୁଖମୟ ରହିବ। ପ୍ରଶାସନିକ ସକ୍ରିୟ ରହିବେ। ବାଣିଜ୍ୟରେ ଉତ୍ତମ ଲାଭ ହେବ। ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ଆକାଶୀ**

**କର୍କଟ:** ଦିନଟିରେ ଆବଶ୍ୟକତା ପୂରଣ ହେବ। କୌଣସି ସାଂସ୍କୃତିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ଚାକିରିରେ ଧନସମ୍ମାନ ମିଳିବ। ବାଣିଜ୍ୟରେ ଉନ୍ନତି ହେବ।ଶିକ୍ଷାର୍ଥୀ ଅଧ୍ୟୟନପ୍ରିୟ ହେବେ। **ଶୁଭ ଅଙ୍କ-୧, ଶୁଭ ରଙ୍ଗ-ପିଙ୍କ୍**

**ସିଂହ:** ଦିନଟି ଅସ୍ତବ୍ୟସ୍ତ ଭିତରେ କଟିବ। ଚାକିରିରେ ଅବହେଳା ରହିବ। ପ୍ରଶାସନିକ ଅସହଯୋଗ ରହିବ। ପରିବହନ ଓ ବାଣିଜ୍ୟ ମନ୍ଥର ରହିବ। ଶିକ୍ଷାର୍ଥୀ ଆଳସ୍ୟ ରହିବେ। **ଶୁଭ ଅଙ୍କ-୫, ଶୁଭ ରଙ୍ଗ-ସବୁଜ**

**କନ୍ୟା:** କେତେକ ସମସ୍ୟାକୁ ନେଇ ବିଚଳିତ ରହିବେ। ଚାକିରିରେ ସ୍ଥାନାନ୍ତର ହୋଇପାରେ। ରାଜନୀତିରେ ଜଟିଳସ୍ଥିତି ରହିବ। ବାଣିଜ୍ୟରେ ହାନି ହୋଇପାରେ। ଶିକ୍ଷାର୍ଥୀ ଭ୍ରମରେ ପଡିବେ। **ଶୁଭ ଅଙ୍କ-୬, ଶୁଭ ରଙ୍ଗ-ସିଲଭର୍**

**ତୁଳା:** ବନ୍ଧୁ ସହଯୋଗ ପାଇ ଆଗେଇବେ। ମହିଳାମାନେ ସୁଖୀ ରହିବେ। ରାଜନୀତିରେ ସୁନାମ ପାଇବେ। ବାଣିଜ୍ୟ ଉତ୍ସାହଜନକ ରହିବ। ଶିକ୍ଷାର୍ଥୀ ସଫଳ ହେବେ। **ଶୁଭ ଅଙ୍କ-୪, ଶୁଭ ରଙ୍ଗ-ମେଟାଲିକ୍**

**ବିଛା:** ଦିନଟି କର୍ମତତ୍ପର ରହିବେ। ଚାକିରିରେ ନିଷ୍ଠାପର ରହିବେ। ମହିଳାମାନେ ପରିଶ୍ରମୀ ହେବେ। ପରିବହନ ଓ ବାଣିଜ୍ୟରେ ଲାଭାନ୍ୱିତ ହେବେ।ଶିକ୍ଷାର୍ଥୀ କୃତକାର୍ଯ୍ୟ ହେବେ।**ଶୁଭ ଅଙ୍କ-୭, ଶୁଭ ରଙ୍ଗ-କଫି**

**ଧନୁ:** କୌଣସି ବିଷୟକୁ ନେଇ ଚିନ୍ତାରେ ରହିବେ। ସନ୍ତାନସନ୍ତତିମାନେ ଅବାଧ ହୋଇପାରନ୍ତି। ଚାକିରିରେ ଚାପ ରହିବ। ବାଣିଜ୍ୟରେ ମନ୍ଥର ରହିବ। ଶିକ୍ଷାର୍ଥୀ ଅନ୍ୟମନସ୍କ ରହିବେ। **ଶୁଭ ଅଙ୍କ-୮, ଶୁଭ ରଙ୍ଗ-ବାଇଗଣୀ**

**ମକର:** ପରିଶ୍ରମର ଫଳ ପାଇବେ। ମହିଳାମାନେ ଚଳଚଞ୍ଚଳ ରହିବେ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ପ୍ରସାର ହେବ। ଶିକ୍ଷାର୍ଥୀ ଚଞ୍ଚଳ ରହିବେ। **ଶୁଭ ଅଙ୍କ-୩, ଶୁଭ ରଙ୍ଗ-ହଳଦିଆ**

**କୁମ୍ଭ:** ପ୍ରତିଟି କାର୍ଯ୍ୟରେ ସଫଳତା ପାଇବେ। ମହିଳାମାନେ ଆଦର ସମ୍ମାନ ପାଇବେ। ଚାକିରିରେ ନିଷ୍ଠା ରହିବ। ବାଣିଜ୍ୟରେ ଉତ୍ତମ ହେବ। ଶିକ୍ଷାର୍ଥୀ ପରିଶ୍ରମୀ ହେବେ। **ଶୁଭ ଅଙ୍କ-୪, ଶୁଭ ରଙ୍ଗ-ମେଟାଲିକ୍**

**ମୀନ:** ଆର୍ଥିକ କଥାକୁ କେନ୍ଦ୍ର କରି ଅଶାନ୍ତି ଉପୁଜିପାରେ। ଚାକିରିରେ କାର୍ଯ୍ୟ ବହୁଳ ରହିବ। ରାଜନୀତିରେ ବିରୋଧୀ ବୃଦ୍ଧି ପାଇବେ। ବାଣିଜ୍ୟ ମାନ୍ଦା ରହିବ। ଶିକ୍ଷାର୍ଥୀ ଆଳସ୍ୟ ହେବେ। **ଶୁଭ ଅଙ୍କ-୩, ଶୁଭ ରଙ୍ଗ-କ୍ରିମ୍**

ପଣ୍ଡିତ ଅଭିମନ୍ୟୁ ଦୀକ୍ଷିତ, ବାଲେଶ୍ୱର, ମୋ -୯୭୭୭୭୬୬୨୨୦





■ ଚାନ୍ଦିପୁର ପ୍ରତିରକ୍ଷା ଘାଟି ଗୁପ୍ତଚରୀ

# ଚାଳକବିହୀନ ବିମାନ ଡାଟା ଚୋରି ସନ୍ଦେହ

ଭୁବନେଶ୍ୱର/କଟକ,୨୨।୯ (ସମିସ): ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ ଗୁପ୍ତଚରୀ ଘଟଣାରେ ପଦାକୁ ଆସିଛି ଆଉ କିଛି ସଂଘାତିକ ତଥ୍ୟ। ପାଇଲଟ ବିହୀନ ଏୟାରକ୍ରାଫ୍ଟ ପରୀକ୍ଷଣ ସଂକ୍ରାନ୍ତ ତଥ୍ୟ ଶତ୍ରୁ ରାଷ୍ଟ୍ରକୁ ଲିକ୍ ହୋଇଥିବା ସନ୍ଦେହରେ ତନାଘନା କରୁଛି ଏୟାରଫୋର୍ସର ଏକ ସ୍ୱତନ୍ତ୍ର ଟିମ୍। ୫ ଅଭିଯୁକ୍ତଙ୍କୁ ଏୟାରଫୋର୍ସର ଦୁଇ ଜଣିଆ ତଦନ୍ତକାରୀ ଟିମ୍ ଜେରା କରୁଛନ୍ତି। ଅଭିଯୁକ୍ତଙ୍କୁ ଗୁଡେଇ ତୁଡେଇ ପଚରାଉଚରା କରାଯାଉଛି। କାରଣ ପାଇଲଟ୍ ବିହୀନ ଏୟାରକ୍ରାଫ୍ଟ ପରୀକ୍ଷଣ ନିମନ୍ତେ ଚାନ୍ଦିପୁର ପ୍ରତିରକ୍ଷା ଘାଟିରେ କାର୍ଯ୍ୟକ୍ରମ ଚାଲୁଥିଲା। ଯଦି ଏଭଳି ସୁରାକ୍ ଶତ୍ରୁ ରାଷ୍ଟ୍ରର ଗୁଇନ୍ଦା ହାତରେ ପଡ଼ିଲେ, ଭାରତୀୟ ବାୟୁସେନା ଏୟାରକ୍ରାଫ୍ଟର ସୂଚନା ପ୍ରଘଟ ହେବାର ଆଶଙ୍କା ରହିଛି। ତେଣୁ ବାୟୁସେନାର ତଦନ୍ତକାରୀ ଟିମ୍ ଅଧିକ ଖୋଳତାଡ କରୁଛି।

ସେହିପରି ଅଭିଯୁକ୍ତଙ୍କ 'ହନିଟ୍ରାପ' ଗୁମର ଧିରେ ଧିରେ ଫିଟୁଛି। ୨୦୨୦ ଫେବୃଆରୀ ମାସରୁ ଜଣେ ଅଭିଯୁକ୍ତ ସୁନ୍ଦରୀ ଯୁବତୀଙ୍କ ଯୋଗସୂତ୍ରରେ ଆସିଥିଲେ। ଏହାପରେ ଫେସ୍‌ବୁକ୍ ଓ ହ୍ୱାଟ୍ସଆପରେ ଆଉ ୪ ଅଭିଯୁକ୍ତ ଯୁବତୀଙ୍କ ଜାଲରେ ପଡ଼ିଥିଲେ। ଏଭଳି ଭାବେ ପ୍ରାୟ ଦେଢ଼ବର୍ଷ ହେବ ସୁନ୍ଦରୀ ଯୁବତୀଙ୍କ ସହ ୫ ଅଭିଯୁକ୍ତ ସମ୍ପର୍କରେ ରହିଥିଲେ। ସେମାନଙ୍କ ବିଭିନ୍ନ ପରିଚୟ ଦେଇ ଯୋଗାଯୋଗରେ ରହୁଥିଲେ ସୁନ୍ଦରୀ ଯୁବତୀ। କେତେବେଳେ ସୁନ୍ଦରୀ ତରୁଣୀ ଜଣକ ନିଜକୁ ରାଜସ୍ଥାନର ପ୍ରେସ ଟ୍ରଷ୍ଟ ବ୍ୟୁରୋରେ କର୍ମଚାରୀ ତ ଆଉ କାହାକୁ ପୋର୍ଟବ୍ଲେୟାରରେ ନର୍ସ ଭାବରେ କାର୍ଯ୍ୟ କରୁଥିବା କହୁଥିଲେ। ଅନ୍ୟମାନଙ୍କୁ ସେ ମେସେଜ ଓ ମେସେଞ୍ଜର ଜରିଆରେ କରି କଥା ହେଉଥିଲେ। ଏମିତିକି ଯୁବତୀ ଜଣକ ହିନ୍ଦୀ ଓ ଇଂରାଜୀ ଭାଷାରେ ଅଭିଯୁକ୍ତଙ୍କ ସହ କଥା ହେଉଥିଲେ ବୋଲି କ୍ରାଇମ୍‌ବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପଟେ ଯୁବତୀ ଜଣକ ଅଭିଯୁକ୍ତଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

● ମାୟାବିନୀ ସୁନ୍ଦରୀଙ୍କ ସମ୍ପର୍କରେ ଥିଲେ ସମସ୍ତ ଅଭିଯୁକ୍ତ
● ବିବାହର ପ୍ରଲୋଭନ ଦେଇ ଅଭିଯୁକ୍ତଙ୍କୁ ଫସାଇଥିଲେ

ଯଥାକ୍ରମେ ବିଟ୍ରେନ ଲିଭରପୁଲରେ ମିଜାଇଲର ରିସର୍ଚ କରୁଥିବା, ଚଣ୍ଡିଗଡ଼ର ସେନାର ଲୋୟର ଡିଭିଜନ କ୍ଲର୍କ କାମ କରୁଥିବା କହି ବାର୍ତ୍ତାଳାପ କରୁଥିଲେ। ସବୁଠାରୁ ବଡ଼ କଥା ହେଲା ଯୁବତୀ ଜଣକ ୫ଜଣଙ୍କ ସହ ସମ୍ପର୍କ ରଖୁଥିଲେ ମଧ୍ୟ ପରସ୍ପର ଜାଣିପାରୁନଥିଲେ। ଏଭଳିଭାବେ ଯୁବତୀ ମାୟାଜାଲ ବିଛାଇ ଅଭିଯୁକ୍ତଙ୍କ ଠାରୁ ଗୋପନୀୟ ତଥ୍ୟ ନେଉଥିଲେ। ସେପଟେ ନିୟମିତ ସୁନ୍ଦରୀ ଯୁବତୀ ଅଭିଯୁକ୍ତଙ୍କ ସହ ସମ୍ପର୍କରେ ରଖିବା ସହ ବାରମ୍ବାର କଥା ହେଉଥିଲେ। ଦିନରେ ଜଣେ ଅଭିଯୁକ୍ତଙ୍କୁ ୧୦ରୁ ଊର୍ଦ୍ଧ୍ୱ ଥର ଫେସ୍‌ବୁକ୍ କଲ, ଭିଡ଼ିଓ କଲ୍, ଏପରିକି ଅଭିଯୁକ୍ତଙ୍କ ସହ ଯୁବତୀ ଅଶ୍ଳୀଳ ଭିଡ଼ିଓ ଚାଟିଂ କରୁଥିଲେ। ଟଙ୍କା ଲୋଭ, ବିବାହ ପ୍ରଲୋଭନ ଓ ଲଙ୍ଗଳା ଦେହ ଦେଖାଇ ଏହି କର୍ମଚାରୀମାନଙ୍କୁ ଚକ୍ରବ୍ୟୁହରେ ଫସାଇଥିଲେ ମାୟାବିନୀ ଯୁବତୀ। ଯୁବତୀଜଣକ ଇଂଲଣ୍ଡର ଫୋନ୍ ନମ୍ବର ବ୍ୟବହାର କରୁଥିଲେ। ତେଣୁ ୟୁକେ ସରକାରଙ୍କୁ ହ୍ୱାଟ୍ସଆପ୍ ନମ୍ବରର ଡିଟେଲ୍ସ ମଗାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ସେହିପରି କେଉଁଠାରୁ ଆଇପି ଆଡ୍ରେସ୍ ବ୍ୟବହାର ହେଉଥିଲା ସେନେଇ ଖୋଳତାଡ କରାଯାଉଛି। ଏଥିସହି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌ରେ ଅଭିଯୁକ୍ତମାନେ କି ତଥ୍ୟ ଦେଇଛନ୍ତି। ସେସବୁକୁ ଜାଣିବା ଲାଗି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌କୁ ଚିଠି ଲେଖିବ କ୍ରାଇମ୍‌ବ୍ରାଞ୍ଚ୍।

ଅନ୍ୟପକ୍ଷରେ ଦୁବାଇରୁ ଜଣେ ଅଭିଯୁକ୍ତର ଜମାଖାତାକୁ ୨ଟି କିସ୍ତିରେ ଦୁବାଇରୁ ୩୮ ହଜାର ଟଙ୍କା ଆସୁଛି। ତେଣୁ ଉକ୍ତ ଟଙ୍କା କିଏ ପଠାଇଛି ଖୋଳତାଡ କରୁଛି କ୍ରାଇମ୍‌ବ୍ରାଞ୍ଚ। ଏଥିସହ ଜଣେ ଯୁବତୀ ଏହାକୁ ଅପରେଟ୍ କରୁଥିଲେ ନା ଏଥିରେ ଆଉ କିଛି ଯୁବତୀଙ୍କ ସମ୍ପୃକ୍ତି ରହିଛି, ଏସବୁକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତନାଘନା କରୁଛି। ସେଭଳି ରିମାଣ୍ଡର ୪ର୍ଥ ଦିନରେ ଅଭିଯୁକ୍ତଙ୍କ ଠାରୁ ଏସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାତେଇଛି। ୭ଦିନିଆ ରିମାଣ୍ଡର ଆଉ ୩ଦିନ ବାକି ଥିବାରୁ ଅଭିଯୁକ୍ତଙ୍କ ଠାରୁ ଆଉ କିଛି ରୋଚକତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାସଲ କରିବ ବୋଲି ଆଶା ରଖିଛି। ଆବଶ୍ୟକ ପଡ଼ିଲେ ପୁଣି ଥରେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚର ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

# ଧୋକାଦେଲା ଛତିଶଗଡ଼; ସମ୍ଭାଳିନେଲା ଓଡ଼ିଶା

ସମ୍ବଲପୁର,୨୨।୯ (ସମିସ) : ଏଥର ବେଶ୍ ସତର୍କତାର ସହ ମହାନଦୀ ବନ୍ୟାକୁ ରାଜ୍ୟ ସରକାର ପରିଚାଳନା କରିଛନ୍ତି। ଛତିଶଗଡ଼ ସରକାର ରୁଲ୍ କର୍ଭକୁ ବେଖାତିର କରି ହଠାତ ପାଣି ଛାଡ଼ିଦେଇଥିବାରୁ ଓଡ଼ିଶା ପାଇଁ ସଂକଟଜନକ ପରିସ୍ଥିତି ସୃଷ୍ଟି ହୋଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଆଗୁଆ ପ୍ରସ୍ତୁତି ଓ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କ ଠିକ୍ ସମୟରେ ପଦକ୍ଷେପ ଯୋଗୁ ମହାନଦୀରେ ବଡ଼ ବନ୍ୟା ଆଶଙ୍କାକୁ ଟାଳିଦିଆଯାଇପାରିଛି।

ଗତ କିଛି ଦିନ ପୂର୍ବରୁ ଓଡ଼ିଶାରେ ଲଘୁଚାପ ଜନିତ ଲଗାଣ ବର୍ଷା ହୋଇଥିଲା। ଏପରିକି ଡ୍ୟାମର ଉପରମୁଣ୍ଡ ଅର୍ଥାତ୍ ଛତିଶଗଡ଼ରେ ମଧ୍ୟ ଲଘୁଚାପ ପ୍ରଭାବରେ ବର୍ଷା ଲାଗି ରହିଥିଲା। ତେବେ ବିନା ଆଗୁଆ ସୂଚନାରେ ଛତିଶଗଡ଼ ତିଆରି କରିଥିବା ବ୍ୟାରେଜର ଗେଟ୍ ଖୋଲି ଥିଲା। ଏହା ଫଳରେ ଏକ ସଙ୍ଗରେ ବନ୍ୟା ପାଣି ହୀରାକୁଦ ଡ୍ୟାମ ମଧ୍ୟକୁ ପ୍ରବେଶ କରିଥିଲା। ଲକ୍ଷାଧିକ କ୍ୟୁସେକ ଜଳ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବେଳେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ବିଚଳିତ ନ ହୋଇ ସୁପରିଚାଳନା କରିଥିଲେ। ଫଳରେ ଏକ ବଡ ଧରଣର ବନ୍ୟା ଟଳିଥିଲା। ପୂର୍ବରୁ ଏସଆରସି ଏକ ମଧ୍ୟମ ଧରଣର ବନ୍ୟା ହେବ ବୋଲି ସୂଚନା ଦେଇଥିଲେ।

ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ଆଇଏମଡି ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା; ମାତ୍ର ଅଗଷ୍ଟ ଶେଷ ସୁଦ୍ଧା ଭଲ ବର୍ଷା ହେଲା ନାହିଁ। ରୁଲ କର୍ଭ ଅନୁଯାୟୀ ହୀରାକୁଦ ଜଳସ୍ତର ତଳେ ରହିଥିଲା। ତେବେ ସେପ୍ଟେମ୍ବର ମଧ୍ୟ ଭାଗରେ ଭଲ ବର୍ଷା ହେବାରୁ ଜଳସ୍ତର ବୃଦ୍ଧି ପାଇଥିଲା। ଅଗଷ୍ଟ ମାସରେ ୭୦ ପ୍ରତିଶତ ବର୍ଷା ହୋଇଥିଲେ ସୁଦ୍ଧା ଉପରମୁଣ୍ଡରୁ ମାତ୍ର ୩୧ ପ୍ରତିଶତ ପାଣି ଜଳଭଣ୍ଡାରରେ ପ୍ରବେଶ କରିଥିଲା। ଶେଷ ସମୟରେ ଜଳଭଣ୍ଡାରକୁ ଉପରମୁଣ୍ଡରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ କ୍ୟୁସେକ ଜଳ ପ୍ରବେଶ କରିଥିଲା। ଗତ ୧୯ ତାରିଖ ମଧ୍ୟାହ୍ନ ୧୨ଟାରେ ସର୍ବାଧିକ ୩ ଲକ୍ଷ ୧୯ ହଜାର ୧୩୯ ଘନଫୁଟ ଜଳ ପ୍ରବେଶ କରିଥିଲା। ରୁଲ କର୍ଭ ଅନୁଯାୟୀ ଗେଟ୍ ଖୋଲା ଯାଇଥିଲା। ଚଳିତ ବର୍ଷ ୟୁନିକ ହାଇଡ୍ରୋ ମେଟ୍ରୋଲିଜିକାଲ ଇୟର ଭାବେ ବିବେଚନା କରାଯାଇଛି। ହୀରାକୁଦ ନଦୀବନ୍ଧର ଜଳକୁ ନିୟନ୍ତ୍ରଣ କରାଯାଇ ପାରୁଛି। ତେଲ ନଦୀର ଜଳକୁ ନିୟନ୍ତ୍ରଣ ପାଇଁ ସେଭଳି ବ୍ୟବସ୍ଥା ରହିନାହିଁ। ତେଲ ନଦୀ ଅବବାହିକାରେ ବର୍ଷା ହେଲେ ଜଳସ୍ତର ବୃଦ୍ଧି ପାଇଥାଏ। ଏଭଳି ସ୍ଥଳେ ତେଲ ନଦୀରେ ଭଲ ବର୍ଷା ହୋଇଥିଲା। ସେହି ବର୍ଷା ଜଳ ନିଷ୍କାସନ ପରେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ତଳ ମୁଣ୍ଡରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନ କରିଥିଲେ ବୋଲି ମହାନଦୀ ଅବବାହିକା ମୁଖ୍ୟ ଯନ୍ତ୍ରୀ ଇଂ. ଆନନ୍ଦ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

● ରୁଲ୍ କର୍ଭକୁ ବେଖାତିର
● ଏକାଥରକେ ଖୋଲିଦେଲା ଗେଟ୍



# ପଞ୍ଚାୟତ ନିର୍ବାଚନ ବୁଥ୍‌ରେ ନୁହେଁ; ବ୍ଲକରେ ଗଣତି

ଭୁବନେଶ୍ୱର,୨୨।୯ (ସମିସ): ପଞ୍ଚାୟତ ନିର୍ବାଚନ ଠିକ୍ ସମୟରେ କରିବା ଲାଗି ରାଜ୍ୟ ସରକାର ପାଗ ଭିଡିଛନ୍ତି। ଏଥିପାଇଁ ଗୋଟିଏ ପରେ ଗୋଟିଏ ପଦକ୍ଷେପ ପଞ୍ଚାୟତିରାଜ ବିଭାଗ ନେଇଚାଲିଛି। କେତେ ଶୀଘ୍ର ରାଜ୍ୟ ନିର୍ବାଚନ କମିସନଙ୍କୁ ନିର୍ବାଚନ ପାଇଁ ସରକାର ସଙ୍କେତ ଦେବେ ସେଥିଲାଗି ବିଭାଗରେ ଏବେ ଜୋରଦାର କସରତ ଚାଲିଛି। ଏହି କ୍ରମରେ ଆଜି ବିଭାଗ ଆଉ ପାଦେ ଆଗେଇଛି।

ଭୋଟ ଗଣତି ଏଣିକି ବୁଥ୍‌ରେ ନୁହେଁ ବରଂ ବ୍ଲକ କାର୍ଯ୍ୟାଳୟରେ କରାଯିବ। ଏ ସଂକ୍ରାନ୍ତରେ ଆଇନରେ ସଂଶୋଧନ ପରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ପରେ ଭୋଟ ବାକ୍ସକୁ ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ତୁରନ୍ତ ସିଲ୍ କରାଯିବ



ଓ ଏହାକୁ ଅଧିକାରୀମାନେ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ। ନିର୍ଧାରିତ ଭୋଟ ଗଣତି ଦିନ ଏହା ଖୋଲାଯିବ। ସେହିଦିନ ଭୋଟଗଣତି କେନ୍ଦ୍ରରେ ସିଲ୍ ଖୋଲାଯିବା ପୂର୍ବରୁ କେତେ ବ୍ୟକ୍ତି ଭୋଟ ଦେଇଛନ୍ତି ଓ ବାକ୍ସରେ କେତେ ବାଲଟ୍ ଅଛି, ତାହାର ମେଳ ହେବ। ଏହା ପରେ ପ୍ରାର୍ଥୀ କିମ୍ବା ତାଙ୍କ ଏଜେଣ୍ଟଙ୍କ ଉପସ୍ଥିତିରେ ଗଣତି ଆରମ୍ଭ ହେବ। ଯଦି ଗଣତି ବେଳେ କୌଣସି ବିବାଦ ନ ଥାଏ,

**ସଂଶୋଧନ ପରେ ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି**

ତେବେ ସର୍ବାଧିକ ଭୋଟ ପାଇଥିବା ୱାର୍ଡମେମ୍ବର, ସରପଞ୍ଚ,ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ନାମ ଘୋଷଣା କରିଦିଆଯିବ।

ଅନ୍ୟପଟରେ ରାଜ୍ୟ ସରକାରଙ୍କର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ସଂକ୍ରାନ୍ତ ବିଲ୍ ବିଧାନସଭାରେ ଅନୁମୋଦନ ପରେ ଏହା ରାଜ୍ୟପାଳଙ୍କ ଅନୁମୋଦନ ଲାଭ କରିଛି। ଗେଜେଟ୍ ବିଜ୍ଞପ୍ତି ଏଯାଏ ପ୍ରକାଶ ପାଇନାହିଁ। ଖୁବ୍ ଶୀଘ୍ର ଏ ସଂକ୍ରାନ୍ତ ପ୍ରକ୍ରିୟା ଶେଷ ହେବ। ଏହା ପରେ ନିର୍ବାଚନ ପାଇଁ ଆସନ ସଂରକ୍ଷଣ ପ୍ରକ୍ରିୟା ତତ୍କାଳ ପଞ୍ଚାୟତିରାଜ ବିଭାଗ ପଦକ୍ଷେପ ନେବେ। ସରକାର ଜିଲ୍ଲା ପରିଷଦ ଆସନ ସଂରକ୍ଷଣ କରିବେ ଓ ଅନ୍ୟ ସବୁ ପଦବି ଲାଗି ଜିଲ୍ଲାସ୍ତରରେ ସଂରକ୍ଷଣ ପାଇଁ ଜିଲ୍ଲାପାଳ ପଦକ୍ଷେପ ନେବ। ଏସବୁ ସରିବା ପରେ ନିର୍ବାଚନ ଲାଗି ରାଜ୍ୟ ନିର୍ବାଚନ କମିସନଙ୍କୁ ସରକାର ଜଣାଇଦେବେ।

# ଆଇଏଏସ୍ ଚାକିରି ଛାଡୁଛନ୍ତି ମନୀଷ

ଭୁବନେଶ୍ୱର,୨୨।୯ (ସମିସ): ୨୦୦୦ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ମନୀଷ କୁମାର ବର୍ମା ସରକାରୀ ଚାକିରିକୁ ବାଏ ବାଏ କରିବାକୁ ଯାଉଛନ୍ତି। ସେ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ତିନିମାସିଆ ନୋଟିସ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବା ଅତି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ରାଜ୍ୟ ସରକାର ଏହି ସମୟ ସୀମା ମଧ୍ୟରେ ଶ୍ରୀ ବର୍ମାଙ୍କ ଆବେଦନ ଉପରେ ବିଚାର କରି ଆବଶ୍ୟକ ପଦକ୍ଷେପ ନେବେ। ସରକାରଙ୍କ ଅନୁମତି ପରେ ତାଙ୍କୁ ସରକାରୀ ଚାକିରିରୁ ଅବ୍ୟାହତି ମିଳିବ।

ମାଲକାନଗିରି, ବାଲେଶ୍ୱର ଆଦି ଜିଲ୍ଲାରେ ଜିଲ୍ଲାପାଳ ଥିବା ଶ୍ରୀ ବର୍ମା ପରବର୍ତ୍ତୀ ସମୟରେ ଆନ୍ତଃ ରାଜ୍ୟ ଡେପୁଟେସନରେ ନିଜ ରାଜ୍ୟ ବିହାରକୁ ଯାଇଥଲେ। ସେଠାରେ ସେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଆସ୍ଥାଭାଜନ ହେବା ସହିତ ଢେର୍ ସମୟ ଧରି ତାଙ୍କର ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱ



ନିର୍ବାହ କରିଥିଲେ। ନୀତିଶଙ୍କ ସହିତ ତାଙ୍କର ଘନିଷ୍ଠତା ନେଇ ଅନେକ ଖବର ପୂର୍ବରୁ ଆସିଛି। ଏପରିକି ଶ୍ରୀ ବର୍ମାଙ୍କର ଡେପୁଟେସନ ମିଆଦ ପୂରିଯାଇଥିଲେ ବି କେନ୍ଦ୍ର ସରକାର ନିୟମ କୋହଳ କରି ତାଙ୍କୁ ବିହାରରେ କାମ କରିବା ଲାଗି ସୁଯୋଗ ଦେଇଥିଲେ।

ଇତିମଧ୍ୟରେ ଶ୍ରୀ ବର୍ମା ଓଡ଼ିଶାକୁ ଫେରି କାର୍ଯ୍ୟରେ ଯୋଗ ଦେଇଥିଲେ ହେଁ କୌଣସି ଗୁରୁ ଦାୟିତ୍ୱ ହାତେଇବା ପୂର୍ବରୁ ଗତ ମେ' ୨୧ ତାରିଖରୁ ଛୁଟିରେ ଚାଲିଯାଇଥିଲେ। ମିଳିଥିବା ଖବର ଅନୁସାରେ, ଶ୍ରୀ ବର୍ମା ଓଡ଼ିଶା ଆସିଛନ୍ତି। ହେଲେ ଏଥର ପୂରା ଛୁଟିରେ ଯିବା ପାଇଁ। ଅର୍ଥାତ୍ ସେ ଆଇଏଏସ୍ ଚାକିରି ଛାଡି ଚାଲିଯାଉଥିବା ସୂଚନା ମିଳିଛି। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କୁ ସେ ଭେଟି ସାରିଲେଣି ଓ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି। ସେ ବିହାରରେ ସକ୍ରିୟ ରାଜନୀତିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ ଓଡ଼ିଶା କ୍ୟାଡରରୁ ଅତିରିକ୍ତ ମୁଖ୍ୟସଚିବ ପାହ୍ୟାର ଅଫିସର ଡ. ୟୁ ଶରତଚନ୍ଦ୍ରନ୍, ଗଗନ ଧଳ ଏବଂ ଅଶ୍ୱିନୀ ବୈଷ୍ଣବ, ଅପରାଜିତା ଷଡଙ୍ଗୀ, ଡିଏନ୍ ଗୁପ୍ତା ଚାକିରି ଥାଇ ଅବ୍ୟାହତି ନେଇଥିଲେ। ସେମାନଙ୍କ ପୂର୍ବରୁ ଜେ ପି ଦାଶ ମଧ୍ୟ ଆଇଏଏସ ଚାକିରି ମୋହ ତୁଟାଇ ଛାଡି ଚାଲିଯାଇଥିଲେ। ଏମାନଙ୍କ ମଧ୍ୟରୁ ଶ୍ରୀ ବୈଷ୍ଣବ ନିକଟରେ ଓଡ଼ିଶାରୁ ରାଜ୍ୟସଭାକୁ ଓ ଅପରାଜିତା ଭୁବନେଶ୍ୱର ସାଂସଦ ଭାବେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି।

# ଆଦିବାସୀ ଅଞ୍ଚଳର ଲୋକଙ୍କୁ ମିଳିବ ଶୀତଳ ଗୃହ

● ମିଳିବ ୮.୨୫ ଲକ୍ଷ ଓ ୧୦.୫୦ ଲକ୍ଷ ଟଙ୍କାର ସବ୍‌ସିଡି
● କୃଷି ଓ ଜଙ୍ଗଲ ଉତ୍ପାଦ ସଂରକ୍ଷଣ ହେବ ସହଜ

ଭୁବନେଶ୍ୱର,୨୨।୯ (ସମିସ): ଆଦିବାସୀ ଅଞ୍ଚଳର ବାସିନ୍ଦା ନିଜ କୃଷି ଏବଂ ଅନ୍ୟ ଉତ୍ପାଦ ସଂରକ୍ଷିତ ରଖିବା ପାଇଁ ସମର୍ଥ ହେବେ। ସେମାନଙ୍କୁ ସୌର ଏବଂ ବିଦ୍ୟୁତ ଚାଳିତ ଶୀତଳ ଗୃହ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ ଦିଆଯିବ। ଓଡ଼ିଶା ଅନୁସୂଚିତ ଜନଜାତି ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ଲସ୍ (ଓଟିଇଏଲ୍‌ପି) ଅଧୀନରେ ଥିବା ୭ଟି ଆଦିବାସୀ ବହୁଳ ଜିଲ୍ଲାର ଚାଷୀଙ୍କୁ ଏହି ସୁବିଧା ମିଳିବ। ଆଠ ମେଟ୍ରିକ୍ ଟନ୍ କ୍ଷମତାର ଶୀଳ ଗୃହ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ସହାୟତା ପ୍ରଦାନ କରିବେ। ସେହିପରି ଉକ୍ତ ଅଞ୍ଚଳରେ ଥିବା ସରକାରୀ ଅନୁଷ୍ଠାନ ମଧ୍ୟ ନିଜ ଭାଗର ଖର୍ଚ୍ଚ ବହନ ସର୍ତ୍ତରେ ଏହି ସୁବିଧା ପାଇପାରିବେ। ଉଭୟ ସାଧାରଣ ଓ ଅନୁସୂଚିତ ଅଞ୍ଚଳର ବାସିନ୍ଦାଙ୍କୁ ଏହାର ଲାଭ ମିଳିବ। ତେବେ ସବ୍‌ସିଡି ପରିମାଣ ଭିନ୍ନ ହେବ। ଜିଲ୍ଲା କୃଷି ଅଧିକାରୀଙ୍କୁ ଏ ନେଇ ପ୍ରସ୍ତାବ ପଠାଇବା ପାଇଁ ଓଟିଇଏଲ୍‌ପି କାର୍ଯ୍ୟକ୍ରମ ନିର୍ଦ୍ଦେଶକଙ୍କୁ କୁହାଯାଇଛି।

ହସ୍ତଗତ ସୂଚନା ଅନୁସାରେ ମିଶନ୍ ଫର୍ ଇଣ୍ଟିଗ୍ରେଟେଡ୍ ଡେଭଲପମେଣ୍ଟ ଅଫ୍ ହର୍ଟିକଲ୍‌ଚର୍ (ଏମ୍‌ଆଇଡିଏଚ୍) ଅଧୀନସ୍ଥ ହିତାଧିକାରୀଙ୍କୁ ଶୀଳତ ଗୃହ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ସାଧାରଣ ଅଞ୍ଚଳରେ ଶୀତଳ ଗୃହ ସ୍ଥାପନ କରିବା ପାଇଁ ବ୍ୟକ୍ତିଗତ ଭାବେ ୫୫ ପ୍ରତିଶତ ଅବା ସର୍ବାଧିକ ୮ ଲକ୍ଷ ୨୫ ହଜାର ଟଙ୍କା ଏବଂ ଅନୁସୂଚିତ ଅଞ୍ଚଳ ପାଇଁ ୭୦ ପ୍ରତିଶତ ସବ୍‌ସିଡି ଅବା ୧୦ ଲକ୍ଷ ୫୦ ହଜାର ଟଙ୍କା ମିଳିବ। ସରକାରୀ ପ୍ରତିଷ୍ଠାନ ମଧ୍ୟ ଏହି ସବ୍‌ସିଡି ସୁବିଧା ପାଇପାରିବେ। କିନ୍ତୁ ସେମାନେ ପ୍ରକଳ୍ପର ମୂଲ୍ୟର ନିଜ ଭାଗର ଖର୍ଚ୍ଚ ବହନ କରିବା ଜରୁରୀ। ଏ ନେଇ ଏମ୍‌ଆଇଡିଏଚ୍ ଅନୁଯାୟୀ ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା କୃଷି ଅଧିକାରୀଙ୍କୁ ପ୍ରଦାନ କରିବା ପାଇଁ ଓଟିଇଏଲ୍‌ପିକୁ କୁହାଯାଇଛି। ଏହି ପ୍ରସ୍ତାବ ଗୁଡ଼ିକୁ ଜିଲ୍ଲା ମିଶନ କମିଟି (ଡିଏମ୍‌ସି)ର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ ଏବଂ ଏହା ପରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟକୁ ପଠାଯିବ। ତେଣୁ ଜିଲ୍ଲା ସ୍ତରରେ ପ୍ରସ୍ତାବ ପ୍ରସ୍ତୁତ କରି ଦାଖଲ କରିବା ପାଇଁ କୁହାଯାଇଛି। ଓଟିଇଏଲ୍‌ପି ଅଧୀନରେ ଏବେ ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ୩୦ଟି ପଛୁଆ ଆଦିବାସୀ ବ୍ଲକକୁ ଅନ୍ତର୍ଭୁକ୍ତ କରାଯାଇଛି।

# ରାଷ୍ଟ୍ରାୟତ୍ତ ବୀମା କମ୍ପାନୀରେ ପ୍ରଥମ ଓଡ଼ିଆ ସିଏମ୍‌ଡି ସତ୍ୟଜିତ ତ୍ରିପାଠୀ ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ ମୁଖ୍ୟ

ଭୁବନେଶ୍ୱର,୨୨।୯ (ସମିସ): ଦେଶର ରାଷ୍ଟ୍ରାୟତ୍ତ ବୀମା କମ୍ପାନୀର ମୁଖିଆ ପଦରେ ବସିଛନ୍ତି ଜଣେ ଓଡ଼ିଆ ପୁଅ। ଦେଶର ଦ୍ୱିତୀୟ ବୃହତ୍ ସାଧାରଣ ବୀମା କମ୍ପାନୀ ୟୁନାଇଟେଡ୍ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ଼ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଭାବରେ ନିଯୁକ୍ତି ପାଇଛନ୍ତି ସତ୍ୟଜିତ ତ୍ରିପାଠୀ। ଶ୍ରୀ ତ୍ରିପାଠୀ ହେଉଛନ୍ତି ପ୍ରଥମ ଓଡିଆ ଅଧିକାରୀ ଯିଏକି ଏଭଳି ଏକ ଉଚ୍ଚ ପଦରେ ଅଭିଷିକ୍ତ ହୋଇଛନ୍ତି। ଶ୍ରୀ ତ୍ରିପାଠୀ କ୍ୟାପିଟାଲ ହସ୍ପିଟାଲର ପୂର୍ବତନ ସିଏମ୍‌ଓ ତଥା ପୂର୍ବତନ ନିର୍ଦ୍ଦେଶକ ଇଏସ୍‌ଆଇ ସ୍ୱର୍ଗତ ଡ. ସୁରେନ୍ଦ୍ର ପ୍ରସାଦ ତ୍ରିପାଠୀ ଏବଂ ସ୍ୱନାମଧନ୍ୟା କ୍ଷୁଦ୍ରଗଳ୍ପ ଲେଖିକା ଭାରତୀ ତ୍ରିପାଠୀଙ୍କ ସୁପୁତ୍ର। ସେ ଏନ୍‌ଆଇଟି ରାଉରକେଲା ସିଭିଲ୍ ଇଞ୍ଜିନିୟରିଂ ବିଭାଗର ପୂର୍ବତନ ପ୍ରଫେସର ଡକ୍ଟର ପି କେ ଦାସ ଏବଂ ସ୍ୱର୍ଗତ ଜ୍ୟୋତି ଦାସଙ୍କ ଜାମାତା।



ଶ୍ରୀ ତ୍ରିପାଠୀଙ୍କ ନିଯୁକ୍ତିରେ ଓଡ଼ିଶା ତଥା ଭାରତବର୍ଷର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀଙ୍କ ମହଲରେ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଛି। ସେ ଓୟୁଏଟିରୁ ସ୍ନାତକ ଏବଂ ଏକ୍ସଆଇଏମ୍‌ବିରୁ ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୮୮ ରେ ଜେନେରାଲ୍ ଇନସ୍ୟୁରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଜିଆଇସି) ରେ ପ୍ରତ୍ୟକ୍ଷ ଅଧିକାରୀ ଭାବରେ ଯୋଗ ଦେଇଥିଲେ। ଶ୍ରୀ ତ୍ରିପାଠୀ ୨୦୧୫ରୁ ୨୦୧୮ ପର୍ଯ୍ୟନ୍ତ ଜିଆଇସିରେ ମୁଖ୍ୟ ବିନିଯୋଗ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ ଏବଂ ଚଳିତବର୍ଷ ଅଗଷ୍ଟରେ ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ଼ର ନିର୍ଦ୍ଦେଶକ ତଥା ଜେନେରାଲ ମ୍ୟାନେଜର ଭାବରେ ନିଯୁକ୍ତ ହୋଇଥିଲେ। ସେ ତାଙ୍କର ୩୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଦେଶର ପୂର୍ବ, ଉତ୍ତର ଏବଂ ପଶ୍ଚିମ ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି।

## ଓଏଏସ୍‌ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୨।୯ (ସମିସ): ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ସୀତାରାମ ପଟେଲଙ୍କୁ ଅତିରିକ୍ତ ଆଇ.ଜି ପ୍ରିଜନ୍ ଭାବେ ନିଯୁକ୍ତି ଦିଆଯାଇଛି। ସେ ଭୁବନେଶ୍ୱରସ୍ଥିତ କାରାଗାର ନିର୍ଦ୍ଦେଶାଳୟରେ ଅବସ୍ଥାପିତ ହେବେ। ସେହିପରି ଅନିରୁଦ୍ଧ ପ୍ରଧାନଙ୍କୁ ସମ୍ବଲପୁରସ୍ଥିତ ରାଜସ୍ୱ କମିସନରଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରାର, ଏଲଏଆର ଏଣ୍ଡ ଆର ଭାବେ କାର୍ଯ୍ୟ କରିବେ। ଅନୁରୂପ ଭାବେ ଡକ୍ଟର ବିଜୟାନନ୍ଦ ସେଠୀଙ୍କୁ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଅକ୍ଷୟ କୁମାର ଖେମୁଣ୍ଡୁଙ୍କୁ ମାଲକାନଗିରି ସବ୍-କଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି। ଉପରୋକ୍ତ ସମସ୍ତ ନିଯୁକ୍ତି ନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଇଏସ୍‌ଏଲ୍ ହାତେଇଲା ଦ୍ୱିତୀୟ ଖଣି

ଭୁବନେଶ୍ୱର,୨୨।୯ (ସମିସ): ଇଏସ୍‌ଏଲ ଷ୍ଟିଲ୍ ଲିଃ ଲଗାତାର ଦ୍ୱିତୀୟ ଖଣି ହାତେଇଛି। ଲୁହାପଥର ଓ ମାଙ୍ଗାନିଜ୍ ଥିବା ନାଦିଡିହ (ଫ୍ରିଗ୍ରେଜ) ଖଣିକୁ ଇଏସ୍‌ଏଲ୍ ୯୨.୩% ପ୍ରିମିୟମ୍ ମୂଲ୍ୟରେ ହାତେଇଛି। ଏହା ପୂର୍ବରୁ ଏହି କମ୍ପାନୀ ନାଦିଡିହ ଲୁହାପଥର ବ୍ଲକ (ବିକୋ)କୁ ମଧ୍ୟ ୯୫.୬% ପ୍ରିମିୟମ୍ ମୂଲ୍ୟରେ ହାତେଇସାରିଛି। ନାଦିଡିହ (ଫ୍ରିଗ୍ରେଡ୍) ଲୁହାପଥର ଓ ମାଙ୍ଗାନିଜ୍ ଖଣି ପ୍ରାୟ ୧୫.୦୬ ମିଲିୟନ୍ ଟନ୍ ଲୁହାପଥର ଏବଂ ୦.୦୫୯ ମିଲିୟନ୍ ଟନ୍ ମାଙ୍ଗାନିଜ୍ ରହିଥିବା କୁହାଯାଉଛି। ଅପରପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ସ୍ଥିତ କର୍ଲାପାଟ ବକ୍ସାଇଟ୍ ବ୍ଲକ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି।

# ସୀମା ବିବାଦ ନେଇ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି ପଦକ୍ଷେପ ସ୍ୱାଗତଯୋଗ୍ୟ; ସନ୍ତୋଷଜନକ ନୁହେଁ

ଭୁବନେଶ୍ୱର,୨୨।୯ (ସମିସ): ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ମଧ୍ୟରେ ଚାଲିଥିବା ସୀମା ବିବାଦ ସମାଧାନ ପରିବର୍ତ୍ତେ ଅଧିକ ବିବାଦୀୟ ହୋଇପଡ଼ିଛି। ଏପରିକି ସୀମାନ୍ତବର୍ତ୍ତୀ ଗଞ୍ଜେଇପଦର, ଫଗୁଣସେନେରୀ ଓ ଫାଟୁସେନେରୀରେ ପୂର୍ବରୁ ଆନ୍ଧ୍ର ନିର୍ବାଚନ କରାଇଥିବା ବେଳେ ଗତ ୧୯ ତାରିଖରେ ଫଳାଫଳ ଆସିଥିବା ନେଇ ଖବର ଆସିଥିଲା। ତେବେ କୋରାପୁଟ ଜିଲ୍ଲାପାଳ ଖବରକୁ ଖଣ୍ଡନ କରିବା ସହ ଆନ୍ଧ୍ର ନିଜ ସୀମାରେ ନିର୍ବାଚନ କରିଥିବା ନେଇ ସ୍ପଷ୍ଟ କରିବା ପରେ ଓଡ଼ିଶାବାସୀ ଆଶ୍ୱସ୍ତ ହୋଇଥିଲେ। ଏପରିକି ଆଗାମୀ ଦିନରେ ଉପରୋକ୍ତ ସ୍ଥାନଗୁଡ଼ିକରେ ଓଡ଼ିଶା ପକ୍ଷରୁ ତ୍ରୀ-ସ୍ତରୀୟ ପଞ୍ଚାୟତ ନିର୍ବାଚନ କରାଯିବ ବୋଲି ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତାର୍ କହିଥିଲେ। ତେବେ ନିକଟ ଅତୀତରେ ଆନ୍ଧ୍ରର ବାରମ୍ବାର ଓଡ଼ିଶା ସୀମା ଅତିକ୍ରମଣ ଏବଂ ବେଆଇନ ନିର୍ମାଣ କାର୍ଯ୍ୟ କରିବାର ମସୁଧା ଦୁଇରାଜ୍ୟ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିଛି। କୋରାପୁଟ ଜିଲ୍ଲା ପ୍ରଶାସନ ପରିସ୍ଥିତିର ଧୈର୍ଯ୍ୟପୂର୍ଣ୍ଣ ମୁକାବିଲା କରୁଥିବା ବେଳେ କୋଟିଆ ପ୍ରସଙ୍ଗକୁ ନେଇ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଗତ ଅଗଷ୍ଟରେ ସୁପ୍ରିମକୋର୍ଟର ଦୁଇଜଣିଆ ଖଣ୍ଡପୀଠ ମାମଲାର ଶୁଣାଣୀ କରି ରାଜନୈତିକ ସ୍ତରରେ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏପରିକି ଏଥିପାଇଁ ସୁପ୍ରିମକୋର୍ଟ ଦୁଇରାଜ୍ୟକୁ ୬ ସପ୍ତାହର ମହଲତ୍ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟ ରାଜନୈତିକ ସ୍ତରରେ ବିବାଦର ସମାଧାନ ପାଇଁ ପରାମର୍ଶ ଦେଇଥିବା ବେଳେ ଠିକ୍ ଏହି ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ. ଏସ ଜଗନମୋହନ ରେଡ୍ଡୀଙ୍କୁ ଚିଠି ଲେଖିବା ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି। ଧର୍ମେନ୍ଦ୍ର ଦୁଇରାଜ୍ୟ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ପାଇଁ ୪ ସୂତ୍ରୀ ପ୍ରସ୍ତାବ ଦେଇଥିବା ବେଳେ ଏହାକୁ ନେଇ ରାଜନୈତିକ ମହଲରେ ସରଗରମ୍ ଆଲୋଚନା ଆରମ୍ଭ ହୋଇଛି। ଧର୍ମେନ୍ଦ୍ରଙ୍କ ଜଗନଙ୍କୁ ଲେଖିଥିବା ଚିଠି ସ୍ୱାଗତଯୋଗ୍ୟ; କିନ୍ତୁ ସମସ୍ୟାର ସମାଧାନ ପାଇଁ ଏହା ଯଥେଷ୍ଟ ନୁହେଁ। କେନ୍ଦ୍ରମନ୍ତ୍ରୀ ଉକ୍ତ

● ଗୃହମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ ଧର୍ମେନ୍ଦ୍ର

ପ୍ରସଙ୍ଗକୁ ପ୍ରସଙ୍ଗକୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିକଟକୁ ନିଅନ୍ତୁ। କାରଣ କେନ୍ଦ୍ର ସରକାର ଦୁଇରାଜ୍ୟ ମଧ୍ୟରେ ଉପୁଯିଥିବା ବିବୌଦର ସମାଧାନ ପାଇଁ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। ଏପରିସ୍ଥଳରେ ଘଟଣାରେ କେନ୍ଦ୍ର ଗୃହମନ୍ତ୍ରାଳୟ ଯଦି ମଧ୍ୟସ୍ଥତା କରି ଆପୋଷ ବୁଝାମଣା ପାଇଁ ଆଗଭର ହେବ ତାହେଲେ ମାମଲାର ସହଜରେ ସମାଧାନ ହେବାର ସମ୍ଭାବନା ରହିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ମୌସୁମୀ ଅଧିବେଶନରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଆନ୍ତଃରାଜ୍ୟ ସୀମା ବିବାଦକୁ ନେଇ ଲୋକସଭାରେ ଏକ ଉତ୍ତର ରଖିଥିଲେ। ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଦେଶରେ ରାଜ୍ୟ ରାଜ୍ୟ ମଧ୍ୟରେ ସୀମା ବିବାଦ ସମ୍ପର୍କିତ ମୋଟ ୭ଟି ବିବାଦ ରହିଛି। ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ଆବଶ୍ୟକୀୟ ପଦକ୍ଷେପ ନେଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ମାତ୍ର ମନ୍ତ୍ରୀ ପ୍ରଦତ୍ତ ତାଲିକାରେ ଓଡ଼ିଶା ସହ ପଡ଼ୋଶୀଙ୍କ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ କିଛି ଉଲ୍ଲେଖ ନଥିଲା। ଦୀର୍ଘଦିନ ହେବ ଶାନ୍ତିପ୍ରିୟ ରାଜ୍ୟ ଓଡ଼ିଶା ପଡ଼ୋଶୀ ଆନ୍ଧ୍ର, ପଶ୍ଚିମବଙ୍ଗ ଓ ଛତିଶଗଡ଼ ସହ ସୀମା ବିବାଦକୁ ନେଇ ସନ୍ତୁଳି ହେଉଛି। ଏହାର ନିରାକରଣ କରିବା ପରିବର୍ତ୍ତେ କେନ୍ଦ୍ର ସରକାର ତାଙ୍କ ନିକଟରେ ଏନେଇ ତଥ୍ୟ ଉପଲବ୍ଧ ନଥିବା କଥା କହିବାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଅନ୍ୟ ୭ଟି ବିବାଦର ସମାଧାନ ପାଇଁ ଯଦି କେନ୍ଦ୍ର ଗୃହ ମନ୍ତ୍ରାଳୟ ନିଜଆଡୁ ପଦକ୍ଷେପ ନେଇପାରୁଛି ତାହେଲେ ଓଡ଼ିଶାର କ୍ଷେତ୍ରରେ କେନ୍ଦ୍ର କାହିଁକି ପଛଘୁଞ୍ଚା ଦେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ତେଣୁ ଧର୍ମେନ୍ଦ୍ର ଯଦି ପ୍ରକୃତରେ ବିବାଦର ସମାଧାନ ପାଇଁ ଉତ୍ସୁକ ଅଛନ୍ତି ତେବେ ଏହି ପ୍ରସଙ୍ଗକୁ ନିଜ ଆଡୁ କେନ୍ଦ୍ର ଗୃହ ମନ୍ତ୍ରାଳୟ ନିକଟରେ ଉପସ୍ଥାପିତ କରନ୍ତୁ। କେନ୍ଦ୍ର ଗୃହମନ୍ତ୍ରୀ ଘଟଣାରେ ଦୁଇରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଡାକି ଆଲୋଚନା କରି ଯଦି ଆପୋସ ବୁଝାମଣା କରନ୍ତି ତାହେଲେ ସମାଧାନର ରାସ୍ତା ବାହାରିପାରିବାର ସମ୍ଭାବନା ରହିଛି। ଓଡ଼ିଶା ସରକାର ଏବଂ କୋରାପୁଟ ଜିଲ୍ଲା ପ୍ରଶାସନ ନିଜ ନିଜ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଧର୍ମେନ୍ଦ୍ର ଠିକଣା ସମୟରେ ଚିଠି ଲେଖି ଦ୍ୱିପାକ୍ଷିକ ଆଲୋଚନା ଓ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ବ୍ୟକ୍ତିଗତ ସ୍ତରରେ କେନ୍ଦ୍ର ସରକାରଙ୍କ ତରଫରୁ ସମର୍ଥନ ଦେବା ନେଇ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଧର୍ମେନ୍ଦ୍ର ନିଜଆଡୁ ଏହା କରିପାରନ୍ତି ତାହା ଅଧିକ ଫଳପ୍ରଦ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

## ଧର୍ମେନ୍ଦ୍ରଙ୍କ ୪ ସୂତ୍ରୀ ପ୍ରସ୍ତାବ

ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଚିଠି ଲେଖି ବିବାଦର ସମାଧାନ ପାଇଁ ୪ ସୂତ୍ରୀ ପ୍ରସ୍ତାବ ଉପରେ ଜୋର୍ ଦେଇଛନ୍ତି। ପ୍ରଥମତଃ ବିବାଦୀୟ ଗ୍ରାମ ଗୁଡ଼ିକରୁ ସଶସ୍ତ୍ର ସୁରକ୍ଷା ବଳକୁ ଅପସାରଣ କରାଯାଉ ଏବଂ ସ୍ଥାନୀୟ ଜନପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ପ୍ରତ୍ୟାହାର କରାଯାଉ। ଦ୍ୱିତୀୟତଃ ଗ୍ରାମାଞ୍ଚଳର ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମୌଳିକ ସୁବିଧାକୁ ବାଦ୍ ଦେଇ ନୂତନ ଢାଞ୍ଚାଗତ ନିର୍ମାଣକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉ। ତୃତୀୟ ପ୍ରସ୍ତାବ ସ୍ୱରୂପ ଏହି ବିବାଦରେ ଆଗାମୀ ଦିନର ରୋଡମ୍ୟାପ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଚତୁର୍ଥତଃ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଜଏଣ୍ଟ ଓ୍ୱାର୍କିଂ କମିଟି ବା ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରାଯାଉ ବୋଲି ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି।

# ଅକ୍ଟୋବର ୩୧ ସୁଦ୍ଧା କାର୍ଯ୍ୟକ୍ଷମ ହେବ କର୍କଟ କେନ୍ଦ୍ର ଲିନାକ୍ କୋଠା

କଟକ,୨୨।୯ (ସମିସ)

କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା କେନ୍ଦ୍ରରେ ପେଟ୍ ସିଟି ସ୍କାନ ସୁବିଧା ନଥିବା ନେଇ ଦାୟର ମାମଲାରେ କର୍କଟ କେନ୍ଦ୍ର ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ମୈତ୍ରୀ ସଂସଦ ପକ୍ଷରୁ କର୍କଟ କେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ଏକ ଲେଟର ପିଟିସନ ଦାୟର କରାଯାଇଥିଲା। ଏଥିରେ ଜବାବ କରାଯିବ ବୋଲି ଜଣାପଡ଼ିଛି। ବର୍ତ୍ତମାନ ଦ୍ୱିତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ମହଲାର ଆଭ୍ୟନ୍ତରୀଣ ଡିଜାଇନ କାମ ଚାଲୁ ରହିଛି। ପ୍ରଥମ ମହଲାକୁ ବାଦ୍ ଦେଲେ ବାକି ସବୁ ମହଲାରେ କାମ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ବିଭିନ୍ନ ବିଭାଗରେ ସହକାରୀ ପ୍ରଫେସର ନିଯୁକ୍ତି ପାଇଁ ସାକ୍ଷାତକାର ଶେଷ ହୋଇଛି, ଖୁବଶୀଘ୍ର ନିଯୁକ୍ତି ପ୍ରଦାନ କରାଯିବ ବୋଲି କୁହାଯାଇଛି। ପ୍ରକାଶଯେ କର୍କଟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା

- **ପ୍ରଥମ ମହଲାରେ ମିଳିବ ପେଟ୍ ସିଟି ସ୍କାନ ସୁବିଧା**
- **ହାଇକୋର୍ଟରେ ସତ୍ୟପାଠ ଦାଖଲ**

ଦାଖଲ ପାଇଁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ, କର୍କଟ କେନ୍ଦ୍ର ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ସତ୍ୟପାଠରେ ଆସନ୍ତା ଅକ୍ଟୋବର ୩୧ ତାରିଖ ସୁଦ୍ଧା କର୍କଟ କେନ୍ଦ୍ରର ଲିନାକ ବିଲଡିଂ କାର୍ଯ୍ୟକ୍ଷମ ହେବା ପାଇଁ ଲକ୍ଷ୍ୟ ରଖାଯାଇଥିବା କୁହାଯାଇଛି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ନିୟମିତ ଏହାର ସମୀକ୍ଷା କରୁଥିବା କୁହାଯାଇଛି। ପିପିପି ମାଧ୍ୟମରେ ସିଟି ସ୍କାନ ଓ ଏମ୍ଆର୍ଆଇ ସୁବିଧା ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା ବେଳେ ଟିଲର ସ୍ଥାପନ ପ୍ରକ୍ରିୟା ଚାଲୁ ରହିଛି। ପେଟ ସିଟି ସ୍କାନ ସ୍ଥାପନ ପାଇଁ ଭେଣ୍ଡର ଚୂଡାନ୍ତ ହୋଇସାରିଛି। ଏଇଆରବି ଗାଇଡଲାଇନ ଅନୁସାରେ ସପ୍ତାହକୁ ୧୨୦ଟି ସ୍କାନ ପାଇଁ ଏହାର ଡ୍ରଙ୍ଗ ଅନୁମୋଦିତ ହୋଇଛି। ଲିନାକ ବିଲଡିଂର ପ୍ରଥମ ମହଲାରେ ଏହା କାର୍ଯ୍ୟକ୍ଷମ କଟକ ମର୍କତନଗର ନିବାସୀ ଅନିତା ବୁଦ୍ଧିଆଙ୍କ ପକ୍ଷରୁ ମାମଲାର ବିଚାର ମୃତ୍ୟୁ ପୂର୍ବରୁ କରିବାକୁ ଉଚ୍ଚନ୍ୟାୟାଳୟଙ୍କୁ ନିବେଦନ କରାଯାଇଥିଲା ହେଲେ ତାଙ୍କ ମୃତ୍ୟୁ ଘଟିଥିଲା। ଓଡ଼ିଶା ହାଇକୋର୍ଟ ଏହି ମାମଲାର ଶୁଣାଣି କରି ସରକାର କେଉଁ ସବୁ ହସପିଟାଲରେ ଏହି ସୁବିଧା ଉପଲବ୍ଧ କରାଉଛନ୍ତି ସେ ନେଇ ଜବାବ ତଲବ କରିଥିଲେ। ଏହି ମାମଲାରେ ସ୍ୱାସ୍ଥ୍ୟବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଏକ ସତ୍ୟପାଠ ଦାଖଲ କରିଥିଲେ। ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ସମେତ ଭୁବନେଶ୍ୱର ଓ ଝାରସୁଗୁଡ଼ାରେ ପେଟ ସିଟି ସ୍କାନ ସୁବିଧା କରାଯିବା ପାଇଁ ପଦକ୍ଷେପ ନିଆଯାଉଥିବା ସତ୍ୟପାଠରେ ଦର୍ଶାଯାଇଥିଲା। ସେହିପରି ମୈତ୍ରୀ ସଂସଦ ପକ୍ଷରୁ ଆଉ ଏକ ମାମଲା ଦାୟର ହୋଇଥିଲା। ଉଭୟ ମାମଲାର ଏକତ୍ର ଶୁଣାଣି ହୋଇଆସୁଛି। ଆସନ୍ତା ନଭେମ୍ବର୧୧ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

## ଶିଶୁ ଭବନ, କର୍କଟ କେନ୍ଦ୍ର ପରିଦର୍ଶନ କଲେ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ

# ଡିସେମ୍ବର ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

**କଟକ,୨୨।୯ (ସମିସ):** ସହରକୁ ନୂତନ ରୂପରେଖ ଦେବା ଲାଗି ରାଜ୍ୟ ସରକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରଖିଛନ୍ତି। ଏସସିବି ମେଡିକାଲ ସମେତ ଅନ୍ୟ ସରକାରୀ ମେଡିକାଲର ଭିତ୍ତିଭୂମି ସଦୃଢ଼ କରିବା ପାଇଁ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ଏହାର ଅଗ୍ରଗତି ସଂକ୍ରାନ୍ତରେ ତଦାରଖ କରିଛନ୍ତି ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ତାରାପ୍ରସାଦ ମିଶ୍ର। ସହରରେ ଚାଲୁ ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ବୁଲି ଦେଖିବା ସହ ଚୁକ୍ତି ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପନ୍ନ ଲାଗି ବିଭାଗୀୟ ଯନ୍ତ୍ରୀଙ୍କ ସହ ଠିକା ସଂସ୍ଥାକୁ ପରାମର୍ଶ ଦେଇଥିଲେ। ରାଜ୍ୟର ସର୍ବପୁରାତନ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁ ରୋଗ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନ (ଶିଶୁଭବନ)ର ଉନ୍ନତୀକରଣ ଲାଗି



ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ୧୧୬ କୋଟି ଟଙ୍କାର ଅନୁଦାନ ବିନିଯୋଗରେ ୬ ମହଲା ବିଶିଷ୍ଟ କୋଠାର ନିର୍ମାଣ କାର୍ଯ୍ୟ କରାଯାଉଥିବା ବେଳେ ୧୩ କୋଟି ଟଙ୍କା ବ୍ୟୟରେ ୫ ମହଲା ବିଶିଷ୍ଟ ଷ୍ଟେଟ ଲିଗାଲ ସେଲ ଅଥରିଟି ବିଲ୍ଡିଂ ନିର୍ମାଣ ଓ ଆଚାର୍ଯ୍ୟ ହରିହର କର୍କଟ ସ୍ନାତକୋତ୍ତର ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନରେ ୨୬ କୋଟି ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ନିର୍ମାଣାଧୀନ ଲିନାକ କୋଠାର କାର୍ଯ୍ୟକୁ ବୁଲି ଦେଖିଥିଲେ। ତେବେ ଆସନ୍ତା ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ କାର୍ଯ୍ୟଗୁଡ଼ିକୁ ସମ୍ପନ୍ନ କରିବାକୁ କହିଥିଲେ। ମୁଖ୍ୟଯନ୍ତ୍ରୀ ଇଂ ମିଶ୍ର କଟକରେ ପହଞ୍ଚି ପ୍ରଥମେ ଷ୍ଟେଟ ଲିଗାଲ ସେଲ ଅଥରିଟି ଓ ପରେ ପରେ ଶିଶୁଭବନ ଏବଂ କ୍ୟାନସର ହସ୍ପିଟାଲ ପରିଦର୍ଶନ କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଫୁଲ୍ଲ ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ପ୍ରଭାଷ ମାଝି, ସହକାରୀ ନିର୍ବାହୀ ଯନ୍ତ୍ରୀ ଧୀରେନ୍ଦ୍ରନାଥ ଖୁଣ୍ଟିଆ, ସନ୍ତୋଷ ରଥ, ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଲକ୍ଷାଧିକ ଟଙ୍କା ଠକେଇ; ଅଭିଯୁକ୍ତ ଗିରଫ

**କଟକ,୨୨।୯ (ସମିସ):** ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଆଳରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୁକ୍ତକୁ ବାଦାମବାଡ଼ି ଥାନା ପୁଲିସ ଆଜି ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଭଦ୍ରକର ସୁଶାନ୍ତ ଧଳ। ସେ କଟକ ମଧୁପାଟଣା ଅଞ୍ଚଳରେ ଘରଭଡ଼ା ନେଇ ରହୁଥିଲା। ଗିରଫ ପରେ ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି ବୋଲି ବାଦାମବାଡ଼ି ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଲିଙ୍କରୋଡ ଅଞ୍ଚଳରେ ଅଭିଯୁକ୍ତ ସୁଶାନ୍ତ ଏକ ପ୍ଲେସମେଣ୍ଟ ସଂସ୍ଥା କରିଥିଲା। କିଛି ମାସ ତଳେ ସେ ବଡମ୍ବା ଯାଇ ସେଠାରେ ଏକ ଶିବିର ଆୟୋଜନ କରି ନିଜର ସଂସ୍ଥା ବିଷୟରେ ଲୋକଙ୍କୁ ବୁଝାଇଥିଲା। ସଂସ୍ଥାର ସଦସ୍ୟ ହେଲେ ମହିଳାଙ୍କୁ ସ୍ୱାସ୍ଥ୍ୟବୀମା ମିଳିବା ସହ ପ୍ରଶିକ୍ଷଣ ନେଇ ନେଇ ଚାକିରି ମଧ୍ୟ କରିପାରିବେ ବୋଲି କହିଥିଲା। ମହିଳାମାନେ ୧ ଲକ୍ଷ ପର୍ଯ୍ୟନ୍ତ ଋଣ ନେଇ ଘରେ ରହି ଧୂପକାଠି ତିଆରି କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ପ୍ରଲୋଭନ ଦେଖାଇଥିଲା। ଏଭଳି ବିଷୟ ଜାଣିବା ପରେ ମହିଳାମାନେ ଏହି ସଂସ୍ଥା ପ୍ରତି ଆକୃଷ୍ଟ ହୋଇଥିଲେ। ପ୍ରାୟ ୪୬ ଜଣ ମହିଳା ୫ରୁ ୬ ହଜାର କରି ଟଙ୍କା ଦେଇ ସଂସ୍ଥାର ସଦସ୍ୟ ମଧ୍ୟ ହୋଇଥିଲେ। ଟଙ୍କା ପାଇବା ପରେ ଅଭିଯୁକ୍ତ ସୁଶାନ୍ତ ଆଉ ଧରାଛୁଆଁ ଦେଉ ନଥିଲା। ଗତ ମଙ୍ଗଳବାର ମହିଳାମାନେ ଲିଙ୍କରୋଡ ସ୍ଥିତ ସୁଶାନ୍ତର ପ୍ଲେସମେଣ୍ଟ ସଂସ୍ଥାକୁ ଯାଇଥିଲେ। ଏହାପରେ ବାଦାମବାଡ଼ି ଥାନାରେ ଏକ ଏତଲା ଦେଇଥିଲେ।

## ବେଆଇନ ଗାଡ଼ି ପାର୍କିଂ ଉଚ୍ଛେଦ ପାଇଁ ଡିସିପିଙ୍କୁ ସ୍ମାରକପତ୍ର

**କଟକ,୨୨।୯ (ସମିସ):** ସିଏମସି ଅଞ୍ଚଳରେ ବିଭିନ୍ନ ସାହିବସ୍ତିରେ ବେଆଇନ ଗାଡ଼ି ପାର୍କିଂ କରାଯାଉଥିବାରୁ ଯାତାଯାତରେ ଜନସାଧାରଣ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଗତ ୨୦୧୮-୧୯ରେ ଖୋଦ ଡିସିପି ସହରର ମୁଖ୍ୟ ରାସ୍ତାଗୁଡ଼ିକରେ ଏହି ବେଆଇନ ପାର୍କିଂକୁ ନିଷିଦ୍ଧ କରିଥିବାବେଳେ ଗାଡ଼ି ମାଲିକମାନେ ମନଇଚ୍ଛା ନିଜ ଘର ସମ୍ମୁଖରେ ଗାଡ଼ିଗୁଡ଼ିକୁ ରଖୁଛନ୍ତି। ଫଳରେ ଅନ୍ୟ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏପରିକି ଜରୁରିକାଳୀନ ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ସଂସ୍ଥାର ଗାଡ଼ି ମଧ୍ୟ ଯାଇପାରୁନାହିଁ। ସିଏମସି ଅନ୍ତର୍ଗତ ୫୮ ନମ୍ବର ୱାର୍ଡର ବରିଷ୍ଠ ନାଗରିକ ସଭାପତି ତଥା ସମାଜସେବୀ ସୁଧାକର ଦାସ ଏହାର ପ୍ରତିକାର ଲାଗି ଡିସିପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

**ରେଭେନ୍ସା ପାଳିବ ଏନ୍ଏସ୍ଏସ୍ ଦିବସ**

## ଛାତ୍ରଛାତ୍ରୀଙ୍କ ମଧ୍ୟ ୨ ଦିନ ଧରି ହେବ ବିଭିନ୍ନ ପ୍ରତିଯୋଗିତା

**କଟକ,୨୨।୯ (ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ସ୍କିମ(ଏନଏସଏସ) ବ୍ୟୁରୋ ପକ୍ଷରୁ ଚଳିତଥର ଏନଏସଏସ ଡେ ପାଳନ କରାଯିବ। ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୨୪ ଏବଂ ୨୫ ତାରିଖ ଦୁଇଦିନ ଧରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ପ୍ରତିଯୋଗିତା ପାଇଁ ୧୧ଜଣ ପ୍ରୋଗ୍ରାମ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ସେପ୍ଟେମ୍ବର ୨୪ ତାରିଖରେ ଷ୍ଟ୍ରିଟ ପ୍ଲେ ପ୍ରତିଯୋଗିତାର ଆୟୋଜନ କରାଯାଇଥିବାବେଳେ ୨୫ ତାରିଖରେ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ସେହିଦିନ ମଧ୍ୟ ଗୀତ ଏବଂ ରଙ୍ଗୋଲି ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

## କ୍ୟାରମ୍ ପ୍ରତିଯୋଗିତା ଉଦ୍ଯାପିତ

**କଟକ,୨୨।୯ (ସମିସ):** ବିଘ୍ନେଶ୍ୱର କ୍ଲବ ପକ୍ଷରୁ ତଳ ତେଲେଙ୍ଗା ବଜାରଠାରେ ୯ମ ବାର୍ଷିକ କ୍ୟାରମ ପ୍ରତିଯୋଗିତା ଉଦ୍ଯାପିତ ହୋଇଯାଇଛି। କଟକର ବାରବାଟୀ ଟିମ ଚାମ୍ପିଅନ ହୋଇଥିବାବେଳେ ଜଗତପୁର ପୀର ବଜାରର ତ୍ରିରଙ୍ଗା ଦଳ ରନର୍ସ ଅପ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ାବିତ ରବୀନ୍ଦ୍ରନାଥ ବେହେରା ସଭାପତିତ୍ୱ କରିଥିବାବେଳେ ଉଦଘାଟକ ଭାବେ ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀ ଓ ଭଗୀରଥ ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଯୁବ କଂଗ୍ରେସ ସଭାପତି ମହମ୍ମଦ ଅଲିମ ଏବଂ ବିଜେଡିର ୱାର୍ଡ ସଭାପତି ଜନସନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବର ସମ୍ପାଦକ ଅକ୍ଷୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ଚାରଣଗୋଷ୍ଠୀ ପକ୍ଷରୁ ଜିଲ୍ଲାସ୍ତରୀୟ ବୈଠକ



**କଟକ,୨୨।୯ (ସମିସ):** ଅନ୍ତର୍ଜାତୀୟ ଚାରଣଗୋଷ୍ଠୀର ଜିଲ୍ଲାସ୍ତରୀୟ ବୈଠକ ସ୍ଥାନୀୟ ପିଠାପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ ସଭା କାର୍ଯ୍ୟ ପରିଚାଳନା କରିବା ସହ ଜିଲ୍ଲାସ୍ତରରେ ଥିବା ନିଷ୍କ୍ରିୟ ଚାରଣ ଶାଖାର ପୁନରୁଦ୍ଧାର ଏବଂ ନୂତନ ଶାଖା ଗଠନ ଦିଗରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ପରିବାରକୁ ବିଷ୍ଣୁ ସହସ୍ର ନାମ ପଠନ କରି ସମାଜକୁ ଏକ ସୁସ୍ଥ ମାନସିକତା ଆଣିବା ଉପରେ ସମ୍ପାଦକ ଗୋବିନ୍ଦ ବେହେରା କହିଥିଲେ। ଚାରଣ ଡ. ସରୋଜ ଜେନା ଘରେ ଘରେ ତୁଳସୀ ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରୀୟ କର୍ମକର୍ତ୍ତା କୃଷ୍ଣଚନ୍ଦ୍ର କାମଳା ଯୋଗଦେଇ ସଙ୍ଗଠନ ମାଧ୍ୟମରେ ଜଗନ୍ନାଥ ଚେତନାର ପ୍ରଚାରକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କଟକ ଜିଲ୍ଲା ସଙ୍ଗଠକ ଲିଙ୍ଗରାଜ ପତି, ମିହିର ମିଶ୍ର, ସରୋଜ ମଲ୍ଲ, ଆଇନଜୀବୀ ବାମଦେବ ବରାଳ, ନାରାୟଣ ବରାଳ, କୁଳମଣି ସାମଲ, ପ୍ରକାଶ ପାଣି, ତରଣୀସେନ ଲେଙ୍କା, ମୋହନ ସ୍ୱାଇଁ, ମାନସ ସିଂହ, ହରେକୃଷ୍ଣ ସ୍ୱାଇଁ ଓ ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ଭାଗବତ ଗୋସେଇଁଙ୍କ ମେଳଣ



**କଟକ, ୨୨।୯ (ସମିସ):** ଶ୍ରୀମଦ୍ ଭାଗବତ ପୁନରୁଦ୍ଧାର ସମିତି ପଶ୍ଚିମ କଟକ ପକ୍ଷରୁ ଚାନ୍ଦିନୀଚୌକ ପଡ଼ିଆ ଠାରେ ଭାଗବତ ଗୋସେଇଁଙ୍କ ମେଳଣ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣରେ ଗଙ୍ଗାମନ୍ଦିର ଠାରୁ ବିଡ଼ାନାସୀ ପର୍ଯ୍ୟନ୍ତ ୧୪ଗୋଟି ଗାଦିରୁ ଭାଗବତ ଗୋସେଇଁଙ୍କୁ ସୁସଜ୍ଜିତ ବିମାନରେ ଏକ ଶୋଭାଯାତ୍ରାରେ ଚାନ୍ଦିନୀଚୌକସ୍ଥିତ ମେଳଣ ପଡ଼ିଆକୁ ଅଣାଯାଇଥିଲା। ମେଳଣ ପଡ଼ିଆରେ ସମିତି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସଂସ୍କୃତି ତଥା ଭାଗବତ ପ୍ରବଚକ ଆଚାର୍ଯ୍ୟ ଅରୁଣ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଚାରଣଗୋଷ୍ଠୀ କଟକ ମଣ୍ଡଳ ଲିଙ୍ଗରାଜ ପତି, ୨୫ଦିଗଭାଗ ସଂକୀର୍ତ୍ତନମଣ୍ଡଳୀର ସର୍ବାଧିକାରୀ ଚୌଧୁରୀ କାଶୀନାଥ ମଲ୍ଲିକ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମିତିର ସଭାପତି ପ୍ରତାପ କିଶୋର ସିଂହ,ଉପସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଚିରଞ୍ଜିବି ବେହେରା, ସାଧାରଣ ସମ୍ପାଦକ ଶିବଶଙ୍କର ଦାସ, ରବୀନ୍ଦ୍ର ମହାରଣା, ବଜେନ୍ଦ୍ର ବିଶ୍ୱାଳ, କବିରଞ୍ଜନ ମହାନ୍ତି, ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବାଲୁବଜାର ଭାଗବତ ଗୋସେଇଁ, ଗଙ୍ଗାମନ୍ଦିର ଭାଗବତ ଗୋସେଇଁ, କାଜିବଜାର ଭାଗବତ ଗୋସେଇଁ, ଖଟବିନ ସାହି ଭାଗବତ ଗୋସେଇଁ, ଶେଖବଜାର ଭାଗବତ ଗୋସେଇଁ, ଚୌତନ୍ୟମଠ ଭାଗବତ ଗାଦି, ହସିନାବାଦ ଭାଗବତ ଗାଦି, ରାଧାମାଧବ ଭାଗବତ ଗୋସେଇଁ,ଦୁବେଶ୍ୱର ଭାଗବତ ଟୁଙ୍ଗି, ଚାନ୍ଦିନୀଚୌକ ଭାଗବତ ଗାଦି, ଦେଉଳସାହି ଭାଗବତ ଗାଦି ,କୁମ୍ଭାରସାହି ଭାଗବତ ଗୋସେଇଁ, ବିଡ଼ାନାସୀ ଭାଗବତ ଗାଦି, ମହିଦାସ ବଜାର ଭାଗବତ ଗୋସେଇଁ ପ୍ରମୁଖ ମେଳଣକୁ ଆସିଥିଲେ ବୋଲି ସୂଚନା ମିଳିଛି।

## ଏକ୍ମୋ ଚିକିତ୍ସାଧୀନ ଅନ୍ନପୂର୍ଣ୍ଣାଙ୍କ ପରଲୋକ

**କଟକ,୨୨।୯ (ସମିସ):** ଏସ୍‌ସିବି ମେଡିକାଲର ଏକ୍ମୋ ୟୁନିଟରେ ଚିକିତ୍ସିତ ହେଉଥିବା ନିଶ୍ଚିନ୍ତକୋଇଲି ଅଞ୍ଚଳର ଅନ୍ନପୂର୍ଣ୍ଣା ନାୟକଙ୍କ ପରଲୋକ ଘଟିଛି। ଅନ୍ନପୂର୍ଣ୍ଣାଙ୍କ ମୃତ୍ୟୁ ସହ ଫାଙ୍କା ହୋଇଯାଇଛି ଏକମୋ ୟୁନିଟ। ଅନ୍ୟ କୌଣସି ରୋଗୀ ଭର୍ତ୍ତି ହୋଇ ନଥିବା ଜଣାପଡ଼ିଛି। ତେବେ ବର୍ତ୍ତମାନ ସୁଦ୍ଧା ଏସ୍‌ସିବି ଏକମୋ ୟୁନିଟରେ ୪ଜଣ ଗୁରୁତର ରୋଗୀଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ସମସ୍ତଙ୍କ ମୃତ୍ୟୁ ହୋଇ ସାରିଲାଣି। ଗତ ମାସ ୨୮ ତାରିଖରେ ପ୍ରଥମ ରୋଗୀ ଭାବେ ଏକମୋ ୟୁନିଟରେ ଭର୍ତ୍ତି ହୋଇଥିଲେ ଅନ୍ନପୂର୍ଣ୍ଣା। ସେ ଏସ୍‌ସିବି କୋଭିଡ୍ ୱାର୍ଡ ୟୁନିଟ-୨ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ତାଙ୍କ ଫୁସ୍‌ଫୁସରେ ସଂକ୍ରମଣ ରହିଥିଲା। ଏକମୋ ଚିକିତ୍ସା ଜରୁରୀ ବୋଲି ଡାକ୍ତରୀ ଦଳ ସ୍ପଷ୍ଟ କରିବା ପରେ ତାଙ୍କୁ ଏକମୋ ୟୁନିଟରେ ରଖାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅନ୍ନପୂର୍ଣ୍ଣା ପ୍ରାଣ ହରାଇଛନ୍ତି। ତେବେ ଏହା ପୂର୍ବରୁ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଅନ୍ତର୍ଗତ ବେଲତଳ ଗ୍ରାମର ଜଗନ୍ନାଥ ପ୍ରଧାନ ୟୁନିଟର ପ୍ରଥମ ରୋଗୀ ଭାବେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏହାପରେ ବଲାଙ୍ଗୀରର ଜ୍ୟୋତିର୍ମୟ ପଣ୍ଡାଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା। କିଛି ଦିନ ତଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଡେପୁଟି ସେକ୍ରେଟାରୀ ଦିଲ୍ଲୀପ କୁମାର ଅଗ୍ରୱାଲଙ୍କ ମଧ୍ୟ ଏକମୋ ଚିକିତ୍ସା ଚାଲିଥିବା ବେଳେ ମୃତ୍ୟୁ ହୋଇଥିଲା।

## ସୁମିତ୍ରା ଚୌଧୁରୀଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ

**କଟକ,୨୨।୯ (ସମିସ):** ଛାତ୍ର ଜୀବନରେ ବ୍ରିଟିଶ ବିରୋଧୀ ସଂଗ୍ରାମ ଓ ପରବର୍ତ୍ତୀ କାଳରେ ଭୂଦାନ ଗ୍ରାମଦାନ ଆନ୍ଦୋଳନ ତଥା ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ଜଣେ ସକ୍ରିୟ କର୍ମୀର ଭୂମିକାରେ ରହିଥିଲେ ସୁମିତ୍ରା ଚୌଧୁରୀ। ନିର୍ମାଣ ଲକ୍ଷ୍ୟରେ ସୁମିତ୍ରା ଦେବୀ କସ୍ତୁରବା ଟ୍ରଷ୍ଟି ମାଧ୍ୟମରେ ଓଡ଼ିଶାର କୋଣ ଅନୁକୋଣରେ ଶହ ଶହ ସେଣ୍ଟର ମାନ ଖୋଲି ମହିଳା ଓ ଶିଶୁଙ୍କ ସେବାରେ ସେ ନିଜ ଜୀବନକୁ ସମର୍ପି ଦେଇଥିଲେ। ସେହିଭଳି ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ ଭାବେ ସେ ଗାନ୍ଧୀ ବିଚାରର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସେ ଉଲ୍ଲେଖନୀୟ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା। ସୁମିତ୍ରା ଚୌଧୁରୀଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ବାଖରାବାଦସ୍ଥିତ ଚୌଧୁରୀ ନିବାସ ପରିସରରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଭଗବାନ ନାଥ,



ମହାତ୍ମା ଗାନ୍ଧୀଙ୍କ ସେବାଗ୍ରାମ ଆଶ୍ରମରେ ଶିକ୍ଷାଲାଭ କରିବା ସମୟରେ ବଙ୍ଗକନ୍ୟା ସୁମିତ୍ରାଙ୍କ ବିବାହ ହୋଇଥିଲା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମନମୋହନ ଚୌଧୁରୀଙ୍କ ସହ। ଆଚାର୍ଯ୍ୟ ହରିହର, ନିଜ ନଣନ୍ଦ ଅନ୍ନପୂର୍ଣ୍ଣା ମହାରଣା, ଶରତଚନ୍ଦ୍ର ମହାରଣା ଆଦିଙ୍କ ସଂସ୍ପର୍ଶରେ ଆସି ସେ ସମ୍ପୂର୍ଣ୍ଣ ଓଡ଼ିଆଣୀ ପାଲଟି ଯାଇଥିଲେ। ଜୀବନବ୍ୟାପୀ ନବଉତ୍କଳର କାଙ୍ଗାଳି ଚରଣ ପରିଡ଼ା, ଡ. କର୍ମଦେବ ମହାରଣା, ଡ. ବିଶ୍ୱଜିତ, ଶୁଭ୍ରାନାଥ, ଦେବଯାନୀ ବେଉରିଆ, ସେବତୀ ପରିଡ଼ା, ରଶ୍ମିରଞ୍ଜନ, ସୁଜାତା ପରିଡ଼ା, ଦିବ୍ୟଜ୍ୟୋତି ବେଉରିଆ, ଉର୍ମିଳା ସାହୁ, ଅନିମା ରାୟ, ଦିବ୍ୟଶ୍ରୀ, ମୈତ୍ରୟ ପ୍ରମୁଖ ଉପସ୍ଥିତ ରହି ଉପରୋକ୍ତ ମତ ଦେଇଥିଲେ। ଡ. ସ୍ୱପ୍ନା ମହାପାତ୍ର ଭଜନ ପରିବେଷଣ କରିଥିଲେ।

# ଏନ୍ଏଲୟୁକୁ ଖର୍ଚ୍ଚ ହିସାବ ମାଗିଲା ଉଚ୍ଚଶିକ୍ଷା ବିଭାଗ

କଟକ,୨୨।୯ (ସମିସ)

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ(ଏନଏଲୟୁ)କୁ ବାର୍ଷିକ ଆୟବ୍ୟୟର ତଥ୍ୟ ମାଗିଛି ଉଚ୍ଚ ଶିକ୍ଷା ବିଭାଗ। ତୁରନ୍ତ ଅଡିଟ ରିପୋର୍ଟ ସହ ବାର୍ଷିକ ରିପୋର୍ଟ ଦାଖଲ କରିବାକୁ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏନଏଲୟୁର କୁଳସଚିବ ପ୍ରଫେସର ଡ. ଯୋଗେଶ ପ୍ରତାପ ସିଂହଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଏନଏଲୟୁର ଉନ୍ନୟନ କାର୍ଯ୍ୟ ପାଇଁ ଯୋଗାଇ ଦିଆଯାଉଛି। ହେଲେ ଏହାର ଉପଯୋଗୀକରଣ ପ୍ରମାଣପତ୍ର କାହିଁକି ଦିଆଯାଉନି ବୋଲି ପ୍ରମୁଖ ସଚିବ ପ୍ରଶ୍ନ କରିଛନ୍ତି। ତୁରନ୍ତ ସମସ୍ତ ତଥ୍ୟ ଉଚ୍ଚଶିକ୍ଷା ବିଭାଗ ନିକଟରେ ଦାଖଲ କରିବାକୁ ଚିଠି ମାଧ୍ୟମରେ କୁହାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ପାଇଁ ପ୍ରାୟ ୪୯ ଏକର ଜମି ପ୍ରଦାନ କରାଯାଇଛି।




ଏଥିସହ ୨୦୦୯-୧୦ ଆର୍ଥିକ ବର୍ଷ ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ ଭିତ୍ତିଭୂମିର ବିକାଶ ପାଇଁ ପ୍ରାୟ ୨୧୮ କୋଟି ଟଙ୍କା ଦିଆଯାଇଛି। ହେଲେ ଏହି ଅର୍ଥ କେଉଁ ବାବଦରେ କେତେ ଖର୍ଚ୍ଚ କରାଯାଇଛି ତାହାର ହିସାବ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଚ୍ଚ ଶିକ୍ଷା ବିଭାଗକୁ ପ୍ରଦାନ କରାଯାଉନାହିଁ। ଏନେଇ ଗତ ୨୦୧୯ ମସିହା ଡିସେମ୍ବର ୨୭ ତାରିଖରେ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ଚିଠି କରାଯାଇଥିଲା। ଏଥିରେ ବାର୍ଷିକ ଆୟବ୍ୟୟର ଏକ ରିପୋର୍ଟ ଭାଗକୁ ଦେବାକୁ କୁହାଯାଇଥିଲା। ମାତ୍ର ବିଶ୍ୱବିଦ୍ୟାଳୟପକ୍ଷରୁ ଆଜି ପର୍ଯ୍ୟନ୍ତ ଏହି ରିପୋର୍ଟ ଦିଆଯାଇନାହିଁ। ପୁଣିଥରେ ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ଚିଠି କରାଯାଇ ତୁରନ୍ତ ଆୟବ୍ୟୟ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

# ୯୦ ପ୍ରତିଶତ କାର୍ଯ୍ୟ ଶେଷ
# ତଥାପି ଜାଇକା ଯନ୍ତ୍ରଣା



## ୧୬୧୭ କୋଟି ଖର୍ଚ୍ଚ ହୋଇଛି
## ଅବଶିଷ୍ଟ କାର୍ଯ୍ୟର ବଜେଟ୍ ୬୭୦ କୋଟି

କଟକ,୨୨।୯(ସମିସ)

କଟକରେ ଜଳ ନିଷ୍କାସନର ଅତ୍ୟାଧୁନିକ ସ୍ୱେରେଜ ବ୍ୟବସ୍ଥା କରୁଛି ଜାପାନ ଇଣ୍ଟରନ୍ୟାସନାଲ କୋଅପରେସନ ଏଜେନ୍ସି(ଜାଇକା)। ୨୦୧୩ ମସିହାରୁ କାମ ଆରମ୍ଭ ହୋଇଛି। ହେଲେ ଜାଇକା କାର୍ଯ୍ୟ ଯୋଗୁଁ ଏକାଧିକ ସମସ୍ୟା ୯୦ ପ୍ରତିଶତ କାମ ଶେଷ ହେଲାଣି। ଏବେ ସୁଦ୍ଧା ୧୬୧୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସହରର ମୁଖ୍ୟ ନାଳ-୧ ଉପରେ ହେବାକୁ ଥିବା ବକ୍ସ ଡ୍ରେନ କାମକୁ ମିଶାଇ ଅବଶିଷ୍ଟ କାର୍ଯ୍ୟ ନିମନ୍ତେ ଆଉ ପ୍ରାୟ ୬୭୦ କୋଟି ଟଙ୍କା ଖର୍ଚ୍ଚ ହେବ। ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମଧ କିଛି ଦିନ ପୂର୍ବରୁ ବିଧାନସଭା ଅଧିବେଶନରେ ଏହି ରିପୋର୍ଟ କାମ ଯୋଗୁଁ ରାସ୍ତା ଘାଟରେ ହୋଇଥିବା ଖାଲରେ ପଡ଼ି ଅନେକ ବ୍ୟକ୍ତି ଖଣ୍ଡିଆ, ଖାବରା ହୋଇଛନ୍ତି। ଅତୀତରେ ଜାଇକାର ନିମ୍ନମାନର ଓ ବେପରୁଆ କାର୍ଯ୍ୟ ଯୋଗୁଁ ଅନେକ ମୃତାହତ ହୋଇଛନ୍ତି। ଏଣୁ ଜାଇକା କାର୍ଯ୍ୟ କଟକବାସୀଙ୍କୁ ସବୁବେଳେ ଯନ୍ତ୍ରଣା ଦେଉଛି ବୋଲି କୁହାଯାଉଛି। ହେଲେ ଆଉ ଅଧିକ ଦିନ ନୁହେଁ ୨୦୨୩ ମସିହା ଜାନୁୟାରୀ

### ବକ୍ସ ଡ୍ରେନ ନିର୍ମାଣ ସରିବ କେବେ?

ଦୀର୍ଘବର୍ଷ ଧରି କଟକ ସହରରେ ଦେଖାଦେଉଥିବା ଜଳବନ୍ଦି ସମସ୍ୟା ଦୂର ହେବ। ପଟାପୋଲ ଠାରୁ ମାତୃଭବନ ପର୍ଯ୍ୟନ୍ତ ଲମ୍ବିଥିବା ମୁଖ୍ୟ ନାଳ-୧କୁ ବକ୍ସ ଡ୍ରେନରେ ପରିଣତ କରାଯିବ। କେବଳ ଜଳବନ୍ଦି ବକ୍ସ ଡ୍ରେନ ଓ ଏହା ଉପରେ ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୩ ମସିହା ଜାନୁୟାରୀ ୧୫ ତାରିଖ ସୁଦ୍ଧା ଶେଷ ହେବ ବୋଲି ବିଧାନସଭା ଅଧିବେଶନରେ କହିଥିଲେ ମନ୍ତ୍ରୀ ଜେନା।

ବର୍ଷା ଦିନେ ସହରବାସୀଙ୍କ ପାଇଁ ମୁଖ୍ୟ ସମସ୍ୟା ହୋଇଥାଏ ଜଳବନ୍ଦି। ଅସରାଏ ବର୍ଷାରେ କଟକ ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହୁଏ। ଦୀର୍ଘବର୍ଷ ଧରି ଅନୁମୋଦନ ପାଇଥିବା ନୂତନ ପ୍ରକଳ୍ପ ଦ୍ୱାରା ମୋଟ୍ ୩.୪ କିଲୋମିଟର ବକ୍ସ ଡ୍ରେନ ହେବ। ପଟାପୋଲ ଠାରୁ ମାତୃଭବନ ପର୍ଯ୍ୟନ୍ତ ରହିଥିବା ମୁଖ୍ୟ ନାଳ-୧ ଉପରେ ଏହା କାର୍ଯ୍ୟକାରୀ କରାଯିବ। ପ୍ରକଳ୍ପକୁ ୨ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ପଟାପୋଲ ଠାରୁ ବଜ୍ରକବାଟୀ ପର୍ଯ୍ୟନ୍ତ ଗୋଟିଏ ପର୍ଯ୍ୟାୟରେ କାର୍ଯ୍ୟ କରାଯିବ। ଏହାର ଦୂରତା ୧୮୫୦ ମିଟର ହୋଇଥିବା





ହେଉଥିବା ଅଭିଯୋଗ ଉଠୁଛି। କାମରେ ବିଳମ୍ବ, ରାସ୍ତାଘାଟ ଖାଲଖମା, ଟ୍ରାଫିକ ସମସ୍ୟା ଆଦିକୁ ନେଇ ଅସନ୍ତୋଷ ମଧ ଦେଖାଦେଉଛି। ଏପରିକି ସହରବାସୀଙ୍କ ଭିତରେ ଅସନ୍ତୋଷକୁ ନେଇ ଅନେକ ଥର ପ୍ରତିବାଦ ହୋଇଛି। ତେବେ ୨୦୨୩ ମସିହା ଜାନୁୟାରୀରେ ଏହା ଶେଷ ହେବ ବୋଲି ଏବେ କହୁଛନ୍ତି ଜାଇକାର ବରିଷ୍ଠ ଯନ୍ତ୍ରୀ। ଏପରିକି ଉପସ୍ଥାପନ କରିଥିଲେ। କଟକ ସହରରେ ସ୍ୱେରେଜ ବ୍ୟବସ୍ଥା କାମ ୯୦ ପ୍ରତିଶତ ଶେଷ ହୋଇଥିବା ବେଳେ ଡ୍ରେନେଜ ବ୍ୟବସ୍ଥା କାମ ୮୨ ପ୍ରତିଶତ ସରିଛି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ।

କଟକରେ ଜାଇକା କାମକୁ ୯ବର୍ଷ ପୂରଣ ହେଲାଣି। ହେଲେ କାମ କଚ୍ଛପ ଗତିରେ ଚାଲୁଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଜାଇକା ପୂର୍ବରୁ ଜାଇକା କାମ ସରିବ ବୋଲି ବିଭାଗୀୟ ଯନ୍ତ୍ରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି। ସହରରେ ମୋଟ୍ ୩୬୨.୬୫ କିଲୋମିଟର ସ୍ୱେରେଜ ପାଇପ୍ ବିଛାଇବା ପାଇଁ ଯୋଜନା ରହିଥିଲା। ଅଗଷ୍ଟ ମାସ ଶେଷ ସୁଦ୍ଧା ୩୨୬.୮୦ କିଲୋମିଟର ସ୍ୱେରେଜ ପାଇପ୍ ବିଛା ସରିଛି। ଏବେ କାମ ଜୋରଦାର ଭାବେ ଚାଲିଛି ବୋଲି ସେ କହିଛନ୍ତି।

ନୁହେଁ ବକ୍ସ ଡ୍ରେନ ଦ୍ୱାରା ସହରରେ ଟ୍ରାଫିକ ସମସ୍ୟା ମଧ ହ୍ରାସ ପାଇବ। ଏଥିନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ କରିଛି। ମୋଟ୍ ୪୫୦.୪୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ କାର୍ଯ୍ୟ ଏପର୍ଯ୍ୟନ୍ତ କାମ ଆଗେଇପାରି ନାହିଁ। ଉକ୍ତ କାର୍ଯ୍ୟ ମଧ ଜାଇକା ଅଧୀନରେ ରହିଛି। ଅନ୍ୟପକ୍ଷରେ ଲାଗିରହିଥିବା ଏହି ସମସ୍ୟାକୁ ଦୂର କରିବା ପ୍ରଶାସନ ପାଇଁ ପ୍ରତିବର୍ଷ ଚ୍ୟାଲେଞ୍ଜିଂ ପରିସ୍ଥିତି ସୃଷ୍ଟି କରିଥାଏ। ଭିତ୍ତିଭୂମିକୁ ସୁଦୃଢ଼ କରି ଉକ୍ତ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ ମାଧମରେ ଜାଇକାର ଆର୍ଥିକ ସହାୟତାରେ ସହରରେ ସ୍ୱେରେଜ ଓ ଡ୍ରେନେଜ ଯୋଜନା କାର୍ଯ୍ୟ କରୁଛି। ବେଳେ ଏଥି ନିମନ୍ତେ ମୋଟ୍ ୨୧୩.୧୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ବଜ୍ରକବାଟୀ ଠାରୁ ମାତୃଭବନ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ କାମ ହେବ। ଏହାର ଦୂରତା ୧୫୫୦ମିଟର ଓ ଏଥିନିମନ୍ତେ ବ୍ୟୟ ଅଟକଳ ହୋଇଛି ୨୩୭. ୨୮ କୋଟି ଟଙ୍କା। ଉକ୍ତ କାର୍ଯ୍ୟକୁ ପାଟଣାର ନାଳନ୍ଦା ଏସ୍‌ଏସ୍‌ଜି ଜେଭି ଦ୍ୱାରା କାର୍ଯ୍ୟକାରୀ କରାଯିବା ପାଇଁ କ୍ୟାବିନେଟ ଦ୍ୱାରା ଅନୁମୋଦନ କରାଯାଇଛି।





## ଜିଲ୍ଲାରେ ନିର୍ମାଣ ହେବ ରେଣ୍ଟାଲ ହାଉସିଂ କମ୍ପ୍ଲେକ୍ସ
# ଶସ୍ତାରେ ମିଳିବ ଶ୍ରମିକଙ୍କୁ ଘର

**୭ଟି ସ୍ଥାନରେ ତିଆରି ହେବ ୧୦୦ ଓ ୫୦ ଶଯ୍ୟା ବିଶିଷ୍ଟ କୋଠା**

**ଜମି ଚିହ୍ନଟ କରିବାକୁ ଜିଲ୍ଲାପାଳ ଓ ସିଏମ୍‌ସିକୁ ନିର୍ଦ୍ଦେଶ**

**ବାହ୍ୟ ନିର୍ମାଣ ଶ୍ରମିକଙ୍କୁ ମିଳିବ ରହଣି ସୁବିଧା**

କଟକ,୨୨।୯(ସମିସ)

କଟକ ଜିଲ୍ଲାରେ ବହୁ ଶ୍ରମିକ ବିଭିନ୍ନ କନଷ୍ଟ୍ରକସନରେ କାର୍ଯ୍ୟ କରୁଛନ୍ତି। ହେଲେ ସେମାନେ ଭଡ଼ା ଘରେ ରହୁଥିଲେ ମଧ ଅଧିକ ଦାମ ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣିକି ସେମାନଙ୍କୁ ଆଉ ଭଡ଼ା ଘରେ ଅଧିକ ଟଙ୍କା ଦେଇ ରହିବାକୁ ପଡ଼ିବ ନାହିଁ। ସେମାନଙ୍କ ପାଇଁ ଘର ନିର୍ମାଣ କରିବ ଜିଲ୍ଲା ପ୍ରଶାସନ ଏବଂ କଟକ ମହାନଗର ନିଗମ(ସିଏମସି)। ଜିଲ୍ଲାରେ ଥିବା ପ୍ରମୁଖ ସ୍ଥାନମାନଙ୍କର ନିର୍ମାଣ ହେବ ରେଣ୍ଟାଲ ହାଉସିଂ କମ୍ପ୍ଲେକ୍ସ (ଆରଏଚସି)। ଏହି କମ୍ପ୍ଲେକ୍ସରେ ୧୦୦ ଏବଂ ୫୦ଟି ଲେଖାଏଁ ଶଯ୍ୟା ରହିବ। ପ୍ରାୟ ୭ଟି ସ୍ଥାନରେ ଉକ୍ତ କମ୍ପ୍ଲେକ୍ସ ନିର୍ମାଣ କରାଯିବାକୁ ଯୋଜନା ହୋଇଛି। ଏଥିପାଇଁ ସିଏମସି କମିଶନର ଓ ଜିଲ୍ଲାପାଳଙ୍କୁ ଜମି ଚିହ୍ନଟ କରି ଏହାର ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି କରାଯାଇଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ଜିଲ୍ଲାରେ ନିର୍ମାଣ ଶ୍ରମିକଙ୍କ ରହଣି ପାଇଁ ଆରଏଚସି ନିର୍ମାଣ କରାଯାଉଛି। ତେବେ କଟକ ଜିଲ୍ଲା କିମ୍ବା ସହରରେ ବର୍ତ୍ତମାନ ସୁଦ୍ଧା ଗୋଟିଏ ବି ଆରଏଚସି ନିର୍ମାଣ ହୋଇପାରିନାହିଁ। ଗତ ୨୦୧୬ ମସିହା ଡିସେମ୍ବର ୪ ତାରିଖରେ ଜିଲ୍ଲାପାଳ ଏବଂ ସିଏମସି କମିଶନରଙ୍କୁ ଏହି ହାଉସିଂ କମ୍ପ୍ଲେକ୍ସ ନିର୍ମାଣ କରାଯିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି କରାଯାଇଥିଲା। ହେଲେ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ସିଏମସି କିମ୍ବା ପ୍ରଶାସନ ନେଇ ନଥିଲା। ଯେଉଁଥି ପାଇଁ ପ୍ରାୟ ୪ ବର୍ଷ ହେବ ଏହି ଆରଏଚସି ତିଆରି କରାଯାଇପାରୁନାହିଁ। ତେବେ ପୁଣି ଥରେ ଜିଲ୍ଲା ପ୍ରଶାସନ ନିକଟକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି ହୋଇଛି। ବାହାରୁ ଆସୁଥିବା ନିର୍ମାଣ ଶ୍ରମିକଙ୍କ ରହଣି ପାଇଁ ଏହି ରେଣ୍ଟାଲ ହାଉସିଂ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଜମି ଚିହ୍ନଟ କରିବା ସହ କାର୍ଯ୍ୟ ଆରମ୍ଭ କରିବାକୁ ଚିଠିରେ ଦର୍ଶାଯାଇଛି। କଟକ ଜିଲ୍ଲାରେ ୫ଟି ସ୍ଥାନରେ ୧୦୦ ଶଯ୍ୟା ବିଶିଷ୍ଟ ଆରଏଚସି ନିର୍ମାଣ ହେବ। ଏଥିସହ କଟକ ମହାନଗର ନିଗମ ଅଞ୍ଚଳରେ ୨ଟି ସ୍ଥାନରେଏହା ନିର୍ମାଣ କରାଯିବ। ଜିଲ୍ଲାପାଳ ନିଜେ ସମ୍ପୃକ୍ତ ଅଞ୍ଚଳର ତହସିଲଦାର, ମହାନଗର ନିଗମ କମିଶନର ଏବଂ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହ ମିଳିତ ଭାବେ ଜମି ଚିହ୍ନଟ କରି ଚୂଡାନ୍ତ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଆରଏଚସିରେ ବାହାର ରାଜ୍ୟ କିମ୍ବା ଜିଲ୍ଲାରୁ କଟକ ଜିଲ୍ଲା ବା ସହରରେ ରହି କାର୍ଯ୍ୟ କରୁଥିବା ଶ୍ରମିକମାନେ ରହିପାରିବେ। ସେମାନଙ୍କ ପାଇଁ ରୋଷେଇ କରିବାର ମଧ ସୁବିଧା ଉପଲବ୍ଧ ହେବ। ଅନ୍ୟ ଭଡା ଘରଠାରୁ ଅଳ୍ପ ଟଙ୍କା ଦେଇ ସେମାନେ ରହିପାରିବେ। ପୂର୍ବରୁ ମଧ ଅନ୍ୟ ଜିଲ୍ଲାଗୁଡିକରେ ୭ଟି ଲେଖାଏଁ ୧୦୦ ଶଯ୍ୟା ବିଶିଷ୍ଟ ଏବଂ ୫ଟି ୫୦ଟି ଶଯ୍ୟା ବିଶିଷ୍ଟ ଆରଏଚସି କାର୍ଯ୍ୟକ୍ଷମ ହୋଇଛି। ତେଣୁ କଟକରେ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ଗ୍ରହଣ କରାଯିବା ନେଇ ଚିଠିରେ ଉଲ୍ଲେଖ ରହିଥିବା ଜଣାପଡ଼ିଛି।

## ୨ ନାବାଳିକା ଉଦ୍ଧାର

କଟକ,୨୨।୯(ସମିସ): ନିଖୋଜ ଥିବା ଦୁଇ ନାବାଳିକାଙ୍କୁ ମଧୁପାଟଣା ଥାନା ପୁଲିସ ଉଦ୍ଧାର କରିଛି। କିଛି ଦିନ ତଳେ କାଜିଡ଼ିହ ଅଞ୍ଚଳର ଜଣେ ୧୨ବର୍ଷୀୟା ନାବାଳିକା ନିଖୋଜ ହୋଇଯାଇଥିଲା। ଏନେଇ ତାଙ୍କ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ। ପୁଲିସ ନାବାଳିକାକୁ ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗ ଅଞ୍ଚଳରୁ ଉଦ୍ଧାର କରିଥିଲା। ଏହି ଘଟଣାରେ ଜଣେ ଯୁବକକୁ ମଧୁପାଟଣା ଥାନା ପୁଲିସ ଗିରଫ କରିଛି। ସେହିପରି ନିଖୋଜ ଥିବା ନୂଆପଡ଼ା ଅଞ୍ଚଳର ଜଣେ ନାବାଳିକାକୁ ପୁଲିସ ଜଗତପୁରରୁ ଉଦ୍ଧାର କରି ତା'ର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ବୋଲି ଥାନାଧିକାରୀ ତୁଷାରକାନ୍ତ ସେଠୀ ସୂଚନା ଦେଇଛନ୍ତି।

## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ସାନିଟାଇଜର ମେସିନର ଶୁଭାରମ୍ଭ

**କଟକ,୨୨।୯(ସମିସ):** ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ଆଜି ୩ଟି ସାନିଟାଇଜର ମେସିନ ଶୁଭାରମ୍ଭ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଳଜିତ ସିଂ ଏହି ମେସିନକୁ ଉଦଘାଟନ କରିଥିଲେ। କୁଳସଚିବ ନିରୂପମା ସ୍ୱାଇଁ, ବିତ୍ତ ନିୟନ୍ତ୍ରକ ଚିତ୍ତରଞ୍ଜନ ନାୟକ, ଛାତ୍ରନେତା ସୁମନ୍ତ ମଲ୍ଲିକଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ଜାଇକା ପ୍ରକଳ୍ପ ଅଧିକାରୀଙ୍କୁ ଦାବିପତ୍ର

**କଟକ,୨୨।୯(ସମିସ):** କଟକ ନଗର ୭ ନମ୍ବର ବ୍ଲକ କଂଗ୍ରେସ ସଭାପତି ସୁରଜିତ ସାହୁଙ୍କ ନେତୃତ୍ୱରେ ଆଜି ଜାଇକା କାର୍ଯ୍ୟାଳୟରେ ପ୍ରକଳ୍ପ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘବର୍ଷ ହେଲା ଜାଇକା ପ୍ରକଳ୍ପ କାର୍ଯ୍ୟ କଟକ ସହରରେ ଚାଲିଥିଲେ ମଧ କାର୍ଯ୍ୟ ଶେଷ ହେଉନାହିଁ। ମନ୍ଥର ଗତିରେ କାମ ହେଉଥିବାରୁ ରାସ୍ତାଘାଟ, ବଡ଼ ନାଳ ସମେତ ସାହିବସ୍ତିର ଡ୍ରେନଗୁଡିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତାଘାଟ ସଫେଇ, ନାଳ ନର୍ଦ୍ଦମାରୁ ପଙ୍କୋଦ୍ଧାର କାର୍ଯ୍ୟ ମଧ ବାଧାପ୍ରାପ୍ତ ହେଉଛି। ପରିମଳ କାର୍ଯ୍ୟ ଠିକଣା ଭାବେ ହୋଇପାରୁନାହିଁ। ଅଳିଆ ଆବର୍ଜନା ରାସ୍ତା ଉପରେ ପଡ଼ି ରହୁଛି। ସାହିବସ୍ତି ସମେତ ମୁଖ୍ୟରାସ୍ତା ଉପରେ ବର୍ଷାଜଳ ନିଷ୍କାସିତ ନ ହୋଇପାରି ଦିନ ଦିନ ରହୁଛି। ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଥିବା ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ମହାନଦୀ ବିହାରରୁ କୈବଲ୍ୟ ବିହାରରେ ମିଶିଥିବା ମୁଖ୍ୟଡ୍ରେନ କାମ, ଗଣ୍ଡରପୁର ଡିଏଭି ସ୍କୁଲ, ଅପର୍ଣ୍ଣା



ନଗର କୈବଲ୍ୟ ବିହାର ଦେଇ ଯାଇଥିବା ମୁଖ୍ୟ ଡ୍ରେନ, ମାତୃଭବନ ନିକଟରେ ଥିବା ମୁଖ୍ୟ ଡ୍ରେନରେ ଜାଲି ଲଗାଇବା କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ପାଇଁ ଆଲୋଚନା କରାଯାଇଥିଲା। ଜାଇକା ଅଧିକାରୀ ମଧ ଏହାକୁ ଗୁରୁତ୍ୱର ସହ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କଟକ ନଗର ଜିଲ୍ଲା କଂଗ୍ରେସ ସଭାପତି ଗିରିବାଳା ବେହେରା, ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ତୃପ୍ତି ଦାସ, ରଶ୍ମିରଞ୍ଜନ ମିଶ୍ର, ଆକାଶ ଭୂୟାଁ, ଦୀପକ ସାହୁ, ମାନସ ପରିଡ଼ା, ଗୋକୁଳ ସିହ୍ନା, ଲଳିତା ରାଉତ ପ୍ରମୁଖ ଏହି ଆଲୋଚନାରେ ସାମିଲ ହୋଇଥିଲେ।

## ସିଏମସି କମିସନରଙ୍କ ନୂଆବଜାର ହାଇସ୍କୁଲ ପରିଦର୍ଶନ



**କଟକ, ୨୨।୯ (ସମିସ):** କଟକ ମହାନଗର ନିଗମ(ସିଏମସି) କମିସନର ଅନନ୍ୟା ଦାସ ଆଜି ନୂଆବଜାର ସରକାରୀ ହାଇସ୍କୁଲକୁ ପରିଦର୍ଶନ କରିଛନ୍ତି। ୫-ଟି କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ରୂପାନ୍ତରୀକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସ୍ମାର୍ଟ କ୍ଲାସ ରୁମ, ଇ-ଲାଇବ୍ରେରୀ ଆଦି ବିଭିନ୍ନ କାର୍ଯ୍ୟଗୁଡ଼ିକ ବୁଲି ଦେଖିଥିଲେ। ଏହି ପରିଦର୍ଶନ ସମୟରେ ସିଏମସି ଡେପୁଟି କମିସନର ସଞ୍ଜିବିତା ରାୟ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।





# ମଉଳିଯିବ କି ଶୀତଳାପଲ୍ଲୀ ରେଳ ୱାଗନ କାରଖାନା ଆଶା!

ବ୍ରହ୍ମପୁର,୨୨।୯ (ସମିସ): ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀଠାରେ ନିର୍ମାଣ ହେବାକୁ ଥିବା ୱାଗନ କାରଖାନା ଆଶା ମଉଳିବ। ଏଠାରେ ବିକଳ୍ପ କାରଖାନା ପାଇଁ ଚିନ୍ତା କରୁଛି ରେଳବିଭାଗ। ଆଜି ଖୋର୍ଦ୍ଧାରୋଡ୍ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଶୀତଳାପଲ୍ଲୀ ଆସି ପରିଦର୍ଶନ କରିଛନ୍ତି। ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆସି ଜଗନ୍ନାଥପୁରଠାରେ ଓହ୍ଲାଇବା ସହ ସେଠାରୁ ଶୀତଳାପଲ୍ଲୀ ଯାତ୍ରା କରିଥିଲେ।

- ବିକଳ୍ପ ପାଇଁ ଚିନ୍ତା କରୁଛି ରେଳ ବିଭାଗ
- ପରିଦର୍ଶନ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ
- ଲକ୍ଷ୍ୟ ରଖି ଭଲ ଯାଗା ଦେଇଛନ୍ତି ରାଜ୍ୟ ସରକାର



ତାଙ୍କ ସହିତ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ସାମିଲ ଥିଲେ। ସେ ଏଠାକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶୀତଳାପଲ୍ଲୀ ଠାରେ ୱାଗନ ଫେକ୍ଟ୍ରି ତିଆରି କରିବା ପାଇଁ ବହୁବର୍ଷ ପୂର୍ବରୁ ଓଡ଼ିଶା ସରକାରଙ୍କୁ ଜାଗା ମାଗିଥିଲା ରେଳ ବିଭାଗ। ସେତେବେଳର ଚିନ୍ତାଧାରାରକୁ ଦୃଷ୍ଟିରେ ରଖି ୱାଗନ୍ ଫେକ୍ଟ୍ରି କରିବା ପାଇଁ ନିଷ୍ପତି ହୋଇଥିଲା। ଯେ କୌଣସି ଘରୋଇ ଅନୁଷ୍ଠାନକୁ ଧରି ୱାଗନ୍ ଏଠାରେ ତିଆରି କରିବାକୁ ପ୍ରସ୍ତୁତି କରାଯାଇଥିଲା। ବର୍ତ୍ତମାନ ରେଳ ବିଭାଗର ସମସ୍ତ ୱାଗନ ଘରୋଇ କମ୍ପାନୀମାନଙ୍କ ଠାରୁ ହିଁ କିଣାଯାଉଛି। କିନ୍ତୁ ଉକ୍ତ ମଡ଼େଲ୍ କାର୍ଯ୍ୟ ନ କରିବା ଫଳରେ ଏଠାରେ କେଉଁ ଘରୋଇ କମ୍ପାନୀ କାମ କରିବାକୁ ପ୍ରସ୍ତୁତ ହୋଇ ନ ଥିଲେ ବୋଲି ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏଠାରେ କହିଛନ୍ତି। ତେଣୁ ଦୀର୍ଘଦିନ ଧରି ଏହି ଯାଗା ଖାଲିରେ ପଡ଼ିରହିଛି। ବର୍ତ୍ତମାନ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବା ପରେ ଏହି ସ୍ଥାନରେ ବିକଳ୍ପ କିଛି କରିବା ପାଇଁ ଚିନ୍ତା କରାଯାଉଛି। ମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବାରୁ ରାଜ୍ୟର ବିକାଶକୁ ସେ ପ୍ରାଥମିକତା ଦେଇଛନ୍ତି ବୋଲି ମହାପ୍ରବନ୍ଧକ କହିଛନ୍ତି। ବର୍ତ୍ତମାନ ଏଠାକୁ ଆସି ପରିଦର୍ଶନ କରିବା ପରେ ଶୀତଳାପଲ୍ଲୀରେ କ'ଣ ସୁବିଧା କରାଯାଇପାରିବ ସେ ଉପରେ ପରବର୍ତ୍ତୀ ସମୟରେ ଚିନ୍ତା କରାଯିବ। ରେଳ ବିଭାଗର କିଛି ଯଦି ଫେକ୍ଟ୍ରି ହେଉ ଅଥବା ଯେଉଁ ସାମଗ୍ରୀ ଗୁଡ଼ିକ ରେଳ ବିଭାଗ ବିଭିନ୍ନ ଘରୋଇ କମ୍ପାନୀ ମାନଙ୍କଠାରୁ କ୍ରୟ କରୁଛି ସେଗୁଡ଼ିକ ଉପରେ ପ୍ରାଧାନ୍ୟ ଦିଆଯିବ। ଏଠାକୁ ଯେ କୌଣସି କମ୍ପାନୀକୁ ଆମନ୍ତ୍ରଣ କରି ଫେକ୍ଟ୍ରି ବସାଇବାକୁ ଚେଷ୍ଟା କରାଯିବ ଓ ସେଥିରୁ ତିଆରି ସାମଗ୍ରୀ ରେଳ ବିଭାଗ କ୍ରୟ କରିବ। ବର୍ତ୍ତମାନ ଏଠାରେ କ'ଣ କରାଗଲେ ସ୍ଥାନୀୟ ବାସିନ୍ଦାକୁ ଜୀବିକା ମିଳିପାରିବ ସେ ଉପରେ ଗୁରୁତ୍ୱ ଦିଆଯିବ। ଏଠାରେ ଫେକ୍ଟ୍ରି ହେଲେ ସ୍ଥାନୀୟ ବାସିନ୍ଦା ଉପକୃତ ହୋଇପାରିବେ। ଏହି ଇଲାକାରେ କୃଷିକୁ ଅଧିକା ପ୍ରାଧାନ୍ୟ ଦିଆଯାଉଛି। ଉଦ୍ୟୋଗ ଗଢିଉଠିଲେ ଗାଁ ଲୋକେ ନିକଟରେ ଜୀବିକା ପାଇପାରିବେ। ବର୍ତ୍ତମାନ ଏଠାରେ ୯୯ ଏକର ଯାଗା ସରକାରଙ୍କ ଅଧୀନରେ ରହିଛି। ଏଥିପାଇଁ ଲ୍ୟାଣ୍ଡମାର୍କ ପ୍ରକ୍ରିୟା ସରିବା ସହ ରେଳ ବିଭାଗକୁ ଦିଆଯାଇଛି। ଏଥିନିମନ୍ତେ ପେପର ୱାର୍କ ବାକି ରହିଛି। ୱାଗନ୍ ଫେକ୍ଟ୍ରି ହେବାର ସମ୍ଭାବନା କମ୍ ରହିଥିବା ବେଳେ ମେଣ୍ଟେନାନ୍ସ ଫେକ୍ଟ୍ରି ଅଥବା ଗୁଡ୍ସ୍ କାରଖାନା ତିଆରି ପାଇଁ ଯୋଜନା କରାଯାଉଛି ବୋଲି ବିଦ୍ୟାଭୂଷଣ କହିଛନ୍ତି। ରେଳ ବିଭାଗର କମ୍ପନେଣ୍ଟ ପାଇଁ ମଧ ଚିନ୍ତା କରାଯିବା ସହ ଏଠାରେ କେଉଁ କାରଖାନା ହେବ ଆସନ୍ତା ୬ମାସ ମଧ୍ୟରେ ଜଣାପଡ଼ିବ ବୋଲି ମହାପ୍ରବନ୍ଧକ କହିଛନ୍ତି। ଆସନ୍ତା ୨୦୨୪ ମସିହା ମାର୍ଚ୍ଚ ମାସ ଭିତରେ ଏଠାରେ ଯେ କୌଣସି ପ୍ରକଳ୍ପ ହେବାର ଥୟ ବୋଲି ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏଠାରେ କହିଥିଲେ। ତେବେ ଏଠାରେ କେଉଁ ପ୍ରକଳ୍ପ ତାହା ଆଗାମୀ ୬ମାସ ମଧ୍ୟରେ ଜଣାପଡ଼ିବାକୁ ଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଛି। ବହୁଦିନରୁ ଏହି ଜାଗା ପଡ଼ିଥିବା ବେଳେ ସ୍ଥାନୀୟ ଯେ କୌଣସି ପ୍ରକଳ୍ପ ହେଲେ ସ୍ଥାନୀୟ ଲୋକଙ୍କ ରୋଜଗାର ଉପରେ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଦୀର୍ଘଦିନ ହେବ ଏହି ଜମି ସରକାରଙ୍କ ଅଧିନରେ ପତିତ କିସମରେ ରହିଛ। ମହାପ୍ରବନ୍ଧଙ୍କ ଏହି ଗସ୍ତରେ ଖୋର୍ଦ୍ଧାରୋଡ ଡିଭିଜିନାଲ୍ ରେଳ ପ୍ରବନ୍ଧକ ରିଙ୍କେଶ ରାୟ, ପିସିଓଏମ୍ ପିକେ ଜେନା, ପିସିଇ ଏନ୍ଏସ୍ ଉକେଙ୍କ ସହବହୁ ବରିଷ୍ଠ ଅଧିକାରୀ ଏବଂ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ସହ ରାଜସ୍ୱ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭୂମିହୀନ କୁଷ୍ଠ ରୋଗୀଙ୍କୁ ମିଳିବ ଘର ଡିହ

ଭୁବନେଶ୍ୱର,୨୨।୯ (ସମିସ): କୁଷ୍ଠ ରୋଗୀ କଲୋନୀରେ ରହୁଥିବା ଭୂମିହୀନ ପରିବାର ଗୁଡ଼ିକୁ ବସୁନ୍ଧରା ଯୋଜନାରେ ଘର ଡିହ ଯୋଗାଇ ଦିଆଯିବ। ସେଥିପାଇଁ ରାଜସ୍ୱ ବିଭାଗ ତରଫରୁ ଆଶ୍ୟକୀୟ ବିଜ୍ଞପ୍ତି ଜାରି କରିବାକୁ ସମ୍ପୃକ୍ତ ବିଭାଗକୁ ନିବଦେନ କରାଯାଇଛି। ସାମାଜିକ ସୁରକ୍ଷା ବିଭାଗ ତରଫରୁ କୁଷ୍ଠ ରୋଗୀଙ୍କୁ ଗ୍ରେଡ୍-୨ ଏମସିଆର୍ ଚପଲ ଦେବାକୁ ଅତିରିକ୍ତ ଶାସନ ସଚିବ ମଧୁମିତା ନାୟକ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସମ୍ବଲପୁର ଓ ଭଦ୍ରକକୁ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରାଯାଇଥିବା ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକିରଣ ବିଭାଗ, ରାଜ୍ୟ ବୈଷୟିକ କମିଟିର ୩ୟ ବୈଠକରେ ଆଲୋଚନା ହୋଇଛି। ବିଭାଗର ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ କୁଷ୍ଠ ରୋଗୀ ମୁକ୍ତ ବ୍ୟକ୍ତି ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଥଇଥାନ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନ ହୋଇଥିଲା।

ବିଭାଗର ଅତିରିକ୍ତ ଶାସନସଚିବ ଅଭୟ ନାୟକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୁଗ୍ମ ନିର୍ଦ୍ଦେଶକ ଡ. ନିରୋଜ କୁମାର ସାହୁ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ତଥା କୁଷ୍ଠରୋଗ ବିଭାଗର ସଞ୍ଚାଳକ ଡ. ରାଜେନ୍ଦ୍ର ପତି, ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମର ପରାମର୍ଶଦାତା ଡ. ଡମ୍ବରୁଧର ଭୂୟାଁ ଯୋଗଦେଇ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କୁଷ୍ଠରୋଗ ବ୍ୟକ୍ତିମାନଙ୍କ କଲ୍ୟାଣ, ଥଇଥାନ ଓ ଚିକିତ୍ସା ନିମନ୍ତେ ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ଶାସନସଚିବ ସୁଶାନ୍ତ ମିଶ୍ର ଯୋଗଦେଇ କୁଷ୍ଠ କଲୋନୀ ମାନଙ୍କରେ ପାନୀୟ ଜଳ ଓ ପାଇଖାନା ବନ୍ଦୋବସ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ

- ବସୁନ୍ଧରା ଯୋଜନାରେ ବ୍ୟବସ୍ଥା
- ରାଜ୍ୟ ବୈଷୟିକ କମିଟିରେ ସର୍ବମତ

ବିଭାଗ ଉପ ଶାସନସଚିବ ଗୃହ ନିର୍ମାଣ ଯୋଜନାରୁ ଗ୍ରାମାଞ୍ଚଳରେ ଯେଉଁ କୁଷ୍ଠରୋଗୀ ପରିବାର ବାସଗୃହ ପାଇବାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ଆଗ୍ରାଧିକାର ଭିତ୍ତିରେ ବାସଗୃହ ଯୋଗାଇ ଦେବାକୁ ରାଜ୍ୟ ପଞ୍ଚାୟତରାଜ ବିଭାଗ ଉଦ୍ୟମ କରିବ ବୋଲି କହିଥିଲେ। ତାଲିମପ୍ରାପ୍ତ କୁଷ୍ଠକର୍ମୀମାନଙ୍କୁ ପ୍ରତ୍ୟେକ ବ୍ଲକ ଓ ନଗରପାଳିକାରେ ଥିବା ଡାକ୍ତରଖାନା ମାନଙ୍କରେ ନିଯୁକ୍ତି ଦେଇ ସୁପ୍ରିମ କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ କୁଷ୍ଠରୋଗୀଙ୍କୁ ଦିଆଯାଉଥିବା ମାସିକ ଭତ୍ତା ଦିଲ୍ଲୀ ଓ ହରିୟାଣା ସରକାରଙ୍କ ପରି ମାସିକ ୫ଶହରୁ ୩ହଜାର ଟଙ୍କାକୁ ବୃଦ୍ଧି କରିବାକୁ ରାଜ୍ୟ ସଭାପତି ଉମେଶ ଚନ୍ଦ୍ର ନାୟକ ଦାବି କରିଥିଲେ। ବୈଠକରେ କମିଟିର ଆବାହକ ତଥା ସାମାଜିକ ସୁରକ୍ଷା ଅଧିକାରୀ ମୁଖ୍ୟାଳୟ, ସନ୍ନ୍ୟାସୀ ବେହେରାଙ୍କ ସମେତ କଟକ, ସମ୍ବଲପୁର, ବାରିପଦା, ବରଗଡ଼, ବାଲେଶ୍ୱର, ମୟୁରଭଞ୍ଜ, ଖୋର୍ଦ୍ଧା ଆଦି ଜିଲ୍ଲାର କୁଷ୍ଠ କଲୋନୀ ପ୍ରତିନିଧିମାନେ ଯୋଗଦେଇ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ତ୍ୱରାନ୍ୱିତ ହେବ ଆକାଂକ୍ଷୀ ଜିଲ୍ଲାର ବିକାଶ

ଭୁବନେଶ୍ୱର,୨୨।୯ (ସମିସ): ଆକାଂକ୍ଷୀ ଜିଲ୍ଲାର ବିକାଶ ତ୍ୱରାନ୍ୱିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଜଣେ ଲେଖାଏଁ ବରିଷ୍ଠ ଅଧିକାରୀଙ୍କୁ ଗୋଟିଏ ଲେଖାଏଁ ଆକାଂକ୍ଷୀ ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇ ଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନାଙ୍କୁ ମୁଖ୍ୟ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ମୀନା ସାମଗ୍ରୀକ ଭାବେ ଆକାଂକ୍ଷୀ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କରିବେ। ନିଜ ବିଭାଗର ସହିତ ଆକାଂକ୍ଷୀ ଜିଲ୍ଲାର ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଶ୍ରୀ ମୀନା ରାଜ୍ୟ ସରକାର, ନୀତି ଆୟୋଗ ଏବଂ ସମ୍ପୃକ୍ତ ୧୦ଟି ଆକାଂକ୍ଷୀ ଜିଲ୍ଲା ମଧ୍ୟରେ ସମନ୍ୱୟ ରକ୍ଷା କରିବେ ବୋଲି ଜଣାପଡ଼ିଛି। ଯୋଜନା ଓ ସଂଯୋଜନ ବିଭାଗ ରାଜ୍ୟ ନୋଡାଲ ଅଧିକାରୀ ଶ୍ରୀ ମୀନାଙ୍କୁ ସହାୟତା ପ୍ରଦାନ କରିବ। ଭାରତ ସରକାରଙ୍କ ଆକାଂକ୍ଷୀ ଜିଲ୍ଲା ମଧ୍ୟରେ ବଲାଙ୍ଗିର, ରାୟଗଡ଼ା, କୋରାପୁଟ, ଗଜପତି, ନୂଆପଡ଼ା, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି, ଢେଙ୍କାନାଳ ଓ ମାଲକାନଗିରି ଜିଲ୍ଲା ରହିଛି।

# 'ଓଡ଼ିଶା-ମୋ ପରିବାର'ର ମହନୀୟତା

## ନୂଆଦିଲ୍ଲୀରୁ ଆସିଲା ଶ୍ରମିକଙ୍କ ପାର୍ଥିବ ଶରୀର

ଭୁବନେଶ୍ୱର,୨୨।୯ (ସମିସ): ଏକ ଦୁର୍ଘଟଣାର ଶିକାର ହୋଇ ନୂଆଦିଲ୍ଲୀରେ ପ୍ରାଣ ହରାଇଥିବା ଓଡ଼ିଆ ଶ୍ରମିକଙ୍କ ମୃତ ଦେହକୁ ଫେରାଇ ଆଣିବାରେ ସହଯୋଗ କରିଛି 'ଓଡ଼ିଶା-ମୋ ପରିବାର'। ହସ୍ତଗତ ସୂଚନା ଅନୁସାରେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ତନୁପୁର ଗ୍ରାମର ୫୮ ବର୍ଷୀୟ ବିଚିତ୍ରାନନ୍ଦ ପାତ୍ର ନୂଆଦିଲ୍ଲୀରେ ରହି ପାଣି ପାଇପ୍ ମିସ୍ତ୍ରୀ ଭାବେ କାମ କରୁଥିଲେ। ଗତ ୨୦ ତାରିଖରେ ଘରେ ପୂଜା କରୁଥିବା ସମୟରେ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ କିଛି ସମୟ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ସେଠାରେ ଆଇନଗତ ପ୍ରକ୍ରିୟା ଶେଷ କରି ମୃତଦେହକୁ ଓଡ଼ିଶା ଫେରାଇ ଆଣିବା ପାଇଁ ବିଚିତ୍ରନନ୍ଦଙ୍କ ପରିବାର ଲୋକ ଅସମର୍ଥ ଥିଲେ। ଏହି ଖବର ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟକୁ ଆସିବା ପରେ ଏ ସମ୍ପର୍କରେ ଓଡ଼ିଶା-ମୋ ପରିବାରକୁ ଅବଗତ କରାଯାଇ ସହାୟତା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ନୂଆଦିଲ୍ଲୀ ଓଡ଼ିଆ ମହାମଞ୍ଚର ନିର୍ଦ୍ଦେଶକ ଗୋବର୍ଦ୍ଧନ ଧଳ ଏବଂ ସେଠାରେ ଓଡ଼ିଶା-ମୋ ପରିବାରର ସଦସ୍ୟ ଅକ୍ଷୟ ସାମଲଙ୍କ ସହ ସମନ୍ୱୟ ରକ୍ଷା କରି ସ୍ୱର୍ଗତ ବିଚିତ୍ରନନ୍ଦଙ୍କର ନୂଆଦିଲ୍ଲୀ ଏମ୍ସରେ ଶବ ବ୍ୟବଚ୍ଛେଦ



କରାଇଥିଲେ। ଓଡ଼ିଶା-ମୋ ପରିବାର ସମସ୍ତ ଖର୍ଚ୍ଚ ବହନ କରି ବିମାନରେ ମୃତଦେହ ଓଡ଼ିଶାକୁ ଆଣିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ନୂଆଦିଲ୍ଲୀରୁ ବିମାନରେ ମୃତଦେହ ଆସି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ଥିଲା। ଏଠାରେ ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, ସମୀର ପ୍ରଧାନ, ଉପଦେଷ୍ଟା ସତ୍ୟଜିତ ଦାଶ, ସିଇଓ ଆଦିତ୍ୟ ଦାସ ପ୍ରମୁଖ ଉପସ୍ଥିତ ରହି ମୃତଦେହ ଗ୍ରହଣ କରିବା ସହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପରେ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇ ବିଚିତ୍ରାନନ୍ଦଙ୍କ ଅନ୍ତିମ ସଂସ୍କାର ପାଇଁ ପରୀ ସ୍ୱର୍ଗ ଦ୍ୱାରକୁ ନିଆଯାଇଥିଲା।

## ଓମାନରୁ ଫେରିଲା ଓଡ଼ିଆ ଯୁବକଙ୍କ ମୃତଦେହ

ଭୁବନେଶ୍ୱର,୨୨।୯ (ସମିସ): ସୁଦୂର ଓମାନରେ ଫସିଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତଦେହ ତାଙ୍କ ଜନ୍ମ ମାଟିକୁ ଫେରାଇ ଆଣିବାରେ ସହାୟତାର ହାତ ବଢ଼ାଇଛି ଓଡ଼ିଶା-ମୋ ପରିବାର। ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଅନ୍ତର୍ଗତ କମଳାପଦର ଗ୍ରାମର ପ୍ରଦୀପ ପାହନ ଓମାନ୍ର ରାଜଧାନୀ ମସ୍କାଟ୍‌ରେ ଏକ କମ୍ପାନୀରେ କାମ କରୁଥିଲେ। ତେବେ ଗତ ୧୪ ତାରିଖ ଦିନ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେଠାରେ ତାଙ୍କର ଶବ ବ୍ୟବଚ୍ଛେଦ ପରେ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ବାହାରିନ ଓଡ଼ିଶା-ମୋ ପରିବାର ସ୍ପକ୍ (ସିଙ୍ଗଲ୍ ପଏଣ୍ଟ ଅଫ୍ କଣ୍ଟାକ୍ଟ) ଡ଼ ଅରୁଣ ପ୍ରହରାଜ ଭାରତୀୟ ଦୂତାବାସ, ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅନୁରୋଧ କରାଯାଇଥିଲା। ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ଏହି ସୂଚନା ପାଇବା ପରେ ମୃତଦେହ ଆଣିବା ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ସହଯୋଗ ଲୋଡ଼ିଥିଲେ। ପରେ ପ୍ରଦୀପଙ୍କ



ପାର୍ଥିବ ଶରୀର ଓମାନରୁ ଭାୟା ମୁମ୍ବାଇ ଦେଇ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରେ ଓଡ଼ିଶା-ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, ସମୀର ପ୍ରଧାନ, ବରିଷ୍ଠ ବିଜେଡି ନେତା ଭରଦ୍ୱାଜ ମିଶ୍ର, ଓଡ଼ିଶା-ମୋ ପରିବାରର ସ୍ୱାସ୍ଥ୍ୟ ଉପଦେଷ୍ଟା ସତ୍ୟଜିତ ଦାଶ ପ୍ରମୁଖ ଉପସ୍ଥିତ ରହି ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଠାରୁ ପ୍ରଦୀପଙ୍କ ମୃତଦେହ ଗ୍ରହଣ କରିଥିଲେ। ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବା ପରେ ଏକ ଆମ୍ବୁଲାନ୍ସ ଯୋଗାଡ଼ କରାଯାଇ ତାଙ୍କ ଗ୍ରାମକୁ ପଠା ଯାଇଥିଲା।

# କୀଟନାଶକ ପିଇ ଚାଷୀ ଆତ୍ମହତ୍ୟା

ଅତାବିରା,୨୨।୯ (ସମିସ): ଅତାବିରା ବ୍ଲକ ଅନ୍ତର୍ଗତ ହିଲ୍ଲିପାଲି ପଞ୍ଚାୟତ ଟାଙ୍ଗରଟିକ୍ରାର ଚାଷୀ ବୃନ୍ଦାବନ ଭୁଏ (୬୨) ମଙ୍ଗଳବାର କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତାଙ୍କୁ ପ୍ରଥମେ ଗୋଡଭଗା ଓ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଥିଲା; ହେଲେ ଗତକାଲି ବିଳମ୍ବିତ ରାତିରେ ତାଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ମଝିଆ ପୁଅ ଗଣନାଥ ଭୁଏ କହିଛନ୍ତି। ଗତ ଖରିଫ ଋତୁରେ ପ୍ରାୟ ୧୦ ଏକର ନିଜ ଜମିରେ ଧାନ ଚାଷ କରିଥିଲେ। ଟୋକନ ସମସ୍ୟା କାରଣରୁ ତାଙ୍କର ୧୦୦ ବସ୍ତା ଧାନ ଆଜିଯାଏଁ ବିକ୍ରି ନ ହୋଇ ଖଳାରେ ପଡ଼ିରହିଛି। ଚାଷ ପାଇଁ ସୋସାଇଟିରୁ ୩ ଲକ୍ଷ ଟଙ୍କା ଋଣ ଏବଂ ମହାଜନୀ ଋଣକୁ ନେଇ ସେ ସର୍ବଦା ଚିନ୍ତିତ ଥିଲେ। ତେଣୁ ସେ କିପରି ପରିବାର ପ୍ରତିପୋଷଣ କରିବେ ସେହି ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ପୁଅ ପ୍ରକାଶ କରିଛନ୍ତି। ତାଙ୍କର ୩ ପୁଅ ଓ ଦୁଇ ଝିଅ ଅଛନ୍ତି। ବଡପୁଅ ତାମିଲନାଡୁ ଦାଦନ ଖଟିବାକୁ ଯାଇଥିବାବେଳେ ସାନପୁଅ ମାଟ୍ରିକ ପଢ଼ି ଘରେ ରହିଛନ୍ତି।

# ନବରଙ୍ଗପୁର ଜିଲ୍ଲା ବିଜେଡି କମିଟି କର୍ମକର୍ତ୍ତା ମନୋନୀତ

ଭୁବନେଶ୍ୱର,୨୨।୯ (ସମିସ): ବିଜୁ ଜନତା ଦଳ ନବରଙ୍ଗପୁର ଜିଲ୍ଲା କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଜିଲ୍ଲା ସଭାପତି ନୂତନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦେଇଥିବା ଦଳର ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ରଞ୍ଜନ ମଙ୍ଗରାଜ ସୂଚନା ଦେଇଛନ୍ତି। ଜିଲ୍ଲା କମିଟିରେ ୧୨ ଜଣ ଉପସଭାପତି, ୧୩ ଜଣ ସାଧାରଣ ସମ୍ପାଦକ, ୧୪ ଜଣ ସମ୍ପାଦକ ଏବଂ ଜଣେ କୋଷାଧ୍ୟକ୍ଷଙ୍କୁ ନିଯୁକ୍ତି ମିଳିଛି।

ହସ୍ତଗତ ସୂଚନା ଅନୁସାରେ ନବରଙ୍ଗପୁର ବିଜେଡି ଜିଲ୍ଲା କମିଟିରେ ଉପ ସଭାପତି ଭାବେ ବଦ୍ରିନାରାୟଣ ସିଂହ, ଝାଡ଼େଶ୍ୱର ମହାନ୍ତି, ମୋତିରାମ ନାୟକ, ରବି ପଟ୍ଟନାୟକ, ସ୍ୱାଧୀନ ପଟ୍ଟନାୟକ, ମଧୁସୂଦନ ନାଗେଶ ଦାୟିତ୍ୱ ପାଇଛନ୍ତି। ସେହିପରି ଶୁକଦେବ ଗୋଣ୍ଡ, ରମେଶ ସାହୁ, ରଜନୀକାନ୍ତ ପଟ୍ଟନାୟକ, ଉଦ୍ଧବ ନାୟକ, ଇନ୍ଦ୍ର ଭତ୍ରା ଏବଂ ଦିବ୍ୟାନନ୍ଦ ସୁନାଙ୍କୁ ଉପ ସଭାପତି ଦାୟିତ୍ୱ ମିଳିଛି। ଜିଲ୍ଲା କମିଟିରେ ସାଧାରଣ ସମ୍ପାଦକ ଭାବେ ଆଶିଷ ରଞ୍ଜନ ପଟ୍ଟନାୟକ, ପଦମ ମାଳି, ପ୍ରଫୁଲ୍ଲ ପଣ୍ଡା, ଏମ୍ ବୁଲୁ ରାଓ, ଅବ୍ଦୁଲ ତାଜୁଦ୍ଦିନ୍, ମୋହନ ମାଝୀ, ଡମ୍ବରୁ ଭତ୍ରା, ଜତୀନ୍ଦ୍ର ଗୋଣ୍ଡ, ମୋହନ ପ୍ରଧାନୀ, ସୁବୋଧ ଚନ୍ଦ୍ର ବେନିଆ, ବୀରସିଂ ମାଝୀ, ମୃତ୍ୟୁଞ୍ଜୟ ସିଂହ ଏବଂ ସାରସ ଚନ୍ଦ୍ର ଜାଲଙ୍କୁ ନିଯୁକ୍ତି ମିଳିଛି। ଅପରପକ୍ଷେ ନବ ନିଯୁକ୍ତ ସମ୍ପାଦକ ମାନଙ୍କ ମଧ୍ୟରେ ତ୍ରିନାଥ ପ୍ରଧାନ, ତାରିକ୍ ହୁସେନ୍ ଖାନ୍, ସୁଧୀର ଖୁରା, ଯୁଗେଶ୍ୱର ନାଗ, ପ୍ରଶାନ୍ତ ସାହୁ, ସନ୍ତୋଷ ଷଡ଼ଙ୍ଗୀ, କମଳ ବଇର, ପ୍ରଣବ ଭୂୟାଁ, ଜଗା ଗୋଣ୍ଡ, ସହଦେବ ସାହୁ, ସନ୍ତୋଷ ମିଶ୍ର, ସନ୍ତୋଷ ପରିଛା, ତ୍ରିନାଥ ଭଟ୍ଟ ଏବଂ ପଦ୍ମନ ସନ୍ତ ରହିଛନ୍ତି। ଚିତ୍ତ ରଞ୍ଜନ ଗୋଣ୍ଡ ଜିଲ୍ଲା କମିଟିରେ କୋଷାଧ୍ୟକ୍ଷ ଦାୟିତ୍ୱରେ ରହିବେ ବୋଲି ଦଳ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

# ଚୂଡ଼ାନ୍ତ ତାରିଖରେ ହଠାତ ପରିବର୍ତ୍ତନ

# ପ୍ରଫେସର ପଦ ପାଇଁ ଆବେଦନରୁ ବଞ୍ଚିତହେଲେ ପ୍ରାର୍ଥୀ


କଟକ,୨୨।୯ (ସମିସ): ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି)ର ବିଚିତ୍ର ନିଷ୍ପତ୍ତି ଯୋଗୁଁ ବହୁ ପ୍ରାର୍ଥୀ ବିଭିନ୍ନ ବିଶ୍ୱବିଦ୍ୟାଳୟ ପାଇଁ ଥିବା ପ୍ରଫେସର ପଦରେ ଆବେଦନ କରିବାରୁ ବଞ୍ଚିତ ହୋଇଛନ୍ତି। ଅନଲାଇନ ମାଧ୍ୟମରେ ପଞ୍ଜିକୃତ ଆବେଦନପତ୍ରର ଚୂଡାନ୍ତ ଦାଖଲ ତାରିଖ ଅକ୍ଟୋବର ୧ ବଦଳରେ ସେପ୍ଟେମ୍ବର ୨୧ ତାରିଖକୁ ହ୍ରାସ କରାଯାଇଥିଲା। ଏ ସମ୍ପର୍କରେ ବହୁ ପ୍ରାର୍ଥୀ ଜାଣି ନଥିବା କହିଛନ୍ତି। ଏହି ପଦ ପାଇଁ ସେମାନେ ଆବେଦନ କରିଥିଲେ ମଧ ଆବେଦନ ପତ୍ରକୁ ଚୂଡାନ୍ତ ଦାଖଲ କରିନାହାନ୍ତି। କିଛି ମଧ ଫି' ଦେଇନାହାନ୍ତି। ଓପିଏସସିର ଏଭଳି ନିଷ୍ପତ୍ତି ଯୋଗୁଁ ପ୍ରଫେସର ପଦ ପାଇଁ ପରୀକ୍ଷା ଦେବାରୁ ଶତାଧିକ ପ୍ରାର୍ଥୀ ବଞ୍ଚିତ ହେବେ ବୋଲି ଜଣାପଡ଼ିଛି। କିଛି ପ୍ରାର୍ଥୀ ଓପିଏସ୍‌ସିର ଚେୟାରମ୍ୟାନ ସତ୍ୟଜିତ ମହାନ୍ତିଙ୍କୁ ଟୁଇଟ କରି ଅଭିଯୋଗ ଜଣାଇଛନ୍ତି। ଏନେଇ ଓପିଏସସି ସଚିବ ଅଶୋକ କୁମାର ଦାଶଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।


ମିଳିଥିବା ସୂଚନା ମୁତାବକ, ଓପିଏସସି ପକ୍ଷରୁ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ବିଷୟରେ ପ୍ରାୟ ୧୮୩ଟି ପ୍ରଫେସର ପଦ ପାଇଁ ଗତ ଜୁନ ୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ୩୬ଟି ପ୍ରଫେସର ପଦ ରହିଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୧୩ଟି ପଦ ରହିଥିଲା। ସେହିଭଳି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୧୨ଟି, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୧୨ଟି, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୧୫ଟି, ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୨୬ଟି, ରମାଦେବୀ ବିଶ୍ୱବିଦ୍ୟାଳୟରେ ୯ଟି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୧୯ଟି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୮ଟି, କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ୧୬ଟି, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୭ଟି ପ୍ରଫେସର ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରାର୍ଥୀମାନେ ସେପ୍ଟେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଆବେଦନ, ପଞ୍ଜୀକରଣ ଏବଂ ଫି' ପ୍ରଦାନ କରିପାରିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଥିଲା। ଅନଲାଇନ ମାଧ୍ୟମରେ ପଞ୍ଜିକୃତ ଆବେଦନପତ୍ରର ଚୂଡାନ୍ତ ଦାଖଲ ତାରିଖ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ରହିଥିଲା। ମାତ୍ର ଓପିଏସସି ପକ୍ଷରୁ ହଠାତ ତାରିଖରେ ପରିବର୍ତ୍ତନ କରାଯାଇଥିଲା।

## ମିଶନ ଶକ୍ତି ବଦଳାଇଦେଲା ଭାଗ୍ୟ

# ଅଣ୍ଡାଦିଆ କୁକୁଡ଼ା ଚାଷକରି ସ୍ୱାବଲମ୍ବୀ ମହିଳା ଗୋଷ୍ଠୀ

ମୋହନା, ୨୨।୯ (ସମିସ): ଦିନ ଥିଲା ଚୁଲି ମୁଣ୍ଡରେ ଜୀବନ ବିତୁଥିଲା; କିନ୍ତୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ସେମାନଙ୍କୁ ଗାଁ ଦାଣ୍ଡକୁ ବାହାର କରିଛି। ମିଶନଶକ୍ତିର ସହଯୋଗ ଓ ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଣ୍ଡାଦିଆ କୁକୁଡ଼ା ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି ମହିଳା ଗୋଷ୍ଠୀ। ଏବେ କୁକୁଡ଼ା ଏବଂ ଅଣ୍ଡା ବିକ୍ରି କରି ରୋଜଗାରକ୍ଷମ ହେବା ସହ ପରିବାର ପ୍ରତିପୋଷଣ ମଧ କରିପାରୁଛନ୍ତି। କ୍ଷେତ ମଝିରେ କୁକୁଡ଼ା ଫାର୍ମ ଏବଂ ଫାର୍ମଟିକୁ ଚଳାଉଛନ୍ତି କିଛି ମହିଳା।





ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲା ଅନ୍ତର୍ଗତ ଉପାନ୍ତ ମୋହନା ବ୍ଲକର ପିଣ୍ଡିକି ଗ୍ରାମର ମା' ସିଦ୍ଧେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଅଣ୍ଡାଦିଆ କୁକୁଡ଼ା ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ରାଜ୍ୟ ସରକାରଙ୍କ ମିଶନଶକ୍ତି ଜରିଆରେ ଏବଂ ବ୍ଲକ ପ୍ରାଣୀସମ୍ପଦ ବିକାଶ ବିଭାଗର ସହାୟତାରେ ଏହି ସଫଳତା ପାଇପାରିଛନ୍ତି ମହିଳାମାନେ। କୁକୁଡ଼ା ଫାର୍ମ ଟି ନିର୍ମାଣ କରିବା ପାଇଁ ଖର୍ଚ୍ଚ ହୋଇଛି ଦୁଇ ଲକ୍ଷ ଟଙ୍କା। ସେଥିରୁ ଏକ ଲକ୍ଷ ଟଙ୍କାର ସରକାରୀ ରିଆତି ମିଳିଥିବା ବେଳେ ବ୍ୟାଙ୍କରୁ ଏକ ଲକ୍ଷ ଟଙ୍କାର ଲୋନ୍ ଆଣିଛନ୍ତି ମହିଳା ଗୋଷ୍ଠୀ। ଏଥି ନିମନ୍ତେ ରାଜ୍ୟ ସରକାରଙ୍କ ଭୁବନେଶ୍ୱରସ୍ଥିତ ଓଡ଼ିଶା ପୋଲଟ୍ରି ଫେଡରେସନ୍ ଲିମିଟେଡ଼, ରୋଡ୍ ଆଇଲାଣ୍ଡ ରେଡ୍ (ଆରଆଇଆର) ପ୍ରଜାତିର କୁକୁଡ଼ା ଯୋଗାଇ ଦେଇଛି। ସ୍ଥାନୀୟ ପ୍ରାଣୀ ସମ୍ପଦ ବିଭାଗ ପ୍ରତିଦିନ କୁକୁଡ଼ା ଗୁଡିକର ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ଆବଶ୍ୟକୀୟ ଔଷଧ ଏବଂ ଟିକା ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ଫାର୍ମରେ ୧୫୦ରୁ ଉର୍ଦ୍ଧ୍ୱ କୁକୁଡ଼ା ରହିଛନ୍ତି। ପ୍ରତ୍ୟେକ ଦିନ ୬୦ରୁ ୭୦ ଅଣ୍ଡା ଉତ୍ପାଦନ ହେଉଛି। ଅଣ୍ଡା ଗୁଡିକ ଦେଖିବା ପାଇଁ ଅବିକଳ ଦେଶୀ କୁକୁଡ଼ାର ଅଣ୍ଡା ଭଳି। ତେଣୁ ଏହାର ବଜାର ଚାହିଦା ମଧ ଭଲ ରହିଛି। ଗୋଟିଏ ଅଣ୍ଡା ୬ରୁ ୭ ଟଙ୍କାରେ ବିକ୍ରି କରାଯାଉଛି। ଏହାସହ ଗଞ୍ଜା କୁକୁଡ଼ାକୁ ଗୋଟା ପିଛା ୫୦୦ରୁ ୬୦୦ ଟଙ୍କାରେ ବିକ୍ରି କରାଯାଉଛ। ମୋହନା ସମେତ ଚନ୍ଦ୍ରଗିରି, ମହେନ୍ଦ୍ରଗଡ଼ ଏବଂ ବ୍ରହ୍ମପୁର ବଜାରକୁ ବିକ୍ରି ପାଇଁ ପଠାଯାଉଛି ଅଣ୍ଡା। ମହିଳା ସଙ୍ଘର ସଦସ୍ୟାମାନେ ପ୍ରତ୍ୟେକ ଦିନ ପାଳିକରି କୁକୁଡ଼ା ଫାର୍ମକୁ ସଫାସୁତରା କରିବା ସହ କୁକୁଡ଼ାଗୁଡ଼ିକୁ ଦାନା ଏବଂ ପାଣି ଦେଇ ସେମାନଙ୍କ ଲାଳନପାଳନ କରୁଛନ୍ତି। ଦିନେ ଘର ଖର୍ଚ୍ଚ ପାଇଁ ମୁରବିଙ୍କ ହାତକୁ ଚାହିଁ ରହୁଥିବା ମହିଳାମାନେ ଏବେ ଅଣ୍ଡା ଏବଂ କୁକୁଡ଼ା ବିକ୍ରି କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରିବାରେ ମୁଖ୍ୟ ଭୂମିକା ତୁଲାଉଛନ୍ତି। ସିଦ୍ଧେଶ୍ୱରୀ ସ୍ୱୟଂସହାୟକ ଗୋଷ୍ଠୀର ଏସବୁ ସମ୍ଭବ ହୋଇପାରିଛି ରାଜ୍ୟ ସରକାରଙ୍କ ମିଶନ ଶକ୍ତି ପାଇଁ। ଆଗକୁ କିଭଳି ଅଧିକରୁ ଅଧିକ ଏହି ଅଣ୍ଡାଦିଆ କୁକୁଡ଼ା ଚାଷ କରି ମହିଳାମାନଙ୍କୁ ଆର୍ଥିକ ରୋଜଗାରକ୍ଷମ କରାଯାଇପାରିବ ସେଥିନିମନ୍ତେ ପ୍ରୟାସ ଚାଲିଥିବା ସୂଚନା ଦେଇଛନ୍ତି ମୋହନା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ବୀରେନ୍ଦ୍ର ପଣ୍ଡା। ଆଗାମୀ ଦିନରେ ଏହାର ସଫଳ ରୂପାୟନ ହୋଇପାରିଲେ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ମହିଳାମାନେ ନିଶ୍ଚିତ ଭାବେ ଉପକୃତ ହୋଇପାରିବେ।






ସକାଳ
THE SAKALA
www.sakalaepaper.com




## ପ୍ରଫେସର ଯୋଗେଶ ସିଂହ ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୁଳପତି

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):** ପ୍ରଫେସର ଯୋଗେଶ ସିଂହ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନୂଆ କୁଳପତି(ଭିସି) ନିଯୁକ୍ତ ହୋଇଛନ୍ତି। ସେ ବର୍ତ୍ତମାନ ଦିଲ୍ଲୀ ଟେକ୍ନୋଲୋଜିକାଲ ୟୁନିଭର୍ସିଟି (ଡିଟିୟୁ)ର ଭିସି ଅଛନ୍ତି। ସେ ୨୦୧୪-୧୭ ଯାଏଁ ନେତାଜୀ ସୁବାଷ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ନିର୍ଦ୍ଦେଶ ଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୁଧବାର ତାଙ୍କ ନିଯୁକ୍ତିକୁ ମଞ୍ଜୁରି ଦେଇଛନ୍ତି। ଏହା ସହିତ ପ୍ରଫେସର ନୀଳିମା ଗୁପ୍ତା ମଧ୍ୟପ୍ରଦେଶ ସାଗର ସ୍ଥିତି ଡ. ହରି ସିଂହ ଗୌର ବିଶ୍ୱବିଦ୍ୟାଳୟର ଭିସି ନିଯୁକ୍ତ ହୋଇଛନ୍ତି। ପ୍ର. ନୀଳିମା ଗୁପ୍ତା ଏହା ପୂର୍ବରୁ ତୀଲକା ମାଞ୍ଝୀ ଭାଗଲପୁର ବିଶ୍ୱବିଦ୍ୟାଳୟର ଭିସି ଥିଲେ। ଯୋଗେଶ ସିଂହ ହେଉଛନ୍ତି ଏମ. ଟେକ ଗ୍ରାଜୁଏଟ। ସେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଏବଂ ଏନଆଇଟି କୁରୁକ୍ଷେତ୍ରରୁ ଡକ୍ଟରେଟ ଲାଭ କରିଛନ୍ତି।



## ଗହନା ବଶିଷ୍ଠଙ୍କ ଗିରଫ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୨।୯(ଏଜେନ୍ସି):** ପର୍ଣ୍ଣ ଫିଲ୍ମ(ଅଶ୍ଳୀଳ ଚଳଚ୍ଚିତ୍ର) ମାମଲାରେ ଅଭିନେତ୍ରୀ ଗହନା ବଶିଷ୍ଠଙ୍କୁ ବଡ ଆଶ୍ୱସ୍ତି ମିଳିଛି। ଏହି ମାମଲାରେ ତାଙ୍କ ଗିରଫଦାରୀ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ଗହନାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ସର୍ବୋଚ୍ଚ ନ୍ୟାୟାଳୟ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ ଲଗାଇ ଦେଇଛନ୍ତି ଏବଂ ତଦନ୍ତରେ ସହଯୋଗ କରିବାକୁ ଅଭିନେତ୍ରୀଙ୍କୁ କହିଛନ୍ତି। ସୂଚନାଯୋଗ୍ୟ ଯେ ଏକ ୱେବସାଇଟରେ ଅଶ୍ଳୀଳ ଭିଡିଓ ଅପଲୋଡ ଏବଂ ସୁଟିଂ ଅଭିଯୋଗରେ ଗହନାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ମାଲୱାନୀ ଥାନାରେ ରୁଜୁ ମାମଲାକୁ ମୁମ୍ବଇ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ପର୍ଣ୍ଣ ଭିଡିଓ ମାମଲାରେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ବ୍ୟବସାୟୀ ପତି ରାଜ କୁନ୍ଦ୍ରାଙ୍କ ସହିତ ତାଙ୍କ କମ୍ପାନୀର ୩ରୁ ୪ ଫିଲ୍ମ ନିର୍ମାତାଙ୍କ ବିରୋଧରେ ଜଣେ ମଡେଲ ଏଫଆଇଆର ରୁଜୁ କରିଥିଲେ।

## ଜମ୍ମୁ-କାଶ୍ମୀରର ୬ କର୍ମଚାରୀ ବହିଷ୍କୃତ

**ଶ୍ରୀନଗର,୨୨।୯(ଏଜେନ୍ସି):** ଜମ୍ମୁ-କାଶ୍ମୀରରେ ୬ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କାର କରିଦିଆଯାଇଛି । ଆତଙ୍କବାଦୀ ସଙ୍ଗଠନ ସହ ସମ୍ପର୍କରେ ଥିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ୬ କର୍ମଚାରୀଙ୍କ ମଧ୍ୟରେ ଜମ୍ମୁ-କାଶ୍ମୀର ପୁଲିସର ଦୁଇ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ରିପୋର୍ଟ ଅନୁଯାୟୀ ଆତଙ୍କବାଦୀ ଲିଙ୍କର ତଦନ୍ତ ଲାଗି କେନ୍ଦ୍ରଶାସିତ ପ୍ରଦେଶ ସରକାରଙ୍କ ଦ୍ୱାରା ଏଥିପାଇଁ ଏକ କମିଟି ଗଠନ କରାଯାଇଥିଲା।

**ଆବେଦନ ଖାରଜ କରି ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ**

# ନଭେମ୍ବରରୁ ମହିଳାଙ୍କୁ ଏନ୍‌ଡିଏରେ ସାମିଲ କର

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି)**

ଚଳିତ ବର୍ଷ ନ୍ୟାସନାଲ ଡିଫେନ୍ସ ଏକାଡେମି(ଏନଡିଏ) ପ୍ରବେଶିକା ପରୀକ୍ଷାରେ ମହିଳାଙ୍କୁ ଅନୁମତି ଦେବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏବେ ଆସନ୍ତା ନଭେମ୍ବର ମାସରୁ ମହିଳା ଏନଡିଏ ପ୍ରବେଶିକା ପରୀକ୍ଷା ଦେଇପାରିବେ। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ସଶସ୍ତ୍ର ବାହିନୀ ଜରୁରୀକାଳୀନ ସ୍ଥିତିକୁ ମୁକାବିଲା କରିବାରେ ସକ୍ଷମ। ତେଣୁ ଆମେ ମହିଳାଙ୍କୁ ଏନଡିଏରେ ପ୍ରବେଶ କରାଇବା ସମୟକୁ ଏକ ବର୍ଷ ପାଇଁ ସ୍ଥଗିତ ରଖିପାରିବୁ ନାହିଁ। ଏହା କହି କେନ୍ଦ୍ରର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟର ଜଷ୍ଟିସ ଏସକେ କାଉଲଙ୍କ ନେତୃତ୍ୱାଧିନ ଖଣ୍ଡପୀଠଙ୍କ ନିକଟରେ ସରକାର ଚଳିତ ବର୍ଷ ଏନଡିଏ ପରୀକ୍ଷାରେ ମହିଳାଙ୍କୁ ପ୍ରବେଶ କରାଇବା ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ନିବେଦନ କରିଥିଲେ। ନଭେମ୍ବର ୧୪ରେ ଆଗାମୀ ପ୍ରବେଶିକା ପରୀକ୍ଷା ହେବାକୁ ଯାଉଛି। ଏଥିରେ ମହିଳାଙ୍କୁ ଅନୁମତି ଦିଆ ନଯିବା ଉଚିତ ବୋଲି ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଥିଲା। କାରଣ ଏବେ ପ୍ରଶିକ୍ଷଣ ପାଇଁ ମାନଦଣ୍ଡ ଧାର୍ଯ୍ୟ କରାଯାଇନାହିଁ। ଏହା ପ୍ରସ୍ତୁତ କରିବାକୁ ୨୦୨୨ ମେ ପର୍ଯ୍ୟନ୍ତ ସମୟ ଲାଗିବ। ତେବେ ସୁପ୍ରିମକୋର୍ଟ ଝିଅମାନଙ୍କୁ ଚଳିତ ବର୍ଷରୁ ଏହି ପରୀକ୍ଷାରେ ସାମିଲ କରାଇବା ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ୨୦୨୧ ନଭେମ୍ବରରେ ହେବାକୁ ଥିବା ପ୍ରବେଶିକା ପରୀକ୍ଷାରେ ମହିଳାମାନଙ୍କୁ ପ୍ରବେଶ ଅନୁମତି ଦିଆଯିବା ଆବଶ୍ୟକ। ଗୋଟିଏ ବର୍ଷ ପାଇଁ ଏହାକୁ ସ୍ଥଗିତ କରିହେବ ନାହିଁ। ଡାକ୍ତରୀ ମାନକକୁ ପରୀକ୍ଷାମୂଳକ ଭାବରେ ସୂଚିତ କରାଯିବା ଉଚିତ୍। ୟୁପିଏସସି ନଭେମ୍ବରରେ ହେବାକୁ ଥିବା ପରୀକ୍ଷା ପାଇଁ ସଂଶୋଧିତ ବିଜ୍ଞପ୍ତି ଜାରି କରୁ। ସୂଚନା ମୁତାବକ ଏହା ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରାଳୟ ୨୦୨୨ରେ ହେବାକୁ ଥିବା ଏନ୍‌ଡିଏ ପରୀକ୍ଷାରେ ଝିଅମାନଙ୍କୁ ସାମିଲ କରାଇବା ପାଇଁ କୋର୍ଟକୁ କହିଥିଲା। ଏନେଇ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ମଧ୍ୟ ଦାଖଲ କରାଯାଇଥିଲା। ସେଥିରେ କୁହାଯାଇଥିଲା ଯେ ଯୋଗ୍ୟତା ପର୍ଯ୍ୟାୟରେ ଶାରୀରିକ ପରୀକ୍ଷଣର ମାନଦଣ୍ଡ



ରହିବା ସହ ସେମାନଙ୍କ ପାଇଁ ଉପଯୁକ୍ତ ତାଲିମ ବ୍ୟବସ୍ଥା ଏବଂ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ କରାଯିବ। ବିଶେଷକରି ମେଡିକାଲ୍ ଫିଟ୍ ପ୍ରାର୍ଥୀମାନଙ୍କୁ ଅନୁମତି ଦିଆଯିବ। ପୁରୁଷ ପ୍ରାର୍ଥୀଙ୍କ ପରି ମହିଳାଙ୍କ ପାଇଁ ଉପଯୁକ୍ତ ମାନକ ପ୍ରସ୍ତୁତ କରାଯିବ। ସବୁ ମହିଳାଙ୍କ ପାଇଁ ଏକ ସମାନ୍ତରାଳ ଶାରୀରିକ ମାନଦଣ୍ଡ ରହିବ ନାହିଁ ଏବଂ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯିବ। ତେବେ ଏହି ପ୍ରସ୍ତାବକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏହା ଲିଙ୍ଗଗତ ତାରତମ୍ୟ ଉପରେ ଆଧାରିତ। ଚଳିତ ବର୍ଷଠାରୁ ଝିଅମାନେ ଏହି ପରୀକ୍ଷାରେ ସାମିଲ ହେବେ। ପରୀକ୍ଷା ପରେ ଯଦି କୌଣସି ସମସ୍ୟା ଆସୁଛି ତେବେ କେନ୍ଦ୍ର ସରକାର କୋର୍ଟକୁ ଜଣାଇବେ। ଏକ ବର୍ଷ ବିଳମ୍ବ ହେବା ଅର୍ଥ ସବୁକିଛି ଶେଷ କରିଦେବା। 'ଆଜି କୌଣସି ପରୀକ୍ଷା ନାହିଁ, କାଲି ପରୀକ୍ଷା ହେବା' ଏହା ମହିଳାଙ୍କ ଆକାଂକ୍ଷା ବିରୋଧରେ ଯିବ। ମହିଳାଙ୍କ ଅଧିକାରକୁ ସ୍ଥଗିତ ରଖାଯାଇପାରିବ ନାହିଁ। ସରକାର ଏହା ଭାବିବା ଉଚିତ। ପରୀକ୍ଷାକୁ ସ୍ଥଗିତ ରଖିବା କିମ୍ବା ସ୍ଥଗିତ ରଖିବା ଭଲ ସଙ୍କେତ ହେବ ନାହିଁ। ନଭେମ୍ବରରୁ ପ୍ରବେଶିକା ପରୀକ୍ଷା ଦେବାର ଭରଷା ଦେଇ ଏହାକୁ ମିଥ୍ୟା ସାବ୍ୟସ୍ତ କରିବାକୁ ଚାହୁଁନାହୁଁ। ସଶସ୍ତ୍ର ବାହିନୀ ଜରୁରୀକାଳୀନ ସ୍ଥିତିର ମଧ୍ୟ ମୁକାବିଲା କରୁଛି। ଏହି ମାମଲାରେ ମଧ୍ୟ ସମାଧାନର ରାସ୍ତା ବାହାରିବ ବୋଲି ଆମର ବିଶ୍ୱସା ଅଛନ୍ତି। ଏହା ସହିତ ଚଳିତ ବର୍ଷଠାରୁ ଆରମ୍ଭ କରିବାକୁ କୋର୍ଟ କେନ୍ଦ୍ରକୁ କହିଛନ୍ତି। ୨ ମାସ ମଧ୍ୟରେ ପରୀକ୍ଷାର ଫଳାଫଳ ବାହାରିବ। ତେଣୁ ସେ ପର୍ଯ୍ୟନ୍ତ ଶୁଣାଣିକୁ କୋର୍ଟ ସ୍ଥଗିତ ରଖିଛନ୍ତି।

## କୋଭିସିଲ୍ଡକୁ ମଞ୍ଜୁରି; ପ୍ରମାଣପତ୍ରକୁ ନା

**ଲଣ୍ଡନ,୨୨।୯(ଏଜେନ୍ସି):** ଭାରତର ଚେତାବନୀ ପରେ ବ୍ରିଟେନ ନିଜର ଟିକା ନୀତିରେ ପରିବର୍ତ୍ତନ କରିଛି। ଏବେ ସଂଶୋଧିତ ଯାତ୍ରା ନିୟମରେ ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର କରୋନା ଟିକା 'କୋଭିଶିଲ୍ଡ' କୁ ବ୍ରିଟେନ ମଞ୍ଜୁରି ଦେଇଛି। ତେବେ ଭାରତର ଟିକା ପ୍ରମାଣପତ୍ରକୁ ସ୍ୱୀକୃତି ମିଳିନାହିଁ । ଏହା ଉପରେ ଭରଷା କରାଯାଇପାରିବ ନାହିଁ ବୋଲି ବ୍ରିଟେନ ପକ୍ଷରୁ କୁହାଯାଇଛି। ଏଥିଯୋଗୁଁ ବ୍ରିଟେନ ଗସ୍ତ କରୁଥିବା ଭାରତୀୟମାନଙ୍କୁ ସେଠାରେ ୧୦ ଦିନ ପର୍ଯ୍ୟନ୍ତ ସଙ୍ଗରୋଧରେ ରହିବାକୁ ପଡିବ ଏବଂ ପରୀକ୍ଷା କରାଇବାକୁ ହେବ। ବ୍ରିଟେନର ଏହି ନିଷ୍ପତ୍ତି ବର୍ଣ୍ଣବୈଷମ୍ୟ ଆଧାରିତ ବୋଲି ଭାରତୀୟ ନାଗରିକ କହିଥିଲେ। ଭାରତ ସରକାର ମଧ୍ୟ ବ୍ରିଟେନର ନୂଆ ଟିକା ନୀତିକୁ ତୀବ୍ର ବିରୋଧରେ କରିଥିଲେ ଏବଂ 'ଯେସାକୁ ତେସା' ନୀତି ଗ୍ରହଣ କରାଯିବ ବୋଲି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଚେତାବନୀ ଦେଇଥିଲେ। ବ୍ରିଟେନର ସଂଶୋଧିତ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିଛି ଯେ ଅକ୍ଟୋବର ୪ରୁ ବ୍ରିଟେନ, ୟୁରୋପ, ଆମେରିକା ତଥା ଅନ୍ୟ କିଛି ଦେଶ ଦ୍ୱାରା ଅନୁମତି ପାଇଥିବା ଟିକାର ଦୁଇଟି ଡୋଜ୍ ନେଇଥିବା ଲୋକଙ୍କୁ ଦେଶରେ ପ୍ରବେଶ ପାଇଁ ଅନୁମତି ମିଳିବ। ଏବେ ଆଉ କିଛି ଟିକାକୁ ସ୍ୱୀକୃତିପ୍ରାପ୍ତ ତାଲିକାରେ ସାମିଲ କରାଯାଉଛି। ସେଗୁଡିକ ମଧ୍ୟରେ ଅଷ୍ଟ୍ରାଜେନେକା କୋଭିସିଲ୍ଡ, ଅଷ୍ଟ୍ରାଜେନେକା ଭାକ୍ସଜେଭରିଆ ଓ ମଡର୍ଣ୍ଣା ଟାକେଟା ସାମିଲ ରହିଛି। ଏହି ଟିକାର ଉଭୟ ଡୋଜ୍ ନେଇଥିଲେ ବ୍ରିଟେନରେ ପ୍ରବେଶ ପାଇଁ ଅନୁମତି ମିଳିବ। ତେବେ ମାର୍ଗଦର୍ଶିକାରେ କୁହାଯାଇଛି ଯେ କୋଭିସିଲ୍ଡର ଉଭୟ ଡୋଜ୍

**ସୁଧୁରୁନି ବ୍ରିଟେନ୍**

ନେଇଥିଲେ ମଧ୍ୟ ଭାରତୀୟଙ୍କୁ ସଙ୍ଗରୋଧରେ ରହିବାକୁ ପଡ଼ିବ। କୋଭିସିଲ୍ଡକୁ ନେଇ ଆମର କୌଣସି ଅସୁବିଧା ନାହିଁ। କିନ୍ତୁ ଭାରତରେ ଦିଆଯାଉଥିବା ଟିକା ପ୍ରମାଣପତ୍ର ଉପରେ ସନ୍ଦେହ ରହିଛି। ଭାରତ ସରକାରଙ୍କ ସହ ଟିକା ପ୍ରମାଣପତ୍ରର ମାନ୍ୟତାର ସୀମା ବୃଦ୍ଧି କରିବାକୁ କାର୍ଯ୍ୟ କରୁଛୁ।

## ମହନ୍ତ ନରେନ୍ଦ୍ର ଗିରିଙ୍କ ମୃତ୍ୟୁର ତଦନ୍ତ କରିବ ସିବିଆଇ

**ପ୍ରୟାଗରାଜ, ୨୨।୯(ଏଜେନ୍ସି):** ଅଖିଳ ଭାରତୀୟ ଆଖଡା ପରିଷଦର ଅଧ୍ୟକ୍ଷ ତଥା ବାଘମ୍ବରୀ ଆଖଡାର ମହନ୍ତ ନରେନ୍ଦ୍ର ଗିରିଙ୍କ ସନ୍ଦିଗ୍ଧ ମୃତ୍ୟୁର ସିବିଆଇ ତଦନ୍ତ ଲାଗି ସୁପାରିସ କରିଛନ୍ତି ଉତ୍ତରପ୍ରଦେଶ ସରକାର। ସରକାରଙ୍କ ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି। ଏହା ପୂର୍ବରୁ ଅନେକ ମଠର ସାଧୁସନ୍ଥ ଏବଂ ରାଜନୈତି ଦଳ ମହନ୍ତଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବି କରିଥିଲେ। ଏବେ ଏସଆଇଟି ଏହି ମାମଲାର ତଦନ୍ତ କରୁଛି। କେନ୍ଦ୍ର ସରକାରଙ୍କ ଅନୁମତି ମିଳିବା ପରେ ସିବିଆଇ ତଦନ୍ତ ଆରମ୍ଭ କରିପାରେ। ବୁଧବାର ମହନ୍ତଙ୍କୁ ଭୂ-ସମାଧି ଦିଆଯାଇଛି। ମହନ୍ତଙ୍କ ସୁଇସାଇଡ ନୋଟରେ ଘୋଷିତ ଉତ୍ତରାଧିକାରୀ ବଲବୀର ଅନ୍ତିମ ସଂସ୍କାର କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସ୍ୱରୂପ ରାଣୀ ନେହେରୁ ହସ୍ପିଟାଲରେ ତାଙ୍କ ଶବ ବ୍ୟବଚ୍ଛେଦ ହୋଇଥିଲା। ଏହି ରିପୋର୍ଟ ମୁଦ ଲଫାପାରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ପ୍ରାରମ୍ଭିକ ରିପୋର୍ଟରେ ଫାଶୀ ଦେଇଥିବା ଯୋଗୁଁ ମୃତ୍ୟୁ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ଆନନ୍ଦ ଗିରି ଏବଂ ଆଦ୍ୟାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହେପାଜତକୁ ପଠାଇ ଦିଆଯାଇଛି। କୋର୍ଟରେ ପହଞ୍ଚିବା ସମୟରେ ଉଭୟେ ମାଡପିଟ କରିଥିଲେ। ଏଥିଯୋଗୁଁ ପୁଲିସ ସେମାନଙ୍କୁ ନୈନି ସେଣ୍ଟ୍ରାଲ ଜେଲକୁ ପଠାଇ ଦେଇଛି।



■ ସବୁଠାରୁ ବଡ଼ ଧର୍ମାନ୍ତରୀକରଣ ରାକେଟର ପର୍ଦ୍ଦାଫାସ

## ଗ୍ଲୋବାଲ ପିସ୍ ସେଣ୍ଟର୍‌ର ଅଧ୍ୟକ୍ଷ ଗିରଫ

**ଲକ୍ଷ୍ନୌ,୨୨।୯(ଏଜେନ୍ସି):** ଉତ୍ତରପ୍ରଦେଶର ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ(ଏଟିଏସ) ଭାରତର ସବୁଠାରୁ ବଡ ବେଆଇନ ଧର୍ମାନ୍ତରୀକରଣ ରାକେଟର ପର୍ଦ୍ଦାଫାସ କରିଥିବା ଦାବି କରିଛି। ଏହି ମାମଲାରେ ମିରଟରୁ ମୌଲାନା କଲିମ ସିଦ୍ଦିକ୍ଷୀଙ୍କୁ ଗିରଫ କରାଯାଇଛି। ସେ ଗ୍ଲୋବାଲ ପିସ୍ ସେଣ୍ଟର୍ ଆଣ୍ଡ ପିସ୍ ମିଶନ୍ ଏବଂ ଜମିୟତ-ଇ-ୱଲିଉଲ୍ଲାହର ଅଧ୍ୟକ୍ଷ ଅଛନ୍ତି। ଏଟିଏସ ଅନୁଯାୟୀ ଧର୍ମାନ୍ତରୀକରଣକୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗରେ ମୌଲାନା କଲିମଙ୍କୁ ଗିରଫ କରାଯାଇଛି। ଉମର ଗୌତମ କେସର ଯାଞ୍ଚ ବେଳେ ତାଙ୍କ ନାମ ସାମ୍ନାକୁ ଆସିଥିଲା। ଧର୍ମାନ୍ତରୀକରଣ ରାକେଟ ଚଳାଉଥିବା ଯୋଗୁଁ ଚଳିତ ବର୍ଷ ଜୁନ ମାସରେ ପୁଲିସ ତାଙ୍କୁ ଗିରଫ କରିଥିଲା। ସନ୍ଦେହ ଜନକ କାର୍ଯ୍ୟ ଯୋଗୁଁ ୬୪ ବର୍ଷୀୟ ମୌଲାନ ସୁରକ୍ଷା ଏଜେନ୍ସିର ରାଡାରରେ ଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ମିରଟରେ ପହଞ୍ଚିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏବେ ପୁଲିସ ତାଙ୍କୁ ଜେରା କରୁଛି। ସେ ମୁଜାଫରନଗରର ବାସିନ୍ଦା। ତାଙ୍କୁ ବିଦେଶରୁ ମଧ୍ୟ ପାଣ୍ଠି ମିଳୁଥିଲା। ୟୁପିର ଏଡିଜି ପ୍ରଶାନ୍ତ କୁମାର କହିଛନ୍ତି ଯେ ମୌଲାନାଙ୍କ ଟ୍ରଷ୍ଟକୁ ୩ କୋଟି ଟଙ୍କାର ବିଦେଶୀ ପାଣ୍ଠି ମିଳିଛି। ଏଥିରେ ବାହାରିନରୁ ଆସିଥିବା ୧.୫ କୋଟି ଟଙ୍କା ସାମିଲ ରହିଛି। ମାମଲାର ତଦନ୍ତ ଲାଗି ୬ଟି ଟିମ ଗଠନ କରାଯାଇଛି। ଏହି ରାକେଟ ଭାରତରେ ପ୍ରାୟ ହଜାରେ ଲୋକଙ୍କ ଧର୍ମାନ୍ତରୀକରଣ କରିଥିଲେ। ଏହି ସଂଗଠନ ୧୫ ବର୍ଷ ହେଲା ଧର୍ମାନ୍ତରୀକରଣ ଜାରି ରଖିଥିଲା। ଅନ୍ୟପକ୍ଷରେ ମୌଲାନଙ୍କ ଗିରଫକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଆପ ଏବଂ ସମାଜବାଦୀ ପାର୍ଟି ଏହାକୁ ବିରୋଧ କରିଛନ୍ତି।



## ଦିନକରେ ୨୬ ୯ ୬୪ ନୂଆ ସଂକ୍ରମିତ

**ନୂଆଦିଲ୍ଲୀ,୨୨।୯(ଏଜେନ୍ସି):** ଭାରତରେ କରୋନା ସଂକ୍ରମଣ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରୁ ୨୬୯୬୪ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ସମୟରେ ୩୮୩ ଆକ୍ରାନ୍ତ ମଧ୍ୟ ପ୍ରାଣ ହରାଇଛନ୍ତି। ଏହା ସହିତ ମୋଟ ମୃତ୍ୟୁସଂଖ୍ୟା ୪୪୫୭୬୮କୁ ଏବଂ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୩୫୩୧୪୯୮କୁ ବୃଦ୍ଧି ପାଇଛି। ଏବେ ୩,୦୧,୯୮୯ ରୋଗୀ ଚିକିତ୍ସିତ ହେଉଛନ୍ତି। ଏହା ୧୮୬ ଦିନରେ ସର୍ବନିମ୍ନ। ମୋଟ ସଂକ୍ରମଣରେ ସକ୍ରିୟ ରୋଗୀସଂଖ୍ୟା ୦.୯୦ ପ୍ରତିଶତ ରହିଛି। ଏହା ଗତ ବର୍ଷ ମାର୍ଚ୍ଚ ମାସ ପରଠାରୁ ସବୁଠାରୁ କମ। ଏହି ସମୟରେ ୩୪,୧୬୭ ରୋଗୀ ମଧ୍ୟ ସୁସ୍ଥ ହୋଇଛନ୍ତି। ଏବେ ଦୈନିକ ସଂକ୍ରମଣ ହାର ୧.୬୯ ପ୍ରତିଶତ ଏବଂ ସାପ୍ତାହିକ ସଂକ୍ରମଣ ହାର ୨.୦୮ ପ୍ରତିଶତ ରହିଛି।

■ ଆମେରିକା ଗଲେ ପ୍ରଧାନମନ୍ତ୍ରୀ

## ଆଫଗାନିସ୍ତାନ ଦେଇ ଗଲାନି ବିମାନ

**ନୂଆଦିଲ୍ଲୀ, ୨୨।୯(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଆମେରିକା ଗସ୍ତରେ ଯାଇଛନ୍ତି। ତେବେ ଆଫଗାନିସ୍ତାନ ବାୟୁସୀମା ଦେଇ ତାଙ୍କ ବିମାନ ଯାଇନାହିଁ। ସୁରକ୍ଷା କାରଣରୁ ଏହି ନିଷ୍ପତ୍ତି ନିଆଯାଇଛି। ସେ ଆମେରିକା ଯିବା ପାଇଁ ପାକିସ୍ତାନ ବାୟୁସୀମାକୁ



ବ୍ୟବହାର କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ଏୟାରଫୋର୍ସ ୱାନରେ ଏନଏସଏ ଅଜିତ ଡୋଭାଲ, ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲାଙ୍କ ସମେତ ବରିଷ୍ଠ ଅଧିକାରୀ ଆମେରିକା ଗସ୍ତରେ ଯାଇଛନ୍ତି। ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ବିମାନ ଲାଗି ପାକିସ୍ତାନ ବାୟୁସୀମା ବ୍ୟବହାର ଲାଗି ଅନୁମତି ମଗା ଯାଇଥିଲା। ଇସଲାମାବାଦ ଏ ନେଇ ମଞ୍ଜୁରୀ ଦେଇଥିଲା। ଭାରତରୁ ଆମେରିକା ଯିବା ପାଇଁ ପାକିସ୍ତାନ କିମ୍ବା ଆଫଗାନ ବାୟୁସୀମା ଦେଇ ଯିବାକୁ ପଡିଥାଏ। ଏହା ପରେ ବିମାନ ତାଜାକିସ୍ତାନ ସୀମା ଦେଇ ଉତ୍ତର ଆଟଲାଣ୍ଟିକ ସାଗର ଉପରେ ଯାଇଥାଏ। ତେବେ ଅନ୍ୟ ଆମେରିକୀୟ ସହରକୁ ଯିବାକୁ ହେଲେ ଯାତ୍ରାପଥରେ ପରିବର୍ତ୍ତନ ହୋଇଥାଏ। ନୂଆଦିଲ୍ଲୀରୁ ଆମେରିକା ପହଞ୍ଚିବା ଲାଗି ପ୍ରଧାନମନ୍ତ୍ରୀଙ୍କ ବିମାନକୁ ୧୫ ଘଣ୍ଟା ଲାଗିବ। ତେବେ ଆଫଗାନ ଦେଇଗଲେ ଅଧିକ ସମୟ ଲାଗିଥାଏ। ଆଫଗାନକୁ କବ୍‌ଜା କରିବା ପରେ ତାଲିବାନ ଅଗଷ୍ଟ ୧୬ରେ ବାଣିଜ୍ୟିକ ଉଡାଣ ପାଇଁ ନିଜ ବାୟୁସୀମାକୁ ବନ୍ଦ କରିଦେଇଥିଲା। ଭାରତ ସରକାର ମଧ୍ୟ ଏୟାରଲାଇନ କମ୍ପାନୀଗୁଡିକୁ ଆଫଗାନ ବାୟୁସୀମା ବ୍ୟବହାର ନ କରିବାକୁ କହିଥିଲେ। ଏହା ପୂର୍ବରୁ ୨୦୧୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିମାନକୁ ନିଜ ବାୟୁସୀମା ବ୍ୟବହାର ପାଇଁ ପାକିସ୍ତାନ ଅନୁମତି ଦେଇନଥିଲା। ଭାରତ ଏହି ପ୍ରସଙ୍ଗ ସିଭିଲ ଆଭିଏସନ ଅର୍ଗାନାଇଜେସନ(ଆଇସିଏଓ)ରେ ଉଠାଇଥିଲା।

ପ୍ରଧାନମନ୍ତ୍ରୀ ମୋଦୀ ଏହି ୪ ଦିନିଆ ଗସ୍ତରେ ଆମେରିକା ରାଷ୍ଟ୍ରପିତ ଜୋ ବାଇଡେନ, ଉପରାଷ୍ଟ୍ରପତି କମଳା ହ୍ୟାରିସଙ୍କୁ ଭେଟି ଦ୍ୱିପାକ୍ଷିକ ଆଲୋଚନା କରିବା ସହିତ ୟୁଏନଜିଏ ବୈଠକକୁ ସମ୍ବୋଧନ କରିବେ। ସେ କ୍ୱାଡ ରାଷ୍ଟ୍ରଗୁଡିକର ସମ୍ମିଳନୀରେ ମଧ୍ୟ ସାମିଲ ହେବେ। ଏହି ଗସ୍ତ ପୂର୍ବରୁ ମୋଦୀ କହିଛନ୍ତି ଯେ ସେ ବାଇଡେନଙ୍କ ଆମନ୍ତ୍ରଣରେ ୨୦୨୧ ସେପ୍ଟେମ୍ବର ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଯିବେ । ଏହି ଅବସରରେ ବାଇଡେନଙ୍କ ସହ ଭାରତ-ଆମେରିକା ବ୍ୟାପକ ଅନ୍ତର୍ଜାତୀୟ ରଣନୀତିକ ସହଯୋଗିତା ଓ ପରସ୍ପର ସ୍ୱାର୍ଥ ସହ ଜଡ଼ିତ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ସେ ଉପରାଷ୍ଟ୍ରପତି କମଳା ହାରିସଙ୍କୁ ସାକ୍ଷାତ କରି ଉଭୟ ଦେଶ ମଧ୍ୟରେ ନିର୍ଦ୍ଦିଷ୍ଟ ଭାବେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗର ସମ୍ଭାବନା ଉପରେ ଆଲୋଚନ କରିବେ ।

### ଅନ୍ତର୍ଜାତୀୟ କରୋନା ସମ୍ମିଳନୀକୁ ମୋଦୀଙ୍କ ସମ୍ବୋଧନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଭର୍ଚୁଆଲ ଭାବେ ଆୟୋଜିତ ଅନ୍ତର୍ଜାତୀୟ କରୋନା ସମ୍ମିଳନୀରେ ସାମିଲ ହୋଇଛନ୍ତି। ସେ କରୋନା ଲଢାଇରେ ଭାରତର ଉପଲବ୍ଧିକୁ ପ୍ରକାଶ କରିବା ସହିତ ସାରା ବିଶ୍ୱକୁ କରୋନା ଟିକା ଦେବା ପାଇଁ ଯୋଗାଣ ଶୃଙ୍ଖଳର ବ୍ୟବହାର କରିବାକୁ କହିଥିଲେ। ଏହା ସହିତ ମୋଦୀ ଟିକା କଞ୍ଚାମାଲ ଯୋଗାଣରେ ବ୍ୟାହତକୁ ନେଇ ଆମେରିକାକୁ ଇଙ୍ଗିତ କରି ସମାଲୋଚନା କରିଥିଲେ। ପରିଶେଷରେ ସେ ମହାମାରୀର ଆର୍ଥିକ ପ୍ରଭାବ ଉଲ୍ଲେଖ କରି ବ୍ରିଟେନକୁ ଭାରତର ଟିକାକରଣ ପ୍ରମାଣପତ୍ରକୁ ମଞ୍ଜୁରି ଦେବା ପାଇଁ ସଙ୍କେତ ଦେଇଥିଲେ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏହି ସମ୍ମିଳନୀ ଡାକିଥିଲେ। ମୋଦୀ ଅଭିଭାଷଣ ଦେଇ ବାଇଡେନଙ୍କୁ ପ୍ରଶଂସା କରିଥିଲେ। ଏହା ସହିତ ଅନ୍ତର୍ଜାତୀୟ ଯାତ୍ରାକୁ ସରଳ କରିବା ପାଇଁ ଟିକା ପ୍ରମାଣପତ୍ରକୁ ପାରସ୍ପରିକ ସ୍ୱୀକୃତି ଦେବା ଉଚିତ ବୋଲି କହିଥିଲେ।

**ୟୁଏନ୍‌ଜିଏରେ କାଶ୍ମୀର ପ୍ରସଙ୍ଗ ଉଠାଇଲା ତୁର୍କୀ**

# ସାଇପ୍ରସ୍‌କୁ ନେଇ କଡ଼ା ଜବାବଦେଲେ ଜୟଶଙ୍କର

**ନ୍ୟୁୟର୍କ, ୨୨।୯(ଏଜେନ୍ସି)**

ମିଳିତ ଜାତିସଂଘ ମହାସଭା (ୟୁଏନଜିଏ)ର ୭୬ତମ ଅଧିବେଶନରେ ତୁର୍କୀକୁ କଡ଼ା ଜବାବ ଦେଇଛି ଭାରତ। ତୁର୍କୀ ରାଷ୍ଟ୍ରପତି ରେସେପି ତାଇପେ ଏରୋଡଗାନ ୟୁଏନଜିଏରେ ଅଭିଭାଷଣ ରଖି କାଶ୍ମୀର ପ୍ରସଙ୍ଗ ଉଠାଇବାରୁ ଏହାର କଡା ଜବାବ ଦେଇଥିଲେ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର। ସେ ସାଇପ୍ରସ ପ୍ରସଙ୍ଗ ଉଲ୍ଲେଖ କରି ତୁର୍କୀକୁ ଘେରିଥିଲେ। ତୁର୍କୀ ଅନେକ ଦଶନ୍ଧି ହେଲା ସାଇପ୍ରସର ସିଂହ ଭାଗକୁ ବେଆଇନ ଭାବେ କବ୍‌ଜା କରିନେଇଛି। ଏହି ପ୍ରସଙ୍ଗରେ ଜାତିସଂଘରେ ମଧ୍ୟ ପ୍ରସ୍ତାବ ପାରିତ ହୋଇଛି। କିନ୍ତୁ ତୁର୍କୀ ଏହାକୁ ମାନୁନାହିଁ। ଜୟଶଙ୍କର ନିଜର ସାଇପ୍ରସ ସମକକ୍ଷ ନିକୋସ କ୍ରିଷ୍ଟୋଡୌଲାଇଡ୍ସଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ସମୟରେ ସେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ(ୟୁଏନଏସସି)ରେ ସାଇପ୍ରସ ପ୍ରସଙ୍ଗରେ ପାରିତ ପ୍ରସ୍ତାବ ପାଳନର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଜୟଶଙ୍କର ବୁଧବାର ଟ୍ୱିଟ କରି କହିଛନ୍ତି ଯେ ଉଭୟ ଦେଶ ଆର୍ଥିକ ସମ୍ବନ୍ଧକୁ ଆହୁରି ବୃଦ୍ଧି କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଜୟଶଙ୍କର କ୍ରିଷ୍ଟୋଡୌଲାଇଡ୍ସଙ୍କ ଆଞ୍ଚଳିକ ଜ୍ଞାନକୁ ପ୍ରଶଂସା କରିଛନ୍ତି। ସମସ୍ତେ ସାଇପ୍ରସ ପ୍ରସଙ୍ଗରେ ପାରିତ ପ୍ରସ୍ତାବକୁ ପାଳନ କରିବା ଉଚିତ ବୋଲି ସେ କହିଥିଲେ।




ଏରୋଡଗାନ ମଙ୍ଗଳବାର ୟୁଏନଜିଏରେ କହିଥିଲେ ଯେ କାଶ୍ମୀରକୁ ନେଇ ୭୪ ବର୍ଷ ହେଲା ଜାରି ରହିଥିବା ସମସ୍ୟାକୁ ଉଭୟ ରାଷ୍ଟ୍ର ଆଲୋଚନା ତଥା ଜାତିସଂଘର ପ୍ରାସଙ୍ଗିକ ପ୍ରସ୍ତାବ ମାଧ୍ୟମରେ ସମାଧାନ କରିବା ଉଚିତ। ଏହା ପୂର୍ବରୁ ମଧ୍ୟ ସେ ଜାତିସଂଘରେ କାଶ୍ମୀର ପ୍ରସଙ୍ଗ ଉଠାଇଥିଲେ। ତେବେ ଭାରତ ଏହାକୁ କଡା ବିରୋଧ କରିଥିଲା। ସୂଚନାଯୋଗ୍ୟ ଯେ ୧୯୭୪ରେ ୟୁନାନ ସରକାରର ସମର୍ଥନରେ ସେନା କ୍ଷମତା ଦଖଲ କରିବା ପରଠାରୁ ସାଇପ୍ରସରେ ସଂଘର୍ଷ ଆରମ୍ଭ ହୋଇଥିଲା। ଏହା ପରେ ତୁର୍କୀ ୟୁନାନର ଉତ୍ତର ଭାଗରେ ଆକ୍ରମଣ କରିଥିଲା। ଭାରତ ଜାତିସଂଘ ପ୍ରସ୍ତାବ ମାଧ୍ୟମରେ ଏହି ମାମଲାର ଶାନ୍ତିପୂର୍ଣ୍ଣ ସମାଧାନ ଦାବି କରିଛି। ପାକିସ୍ତାନ ପରେ ତୁର୍କୀ ଭାରତ ବିରୋଧୀ କାର୍ଯ୍ୟକଳାପର କେନ୍ଦ୍ର ବନିଯାଇଛି। ରିପୋର୍ଟ ଅନୁଯାୟୀ କେରଳ ଏବଂ କାଶ୍ମୀର ସମେତ ଦେଶର ଅନେକ ଭାଗରେ ଚାଲିଥିବା ଚରମପନ୍ଥୀ କାର୍ଯ୍ୟକଳାପ ପାଇଁ ତୁର୍କୀ ପାଣ୍ଠି ଯୋଗାଉଛି। ତୁର୍କୀ ଭାରତରେ ମୁସଲମାନଙ୍କ ମଧ୍ୟରେ ଚରମପନ୍ଥୀ ଚିନ୍ତାଧାର ବୃଦ୍ଧି କରୁଛି ଏବଂ ସେମାନଙ୍କୁ ନିଯୁକ୍ତି କରିବାକୁ ପ୍ରୟାସ କରୁଛି। ଦକ୍ଷିଣ ଏସିଆର ମୁସଲମାନଙ୍କ ମଧ୍ୟରେ ପ୍ରଭାବ ବିସ୍ତାର କରିବା ପାଇଁ ତୁର୍କୀ ଏପରି କରୁଛି।

### ଜାତିସଂଘ ପ୍ରତିନିଧିଙ୍କ ନାମ ଘୋଷଣା କଲା ତାଲିବାନ

**କାବୁଲ, ୨୨।୯(ଏଜେନ୍ସି):** ଆଫଗାନିସ୍ତାନକୁ କବ୍‌ଜା କରି ସରକାର ଗଠନ କରିବା ପରେ ତାଲିବାନ ବିଶ୍ୱ ସମୁଦାୟର ସ୍ୱୀକୃତି ପାଇବା ଉଦ୍ୟମ ଆରମ୍ଭ କରିଛି। ତାଲିବାନ ଏଥିପାଇଁ ବିଶ୍ୱ ନେତାଙ୍କୁ ସମ୍ବୋଧନ କରିବାକୁ ଚାହୁଁଛି। ମିଳିତ ଜାତିସଂଘ ମହାସଭା(ୟୁଏନଜିଏ)ରେ କହିବା ପାଇଁ ଏହି ଚରମପନ୍ଥୀ ସଂଗଠନ ଅନୁମତି ମାଗିଛି। ତାଲିବାନର ମୁଖପାତ୍ର ସୁହେଲ ସାହିନକୁ ଜାତିସଂଘ ପାଇଁ ରାଷ୍ଟ୍ରଦୂତ ଭାବରେ ଘୋଷଣା କରିଛି। ତାଲିବାନକୁ ବୟକଟ୍ ନ କରିବା ପାଇଁ ବିଶ୍ୱ ନେତାଙ୍କୁ କତାରର ଏମିର(ମୁଖ୍ୟ ଶାସକ) ତମିମ ବିନ ହମଦ ଅଲ ଥାନି ନିବେଦନ କରିଛନ୍ତି। ଏଭଳି କରିବା ଦ୍ୱାରା କୌଣସି ସମଧାନ ହେବ ନାହିଁ। ବିଶ୍ୱ ତାଲିବାନକୁ ମାନ୍ୟତା ଦେଉ ବୋଲି ସେ ଚାହୁଁଛନ୍ତି। ତେବେ ତାଲିବାନ ସହ ଆଲୋଚନା କରିବାକୁ ଚାହୁଁନଥିବା ରାଷ୍ଟ୍ରମାନଙ୍କ ଉଦେଶ୍ୟରେ ସେ ଏପରି କହିଛନ୍ତି।

ସୋମବାର ତାଲିବାନର ବୈଦେଶିକ ମନ୍ତ୍ରୀ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁତରେସେଙ୍କୁ ଚିଠି ଲେଖି ୟୁଏନଜିଏ ଉଚ୍ଚସ୍ତରୀୟ ବୈଠକରେ ସମ୍ବୋଧନ ଲାଗି ଅନୁମତି ଦେବାକୁ ଅନୁରୋଧ କରିଛନ୍ତି। ଏହି ଚିଠି ଗୁତରେସେ ପାଇଥିବା ମଧ୍ୟ କହିଛନ୍ତି। ଆଫଗାନର ପୂର୍ବତନ ରାଷ୍ଟ୍ରଦୂତ ଗୁଲାମ ଏସ ଇସାକଜଇଙ୍କୁ ତାଲିବାନ ହଟାଇବାକୁ ଚାହୁଁଛି। ତେବେ ଏହି ଅନୁରୋଧ ଉପରେ କମିଟି ନିଷ୍ପତ୍ତି ନେବ ବୋଲି ମହାସଚିବଙ୍କ ମୁଖପାତ୍ର କହିଛନ୍ତି।



ସକାଳ
THE SAKALA

# ସଂପାଦକୀୟ



ବିଶ୍ୱ ଇତିହାସରେ ସବୁବେଳେ ସତ୍ତାଧାରୀ ଶକ୍ତି ଓ ସାମାଜିକ ନ୍ୟାୟ ମଧ୍ୟରେ ହିଁ ସଂଘର୍ଷ ହୋଇଆସିଛି
-ବିଶ୍ୱବିଖ୍ୟାତ ଐତିହାସିକ ଆର୍‌ନଲ୍ଡ ଟୟନବି

## ଓଡ଼ିଶାରେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ

# ଡିସେମ୍ବର ସୁଦ୍ଧା ସମସ୍ତଙ୍କୁ ପ୍ରଥମ ପାନ

ଓଡ଼ିଶାରେ କରୋନା ସଂକ୍ରମଣ କମିଛି ସତ; କିନ୍ତୁ ଏହା ସମ୍ପୂର୍ଣ୍ଣଭାବେ ନିୟନ୍ତ୍ରଣକୁ ଆସିନାହିଁ। ଦୈନିକ ସଂକ୍ରମଣ ସଂଖ୍ୟା କ୍ରମାଗତ ଭାବେ କିଛିଦିନ ଧରି ୫୦୦ ତଳେ ରହୁଛି। ଏବେ କେବଳ ଖୋରଧା ଜିଲ୍ଲାର ସଂକ୍ରମଣସ୍ଥିତି ଚିନ୍ତାଜନକ ଅଛି। ଏଠାରେ ସଂକ୍ରମିତଙ୍କ ହାର ମୋଟ ରାଜ୍ୟ ସଂକ୍ରମିତଙ୍କ ହାରର ପ୍ରାୟ ୪୦ ଶତାଂଶ। ରାଜଧାନୀ ଭୁବନେଶ୍ୱର ଭଳି ଜନବହୁଳ ସହର ପାଇଁ ଖୋରଧା ଜିଲ୍ଲାରେ ଯେ ସଂକ୍ରମଣ ହାର ଅଧିକ ରହୁଛି ଏହା ସ୍ପଷ୍ଟ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କେବଳ ଭୁବନେଶ୍ୱର ନଗରୀ ଉପରେ ଦୃଷ୍ଟି କେନ୍ଦ୍ରୀତ କରିନାହାନ୍ତି, ଅନ୍ୟାନ୍ୟ ସଂକ୍ରମଣ ପ୍ରବଣ ଜିଲ୍ଲା ଓ ସହର ଉପରେ ମଧ୍ୟ ଧ୍ୟାନ ଦେଇ କାମ କରୁଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର ଘୋଷଣା କରିଛନ୍ତି ଯେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ରାଜ୍ୟର ସବୁ ବୟସବର୍ଗର ଲୋକଙ୍କୁ ଅତିକମ୍‌ରେ ଗୋଟିଏ ଡୋଜ୍ ଟିକା ଦେବେ। ସମୟ କମ୍ ଥିବା ଦୃଷ୍ଟିରୁ ଲକ୍ଷ୍ୟ ବଡ଼ ଲାଗୁଛି; କିନ୍ତୁ ଅସମ୍ଭବ ନୁହେଁ। ଆବଶ୍ୟକୀୟ ଦ୍ରୁତ ଟିକାକରଣ ପାଇଁ ରାଜ୍ୟରେ ଯଥେଷ୍ଟ ପ୍ରଶିକ୍ଷିତ କର୍ମଚାରୀ ଅଛନ୍ତି ଏବଂ ଏହା ଆଗରୁ ମଧ୍ୟ ଦୈନିକ ରେକର୍ଡ ଟିକାଦାନ ସଂଖ୍ୟା ହାସଲ କରାଯାଇପାରିଛି। ଆଗଭଳି ଏବେ ଆଉ ଟିକା ନେବା ପାଇଁ ଲୋକଙ୍କ ମନରେ ଦ୍ୱିଧା ନାହିଁ।

ଚଳିତବର୍ଷ ଜାନୁଆରୀ ୧୬ ତାରିଖରୁ ରାଜ୍ୟରେ ଟିକାକରଣ ଆରମ୍ଭ ହୋଇଥିଲା। ଏ ପର୍ଯ୍ୟନ୍ତ ୨.୮୩ କୋଟିରୁ ଅଧିକ ଡୋଜ୍ ଟିକା ଦିଆଯାଇସାରିଲାଣି। ବ୍ୟକ୍ତି ହିସାବରେ ଗଣନା କଲେ ୨.୦୮ କୋଟି ଲୋକ ରାଜ୍ୟରେ ପ୍ରଥମ ଡୋଜ୍ ଟିକା ନେଇଛନ୍ତି ଓ ମାତ୍ର ୭୫ ଲକ୍ଷଙ୍କୁ ସମ୍ପୂର୍ଣ୍ଣ (ଦୁଇଡୋଜ୍) ଟିକା ଦିଆଯାଇଛି। ଅବଶ୍ୟ ଆମକୁ ମନେ ରଖିବାକୁ ପଡ଼ିବ ଯେ ଏବେ ମଧ୍ୟ ରାଜ୍ୟର ପ୍ରାୟ ୩ କୋଟି ଲୋକ ପ୍ରଥମ ଡୋଜ୍ ଟିକା ଅପେକ୍ଷାରେ ଅଛନ୍ତି। ଏଥିରେ ୧୮ ବର୍ଷରୁ ତଳ କିଶୋର,କିଶୋରୀ ଓ ଶିଶୁ ସାମିଲ୍ ଅଛନ୍ତି। ରାଜ୍ୟରେ ଯେଉଁ ବେଗ ଓ ଗତିରେ ଟିକାଦାନ ଚାଲିଥିଲା କେନ୍ଦ୍ରରୁ ଟିକା ମିଳିବାରେ ବିଳମ୍ବ ଯୋଗୁଁ ତାହା ଧିମେଇ ଯାଇଥିଲା। ଏବେ ଟିକା ଯୋଗାଣ ବଢ଼ିବା ପରେ ପୁନର୍ବାର ସେ କାମ ତ୍ୱରାନ୍ୱିତ ହେଉଛି। ସଂକ୍ରମଣ ଧିମେଇବା ସତ୍ତ୍ୱେ ଟିକାଦାନ କେନ୍ଦ୍ରରେ ଲୋକଙ୍କର ଅସମ୍ଭବ ଭିଡ଼ ହେଉଛି ଏବଂ କେତେକ ସ୍ଥାନରେ ଗଣ୍ଡଗୋଳ ମଧ୍ୟ ଘଟୁଛି। ତେଣୁ ଏହି ଟିକାଦାନ ପ୍ରକ୍ରିୟାକୁ ଅଧିକ ସୁସଂହତ ତଥା ଶୃଙ୍ଖଳିତ କରିବାର ଆବଶ୍ୟକତା ରହିଛି।

ରାଜ୍ୟ ପାଖରେ ଗତ ମଙ୍ଗଳବାର ସୁଦ୍ଧା ୨୦.୫୧ ଲକ୍ଷ ଡୋଜ୍ କୋଭିସିଲ୍ଡ ଓ ୧.୮୪ ଲକ୍ଷ ଡୋଜ୍ କୋଭାକ୍ସିନ୍ ଟିକା ମହଜୁଦ୍ ଥିଲା। ଟିକାର ଅଭାବ ନଥିବାରୁ ରେକର୍ଡ ୪.୧୬ ଲକ୍ଷ ଲୋକଙ୍କୁ ଗୋଟିଏ ଦିନରେ ଟିକା ପ୍ରଦାନ କରାଯାଇପାରିଛି। ଏହି ହାର ଅବ୍ୟାହତ ରହିଲେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ତାହା ପୂରଣ ହେବା ଅସମ୍ଭବ ମନେ ହୁଏ ନାହିଁ। ଏହାସହିତ ପିଲାଙ୍କ ପାଇଁ ଯଦି କୋଭିଡ୍ ଟିକା ଶୀଘ୍ର ଆସିଯାଏ, ତା'ହେଲେ ଟିକାଦାନ କ୍ଷେତ୍ରରେ ଏହି ସମୟରେ ଅତିରିକ୍ତ ଚାପ ନିଶ୍ଚିତ ପଡ଼ିବ।

ଟିକା ନେଲେ ଯେ କରୋନା ହେବ ନାହିଁ- ଏ କଥା ନୁହେଁ, କିନ୍ତୁ ଗୋଟିଏ ହେଉ ଅବା ଦୁଇଟି ଡୋଜ୍ ଟିକା ନେଇଥିବା ଲୋକ ସଂକ୍ରମିତ ହେଲେ ରୋଗ ବିଶେଷ ପ୍ରଭାବ ଦେଖାଇ ପାରୁନାହିଁ ଓ ମୃତ୍ୟୁ ଆଶଙ୍କା ଅନେକାଂଶରେ ଦୂର ହେଉଛି। ସେଥିପାଇଁ ଟିକା ନେବାକୁ ଲୋକଙ୍କ ମଧ୍ୟରେ ବିଶେଷ ଆଗ୍ରହ ପ୍ରକାଶ ପାଉଛି। ଟିକା କ୍ଷେତ୍ରରେ ଦେଶ ଆତ୍ମନିର୍ଭରସ୍ତରରେ ପହଞ୍ଚିଲାଣି। ଆସନ୍ତା ମାସରୁ କେନ୍ଦ୍ର ସରକାର ବିଦେଶକୁ ଟିକା ରପ୍ତାନୀ କରିବାକୁ ନିଷ୍ପତ୍ତିରୁ ପ୍ରତୀୟମାନ ହେଉଛି ଯେ ଆଉ ରାଜ୍ୟମାନଙ୍କୁ ଟିକା ଯୋଗାଣରେ ଅସୁବିଧା ହେବ ନାହିଁ। ଏବେ ଦୁଇ ଡୋଜ୍ ଟିକା ନେବା ମଧ୍ୟରେ ଯେଉଁ ବ୍ୟବଧାନ ରହିଥିଲା ତାହା ମଧ୍ୟ କମିବା ଉଚିତ୍। ତାହା ହେଲେ ଟିକାଦାନ ପ୍ରକ୍ରିୟାର ଗତି ତ୍ୱରାନ୍ୱିତ ହେବ।

ଗୋଟିଏ ଦିନରେ ରେକର୍ଡ ଚାରିଲକ୍ଷରୁ ଅଧିକ ଡୋଜ୍ ଟିକା ଦିଆଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ପ୍ରଶାସନ ଓ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ପ୍ରଶଂସା କରି ସେମାନଙ୍କର ଉତ୍ସାହ ବଢ଼ାଇଛନ୍ତି। ଏହି ସଫଳତା ପ୍ରମାଣିତ କରିଛି ଯେ ଆମର ବହୁ ଅଧିକ ଟିକା ଦେବାର ସାମର୍ଥ୍ୟ ରହିଛି। ତେଣୁ ସମ୍ଭାବ୍ୟ ତୃତୀୟ ଲହର ଆସୁ କି ନ ଆସୁ ଆମେ ସମସ୍ତେ ଯେତେଶୀଘ୍ର ଅତିକମ୍‌ରେ ଗୋଟିଏ ଡୋଜ୍ ଟିକା ନେଇପାରିବା ସେତେ ଭଲ ହେବ।

ଟିକାଦାନ ତ୍ୱରାନ୍ୱିତ ବେଗରେ ଚାଲୁ; ଏଥିସହିତ ସାଧାରଣ କୋଭିଡ୍ ନିୟମ ପାଳନ ମଧ୍ୟ ଜାରି ରହୁ। ଆମେ ଦେଖୁଛନ୍ତି ଯେ ଭିଡ଼, ଗହଳି, ଅସାବଧାନତା ଓ ତ୍ରୁଟିବିଚ୍ୟୁତିର ସୁଯୋଗ ନେଇ କରୋନା ନୂଆ ରୂପରେ ଆକ୍ରମଣ କରୁଛି। ଆସନ୍ନ ପାର୍ବଣ ସମୟ ସେ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସରକାର ଓ ଜନସାଧାରଣ ଉଭୟଙ୍କୁ ବିଶେଷ ସତର୍କ ରହିବାକୁ ପଡ଼ିବ।

## ତାଲିବାନ୍ କବଳରେ ଆଫଗାନିସ୍ତାନ

# ଭାରତୀୟ କୂଟନୀତି ପାଇଁ ଜଟିଳ ପ୍ରଶ୍ନ



ସନ୍ତୋଷ କୁମାର ମିଶ୍ର
କଟକ, ମୋ: ୯୪୩୭୧୨୮୪୬୪

ଆଫଗାନିସ୍ତାନରୁ ମାର୍କିନ ସୈନ୍ୟ ପ୍ରତ୍ୟାହୃତ ହେବା ପରେ ତାଲିବାନ ପୁଣି ଥରେ ସେଠାରେ ଶାସନ କ୍ଷମତା ଦଖଲ କରିଛି। ବିଗତ ୨୦ ବର୍ଷ ଧରି କିଛିଟା ଆଶ୍ୱସ୍ତ ଥିବା ଆଫ୍‌ଗାନିସ୍ତାନବାସୀ ପୁଣି ଥରେ ଆତଙ୍କିତ ଓ ଅସ୍ଥିର ଅବସ୍ଥାରେ ରହିଛନ୍ତି। ଆଫ୍‌ଗାନିସ୍ତାନ ତାଲିବାନୀ ହାତକୁ ଆସିବା ପରେ କେବଳ ସେଠାରେ ଶାନ୍ତି ଓ ସ୍ଥିରତା ବ୍ୟାହତ ହୋଇନାହିଁ, ବରଂ ଦକ୍ଷିଣ-ମଧ୍ୟ-ଏସିଆରେ ରାଜନୀତି ଓ କୂଟନୀତିର ନୂଆ ସମୀକରଣ ସୃଷ୍ଟି ହୋଇଛି।

୨୦୦୧ରେ ଆତଙ୍କବାଦୀ ସଂଗଠନ ଅଲକାଏଦାର ଭୟଙ୍କର ଆକ୍ରମଣରେ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଦୁଇଟି ନଭଶ୍ଚୁମ୍ବୀ ଅଟ୍ଟାଳିକା ଧୂଳିସାତ ହେବା ପରେ ଆମେରିକୀୟ ଓ ନାଟୋ ମେଣ୍ଟର ମିଳିତ ସେନାବାହିନୀ ଆଫ୍‌ଗାନିସ୍ତାନରେ ଆକ୍ରମଣ କରି ତାଲିବାନକୁ ସେଠାକାର ଶାସନ କ୍ଷମତାରୁ ବିତାଡ଼ିତ କରିଥିଲେ। ଘନଘନ ବୋମା ଓ କ୍ଷେପଣାସ୍ତ୍ର ମାଡ଼ରେ ସେତେବେଳେ ଆଫଗାନିସ୍ତାନରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ଯୋଗାଣ, ପାନୀୟ ଜଳଯୋଗାଣ ସହିତ ରେଳ ଓ ସଡ଼କ ପଥଗୁଡ଼ିକ ଧ୍ୱଂସ ହୋଇଯାଇଥିଲା। ତେଣୁ ଆଫ୍‌ଗାନିସ୍ତାନର ପୁନଃନିର୍ମାଣ ସହିତ ସେଠାରେ ଗଣତାନ୍ତ୍ରିକ ସରକାର ପ୍ରତିଷ୍ଠା ଥିଲା ମୁଖ୍ୟ ଆହ୍ୱାନ। ଏହାର ଭାର ଆମେରିକା ନେଇଥିଲେ ହେଁ ଆଫ୍‌ଗାନିସ୍ତାନ ପୁନଃନିର୍ମାଣରେ ଭାରତର ଅବଦାନକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ।

ଭାରତ ଓ ଆଫଗାନିସ୍ତାନ ସମ୍ପର୍କ ବହୁ ପୁରାତନ। ତେଣୁ ଯୁଦ୍ଧବିଧ୍ୱସ୍ତ ଆଫ୍‌ଗାନିସ୍ତାନରେ କେବଳ ପରିଯୋଜନାର ରୂପରେଖ ପ୍ରସ୍ତୁତ କରିବା କିମ୍ବା ପୁଞ୍ଜି ବିନିଯୋଗରେ ଭାରତର ଭୂମିକା ସୀମିତ ନ ଥିଲା। ତିନି ଶହରୁ ଅଧିକ ଭାରତୀୟ ଯନ୍ତ୍ରୀ ଓ ୧୫୦୦ରୁ ଅଧିକ ଶ୍ରମିକ ଆଫଗାନିସ୍ତାନରେ ଦିବାରାତ୍ର ଅକ୍ଳାନ୍ତ ପରିଶ୍ରମ କରି ଏହାକୁ ଆଧୁନିକ ମାନବ ବାସ ଉପଯୋଗୀ କରିବାକୁ ଚେଷ୍ଟା କରିଥିଲେ। ଭାରତର ରାଷ୍ଟ୍ରଦୂତ ଓ ଉନ୍ନୟନ ଅଧିକାରୀମାନେ ମୁଖ୍ୟତଃ ଆଫ୍‌ଗାନିସ୍ତାନର ଦାରିଦ୍ର୍ୟ ଦୂରୀକରଣ, ଜୀବନ ଶୈଳୀରେ ଉନ୍ନତିକରଣ, ନାରୀଶିକ୍ଷା ଓ ମହିଳାଙ୍କ ସଶକ୍ତୀକରଣ ଦିଗରେ ଅଧିକ ଧ୍ୟାନ ଦେଇଥିଲେ। ଭାରତ ସରକାରଙ୍କ ଏହି ଉଦ୍ୟମ ବେଶ୍ ସଫଳ ମଧ୍ୟ ହୋଇଥିଲା ଏବଂ ଭାରତ-ଆଫ୍‌ଗାନିସ୍ତାନ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ଦୃଢ଼ ହୋଇଥିଲା।

୨୦୨୦, ନଭେମ୍ବର ୨୦୨୦ରେ ଜେନେଭାଠାରେ ଅନୁଷ୍ଠିତ ସମ୍ମିଳନୀରେ ଭାରତର ବୈଦେଶିକ ମନ୍ତ୍ରୀ ସୁବ୍ରମନ୍ୟମ ଜୟଶଙ୍କର ସୂଚନା ଦେଇଥିଲେ ଯେ ଆଫଗାନିସ୍ତାନର ୩୪ଟି ପ୍ରଦେଶରେ ଭାରତର ଚାରିଶହରୁ ଅଧିକ ଯୋଜନା ଚାଲିଛି। ଭାରତ ସରକାର ଆଫଗାନିସ୍ତାନର ବିଭିନ୍ନ ଭିତ୍ତିଭୂମି ବିକାଶ ଯୋଜନାରେ ତିନିଶହ କୋଟି ଡଲାରରୁ ଅଧିକ ନିବେଶ କରିଛନ୍ତି। ଅନ୍ୟ ଦେଶର ଭିତ୍ତିଭୂମି ବିକାଶ ପାଇଁ ଏଯାବତ ଭାରତ ସରକାରଙ୍କ ଏହା ସର୍ବବୃହତ୍ ପୁଞ୍ଜି ବିନିଯୋଗ ରୂପେ ପରିଗଣିତ ହୋଇ ଆସୁଛି। ଭାରତ ୨୦୦୩ରୁ ସ୍କୁଲ ବହି ଛାପି ଆଫ୍‌ଗାନିସ୍ତାନରେ ମାଗଣାରେ ବିତରଣ କରିବାଠାରୁ ଆରମ୍ଭ କରି ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ କୌଣସି କ୍ଷେତ୍ରରେ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେବାକୁ କୁଣ୍ଠାବୋଧ କରିନାହିଁ। ଆଫଗାନିସ୍ତାନର



ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ତାଲିବାନୀମାନେ ନିଜର ଶିବିର ସ୍ଥାପନ କରି ନିଜ ଅକ୍ତିଆରରେ ରଖିଥିଲେ। ଆମେରିକୀୟ ସୈନିକମାନେ ସେଠାରୁ ତାଲିବାନୀମାନଙ୍କୁ ଘଉଡ଼ାଇ ଦେଇଥିଲେ ମଧ୍ୟ ସେଠାରେ ପୂର୍ବପରି ଶିକ୍ଷାଦାନ ବ୍ୟବସ୍ଥା ବାହଲ କରିବା ସମ୍ଭବ ହୋଇ ପାରି ନ ଥିଲା। କୋଠା, ବେଞ୍ଚ, ଟେବୁଲ, ପରୀକ୍ଷାଗାର ସରଞ୍ଜାମ ସବୁ ନଷ୍ଟ ହୋଇସାରିଥିଲା। ତାଲିବାନୀମାନେ ଶୀତ ଋତୁରେ ନିଜନିଜର କକ୍ଷକୁ ଉଷ୍ମ ରଖିବା ପାଇଁ ବିଶ୍ୱବିଦ୍ୟାଳୟର ପାଠାଗାରର ପୁସ୍ତକସବୁକୁ ଜାଳି ଦେଉଥିଲେ। ଆଫ୍‌ଗାନିସ୍ତାନର ଧ୍ୱଂସପ୍ରାପ୍ତ ଅନେକ ବିଶ୍ୱବିଦ୍ୟାଳୟର ଅଟ୍ଟାଳିକାକୁ ଭାରତ ସରକାର ପୁନଃନିର୍ମାଣ କରିବା ସହିତ ପରୀକ୍ଷାଗାର ଓ ପାଠାଗାରର ପୁନରୁଦ୍ଧାର କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ଅନ୍ୟ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ର ବୃତ୍ତି ମାଧ୍ୟମରେ ପ୍ରତିବର୍ଷ ଦୁଇହଜାର ଛାତ୍ରଛାତ୍ରୀଙ୍କୁ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅନେକ ବିଷୟରେ ଉଚ୍ଚଶିକ୍ଷା ନିମନ୍ତେ ସୁଯୋଗ ପ୍ରଦାନ କରୁଛନ୍ତି। ସେଠାକାର ଚିକିତ୍ସାଳୟର ପୁନଃନିର୍ମାଣ, ଉପକରଣ ଯୋଗାଣ ଓ ପ୍ରଶିକ୍ଷଣ ପ୍ରଦାନ କରିବାରେ ମଧ୍ୟ ଭାରତ ଉଲ୍ଲେଖନୀୟ ଯୋଗଦାନ କରିଥିଲା। ଏତଦ୍‌ବ୍ୟତୀତ ବିଦ୍ୟୁତ ଶକ୍ତି ଯୋଗାଣ ନିମନ୍ତେ ଗ୍ରୀଡ୍ ଓ ସବ୍‌ଷ୍ଟେସନ ନିର୍ମାଣ, ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ମଧ୍ୟ ଆବଶ୍ୟକ ଭିତ୍ତିଭୂମି ବିକାଶରେ ଭାରତ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିଲା।

୨୦୧୧ରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ଭାଗୀଦାରୀ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଫଳରେ ଭାରତର ଦାୟିତ୍ୱ ଅଧିକ ବଢ଼ି ଥିଲା। ୪୨ ମେଗା ୱାଟ ବିଶିଷ୍ଟ ସଲମା ଡ୍ୟାମ ନିର୍ମାଣ ୨୦୧୬ରେ ସମ୍ପୂର୍ଣ୍ଣ ହୋଇଛି। ଏହି ଡ୍ୟାମଟି ଭାରତ-ଆଫଗାନିସ୍ତାନ ବନ୍ଧୁତ୍ୱ ଡ୍ୟାମ ନାମରେ ପରିଚିତ। ଜଳବିଦ୍ୟୁତ ଶକ୍ତି ଉତ୍ପାଦନ ସହିତ ଏହି ଡ୍ୟାମ ମାଧ୍ୟମରେ ଜଳସେଚନ ପ୍ରଣାଳୀକୁ ମଧ୍ୟ ଅଧିକ କ୍ରିୟାଶୀଳ କରାଯାଇଛି। ସଡ଼କ ପଥରେ ଗମନାଗମନ ବ୍ୟବସ୍ଥାକୁ ସୁଧାରିବା ପାଇଁ ଭାରତ ଜରଞ୍ଜ ଓ ଡେଲାରାମ ମଧ୍ୟରେ ୨୦୦୮ରେ ୨୧୮ କିଲୋମିଟରର ସୁଗମ୍ୟ ରାଜପଥ ନିର୍ମାଣ ସମ୍ପୂର୍ଣ୍ଣ କରିଛି। ଜରଞ୍ଜ ଇରାନର ସୀମା ପାଖର ସହର ହୋଇଥିବାରୁ ଭାରତ ଭବିଷ୍ୟତରେ ଚାବାହାର ବନ୍ଦର ଜରିଆରେ ବାଣିଜ୍ୟ କାରବାରକୁ ବୃଦ୍ଧି କରିବାକୁ ସେଠାରେ ୧୧୨୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିଥିଲା। ଏଥିସହିତ ଆଫଗାନିସ୍ତାନରେ ସାଧାରଣ ନାଗରିକଙ୍କ ଯାତାୟାତକୁ ସହଜ କରିବା ପାଇଁ ଚାରିଶହ ବଡ଼ ବସ୍ ଓ ୨୦୦ଟି ଛୋଟ ବସ୍ ପର୍ଯ୍ୟାୟକ୍ରମେ ଆଫ୍‌ଗାନିସ୍ତାନକୁ ପ୍ରଦାନ କରିଥିଲା। ସେଠାକାର ବିଭିନ୍ନ ପ୍ରଦେଶରେ ଥିବା ପୌରସଂସ୍ଥାକୁ ଭାରତ ୧୫୦ଟି ବିଭିନ୍ନ ପ୍ରକାର ଯାନବାହନ ପ୍ରଦାନ କରିଥିଲା। ଆଫଗାନ ସୈନିକମାନଙ୍କୁ ମଧ୍ୟ ୨୮୫ଟି ବିଭିନ୍ନ ପ୍ରକାର ଯାନବାହନ ସହିତ ଚାରୋଟି ମି-୨୫ ଲଢୁଆ ବିମାନ ମଧ୍ୟ ଭାରତ ଉପହାର ଭାବେ ଦେଇଛି।

ଦୁଇ ଦେଶ ମଧ୍ୟରେ ସମ୍ପର୍କ କିପରି ଗଭୀର ହେବ ସେ ଦିଗରେ ଭାରତ ଚେଷ୍ଟା ଜାରି କରିଛି। ଆଫ୍‌ଗାନିସ୍ତାନର ପ୍ରାଚୀନ ଐତିହାସିକ ଷ୍ଟୋର ରାଜମହଲକୁ ଆଗା ଖାନ ସଂସ୍ଥା ସହାୟତାରେ ଭାରତ ନବୀକରଣ କରାଇଥିଲା। ସେଠାକାର ସଂସଦ ଭବନକୁ ୯୭୦ କୋଟି ଟଙ୍କା ବ୍ୟୟ କରି ଆଧୁନିକୀକରଣ କରିଥିଲା। ଆଫଗାନିସ୍ତାନରେ ବିମାନ ସେବା ପ୍ରଦାନ କରୁଥିବା ଆରିଆନା ଆଫ୍‌ଗାନ ଏୟାରଲାଇନସକୁ ଏକ ବିମାନ ଉପହାର ସ୍ୱରୂପ ପ୍ରଦାନ କରିଥିଲା। ପୂର୍ବରୁ କେବଳ କାନ୍ଦାହର ସହର ସହିତ ବିମାନ ସେବା ଉପଲବ୍ଧ ଥିବା ବେଳେ କାବୁଲ ଓ ହେରତରେ ମଧ୍ୟ ବିମାନ ବନ୍ଦର ନିର୍ମାଣ କରାଯାଇ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଏଥିରେ ଭାରତ ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଇ ଦେଇଥିଲା। କାବୁଲ ନଦୀ ଉପରେ ଶାହାତୁତ ନଦୀ ବନ୍ଧ ପରିଯୋଜନାରେ ପ୍ରାୟ ୧୭୬୦ କୋଟି ଟଙ୍କା ବ୍ୟୟ କରିବା ପାଇଁ ଭାରତ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ନଦୀ ବନ୍ଧ ମାଧ୍ୟମରେ ଆଫଗାନିସ୍ତାନରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଆଧୁନିକୀକରଣ କରାଯିବା ପାଇଁ ଲକ୍ଷ୍ୟ ରଖା ଯାଇଥିଲା। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଗତ ବର୍ଷ ତିନି ବିଲିୟନ ଡଲାରର ବାଣିଜ୍ୟ କାରବାର ହୋଇଥିଲା।

ଆଫଗାନିସ୍ତାନରେ ତାଲିବାନ ଯେ ପୁନର୍ବାର କ୍ଷମତା ଦଖଲ କରିବା ପାଇଁ ଅହରହ ଚେଷ୍ଟା କରି ଆସୁଛି, ଏକଥା ପ୍ରତି ଭାରତ ସରକାର ସଚେତନ ଥିଲେ। ତେଣୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ପୂର୍ବରୁ ବିଶ୍ୱସମୁଦାୟକୁ ସୂଚାଇ ଦେଇଥିଲେ ଯେ ତାଲିବାନକୁ ପ୍ରତିରୋଧ କରାଯାଉ; ଅନ୍ୟଥା ସେଠାରେ ଭାରତ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ବାଧା ପ୍ରାପ୍ତ ହେବ।

ଏହାସତ୍ତ୍ୱେ ଭାରତ ଆଫ୍‌ଗାନିସ୍ତାନରେ ପୁନଃନିର୍ମାଣ ଓ ଭିତ୍ତିଭୂମି ପ୍ରକଳ୍ପ ଜାରି ରଖିଥିଲା। ଏହାର ପ୍ରଥମ କାରଣ ହେଉଛି ସେଠାରେ ଉପଯୁକ୍ତ ସାମାଜିକ ଓ ଆର୍ଥିକ ବିକାଶ ଘଟିଲେ ତାଲିବାନର ପ୍ରତ୍ୟାବର୍ତ୍ତନ ସମ୍ଭବପର ହେବ ନାହିଁ ବୋଲି ଭାରତ ବିଶ୍ୱାସ ରଖିଥିଲା। ଏହାଦ୍ୱାରା କେବଳ ଆଫ୍‌ଗାନିସ୍ତାନରେ ସ୍ଥିରତା ଆସିବ ନାହିଁ, ବରଂ ଦକ୍ଷିଣ-ଏସିଆରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହେବାର ସମ୍ଭାବନା ଥିଲା। ଦ୍ୱିତୀୟ କାରଣଟି ହେଉଛି ଆଫଗାନିସ୍ତାନ ଦୁର୍ଲ୍ଲଭ ଖଣିଜ ସମ୍ପଦରେ ଭରପୂର। କ୍ରମାଗତ ଗୃହଯୁଦ୍ଧ ଫଳରେ ତାହାର ସଦୁପଯୋଗ ହୋଇପାରୁ ନାହିଁ। ଏହି ଦୁର୍ଲ୍ଲଭ ଖଣିଜକୁ ସଂଗ୍ରହ କରିବା ପାଇଁ ଚୀନ ତାଲିବାନକୁ ପ୍ରସ୍ତାବ ଦେଇଛି। ଏହାପରେ ତାଲିବାନ ପାଇଁ ଅର୍ଥ ପ୍ରତିବନ୍ଧକ ହେବ ନାହିଁ। ଭାରତ ଯେଉଁ କଥାକୁ ଡରୁଥିଲା ଶେଷରେ ତାହା ହିଁ ହେବାକୁ ଯାଉଛି। ଭାରତ ଲକ୍ଷ୍ୟ ରଖିଥିଲା ଯେ ଖଣିଜ ଉତ୍ତୋଳନ ଓ ରପ୍ତାନି ଜରିଆରେ ଆଫଗାନିସ୍ତାନ ନିଜର ଆର୍ଥିକ ସ୍ଥିତିକୁ ବିଶ୍ୱବଜାରରେ ଅଧିକ ମଜ୍‌ଭୁତ କରି ପାରିବ। ଏଥିପାଇଁ ଧାନବାଦ ସ୍ଥିତ ଭାରତୀୟ ଖଣିଜ ସଂସ୍ଥାନରେ ପଚାଶ ଜଣ ଆଫଗାନ ଛାତ୍ରଙ୍କୁ ଖଣି ବିଷୟରେ ଉଚ୍ଚ ଶିକ୍ଷା ପ୍ରଦାନ କରାଯାଇଛି।

ଗତ କୋଡ଼ିଏ ବର୍ଷ ଧରି ଆଫଗାନିସ୍ତାନକୁ ନିଜ ଗୋଡ଼ରେ ଠିଆ କରାଇବା ପାଇଁ ଭାରତ ଆପ୍ରାଣ ଚେଷ୍ଟା କରିଆସୁଛି। କିନ୍ତୁ ତାଲିବାନର ପ୍ରତ୍ୟାବର୍ତ୍ତନ ଫଳରେ ଭାରତର ଆର୍ଥିକ କ୍ଷତି ହେବା ସହିତ ରାଜନୈତିକ ଓ କୂଟନୈତିକ ସମ୍ପର୍କ ମଧ୍ୟ ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେଣୁ ଭାରତ ପାଇଁ ଅପେକ୍ଷା କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ପନ୍ଥା ଏବେ ଖୋଲା ନଥିବା ଜଣାପଡ଼ୁଛି। ଆଜିର ଆଫ୍‌ଗାନିସ୍ତାନ ଭାରତ ପାଇଁ ପ୍ରକୃତରେ ହୋଇଛି କୂଟନୀତିର ଏକ ଜଟିଳ ପ୍ରଶ୍ନ।

## ପତ୍ନୀ ଧର୍ମ

ଜ୍ଞାନାଞ୍ଜନ
ପରିବ୍ରାଜକ

ସାମ୍ୟବାଦର ପ୍ରବକ୍ତା ହେଉଛନ୍ତି କାର୍ଲମାକ୍ସ। ତାଙ୍କ ଜୀବନର ଅମର କୃତି ହେଉଛି ତାଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ ଯାହାର ନାମ ହେଉଛି 'ଦାସ କ୍ୟାପିଟାଲ୍'। ଜର୍ମାନର ଏହି ବିଶିଷ୍ଟ ଦାର୍ଶନିକ ତଥା ସର୍ବକାଳୀନ ମହାନ୍ ଅର୍ଥନୀତିଜ୍ଞ ୧୮୬୭ ମସିହାରେ ଏହି ପୁସ୍ତକଟି ରଚନା କରିଥିଲେ। ବିଚିତ୍ର କଥା ହେଉଛି ଯେ ଏହି ପୁସ୍ତକଟିକୁ ଲେଖିବାକୁ କାର୍ଲମାକ୍ସଙ୍କୁ ପ୍ରାୟ ୩୦ ବର୍ଷ ଲାଗିଥିଲା। ଏଥିରେ ଇତିହାସ, ଅର୍ଥନୀତି ଏବଂ ସାମାଜିକ ବିଜ୍ଞାନକୁ ଭିତ୍ତିକରି ତିନିଟି ବିଭାଗ ଅଛି। 'ଦାସ୍ କ୍ୟାପିଟାଲ୍' ରଚନା କରିବା ପାଇଁ କାର୍ଲମାକ୍ସଙ୍କୁ ଯେତିକି ପରିଶ୍ରମ କରିବାକୁ ନ ପଡ଼ିଛି, ତତୋଧିକ ପରିଶ୍ରମ ଏବଂ ଦୁଃଖ ଭୋଗିବାକୁ ପଡ଼ିଛି ତାଙ୍କ ପତ୍ନୀଙ୍କୁ।

କଥାରେ ଅଛି ଲେଖକଟିଏ ହେବାକୁ ହେଲେ ପ୍ରଥମେ ଜଣେ ପାଠକ ହେବାକୁ ପଡ଼ିବ। ପାଠକ ହୋଇ ପଢୁଥିବାବେଳେ ପୁସ୍ତକ ସହିତ ଏକାକାର ହୋଇଯିବାକୁ ପଡ଼ିବ। ସେତେବେଳେ 'ମୁଁ ଯେ ଲେଖକଟିଏ ହେବି ବା ହେବାକୁ ଯାଉଛି'- ଏ ଭାବନା ମନରୁ ପରିହାର କରିବାକୁ ପଡ଼ିବ। ପାଠକଟିଏ ପଢ଼ିବାର ନିଘାରେ ପଢ଼ିଗଲେ ତା' ଅଜ୍ଞାତରେ ତା' ନିଜ ଭିତରେ ଲେଖକୀୟ ସତ୍ତାଟିର ଅଙ୍କୁରୋଦ୍‌ଗମ ହୋଇଯାଇଥାଏ। ତା'ପରେ ଯେଉଁ ସୃଷ୍ଟିର ସର୍ଜନା ହୁଏ, ତାହା କାଳଜୟୀ ହୋଇଥାଏ। ତେଣୁ ଲେଖକୀୟ ଗୁଣ ହେଉଛି ଏକ ସାଧନା। ତେଣୁ ଲେଖକଟିଏ ହେବାର କଳା ବା ସାଧନା କାର୍ଲମାକ୍ସଙ୍କଠାରୁ ଶିଖିବାକୁ ମିଳେ।

କାର୍ଲମାକ୍ସ ସବୁବେଳେ ପଢ଼ାପଢ଼ିରେ ବ୍ୟସ୍ତ। କେତେବେଳେ ପାଠାଗାରରେ ଯାଇ ପଢ଼ନ୍ତି ତ ଆଉ କେତେବେଳେ ଘରେ ପଢ଼ନ୍ତି। ତାଙ୍କର ଦିନ ଆରମ୍ଭ ହୁଏ ପଢ଼ାରୁ ଶେଷ ହୁଏ ମଧ୍ୟ ପଢ଼ାରେ। ଏମିତି କଲେ ପରିବାର କେମିତି ଚାଲିବ? ପିଲାଛୁଆର ପରିବାର ପାଳିତ କିପରି ହେବେ; କିନ୍ତୁ ପଢ଼ାପଢ଼ିରେ ନିମଗ୍ନ କାର୍ଲମାକ୍ସ ପରିବାର କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ। ଏପରି ସ୍ଥିତିରେ ଅନ୍ୟ କେଉଁ ମହିଳା ଥିଲେ ସେ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ପଳାଇଯାଇଥା'ନ୍ତା। କିନ୍ତୁ କାର୍ଲମାକ୍ସଙ୍କ ପତ୍ନୀ ସେପରି ନଥିଲେ। ପତିଙ୍କର ଏପରି ଅବସ୍ଥା ଏବଂ ପରିବାରର ଦାରିଦ୍ରତାକୁ ଦେଖି ପତ୍ନୀ ଜେନି ଘରୁ ଗୋଡ଼ କାଢ଼ିଲେ। ପିଲାଛୁଆ କ'ଣ ଖାଇବେ, କ'ଣ ପିନ୍ଧିବେ, କିପରି ରହିବେ- ଏ ବାବଦରେ ପଦୁଟିଏ ବି ସ୍ୱାମୀଙ୍କୁ କହିଲେନି କି ତାଙ୍କୁ ବିଚଳିତ କରିବାକୁ ଚାହିଁଲେନି। ଜେନି ନିଜେ ଗୋଟିଏ ଛୋଟ ବ୍ୟବସାୟ ଆରମ୍ଭ କଲେ। ତାଙ୍କ ଦେଶର କବାଡ଼ିଆ ଦୋକାନମାନଙ୍କ ପାଖକୁ ଯାଇ ସେଠାରୁ ପୁରୁଣା ଓ ଚିରା କୋଟ୍‌ମାନ ଆଣି ସେଗୁଡ଼ିକୁ ସଫା କରି ସେଥିରୁ ଛୋଟ ଛୋଟ ପିଲାମାନଙ୍କ ପାଇଁ ପୋଷାକ ତିଆରି କରି ବିକ୍ରି କରିବା ଆରମ୍ଭ କଲେ। ଏଥିରୁ ବେଶୀ ଆୟ ନ ହେଉଥିଲେ ବି ପରିବାର ଏକପ୍ରକାର ଚଳିଯାଉଥିଲା। ହୁଏତ ଏମିତି ବି କୁହାଯାଇ ପାରେ ଯେ 'ଦାସ କ୍ୟାପିଟାଲ୍' ପରି ପ୍ରସିଦ୍ଧ ପୁସ୍ତକଟିର ଶ୍ରେୟ ଯେତିକି କାର୍ଲମାକ୍ସଙ୍କୁ ଦିଆଯିବ, ତତୋଧିକ ଶ୍ରେୟ ତାଙ୍କ ପତ୍ନୀଙ୍କ ପାଖକୁ ମଧ୍ୟ ଯିବ। ସେ ଦୁଃଖ କଷ୍ଟ ସହି ନଥିଲେ ଏପରି ପୁସ୍ତକଟିଏ ରଚନା କରିବାକୁ କାର୍ଲମାକ୍ସ ହୁଏତ ସକ୍ଷମ ହୋଇପାରି ନଥା'ନ୍ତେ।

# 'ମୃତ-ସାଗର'ର ସଞ୍ଜୀବନୀ



ଡ. ପ୍ରମୋଦ କୁମାର ମହାପାତ୍ର
କଟକ, ମୋ: ୯୮୬୧୨୪୯୨୦୨

ବିନା ଜଳରେ ଜୀବନ ତିଷ୍ଠିରହିବା ଆଶା କରାଯାଇପାରେ ନାହିଁ। ଆମର ସୌଭାଗ୍ୟ ଯେ ପୃଥିବୀ ଜଳଗର୍ଭା। ଏହାର ପୃଷ୍ଠଦେଶର ତିନି-ଚତୁର୍ଥାଂଶ ଅଞ୍ଚଳରେ ରହିଛି ନୀଳସାଗର। ଏହା ବ୍ୟତୀତ ସ୍ଥଳଭାଗରେ ଅନେକ ନଦୀ, ହ୍ରଦର ଉପସ୍ଥିତି ପୃଥିବୀ ପାଇଁ ଆଣିପାରିଛି ଏକ ସ୍ୱତନ୍ତ୍ର ପରିଚୟ। ତେବେ ଅନେକ ବିସ୍ମୟର କ୍ଷେତ୍ର ପୃଥିବୀ ପୃଷ୍ଠରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିବା ଭଳି ଜଳପୂର୍ଣ୍ଣ ଏକ ସାଗର ରହିଛି ଯେଉଁଠାରେ ଆଦୌ ଜଳଚର ଜୀବ ନାହାନ୍ତି। ଏହି ସାଗରରେ କୌଣସି ଜୀବ ନଥିବାରୁ ଏହାର ନାମ 'ମୃତ ସାଗର' ବା 'ଡେଡ୍ ସି'। ମଧ୍ୟପ୍ରାଚ୍ୟର ଇସ୍ରାଏଲ୍ ଓ ଜୋର୍ଡାନ୍ ଦେଶର ମଧ୍ୟବର୍ତ୍ତୀ ସ୍ଥାନରେ ଲୁଣା ଜଳ ଥିବା ଏହି ସାଗର ଅବସ୍ଥିତ। ଏହାର ଲମ୍ବା ୭୭ କିଲୋମିଟର ହୋଇଥିବା ବେଳେ ପ୍ରସ୍ଥ ବିଭିନ୍ନ ସ୍ଥାନରେ ୫ରୁ ୧୮ କିଲୋମିଟର। ଏହି ସାଗରର ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥା ଉଲ୍ଲେଖନୀୟ ବିଷୟ ହେଉଛି ଏହାର ଜଳସ୍ତର ସାରା ପୃଥିବୀର ସମସ୍ତ ସାଗର, ହ୍ରଦ ଓ ଜଳଭାଗର ସ୍ତରଠାରୁ ସର୍ବନିମ୍ନ ଗଭୀରତାରେ ରହିଛି, ଯାହାକି ସାଧାରଣ ସମୁଦ୍ର ପତ୍ତନଠାରୁ ପ୍ରାୟ ୪୦୦ ମିଟର ବା ୧୩୦୦ ଫୁଟ୍ ଖାଲ ବା ନିମ୍ନରେ।

ଗବେଷକଙ୍କ ମତରେ ପ୍ରାୟ ୧୦ ଲକ୍ଷ ବର୍ଷ ତଳେ ଏହି ମୃତ ସାଗରର ଜଳସ୍ତର ବର୍ତ୍ତମାନର ସ୍ତରଠାରୁ ପ୍ରାୟ ୧୪୦୦ ମିଟର ଉଚ୍ଚତାରେ ରହିଥିଲା। କ୍ରମାଗତ ଅନାବୃଷ୍ଟି ପାଇଁ ଏହି ମୃତ ସାଗରର ଜଳ ଶୁଖିଯାଇ ଏଭଳି ଅବସ୍ଥାରେ ଆସି ପହଞ୍ଚିଛି। ଅନ୍ୟ ଏକ ବିସ୍ମୟ ହେଉଛି କେବଳ ଜୋର୍ଡାନ ନଦୀ ବ୍ୟତୀତ ଅନ୍ୟ କୌଣସି ପ୍ରମୁଖ ଜଳବାହୀ ନଦୀ ଏହି ସାଗରରୁ ସୃଷ୍ଟି ହୋଇନାହାନ୍ତି। ତେବେ ସେ ସମୟରେ ପ୍ରମୁଖଭାବେ ଜୋର୍ଡାନ ନଦୀ ଓ ଅନ୍ୟ କେତୋଟି ଛୋଟ ଜଳଧାରା ଦ୍ୱାରା ଧୋଇ ହୋଇ ଆସିଥିବା ଦ୍ରବୀଭୂତ ଖଣିଜ ପଦାର୍ଥ ଓ କେତେକ ଲବଣ ଇତ୍ୟାଦି ଏଠାରେ ଜମା ହୋଇଛି। ପୃଥିବୀ ପୃଷ୍ଠର ଯେ କୌଣସି ସମୁଦ୍ର ଜଳରେ ଲବଣାଂଶ ସାଧାରଣତଃ ୪ ରୁ ୬ ଭାଗ ରହିଥିବା ବେଳେ ମୃତ ସାଗରର ଜଳରେ ଲବଣାଂଶ ଭାଗ ୨୩ରୁ ୨୫ ଭାଗ। ତେଣୁ ଏହି ବହଳିଆ ଜଳରେ କୌଣସି ଜୀବଜନ୍ତୁ ତ ନାହାନ୍ତି, ପରନ୍ତୁ ଏଠାରେ ଅନ୍ୟ ଜଳାଶୟ ପରି ମଣିଷ ବୁଡ଼ିଯିବାର ଆଶଙ୍କା ମଧ୍ୟ ନାହିଁ। ଯେ କୌଣସି ବ୍ୟକ୍ତି ଏଥିରେ ପଡ଼ିଗଲେ ଭାସି ରହିବ। ଏହି ଜଳରେ ପଟାସ, ମ୍ୟାଗ୍ନେସିୟମ କ୍ଲୋରାଇଡ୍, କ୍ୟାଲସିୟମ କ୍ଲୋରାଇଡ୍, ବ୍ରୋମିନ ଓ ଅନ୍ୟ କେତେକ ଖଣିଜ ପଦାର୍ଥ ଓ ଲବଣ ବହୁଳଭାବେ ଥିବାର ପରୀକ୍ଷାରୁ ଜଣାପଡ଼ିଛି। ତେବେ ପଟାସର ମାତ୍ରା ଏହି ଜଳରେ ସର୍ବାଧିକ।

ମୃତ ସାଗର ଅଞ୍ଚଳର ତାପମାତ୍ରା ବର୍ଷ ସାରା ୩୮ ଡିଗ୍ରୀ ବା ତା'ଠାରୁ ଅଳ୍ପ କମ୍ ରହୁଥିବାରୁ ଏଠାରେ ଅନେକ ପର୍ଯ୍ୟଟକଙ୍କ ଭିଡ଼ ଜମେ। ଏହି ସ୍ଥାନର ଆକର୍ଷଣୀୟ ତଥା ଉଲ୍ଲେଖନୀୟ ଦୃଶ୍ୟ



ହେଲା ପଙ୍କ ଚିକିତ୍ସା। ଅଧିକାଂଶ ଗୋରା ପର୍ଯ୍ୟଟକ ହ୍ରଦର କଳା ପଙ୍କ ସାରା ଦେହ, ମୁହଁରେ ବୋଳି ହୋଇ ଚିକିତ୍ସିତ ହେଉଥିବା ଦୃଶ୍ୟ ବାସ୍ତବିକ ବିରଳ। ହ୍ରଦ କୂଳରେ ଅନ୍ୟ ହ୍ରଦ ଭଳି ବାଲି ଭର୍ତ୍ତି ଉପକୂଳ ନଥାଇ ରହିଛି ଜଳକୁ ସ୍ପର୍ଶ କରୁଥିବା କଳା ପଙ୍କ ବା କାଦୁଅର ଉପକୂଳ। ସୂର୍ଯ୍ୟସ୍ନାନ, ପଙ୍କ ସ୍ନାନ ତଥା ବହଳିଆ ଖଣିଜପଦାର୍ଥ ଓ ଲବଣପୂର୍ଣ୍ଣ ଜଳରେ ସମୁଦ୍ର ସ୍ନାନ ହିଁ ଏହି ସ୍ଥାନରେ ପର୍ଯ୍ୟଟକମାନଙ୍କ ପାଇଁ ସବୁଠାରୁ ଆକର୍ଷଣୀୟ। ହ୍ରଦଟି ନିମ୍ନ ସ୍ଥଳଭାଗରେ ଥିବାରୁ ସୂର୍ଯ୍ୟରଶ୍ମି ଅନ୍ୟ ସ୍ଥାନ ତୁଳନାରେ ଏଠାରେ ଅଧିକ ସ୍ୱଚ୍ଛ ବା ଛାଣି ହୋଇ ମଣିଷର ଚର୍ମ ପାଇଁ ଅତ୍ୟନ୍ତ ଉପକାରୀ ସାବ୍ୟସ୍ତ ହୋଇଥାଏ। ହ୍ରଦର ପଙ୍କ ନିଜ ଦେହରେ ବୋଳି ହେବା ମାଧ୍ୟମରେ ଏହା ଶରୀରର ଚର୍ମ ଓ ସମସ୍ତ ଗଣ୍ଠି ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ତେବେ ଅଳ୍ପ ସମୟ ପାଇଁ ଏହି ଜଳରେ ଭାସି ରହିବା ହିଁ ବିଜ୍ଞତାର କାରଣ। ନଚେତ୍ ଅଧିକ ସମୟ ଏହି ଜଳରେ କଟାଇବା ଦ୍ୱାରା ଚର୍ମରେ ଅନେକ ମନ୍ଦା ମନ୍ଦା କଷ୍ଟଦାୟକ କ୍ଷତ ଭଳି ଅବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି। ଲୋକମାନଙ୍କୁ ମୃତ ସାଗର ଜଳର ସୁଚିକିତ୍ସା ପ୍ରଦାନ କରିବା ପାଇଁ ଏଠାରେ ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ଖୋଲିଛି। ହୃଦ୍‌ରୋଗ, ଶ୍ୱାସ ଜନିତ ସମସ୍ୟାର ଆରୋଗ୍ୟ ପାଇଁ ମୃତ ସାଗରର ଜଳ ଉପକାରୀ ବୋଲି କୁହାଯାଏ।

ଡେଡ୍ ସି ବା ମୃତ ସାଗରର ଅବସ୍ଥିତି, ପ୍ରକୃତି ଓ ଏହା ଜଳର ଆଶ୍ଚର୍ଯ୍ୟଜନକ ଔଷଧୀୟ ଗୁଣ ନିଶ୍ଚିତଭାବେ ପୃଥିବୀ ପୃଷ୍ଠର ଏକ ବିସ୍ମୟ। ଏହା କୂଳରେ ଇଚ୍ଛାକୃତ ଭାବେ କଳା ପାଲଟୁଥିବା ଧଳା ମଣିଷମାନଙ୍କୁ ଦେଖିଲେ ଓ ଏମାନଙ୍କଠାରୁ ବହୁବିଧି ହ୍ରଦଜଳର ଉପକାର ସମ୍ପର୍କରେ ଶୁଣିଲେ ସ୍ୱତଃ ମୃତ ସାଗରର ଗୁରୁତ୍ୱକୁ ଆମେ ଉପଲବ୍ଧି କରିଥାଉ। ଜୀବନର ଧାରକ ଜଳ ଗର୍ଭରେ ଗୋଟିଏ ହେଲେ ଜୀବନ ନଥିବା କଥା ଶୁଣିଲେ ଆମେ ହୁଏତ ପ୍ରଥମେ ବିଶ୍ୱାସ କରିପାରିବା ନାହିଁ, ମାତ୍ର ଲକ୍ଷ ଲକ୍ଷ ଜୀବନଧାତ୍ରୀ ଧରିତ୍ରୀର ଅବିଶ୍ୱସନୀୟ ବୈଚିତ୍ର୍ୟ ସମ୍ପର୍କରେ ଆଲୋଚନା କଲେ ଆମେ ଏହାକୁ ସହଜରେ ବିଶ୍ୱାସକୁ ନେଇ ଏହାର ଉପାଦେୟତାକୁ ନିଶ୍ଚୟ ସ୍ୱୀକାର କରିବା।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୭୩.୧୫
- ପାଉଣ୍ଡ ୧୦୧.୨୧
- ୟୁରୋ ୮୬.୯୦
- ୟେନ୍ ୦.୬୬

## ସୁନାରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୪୫,୨୬୦ (ଭୁବନେଶ୍ୱର)
- ରୁପା : ୬୩,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୫୮,୯୨୭.୦୦
- ନିଫ୍ଟି ୧୭,୫୪୭.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୧୯ (ନୂଆଦିଲ୍ଲୀ)
- ଡିଜେଲ୍ - ୮୮.୬୨

## ଆଉ ଏକ ଲେହମ୍ୟାନ୍ ବ୍ରଦର୍ସ ଭଳି ସ୍ଥିତି


# ଏଭରଗ୍ରାଣ୍ଡ ସଙ୍କଟ

- ଦିନକରେ ୫୦୦ ଧନୀ ହରାଇଲେ ୧୩୫ ବିଲିୟନ୍ ଡଲାର
- ମୂଲ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ
- ସର୍ବାଧିକ କ୍ଷତି ସହିଲେ ଏଲନ୍ ମସ୍କ, ବାଦ୍ ପଡ଼ିଲେନି ଜେଫ୍ ବେଜୋସ୍
- ଚାଇନାର ରିଏଲ୍ ଇଷ୍ଟେଟ୍ କମ୍ପାନୀ ଏଭରଗ୍ରାଣ୍ଡ ଦେବାଳିଆ
- ଭାରତର ଅନେକ କମ୍ପାନୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରଭାବିତ

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି)

କୋଭିଡ୍ ମହାମାରୀ ଯୋଗୁ ଚାରିଆଡେ ଆର୍ଥିକ କାରବାର ମାନ୍ଦା ରହିଥିବାବେଳେ ଏଭଳି ସମୟରେ ଆଉ ଏକ ଲେହମ୍ୟାନ୍ ବ୍ରଦର୍ସ ଭଳି ସ୍ଥିତି ସୃଷ୍ଟି ହୋଇଛି। ଏଭରଗ୍ରାଣ୍ଡ ଦେବାଳିଆ ପରିସ୍ଥିତିକୁ ଆସିଯାଇଥିବାରୁ ସମଗ୍ର ବିଶ୍ୱ ଉପରେ ଏବେ ଆଉ ଏକ ଆର୍ଥିକ ମାନ୍ଦାବସ୍ଥା ମାଡ଼ିଆସିଛି। ଏଭରଗ୍ରାଣ୍ଡ ହେଉଛି ଚାଇନାର ଦ୍ୱିତୀୟ ବୃହତ୍ ରିଏଲ୍ ଇଷ୍ଟେଟ୍ କମ୍ପାନୀ। କମ୍ପାନୀ ଉପରେ ଏବେ ପ୍ରାୟ ୩୦୦ ବିଲିୟନ ଡଲାରର ଋଣ ବୋଝ। ଏଭରଗ୍ରାଣ୍ଡ ଏହି ଋଣ ପରିଶୋଧ କରିବା ସ୍ଥିତିରେ ନାହିଁ। ଚୀନ୍‌ର ବୈଦେଶିକ ବଣ୍ଡରେ କମ୍ପାନୀର ପ୍ରାୟ ୯ ପ୍ରତିଶତ ଅଂଶଧନ ରହିଛି। ଏଭରଗ୍ରାଣ୍ଡ ସଙ୍କଟର ପ୍ରଭାବ ବିଶ୍ୱର ପୁଞ୍ଜି ବଜାରଗୁଡିକ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏଭରଗ୍ରାଣ୍ଡ ସଙ୍କଟ ଯୋଗୁ ସୋମବାର ଦିନ ସାରା ବିଶ୍ୱରେ ଷ୍ଟକ୍ ବଜାର କାରବାରରେ ହ୍ରାସ ଘଟିଛି। ଏମିତିକି ମାତ୍ର ଦିନକର କାରବାରରେ ୫୦୦ ଧନୀ ହରାଇଛନ୍ତି ୧୫୦ କୋଟି ଡଲାର ମୂଲ୍ୟର ସମ୍ପତ୍ତି। ଏହି ଧନୀମାନେ ହରାଇଥିବା ସମ୍ପତ୍ତି ପରିମାଣ ଏସିଆର ସବୁଠୁ ଧନୀ ଭାରତର କୁବରେପତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ପରିମାଣଠାରୁ ଦେଢ଼ ଗୁଣ ଅଧିକ। ଏହାର ପରିମାଣ ପ୍ରାୟ ୧୩୫ ବିଲିୟନ୍ ଡଲାର ହେବ। ତେବେ ଧନୀମାନଙ୍କ ମଧ୍ୟରେ ସର୍ବାଧିକ କ୍ଷତି ସହିଛନ୍ତି ଟେସ୍‌ଲା ମୁଖ୍ୟ ଏଲନ୍ ମସ୍କ। ଅନ୍ୟପକ୍ଷରେ ପୁଞ୍ଜି ବଜାରର ଏହି ଘାଟାରୁ ବାଦ୍ ପଡ଼ିନାହାନ୍ତି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍। ଏଭରଗ୍ରାଣ୍ଡ ଦେବାଳିଆ ପ୍ରଭାବରେ ଭାରତର ଅନେକ କମ୍ପାନୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ପ୍ରଭାବିତ ହୋଇଥିବା ଜଣାଯାଇଛି।

କେତେକ ଆର୍ଥିକ ବିଶେଷଜ୍ଞ ଆଶଙ୍କା କରିଛନ୍ତି ଯେ, ଏଭରଗ୍ରାଣ୍ଡ ସଙ୍କଟ ଚାଇନାରେ ୨୦୦୮ ରେ ବିଶ୍ୱରେ ଆମେରିକାର ଲେହମାନ ବ୍ରଦର୍ସ ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତି ସୃଷ୍ଟି କରିପାରେ। ଏହାର ଅର୍ଥ ହେଉଛି ଆର୍ଥିକ ବିଶେଷଜ୍ଞମାନେ ବର୍ତ୍ତମାନ ଲେହମାନ ବ୍ରଦର୍ସ ସଙ୍କଟର ପୁନରାବୃତ୍ତି ଆଶଙ୍କା କରୁଛନ୍ତି। ଏ ସମ୍ପର୍କରେ ଭେଟେରାନ ବ୍ୟାଙ୍କର ଉଦୟ କୋଟାକ୍ କହିଛନ୍ତି ଯେ, ଏଭରଗ୍ରାଣ୍ଡ ସଙ୍କଟ ଲେହମାନ ସଙ୍କଟର ସ୍ମାରକ। ଯଦିଓ କେତେକ ବିଶେଷଜ୍ଞଙ୍କ ମତରେ ଏଭରଗ୍ରାଣ୍ଡ ସଙ୍କଟ ଚୀନ୍ ପାଇଁ ଏକ ବଡ଼ ଏବଂ ଗୁରୁତର ପରୀକ୍ଷା, ଏହା



ଲେହମାନ ସଙ୍କଟ ସହିତ ସମାନ ନୁହେଁ। ଆମେରିକାର ବ୍ୟାଙ୍କିଙ୍ଗ ସଂସ୍ଥା ଲେହମାନ୍ ବ୍ରଦର୍ସ ୧୫ ସେପ୍ଟେମ୍ବର ୨୦୦୮ରେ ଆନୁଷ୍ଠାନିକ ଭାବରେ ଦେବାଳିଆ ଘୋଷିତ ହୋଇଥିଲା। ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ଅନୁଭୂତ ହୋଇଥିଲା। ଏହି ଘଟଣାର ଦୀର୍ଘ ୧୩ ବର୍ଷ ପରେ ବର୍ତ୍ତମାନ ଏଭରଗ୍ରାଣ୍ଡ ଜରିଆରେ ଚାଇନାରୁ ଏକ ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥାର ପଦଧ୍ୱନୀ ଶୁଣିବାକୁ ମିଳୁଛି। ଏଭରଗ୍ରାଣ୍ଡ କାରଣରୁ ଗୋଟିଏ ଦିନରେ ଦୁନିଆର ୫୦୦ ଧନୀ ବ୍ୟକ୍ତିଙ୍କୁ ୧୩୫ ବିଲିୟନ ଡଲାର ହରାଇବାକୁ ପଡ଼ିଛି। ମୁକେଶ ଅମ୍ବାନୀଙ୍କ ମୋଟ ସମ୍ପତ୍ତି ପରିମାଣ ୯୨.୨ ବିଲିୟନ ଡ଼ଲାର ରହିଥିବାବେଳେ ୫୦୦ ଧନୀଙ୍କ କ୍ଷତି ପରିମାଣ ଏହାରଦେ୍ଢ଼ଗୁଣରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଇଲେକ୍‌ଟ୍ରିକ୍ କାର ନିର୍ମାତା ଟେସଲା ମାଲିକ ଏଲୋନ୍ ମସ୍କ ଗୋଟିଏ ଦିନରେ ତାଙ୍କ ସମ୍ପତ୍ତିର ୭.୨ ପ୍ରତିଶତ ହରାଇଛନ୍ତି। ଜେଫ୍ ବେଜୋସ୍‌ଙ୍କ ନେଟ୍ ସମ୍ପତ୍ତିରେ ମଧ୍ୟ ସୋମବାର ୫.୬ ବିଲିୟନ ଡ଼ଲାରରେ ହ୍ରାସ ପାଇଛି। ବର୍ତ୍ତମାନ ସେ ୧୯୪ ବିଲିୟନ ଡଲାରର ସମ୍ପତ୍ତି ସହିତ ବିଶ୍ୱ ଧନୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏଭରଗ୍ରାଣ୍ଡ କହିଛି ଯେ, ନଗଦ ଅର୍ଥ ହ୍ରାସ ପାଇଁ ସମାଧାନ ଖୋଜିବା ଲାଗି ଏହା ଆର୍ଥିକ ପରାମର୍ଶଦାତାଙ୍କୁ ନିୟୋଜିତ କରିଛି। କିନ୍ତୁ ଏହା ମଧ୍ୟ କହିଛି ଯେ, ଏଭଳି କମ୍ପାନୀର ର ଆର୍ଥିକ ଦାୟିତ୍ୱ ପୂରଣ କରିବାରେ ସକ୍ଷମ ହେବ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ। ଏଠାରେ ସୂଚନାଯୋଗ୍ୟ, ଚାଇନାର ସମଗ୍ର ସମ୍ପତ୍ତି ବଜାରର ୬.୫ ପ୍ରତିଶତ ଭାଗ ହେଉଛି ଏଭରଗ୍ରାଣ୍ଡର। କମ୍ପାନୀର ଗ୍ରେଣ୍ଡର ଷ୍ଟକ୍ ଚଳିତବର୍ଷ ପ୍ରାୟ ୮୦ ପ୍ରତିଶତ ହ୍ରାସ ପାଇଛି। ୨୦ ସେପ୍ଟେମ୍ବର ୨୦୨୧ରେ ଏହା ୧୧ ବର୍ଷର ସର୍ବନିମ୍ନ ସ୍ତରରେ ରହିଥିଲା। ଏଭରଗ୍ରାଣ୍ଡର ପ୍ରାୟ ୩୫୫ ବିଲିୟନ ଡଲାରର ସମ୍ପତ୍ତି ରହିଛି। ତଥାପି କମ୍ପାନୀ ଦେବାଳିଆ ପଥରେ ରହିଛି। ଏହାର ଆକ୍ରମଣାତ୍ମକ ରଣନୀତି ଯୋଗୁଁ ଏଭରଗ୍ରାଣ୍ଡର ଋଣ ଭାର ବୃଦ୍ଧି ପାଇଛି। ବ୍ୟାଙ୍କଗୁଡିକରୁ ବହୁ ମାତ୍ରାରେ ଋଣ ନେଇ କମ୍ପାନୀ ପ୍ରକଳ୍ପ ସମ୍ପ୍ରସାରଣ ଲକ୍ଷ୍ୟ ରଖି ଋଣ ପରିଶୋଧ କରି ନ ଥିଲା। ତେବେ ଏଭରଗ୍ରାଣ୍ଡ ଚାଲାକି କରି ଚୀନ୍ ସମେତ ବିଶ୍ୱ ବଜାରକୁ କମ୍ପାନୀ ଆଦୌ ଋଣଗ୍ରସ୍ତ ଥିବା ଅନୁଭବ କରିବାକୁ ଦେଇ ନ ଥିଲା। ଯେତେବେଳେ ବଜାର ନିୟମ ପରିବର୍ତ୍ତନ ହେଲା ସେତେବେଳେ ଚୀନ୍ ସରକାର ଏହି ସମ୍ପର୍କର ଜାଣିବାକୁ ପାଇଥିଲେ। ପ୍ରଥମ ଥର ପାଇଁ ଏଭରଗ୍ରାଣ୍ଡ ଆନୁଷ୍ଠାନିକ ଭାବେ ୩୦୦ ବିଲିୟନ ଡଲାରରୁ ଅଧିକ ଋଣ ଚାପରେ ଥିବା ସ୍ୱୀକାର କରିଛି। ଏଭରଗ୍ରାଣ୍ଡ ଗ୍ରୁପ୍ ଚାଇନାରେ ୧୩୦୦ରୁ ଅଧିକ ସମ୍ପତ୍ତିର ମାଲିକ ଏବଂ ପ୍ରାୟ ୨୮୦୦ ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ପରିଚାଳନା କରିଥାଏ। କମ୍ପାନୀରେ ପ୍ରାୟ ୨ ଲକ୍ଷ କର୍ମଚାରୀ ନିଯୁକ୍ତି ପାଇଛନ୍ତି। କମ୍ପାନୀ ପ୍ରତିବର୍ଷ ଚାଇନାରେ ପ୍ରାୟ ୩୮ ଲକ୍ଷ ନିଯୁକ୍ତି ସୃଷ୍ଟି କରୁଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଭରଗ୍ରାଣ୍ଡର ୮୦୦ ରିଅଲ ଇଷ୍ଟେଟ୍ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି। ଯଦି ଏଭରଗ୍ରାଣ୍ଡ ଦେବାଳିଆ ହୋଇଯାଏ, ଯେଉଁମାନେ ଏହାର ପ୍ରକଳ୍ପରେ ଟଙ୍କା ଖଟାଇଛନ୍ତି ସେମାନଙ୍କୁ ବଡ଼ ଧରଣର ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଏଥିରେ ବ୍ୟାଙ୍କ, ଆର୍ଥିକ ସଂସ୍ଥା, ଯୋଗାଣକାରୀ ଏବଂ ଘର କ୍ରେତା ସମସ୍ତେ ପ୍ରଭାବିତ ହେବେ। ଏହା ବ୍ୟତୀତ, ଏଭରଗ୍ରାଣ୍ଡ ସହ ବ୍ୟବସାୟ କରୁଥିବା କମ୍ପାନୀଗୁଡିକ ମଧ୍ୟ ବଡ କ୍ଷତି ସହିବା ଆଶଙ୍କା ରହିଛି। ଏହା ସହିତ ଅନ୍ୟ କେତେକ କମ୍ପାନୀ ମଧ୍ୟ ବୁଡ଼ିଯାଇପାରନ୍ତି।

ଭାରତର ଅନେକ କମ୍ପାନୀ ମଧ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଏଭରଗ୍ରାଣ୍ଡ ସହିତ ବ୍ୟବସାୟିକ ଦୃଷ୍ଟିରୁ ଜଡିତ। ବିଶେଷକରି ଇସ୍ପାତ, ରାସାୟନିକ ପଦାର୍ଥ ଏବଂ ଧାତୁ କ୍ଷେତ୍ରର କମ୍ପାନୀଗୁଡିକ କମ୍ପାନୀ ସହ ବ୍ୟବସାୟ କରିଥାନ୍ତି। ଏଭରଗ୍ରାଣ୍ଡ ଦେବାଳିଆ ହେବାର ପ୍ରଭାବରେ ଘରୋଇ ଷ୍ଟକ ବଜାର ସେନସେକ୍ସ ଭୁଷୁଡ଼ିଛି। ଏହା ବ୍ୟତୀତ ଅନ୍ୟ ଦେଶଗୁଡିକର ଷ୍ଟକ୍ ମାର୍କେଟ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିବା ଜଣାପଡିଛି।

## ଆକାଶ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଜାତୀୟ ସ୍କଲାରସିପ୍ ଏଏନ୍‌ଟିଏଚ୍‌ଇ ୨୦୨୧

ଭୁବନେଶ୍ୱର,୨୨।୯(ସମିସ): ଆକାଶ ନ୍ୟାସନାଲ୍ ଟ୍ୟାଲେଣ୍ଟ ହଣ୍ଟ ପରୀକ୍ଷା (ଏଏନ୍‌ଟିଏଚ୍‌ଇ) ୨୦୨୧, ଆକାଶ ଏଡୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସଏଲ୍)ର ଦ୍ୱାଦଶ ସଂସ୍କରଣ। ଏହା ୭ମ-୧୨ଶ ଶ୍ରେଣୀର ଆଶାୟୀ ଡାକ୍ତର ଓ ଇଞ୍ଜିନିୟର ଛାତ୍ରମାନଙ୍କୁ ନିଟ୍ ଓ ଆଇଆଇଟି-ଜେଇଇ କୋଚିଂ ପ୍ରୋଗ୍ରାମ ପାଇଁ ୧୦୦% ସ୍କଲାରସିପ ପ୍ରଦାନ କରିବାକୁ ଯାଉଛି। ଏଏନଟିଏଚଇ ୨୦୨୧ ଉଭୟ ଅନଲାଇନ୍ ଓ ଅଫଲାଇନ ମାଧ୍ୟମରେ ଆସନ୍ତା ଡିସେମ୍ବର ୪ରୁ ୧୨ ମଧ୍ୟରେ ସାରା ଦେଶରେ ୨୪ ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ କରାଯିବ। ଟ୍ୟୁସନ ଫି'ରେ ସ୍କଲାରସିପ ସହିତ, ଟପ୍ ସ୍କୋରଧାରୀମାନଙ୍କୁ ଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷ ସମସ୍ତ ଗ୍ରେଡର ୫ ଜଣ ପ୍ରତିଭାବାନ ଛାତ୍ରଙ୍କୁ ଜଣେ ଲେଖାଏଁ ଅଭିଭାବକଙ୍କ ସହିତ ନାସାକୁ ମାଗଣାରେ ଯାତ୍ରା ସୁଯୋଗ ପୁରସ୍କାର ଭାବରେ ପ୍ରଦାନ କରାଯିବ।ଅତିରିକ୍ତ ଲାଭ ଭାବରେ, ଏଏନଟିଏଚଇ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରମାନେ ମାଗଣାରେ ମେରିଟନେସନ ସ୍କୁଲ ବୁଷ୍ଟର ପାଇବେ। ଏହି ଏକ ଘଣ୍ଟିଆ ପରୀକ୍ଷା ଏଏନଟିଏଚଇ ଅନଲାଇନ୍ ସକାଳ ୧୦ଟା ରୁ ଅପରାହ୍ନ ୭.୦୦ ଘଣ୍ଟା ମଧ୍ୟରେ ସମସ୍ତ ପରୀକ୍ଷା ଦିବସରେ କରାଯିବ। ଏହା ସହିତ ଅଫଲାଇନ୍ ପରୀକ୍ଷା ଡିସେମ୍ବର ୫ ଓ ୧୨ରେ ରେ ଦୁଇଟି ସିଫ୍ଟରେ ସକାଳ ୧୦ଟା ୩୦ ମିନିଟ୍‌ରୁ ୧୧ଟା ୩ରୁ ଓ ଅପରାହ୍ନ ୪ଟାଠାରୁ ୫ଟା ମଧ୍ୟରେ ସାରା ଦେଶରେ ଥିବା ଆକାଶ ଇନଷ୍ଟିଚ୍ୟୁଟର ୨୧୫ରୁ ଅଧିକ ସେଣ୍ଟରରେ କରାଯିବ। ଏହି ସମୟରେ ପ୍ରଯୁଜ୍ୟ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କୋଭିଡ-୧୯ର ଅନୁପାଳନ କରାଯିବ। ଛାତ୍ରମାନେ ସେମାନଙ୍କ ପାଇଁ ଉପଯୋଗୀ ଏକ ଘଣ୍ଟିଆ ସ୍ଲଟ୍‌କୁ ବାଛିପାରିବେ।

## ବିଦେଶୀ ନିବେଶକ ଏଲ୍‌ଆଇସି ଆଇପିଓରେ ୨୦% ଅଂଶଧନ କିଣିପାରିବେ

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ଏଣିକି ବିଦେଶୀ ନିବେଶକମାନେ ରାଷ୍ଟ୍ରାୟତ୍ତ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ପ୍ରାରମ୍ଭିକ ପବ୍ଲିକ୍ ଅଫର (ଆଇପିଓ)ର ୨୦% ପର୍ଯ୍ୟନ୍ତ ସେୟାର କିଣିପାରିବେ। କାରଣ କେନ୍ଦ୍ର ସରକାର ଏଥିପାଇଁ ଅନୁମତି ଦେବାକୁ ବିଚାର କରୁଛନ୍ତି। ଏଲ୍‌ଆଇସିର ଅଂଶଧନ ବିକ୍ରୟରୁ ସରକାର ୯୦୦ ବିଲିୟନ ଟଙ୍କା (୧୨.୨ ବିଲିୟନ ଡ଼ଲାର୍) ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ଯଦିଓ ବିଦେଶୀ ସଂସ୍ଥାଗତ ନିବେଶକମାନଙ୍କୁ ବେସରକାରୀ ବୀମା କମ୍ପାନୀରେ ୭୪% ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୨୦% ପର୍ଯ୍ୟନ୍ତ ଅଂଶଧନ କ୍ରୟ ଅନୁମତି ଦିଆଯାଇଛି। ଏହାକୁ ସକ୍ଷମ କରିବା ଦ୍ୱାରା ବିଦେଶୀ ପେନ୍‌ସନ୍ ପାଣ୍ଠି, ବୀମା କମ୍ପାନୀ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଭାରତର ବୃହତ ଜୀବନ ବୀମାକାରୀଙ୍କ ଆଇପିଓରେ ଅଂଶଗ୍ରହଣ କରିବାକୁ ଅନୁମତି ଦେବ।

## ସୋନୀ ପିକ୍‌ଚର୍ସ ସହ ଜୀ ଏଣ୍ଟରଟେନ୍‌ମେଣ୍ଟର ହେବ ମିଶ୍ରଣ

ମୁମ୍ବାଇ ୨୨।୯(ଏଜେନ୍ସି): ସୋନୀ ପିକଚର୍ସ ଇଣ୍ଡିଆ ସହ ସହ ଜୀ ଏଣ୍ଟରଟେନମେଣ୍ଟର ହେବ ମିଶ୍ରଣ। ସୋନୀ ଗ୍ରୁପର ଭାରତୀୟ ୟୁନିଟ୍ ଦେଶର ସର୍ବ ବୃହତ ଟେଲିଭିଡନ ନେଟୱାର୍କ ଜି ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜର୍ସ କ୍ରୟ ଲାଗି ଏକ ରାଜିନାମା ସ୍ୱାକ୍ଷର କରିଛି। ସଂସ୍ଥାର ପ୍ରମୁଖ ଅଧିକାରୀଙ୍କ ଅପସାରଣ ଲାଗି ଅଂଶୀଦାରଙ୍କ ଆଡୁ ଦାବି ହେବାପରେ ଏହି ପଦକ୍ଷେପ ନିଆଯାଇଛି। ଫଳରେ ସଂସ୍ଥାର ୫୩ ପ୍ରତିଶତ ଅଂଶଧନ ସୋନୀ ଇଣ୍ଡିଆ ମାଲିକାନାକୁ ଆସିଥିବା ବେଳେ ବଳକା ଅଂଶ ସେୟାରଧାରୀଙ୍କ ଅଧୀନରେ ରହିବ ବୋଲି ବୁଧବାର ଏକ ମିଳିତ ବିବୃତ୍ତିରେ କୁହାଯାଇଛି। ସୋନୀର ଏହି ୟୁନିଟ୍‌ରେ ଅଂଶୀଦାରମାନେ ପୁଞ୍ଜିନିବେଶ କରିବେ। ଫଳରେ ମୋଟ ପୁଞ୍ଜିର ପରିମାଣ ୧.୫୮ ବିଲିୟନ ଡଲାରରେ ପହଞ୍ଚିବ। ତେବେ ବୋର୍ଡର ଅଧିକାଂଶ ପଦପଦବୀ ସୋନୀ ହାତରେ ରହିବ। ରାଜିନାମାରେ ଉଭୟ କମ୍ପାନୀଙ୍କୁ ୯୦ ଦିନିଆ ଅବଧି ଦିଆଯାଇଛି। ଏହି ଅବଧି ଉଭୟ କମ୍ପାନୀ ବାଇଣ୍ଡିଂ ଏଗ୍ରିମେଣ୍ଟ ଲାଗି ସ୍ୱତନ୍ତ୍ର ଆଲୋଚନା କରିବେ। ଏହି ସମୟରେ ୟୁନିଟର ନେତୃତ୍ୱ ଜୀ ଏଣ୍ଟରଟେନମେଣ୍ଟର ସିଇଓ ପୁନିତ ଗୋୟଙ୍କା ନେବେ। ଗତ ସପ୍ତାହରେ ଜୀ ନେଟୱାର୍କରେ ୧୭.୯ ପ୍ରତିଶତ ସେୟାରର ମାଲିକ ଇନଭେସ୍କୋ ଡେଭଲପିଙ୍ଗ ମାର୍କେଟ ଫଣ୍ଡ ଏବଂ ଓଏଫଆଇ ଗ୍ଲୋବାଲ ଚାଇନା ଫଣ୍ଡ ଏଲଏଲସି ଗୋୟଙ୍କାଙ୍କ ସମେତ ଅନ୍ୟ ୨ ଜଣଙ୍କ ବହିଷ୍କାର ଲାଗି ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରିଥିଲେ। ଫଳରେ ସଂକଟଗ୍ରସ୍ତ ଜୀରେ ନୂଆ ମୋଡ ଆସିଛି। ୧୯୯୨ରେ ସ୍ଥାପିତ କମ୍ପାନୀରେ ସୁଭାଷ ଚନ୍ଦ୍ରା ଓ ତାଙ୍କ ପରିବାରଙ୍କ କର୍ତ୍ତୃତ୍ୱ ସମାପ୍ତ କରିବା ଲାଗି ନିବେଶକଙ୍କ ଏହା ଏକ ଉଦ୍ୟମ ଥିବାବେଳେ ବୋର୍ଡର ୨ ଜଣ ସଦସ୍ୟ ତତ୍କାଳ ଇସ୍ତଫା ଦେଇଥିଲେ। ମିଡ଼ିଆ ବାଦ୍‌ଶାହା ଏକଦା ଜୀ ରୁପର୍ଟ ମୋଡ୍ରକଙ୍କ ଭାରତୀୟ ଅଂଶୀଦାର ରହିଥିଲା।

## ୨୫ରୁ ଆଇଫୋନ୍ ୧୩ ସିରିଜ୍ ବିକ୍ରି ଆରମ୍ଭ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି)

ଆପଲ୍ ଆଇଫୋନ ୧୩ ସିରିଜ୍‌ର ବିକ୍ରି ସେପ୍ଟେମ୍ବର ୨୫ରୁ ଆରମ୍ଭ ହେବ। ଯେଉଁ ଗ୍ରାହକମାନେ ଏହାକୁ ପ୍ରି-ବୁକ୍ କରିଥିଲେ ସେମାନଙ୍କ ପାଇଁ କମ୍ପାନୀ ୨୪ ସେପ୍ଟେମ୍ବରରୁ ଡେଲିଭରି ଆରମ୍ଭ କରିବ। ତେବେ କଥା ହେଉଛି କମ୍ପାନୀ ଏହି ସିରିଜ୍‌ର ସ୍ମାର୍ଟଫୋନରେ କୌଣସି ଫ୍ଲାଟ ରିଆତି ଦେଉନାହିଁ। ତଥାପି ଏହାକୁ ଆପଣ ୬୦୦୦ ଟଙ୍କା କ୍ୟାସବ୍ୟାକ୍‌ରେ କିଣାଯାଇପାରିବ। ତେବେ ଆଇଫୋନ ୧୩ ସିରିଜ୍‌ର ମୂଲ୍ୟ ଆଇଫୋନ ୧୨ ଭଳି ରହିବ। ଗତବର୍ଷ ବଜାରକୁ ଆସିଥିବା ଆଇଫୋନ ୧୨ ତୁଳନାରେ ଚଳିତବର୍ଷ ଆସିଥିବା ଆଇଫୋନ ୧୩ ସିରିଜ୍‌ର ମୂଲ୍ୟ କମ୍ପାନୀ ପରିବର୍ତ୍ତନ କରିନାହିଁ। ଏହା ସତ୍ତ୍ୱେ ବି ଗ୍ରାହକଙ୍କ ପାଇଁ ଆଇଫୋନ ୧୩ ସିରିଜ୍‌ର ଯେକୌଣସି ବି ଫୋନ କିଣିବା ମହଙ୍ଗା ପଡ଼ିବ।

### କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡରେ ପେମେଣ୍ଟ କଲେ କ୍ୟାସବ୍ୟାକ୍

ଆଇଫୋନ ୧୩ ସିରିଜ୍‌ରେ କମ୍ପାନୀ ୪ଟି ମଡେଲ୍‌ର ସ୍ମାର୍ଟଫୋନ ଯଥା- ଆଇଫୋନ ୧୩, ଆଇଫୋନ ୧୩ ମିନି, ଆଇଫୋନ ୧୩ ପ୍ରୋ, ଆଇଫୋନ ୧୩ ପ୍ରୋ ମାକ୍ସ ବଜାରକୁ ଛାଡିଛି। ଏଥିରୁ କୌଣସି ବି ସ୍ମାର୍ଟଫୋନକୁ ଗ୍ରାହକ ୬୦୦୦ ଟଙ୍କା କ୍ୟାସବ୍ୟାକ ସହିତ କିଣିପାରିବେ। ୬୦୦୦ ଟଙ୍କାର କ୍ୟାସବ୍ୟାକ ପାଇଁ ଆପଣଙ୍କୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ବ୍ୟବହାର କରିବା ପାଇଁ ପଡ଼ିବ। ଆଇଫୋନ ୧୩ରେ ମିଳୁଥିବା ଏହି କ୍ୟାସବ୍ୟାକ ପ୍ରି-ବୁକ କରୁଥିବା ଗ୍ରାହକମାନଙ୍କ ପାଇଁ ଉପଲବ୍ଧ। ଏହାର ଶେଷ ତାରିଖ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ଆଇଫୋନ ୧୩ ଓ ଆଇଫୋନ ୧୩ ମିନିର ୧୨୮ ଜିବି ଭାରିଆଣ୍ଟର ଫୋନ ପ୍ରି ବୁକିଙ୍ଗ ପାଇଁ ଉପଲବ୍ଧ ନାହିଁ। କମ୍ପାନୀ ବିକ୍ରି ପାଇଁ ଆଇଫୋନ ୧୩ ପ୍ରୋ ଓ ପ୍ରୋମାକ୍ସକୁ ଉପଲବ୍ଧ କରିଛି। କିନ୍ତୁ ଏହି ଦୁଇଟି ମଡେଲ ବର୍ତ୍ତମାନ ଉପଲବ୍ଧ ନାହିଁ। ଏହି ଦୁଇଟି ଫୋନ ବଜାରକୁ ଆସିବା ପାଇଁ ୫ ରୁ ୬ ସପ୍ତାହ ସମୟ ଲାଗିବ।




୨୪ରୁ ଡେଲିଭରି

## ଏୟାର ଇଣ୍ଡିଆ ସିଏମଡି ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ସଚିବ



ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ସରକାର ବୁଧବାର ରାଜୀବ ବନସଲ୍‌ଙ୍କୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ସଚିବ ଭାବେ ନିଯୁକ୍ତ କରିଛନ୍ତି। ବନସଲ୍ ବର୍ତ୍ତମାନ ସରକାରୀ ବିମାନ କମ୍ପାନୀ ଏୟାର ଇଣ୍ଡିଆର ସିଏମ୍‌ଡି ଭାବରେ କାର୍ଯ୍ୟ କରୁଛନ୍ତି। ଏହାପୂର୍ବରୁ ସେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟର ପରାମର୍ଶଦାତା ରହିଥିଲେ। ବନସଲ୍ ପ୍ରଦୀପ ସିଂ ଖରୋଲାଙ୍କ ସ୍ଥାନରେ ସଚିବ ଭାବେ ନିଯୁକ୍ତି ପାଇଛନ୍ତି, ଯେ କି ଚଳିତ ମାସ ଶେଷ ଅବସରରେ ଅବସର ଗ୍ରହଣ କରିବେ। ବନସଲ୍ ନାଗାଲାଣ୍ଡ କ୍ୟାଡରର ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ। ସେ ଏହା ପୂର୍ବରୁ ୨୦୦୬ ରୁ ୨୦୦୮ ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟରେ କାର୍ଯ୍ୟ କରିଥିଲେ।

## ବିନା ଇଣ୍ଟରନେଟ୍‌ରେ କେମିତି କରିବେ ୟୁପିଆଇ ପେମେଣ୍ଟ




ନୂଆଦିଲ୍ଲୀ ୨୨।୯ (ଏଜେନ୍ସି)

ସ୍ମାର୍ଟଫୋନ୍ ୟୁଜର୍ସଙ୍କ ପାଇଁ ୟୁପିଆଇ ମାଧ୍ୟମରେ ପେମେଣ୍ଟ କରିବା ଏବେ ଏକ ସୁବିଧାଜନକ ମାଧ୍ୟମ। ଏହା ଜରିଆରେ ୟୁଜର୍ସ ଯେକୌଣସି ସ୍ଥାନରେ ପାଖରେ ଟଙ୍କା ନ ଥିଲେ ବି ଟଙ୍କା ପୈଠ କରିପାରୁଛନ୍ତି। ୟୁପିଆଇ ପେମେଣ୍ଟ କରିବାକୁ ହେଲେ ଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ଥିବା ଜରୁରୀ। ଅନେକ ସମୟରେ ଇଣ୍ଟରନେଟ ସଂଯୋଗ ନ ଥିଲେ କିମ୍ବା ମନ୍ଥର ଥିଲେ ଅନ୍‌ଲାଇନ୍ ପେମେଣ୍ଟ କରିବା ମୁସ୍କିଲ ହୋଇଯାଏ। ଯଦି କୌଣସି ସମୟରେ ଆପଣ ଏମିତି କିଛି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ଆପଣଙ୍କୁ କିଛି ଖାସ୍ ଟ୍ରିକ୍ ଜାଣିବାକୁ ହେବ। ଏହି ଟ୍ରିକ୍ ଜରିଆରେ ଫୋନ୍‌ରେ ଇଣ୍ଟରନେଟ୍ ସଂଯୋଗ ନ ଥିଲେ ମଧ୍ୟ ଆପଣ ୟୁପିଆଇ ପେମେଣ୍ଟ କରିପାରିବେ।

### *୯୯# ସର୍ଭିସ୍ ମାଧ୍ୟମରେ ୟୁପିଆଇ ପେମେଣ୍ଟ

ୟୁପିଆଇ ପେମେଣ୍ଟ କରିବାକୁ ହେଲେ ସବୁଠୁ ଜରୁରୀ ଆପଣଙ୍କ ବ୍ୟାଙ୍କରେ ପଞ୍ଜୀକୃତ ଏବଂ ୟୁପିଆଇ ସହ ଲିଙ୍କ୍ ହୋଇଥିବା ଫୋନ୍ ନମ୍ବର ଦରକାର। ଏହାପରେ ଆପଣଙ୍କ ଫୋନ୍‌ରେ *୯୯# ସର୍ଭିସ୍ ଆକ୍ଟିଭ୍ ଅଛି କି ନାହିଁ ଯାଞ୍ଚ କରିନିଅନ୍ତୁ। *୯୯# ଡାଏଲର କୋଡ୍ ଭାରତରେ ସମସ୍ତ ମୋବଇଲ୍ ୟୁଜର୍ସଙ୍କ ପାଇଁ ଆରମ୍ଭ କରାଯାଇଥିଲା। ଏହାର ଅର୍ଥ ଆପଣ ୟୁପିଆଇ ଇକୋସିଷ୍ଟମର ଏକ ଅଂଶ।

### ବିନା ଇଣ୍ଟରନେଟ୍‌ରେ କିଭଳି କରିବେ ପେମେଣ୍ଟ

- ସର୍ବପ୍ରଥମେ ଫୋନ୍‌ରେ *୯୯# ଡାଏଲ କରନ୍ତୁ।
- ଏହାପରେ ଆପଣଙ୍କୁ ଅନେକ ମେନ୍ୟୁ ଦେଖାଯିବ। ଏଥିରେ ଆପଣ ପ୍ରଥମ ମେନ୍ୟୁ (ସେଣ୍ଡ ମନି) ଉପରେ କ୍ଲିକ୍ କରନ୍ତୁ।
- ଯାହାଙ୍କୁ ଟଙ୍କା ପଠାଇବେ ତାଙ୍କର ସବିଶେଷ ତଥ୍ୟ ଦିଅନ୍ତୁ।
- ୟୁପିଆଇ ଆକାଉଣ୍ଟ ସହ ଲିଙ୍କ୍ ନମ୍ବର ଦିଅନ୍ତୁ।
- କେତେ ଟଙ୍କା ପଠାଇବେ ଟାଇପ୍ କରନ୍ତୁ। ପରେ ସେଣ୍ଡ ଉପରେ କ୍ଲିକ୍ କରନ୍ତୁ।
- ଟ୍ରାଞ୍ଜାକ୍ସନ ପୂରା କରିବାକୁ ଆପଣଙ୍କୁ ୟୁପିଆଇ ପିନ୍ ଦେବାକୁ ହେବ।



# ଡଃ ରାଜେନ୍ଦ୍ର ପ୍ରସାଦ ମିଶ୍ର ପାଇବେ ଗଙ୍ଗା ଶରଣ ସିଂହ ପୁରସ୍କାର

ଭୁବନେଶ୍ୱର,୨୨।୯ (ସମିସ): ଆଗ୍ରାସ୍ଥିତ ଭାରତ ସରକାରଙ୍କ ପ୍ରଖ୍ୟାତ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥା 'କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ'୨୦୧୮ ବର୍ଷ ପାଇଁ ସମ୍ମାନଜନକ 'ହିନ୍ଦୀ ସେବୀ ସମ୍ମାନ' ପୁରସ୍କାର ଘୋଷଣା କରିଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ହିନ୍ଦୀ ଭାଷାର ବିକାଶ, ପ୍ରଚାର ପ୍ରସାର ଓ ପ୍ରୋତ୍ସାହନ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୨ଟି ଶ୍ରେଣୀରେ ୨୬ ଜଣ ବିଦ୍ୱାନ ଲେଖକଲେଖିକାଙ୍କୁ ଏଥିରେ ପୁରସ୍କୃତ କରାଯିବ। ତନ୍ମଧ୍ୟରୁ ହିନ୍ଦୀ ଭାଷାର ପ୍ରଚାର, ପ୍ରସାର ତଥା ଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ଡଃ



ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ 'ଗଙ୍ଗା ଶରଣ ସିଂହ' ପୁରସ୍କାରରେ ସମ୍ମାନିତ କରାଯିବ। ଏହି ସମ୍ମାନ ପ୍ରଦାନ ଅବସରରେ ରାଷ୍ଟ୍ରପତି ତାଙ୍କୁ ନଗଦ ପାଞ୍ଚ ଲକ୍ଷ ଟଙ୍କା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରିବେ। ଡଃ ପ୍ରସାଦ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ୧୯୯୬ରୁ ୨୦୧୭ ପର୍ଯ୍ୟନ୍ତ ସହକାରୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଥିଲେ। ଡଃ ମିଶ୍ର ଏନ୍‌ଟିପିସିର ମହାପ୍ରବନ୍ଧକ(ମାନବସମ୍ବଳ-ରାଜଭାଷା) ଭାବେ ମଧ୍ୟ ସୁଚାରୁରୂପେ କାର୍ଯ୍ୟ ତୁଲାଇଛନ୍ତି। ସେ ବିଶ୍ୱ ହିନ୍ଦୀ ସଚିବାଳୟ ମରିସସ୍ ପକ୍ଷରୁ ପ୍ରକାଶିତ ତ୍ରୟମାସିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ ସମାଚାର' ଓ ବାର୍ଷିକ ହିନ୍ଦୀ ପତ୍ରିକା 'ବିଶ୍ୱ ହିନ୍ଦୀ'ର ସଂପାଦନା ଦାୟିତ୍ୱ ନିର୍ବାହ କରିଛନ୍ତି। ଏହାବାଦ୍ ସେ ୫୦ରୁ ଅଧିକ ଓଡ଼ିଆ ପୁସ୍ତକକୁ ହିନ୍ଦୀରେ ଅନୁବାଦ କରିଛନ୍ତି। ସାହିତ୍ୟ ଓ ଅନୁବାଦ କ୍ଷେତ୍ରରେ ଅତୁଳନୀୟ ଅବଦାନ ରଖିଥିବା ଡଃ ମିଶ୍ରଙ୍କୁ 'ସାହିତ୍ୟଅକାଦେମୀ', 'ଅଣହିନ୍ଦୀ ଲେଖକ ସମ୍ମାନ', 'ସୌହାର୍ଦ୍ଦ ପୁରସ୍କାର', 'ଫହର ପୁରସ୍କାର', 'ସେତୁବନ୍ଧ ପୁରସ୍କାର', 'ବଙ୍କିମ ଚନ୍ଦ୍ର ପୁରସ୍କାର' ପ୍ରଭୃତି ଏକାଧିକ ସମ୍ମାନରେ ସମ୍ମାନିତ କରାଯାଇଛି। ଉଲ୍ଲେଖନୀୟ ଯେ ହିନ୍ଦୀ ସେବୀ ସମ୍ମାନ ଯୋଜନା ୧୯୮୯ ମସିହାରୁ ଆରମ୍ଭ ହୋଇଥିଲା। ଉକ୍ତ ଅନୁଷ୍ଠାନ ପ୍ରତିବର୍ଷ ୨୬ ଜଣ ଲେଖକ ଲେଖିକାଙ୍କୁ ଏହି ସମ୍ମାନରେ ସମ୍ମାନିତ କରି ଆସୁଛି।

# ଝାମ୍ପିନେଲେ ୩.୫୦ ଲକ୍ଷ

ଉଦଳା,୨୨।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳରେ ପୁଣି ରାହାଜାନି। ଉଦଳା ଥାନା ଅଞ୍ଚଳର ଧାନଘେରା ରାସ୍ତାରେ ଦୁର୍ବୃତ୍ତମାନେ ଲୁଟିନେଇଛନ୍ତି ୩ ଲକ୍ଷ ୫୦ ହଜାର ଟଙ୍କା। ଧାନଘେରା ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା (୭୩) ବୁଧବାର ମଧ୍ୟାହ୍ନ ପ୍ରାୟ ସାଢେ ବାରଟାରେ ଉଦଳା ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ନିଜ ଜମା ଅର୍ଥରୁ ୩ଲକ୍ଷ ୫୦ ହଜାର ଟଙ୍କା ଉଠାଣ କରି ନିଜ ଗ୍ରାମକୁ ଏକ କାର ଯୋଗେ ପତ୍ନୀଙ୍କ ସହ ଫେରୁଥିଲେ। ବି.ସି.ପୁର-ଧାନଘେରା ରାସ୍ତାର ଏକ ନିଛାଟିଆ ସ୍ଥାନରେ ଏକ ବାଇକରେ ଆସି ଦୁଇଜଣ ଯୁବକ ସାମ୍ନାରେ ଗାଡି ରଖି ରାସ୍ତା ପଚାରିବା ବାହାନାରେ ପଛପଟୁ ଅନ୍ୟ ଜଣେ ସହଯୋଗୀ ଲୁଟେରା ଆସି ରତିକାନ୍ତଙ୍କ ପତ୍ନୀଙ୍କ ହାତରେ ଥିବା ଟଙ୍କା ବ୍ୟାଗଟିକୁ ଝାମ୍ପି ନେଇ ବିସିପୁର ଆଡ଼କୁ ଦ୍ରୁତଗତିରେ ଚମ୍ପଟ ମାରିଥିଲେ। ଏ ନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ରଣକ୍ଷେତ୍ର ପାଲଟିଲା ଜନଶୁଣାଣି ସ୍ଥଳ

ସେମିଳିଗୁଡା, ୨୨।୯ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ କଙ୍କଡ଼ାଆମ୍ବ ନିକଟରେ ଥିବା ମାଳି ପର୍ବତ ବକ୍ସାଇଟ୍ ଖନନର ପରିବେଶ ପ୍ରଦୂଷଣ ନେଇ ଜଣଶୁଣାଣି ଆୟୋଜନ ହୋଇଥିବା ବେଳେ ବିପକ୍ଷବାଦୀମାନେ ଏହାକୁ ତୀବ୍ର ବିରୋଧ କରି ଚେୟାର, ଟେବୁଲ୍ ଫିଙ୍ଗିବା ସହିତ ଜନଶୁଣାଣି ସ୍ଥଳକୁ ମାରଣାସ୍ତ୍ର ଧରି ପଶିବା ଯୋଗୁଁ ଜନଶୁଣାଣି ଫେଲ୍ ମାରିଛି। ଉକ୍ତ ଅଞ୍ଚଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ସୂଚନା ଅନୁଯାୟୀ ମାଳି ପର୍ବତ ବକ୍ସାଇଟ୍ ଖନନ ଲିଜ୍ ହିଣ୍ଡାଲ୍‌କୋ ନେଇଥିବା

**ବିପକ୍ଷବାଦୀଙ୍କ ଦ୍ୱାରା ବ୍ୟାପକ ଭଙ୍ଗାରୁଜା**

**ଅଧିକାରୀଙ୍କୁ ଠେଲାପେଲା**

**ଫେଲ୍ ମାରିଲା ଜନଶୁଣାଣି**

ବେଳେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଦ୍ୱାରା ବୁଧବାର ଏକ ଜନଶୁଣାଣି ଶିବିର ଆୟୋଜନ ହୋଇଥିଲା। ଉକ୍ତ ଶିବିରରେ ଉପଜିଲ୍ଲାପାଳ ଲଳିତ କୁମାର କହର, ଅତିରିକ୍ତ ଜିଲ୍ଲାପାଳ ଦେବେନ୍ଦ୍ର ପ୍ରଧାନ , ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ପ୍ରସନ୍ନ କରଙ୍କ ସହିତ ହିଣ୍ଡାଲ୍‌କୋ ଓ ମୈତ୍ରୀର ଉଚ୍ଚସ୍ତରୀୟ





ଅଧିକାରୀମାନେ ଯୋଗ ଦେଇଥିଲେ। ୧୧ ଘଟିକା ସମୟରେ ସମାବେଶ ଆରମ୍ଭ ହୋଇଥିବା ବେଳେ ବିପକ୍ଷବାଦୀ ବହୁସଂଖ୍ୟାରେ ସଭାସ୍ଥଳକୁ ପଶି ଅଧିକାରୀମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ଚେଷ୍ଟା କରିଥିଲେ। ଯାହାଫଳରେ ଅଧିକାରୀମାନେ ସେଠାରୁ ପଳାଇଯିବାକୁ ଚେଷ୍ଟା କରୁଥିବା ବେଳେ ଶତାଧିକ ବିପକ୍ଷବାଦୀ ଅଧିକାରୀଙ୍କୁ ଧସ୍ତାଧସ୍ତି କରିଥିଲେ ଏବଂ ସଭାସ୍ଥଳରେ ଥିବା ଚେୟାର, ଟେବୁଲ୍, ଟେଣ୍ଟ, ମାଇକ ସେଟ୍ ଆଦିକୁ ଭଙ୍ଗାରୁଜା କରିଥିଲେ। ପୁଲିସ୍ ଉକ୍ତ ଅଧିକାରୀମାନଙ୍କୁ ରକ୍ଷାକରି ସୁରକ୍ଷିତ ଭାବେ କୋରାପୁଟରେ ପହଞ୍ଚାଇଥିଲା। ହିଣ୍ଡାଲ୍‌କୋର ଉଚ୍ଚସ୍ତରୀୟ ଅଧିକାରୀଙ୍କ ଉପରେ କିଛିଲୋକ ଆକ୍ରମଣ କରିଥିବା ବେଳେ ସେ ଆହତ ହୋଇଥିବା ଜଣାପଡ଼ିଛି। ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ଜନଶୁଣାଣି ବାତିଲ ହୋଇଥିଲା। ଡାଲିଆମ୍ବ ନିକଟରେ ସପକ୍ଷବାଦୀ ଓ ବିପକ୍ଷବାଦୀ କିଛି ସମୟ ମୁହାଁମୁହିଁ ହୋଇଥିବା ବେଳେ ପୋଲିସ ଉଭୟଙ୍କୁ ବୁଝାଶୁଝା କରିଥିଲା। ଅତିରିକ୍ତ ପୋଲିସ ଅଧିକାରୀ ଉତ୍କଳ ରାଜନଙ୍କ ନେତୃତ୍ୱରେ ସେମିଳିଗୁଡା, ପଟାଙ୍ଗି , ନନ୍ଦପୁର , ପଡୁଆ ,ସୁନାବେଡା ,କୋରାପୁଟ ଥାନା ଅଧିକାରୀ ଏବଂ ୭ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ। ମାଳି ପର୍ବତ ଆଖ ପାଖ ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ରହିଥିବାରୁ ପୋଲିସ୍ କଡ଼ା ନଜର ରଖିଛି।

# ବନ୍ଧୁକ ତିଆରି ଅଭିଯୋଗରେ ୨ ଗିରଫ

ସମ୍ବଲପୁର, ୨୨।୯ (ସମିସ): ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅଧୀନ ବାସୁପାଲି ଗ୍ରାମର ଖମାରପଡ଼ାରୁ ବୁଧବାର ପୁଲିସ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ କରିଛି। ଏହି ଘଟଣାରେ ଗାଁର ତରଣୀ ପ୍ରଧାନଙ୍କ ସ୍ତ୍ରୀ ଜନନୀ ପ୍ରଧାନ (୪୨) ଓ ସହଯୋଗୀ କୁମର ପ୍ରଧାନ (୪୫)ଙ୍କୁ ଗିରଫ କରିଛି। ୬ଟି ଷ୍ଟିଲ ବ୍ୟାରେଲ, କାଠ ଫ୍ରେମ, କାଠ ପଟା, ଭାଇସ, ଲୁହା କାଟିବା ଆରିପାତି, କରତ, ଅନ୍ୟାନ୍ୟ ଯନ୍ତ୍ରାଂଶ ଆଦି ଜବତ କରାଯାଇଛି। ତେବେ ମୁଖ୍ୟ ଅଭିଯୁକ୍ତ ତରଣୀ ଫେରାର ଅଛି। ଏ ନେଇ ଥାନାରେ ୧୨୮/୨୧ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି କାରଖାନା ତରଣୀଙ୍କ ଘରେ ଚାଲୁଥିଲା। ୪ ବର୍ଷ ହେବ ଏମାନେ ବନ୍ଧୁକ ତିଆରି କରୁଥିଲେ। ସମ୍ବଲପୁର ବିଭିନ୍ନ କବାଡିଖାନାରୁ

**ମୁଖ୍ୟ ଅଭିଯୁକ୍ତ ଫେରାର**

**ସହଯୋଗୀଙ୍କୁ ଗିରଫ କରି ବାହାବାହା ନେଉଛି ପୁଲିସ**

ଲୁହା ପାଇପ୍ ନେଇ ଏମାନେ ବନ୍ଧୁକ ତିଆରି କରୁଥିଲେ। ଏମାନଙ୍କୁ ବନ୍ଧୁକ ତିଆରି କରିବାକୁ ୮ରୁ ୯ ଦିନସମୟ ଲାଗୁଥିଲା। ଏହାକୁ ୧୦ ହଜାର ଟଙ୍କାରେ ବିକ୍ରି କରୁଥିଲେ ବୋଲି ପୁଲିସ ଜାଣିବାକୁ ପାଇଛି। ସମ୍ବଲପୁର ଜିଲ୍ଲାରେ ବେଆଇନ ଭାବେ ବନ୍ଧୁକ ତିଆରି ହେଉଛି। ପୁଲିସ କିନ୍ତୁ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଉନି। ଏହା ଫଳରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦେଶୀ ବନ୍ଧୁକ ତିଆରି କାରଖାନା ଚାଲିଛି। ଏଭଳି ସ୍ଥଳେ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଯୁଯୁମୁରା ଥାନା ପୁଲିସ ବାଧ୍ୟ ହୋଇ ଚଢଉ କରି ୨ଜଣଙ୍କୁ ଗିରଫ କରିଛି। ତେବେ ବେଆଇନ ବନ୍ଧୁକ ତିଆରି କରୁଥିବା ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛି।

# ଶିକ୍ଷୟିତ୍ରୀଙ୍କ ଗଳାକାଟି ହତ୍ୟା ଉଦ୍ୟମ; ସ୍ୱାମୀ ଅଟକ

ବଲାଙ୍ଗିର,୨୨।୯ (ସମିସ): ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଅନ୍ତର୍ଗତ ଦୁର୍ଗାପାଲି ଗାଁରେ ଜଣେ ଶିକ୍ଷୟିତ୍ରୀଙ୍କୁ ଗଳାକାଟି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ଜଣକ ଦୁର୍ଗାପାଲି ସରକାରୀ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସଞ୍ଜୁରାଣୀ ଦେବତା ବୋଲି ଜଣାପଡ଼ିଛି। ତାଙ୍କୁ ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଯୌତୁକ ନିର୍ଯାତନା ଦେଇ ତାଙ୍କ ସ୍ୱାମୀ ଏଭଳି କାଣ୍ଡ ଭିଆଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଅଭିଯୁକ୍ତ ସ୍ୱାମୀ ପ୍ରଦୀପ ପଣ୍ଡା ଟିଟିଲାଗଡ଼ସ୍ଥିତ ସିଲୁଁଆ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଥିବା ସୂଚନା ମିଳିଛି।

ସୂଚନା ଅନୁସାରେ ସଞ୍ଜୁ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅର୍ନ୍ତଗତ ବଣ୍ଡାବାହାଲ ଗାଁର ପ୍ରଦୀପ ପଣ୍ଡାଙ୍କୁ ଏକ ବର୍ଷ ତଳେ ବିବାହ କରିଥିଲେ। ତେବେ ସେ କମ୍ ଯୌତୁକ



ଆଣିଥିବା ଯୋଗୁଁ ବିବାହର ମାତ୍ର ୫ ଦିନ ପରେ ପ୍ରଦୀପ ତାଙ୍କୁ ମାଡ ମାରିଥିଲେ। ବିବାହର ଏକ ବର୍ଷ ମଧ୍ୟରେ ସବୁବେଳେ ତାଙ୍କ ସହିତ ଝଗଡ଼ା କରିବାରୁ ସେ ତାଙ୍କ ସ୍ୱାମୀଙ୍କୁ ଛାଡପତ୍ର ଦେବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ତାଙ୍କ ସ୍କୁଲ ନିକଟରେ ଏକ ଭଡା ଘର ନେଇ ରହୁଥିଲେ। ଅଲଗା ରହିବା ଦିନଠାରୁ ତାଙ୍କ ସ୍ୱାମୀ ତାଙ୍କୁ ହତ୍ୟା ଧମକ ଦେଉଥିବା ସେ କହିଛନ୍ତି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପ୍ରଦୀପ ଦୁର୍ଗାପାଲି ସ୍କୁଲକୁ ଆସି ସଞ୍ଜୁଙ୍କୁ ସାକ୍ଷାତ କରିବାକୁ କହିଥିଲେ। ସଞ୍ଜୁ କଥା ହେବାକୁ ମନା କରିବାରୁ ଏକ ଧାରୁଆ ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ପ୍ରଦୀପ ତାଙ୍କ ଗଳା କାଟି ହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ କୌଶଳକ୍ରମେ ସେ ଖସି ପଳାଇଆସିଥିଲେ। ତାଙ୍କ ଗଳାରେ କ୍ଷତ ହୋଇଥିଲା। ପରେ ଗ୍ରାମବାସୀ ପ୍ରଦୀପଙ୍କୁ କାବୁ କରି ପୁଇଁତଲା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ପ୍ରଦୀପଙ୍କୁ ଥାନା ଅଟକ ରଖିଛି। ତେବେ ଏହାକୁ ଯୌତୁକଜନିତ ହତ୍ୟା ଉଦ୍ୟମ ହୋଇଥିବାରୁ ତାଙ୍କ ସ୍ୱାମୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମା' ଓ ଦୁଇ...

ଫାଟକପଡ଼ାରେ ରହୁଥିଲେ। ନାରାୟଣ ଦିନମଜୁରିଆ ଭାବେ କାମ କରୁଥିବା ବେଳେ ସୋନି ଘରେ ରହି ଦୁଇ ସନ୍ତାନଙ୍କ ଯତ୍ନ ନେଉଥିଲେ। ଗତ ରାତି ୯ଟାରେ ଏହି ପରିବାରର ସମସ୍ତ ସଦସ୍ୟ ଖାଇପିଇ ଶୋଇଥିଲେ। ଆଜି ସକାଳେ ଆଜି କ୍ଷୀରବାଲା ଆସି କ୍ଷୀର ନେବାକୁ ଡାକ ପକାଇଥିଲା କିନ୍ତୁ ଘର ଭିତରୁ କୌଣସି ଶବ୍ଦ ଆସି ନଥିଲା। ବାହାର କବାଟ ଖୋଲା ଥିବା ବେଳେ କ୍ଷୀର ନେବାକୁ କେହି ନ ଆସିବାରୁ ସନ୍ଦେହରେ ସେ ଘର ଭିତରକୁ ଦେଖିଥିଲେ। ଘର ଚଟାଣରେ ୩ ଜଣଙ୍କ ମୃତ ଶରୀର ଦେଖି ସେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଘରେ ନାରାୟଣ ନ ଥିବାବେଳେ ମା' ଓ ୨ ଝିଅଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ବ୍ରଜରାଜନଗର ଆଇଆଇସି ବୈକୁଣ୍ଠ ସେଠ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଖବରପାଇ ଝାରସୁଗୁଡ଼ା ଏସ୍‌ପି ବିକାଶ କୁମାର ଦାଶ, ଅତିରିକ୍ତ ଏସ୍‌ପିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ସାଇଣ୍ଟିଫିକ୍ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ୩ ମୃତ ଶରୀରକୁ ଆଜି ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ ରହସ୍ୟ ଉନ୍ମୋଚନ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଉଛି। ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ଫେରାର୍ ଥିବାରୁ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ତଦନ୍ତକାରୀ ଥାନା ଆଇଆଇସି ଶ୍ରୀ ସେଠ୍ କହିଛନ୍ତି। ଅନ୍ୟପକ୍ଷ୍ୟରେ ମୃତ ମହିଳାଙ୍କ ମା' ସଙ୍ଗୀତା ମୁଣ୍ଡା କହିଛନ୍ତି ପରିବାର ଲୋକେ ଚକ୍ରାନ୍ତ କରି ତାଙ୍କ ଝିଅକୁ ମାରି ଦେଇଛନ୍ତି। ବିଭିନ୍ନ ସମୟରେ ସ୍ୱାମୀ ଓ ଦିଅର ତାଙ୍କ ଝିଅକୁ ନିର୍ଯ୍ୟାତନା ଦେଉଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି। ପ୍ରକାଶ ଯେ, ପୂର୍ବରୁ ମୃତ ମହିଳାଙ୍କୁ ତାଙ୍କ ଦିଅର ଦୁଷ୍କର୍ମ ଉଦ୍ୟମ କରି ଗିରଫ ହୋଇଥିଲେ। ୩ ମାସରୁ ଉର୍ଦ୍ଧ୍ୱ ହେବ ସେ ଖଲାସ ହୋଇ ଘରକୁ ଫେରିଥିଲେ।

### ଆଜି ଅଗ୍ନି-୫ କ୍ଷେପଣାସ୍ତ୍ର...

ହେବା ପରେ ପରମାଣୁ ଅସ୍ତ୍ରଶସ୍ତ୍ରରେ ଲେସ୍ ଇଣ୍ଟର କଣ୍ଟିନେଣ୍ଟାଲ ବାଲିଷ୍ଟିକ ମିସାଇଲ(ଆଇସିବିଏମ) ଥିବା ଏଲଇଟି ଦେଶଗୁଡିକ ମଧ୍ୟରେ ଭାରତ ସାମିଲ ହୋଇଯିବ। ଅଗ୍ନି-୫ ଭାରତର ପ୍ରଥମ ଆଇସିବିଏମ କ୍ଷେପଣାସ୍ତ୍ର। ଏହାକୁ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ(ଡିଆରଡିଓ) ପ୍ରସ୍ତୁତ କରିଛି। ଏହା ଭାରତର ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ମଧ୍ୟରୁ ଅନ୍ୟତମ। ଏହା ଏକାଥରକେ ଅନେକ ଅସ୍ତ୍ରଶସ୍ତ୍ର ନେବାରେ ସକ୍ଷମ। ଏହି କ୍ଷେପଣାସ୍ତ୍ର ଧ୍ୱନି ଠାରୁ ୨୪ ଗୁଣ ବେଗରେ ଗତି କରିପାରିବ। ଏଥିରେ ମଲ୍ଟିପୁଲ ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟେବୁଲ ରିଏଣ୍ଟ୍ରି ଭେଇକିଲ(ଏମଆଇଆରଭି) ଲାଗିଛି। ଅର୍ଥାତ୍ ଏହା ଏକାସଙ୍ଗରେ ଅନେକ ନିଶାଣକୁ ଲକ୍ଷ୍ୟଭେଦ କରିପାରିବ। ଅଗ୍ନି-୫ରେ କାନିଷ୍ଟାର ଟେକ୍ନୋଲୋଜି ବ୍ୟବହାର କରାଯାଇଥିବାରୁ ଏହାକୁ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇହେବ। ଏ ପର୍ଯ୍ୟନ୍ତ କ୍ଷେପଣାସ୍ତ୍ରର କରାଯାଇଥିବା ସମସ୍ତ ୭ଟି ପରୀକ୍ଷା ସଫଳ ହୋଇଛି। ୨୦୨୦ରେ ଏହା ସେନାରେ ସାମିଲ ହୋଇଥାନ୍ତା। ତେବେ କରୋନା ଯୋଗୁଁ ଏଥିରେ ବିଳମ୍ବ ହୋଇଥିଲା।

### ଖାଦ୍ୟରେ ବିଷ...

ଉକ୍ତ ଦୋକାନୀ ଅଜୟ (ମିଞ୍ଚା) ସାହୁକୁ ଗିରଫ କରିଛି। ଗୁରୁବାର ତାକୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଶଙ୍କରପୁର ଗ୍ରାମର ଜଗନ୍ନାଥ ବଜାରରେ ଥିବା ଏକ ଜଳଖିଆ ଦୋକାନୀ ନାମରେ ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଦୋକାନୀ ମିଞ୍ଚା ସାହୁଙ୍କ ଏକ ଜଳଖିଆ ଦୋକାନ ଶଙ୍କରପୁର ବଜାରରେ ରହିଛି। ସେ କୁକୁରମାନଙ୍କୁ ବାସି ଜଳଖିଆ ଖାଦ୍ୟରେ ବିଷ ଦେଇ ମାରିଥିବାର ଜଗନ୍ନାଥ ବଜାର କମିଟିର ସଦସ୍ୟମାନେ ଅଭିଯୋଗ କରିଛନ୍ତି। କୁକୁରମାନେ ତାଙ୍କ ଦୋକାନ ଆଗରେ ସବୁଦିନ ମଳତ୍ୟାଗ କରୁଥିଲେ। ଚୁଲିରୁ କୋଇଲା ଆଞ୍ଚକୁ କାଢ଼ି ପକାଉଥିଲେ। ସେଥିପାଇଁ ସେ ଗୁଲୁଗୁଲାରେ ଦାନାଦାର ବିଷ ଦେଇ କୁକୁରଙ୍କୁ ମାରିଦେଇଥିବାର ସେ ଗଣମାଧ୍ୟମ ଆଗରେ ସ୍ୱୀକାର କରିଛନ୍ତି। ଆଜି ସକାଳେ ଦୋକାନ ନିକଟରେ କୁକୁରଗୁଡ଼ିକ ମରିପଡ଼ିଥିବା ଦେଖିବାକୁ ମିଳିଥିଲା। ଚୌଦ୍ୱାର ପୁଲିସ ଏହି ଘଟଣାରେ ତାଙ୍କ ପୁଅ ଅରୁଣଙ୍କୁ ଅଟକ ରଖି ସବିଶେଷ ତଥ୍ୟ ହାସଲ ଲାଗି ପଚରାଉଚରା କରୁଛି। ପୁଲିସ ସହାୟତାରେ ୫ଟି ମୃତ କୁକୁରଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିବା ଆଇଆଇସି ବିରଞ୍ଚି ନାରାୟଣ ପତି ସୂଚନା ଦେଇଥିବା ବେଳେ ବିଗତ ୩ ଦିନରେ ବଜାର ମଧ୍ୟରେ ଆତଯାତ ହେଉଥିବା ୨୦ରୁ ଉର୍ଦ୍ଧ୍ୱ କୁକୁରଙ୍କ ପତ୍ତା ମିଳୁ ନଥିବାରୁ ଏମାନଙ୍କୁ ବି ହତ୍ୟା କରାଯାଇଥିବା ସନ୍ଦେହ ସୃଷ୍ଟି କରୁଛି। ଘଟଣାରେ ସମ୍ପୃକ୍ତ ଦୋଷୀ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପିପୁଲ ଫର ଆନିମଲସ୍ ପକ୍ଷରୁ ଦାବି କରାଯାଇଛି। ଏହି ଘଟଣା ପରେ ଶଙ୍କରପୁର ଗ୍ରାମରେ ଉତ୍ତେଜନା ଲାଗିରହିଛି।

### ପୁରୀ ବେଳାଭୂମିରୁ...

ୱାର୍ଲ୍ଡ ୱାଇଲ୍ଡ ଫଣ୍ଡର ତଥ୍ୟ ଅନୁସାରେ ଭାରତରେ ସାମୁଦ୍ରିକ ଜୀବମାନଙ୍କ ସଂଗ୍ରହ ଓ ବିକ୍ରି ଗତ କିଛିବର୍ଷ ହେବ ବୃଦ୍ଧି ପାଇଛି। ଏହାର ପ୍ରତିଫଳନ ଓଡ଼ିଶାର ଉପକୂଳ ସମୁଦ୍ରତଟରେ ଦେଖିବାକୁ ମିଳୁଛି। ପୁରୀ ହେଉ କି ଗୋପାଳପୁର ଏମିତି ଅନେକ ବେଳାଭୂମିରେ ସିଡ୍ୟୁଲ-୧ ସାମୁଦ୍ରିକ ଜୀବ ବିକ୍ରି କରାଯାଉଛି। ଫଳରେ ବିପଦରେ ଏବେ ବିଲୁପ୍ତପ୍ରାୟ ଏହି ସାମୁଦ୍ରିକ ଜୀବ। ବାଘ, ହାତୀ ଭଳି ସିଡ୍ୟୁଲ-୧ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଯେଉଁ ଆଇନ କାନୁନ ରହିଛି ସାମୁଦ୍ରିକ ଜୀବଙ୍କ କ୍ଷେତ୍ରରେ ବି ଏହା ଲାଗୁ ହେବ କଥା। ଉଲ୍ଲଙ୍ଘନକାରୀଙ୍କୁ ଆର୍ଥିକ ଜରିମାନା ସହ ୭ ବର୍ଷ ଜେଲ୍‌ଦଣ୍ଡର ପ୍ରାବଧାନ ରହିଛି। ହେଲେ ଏ ଦିଗରେ ସଚେତନତା କରାଯାଉ ନ ଥିବାରୁ ଶଙ୍ଖ, ଶାମୁକା ଭଳି ଖୋଲାଖୋଲି ବେଳାଭୂମିରେ ବିକ୍ରି ହେଉଛି। ଫଳରେ ଏହି ଶ୍ରେଣୀର ସାମୁଦ୍ରିକ ଜୀବ ଏବେ ଧୀରେ ଧୀରେ ହଜିଯିବାକୁ ବସିଲେଣି। ତେବେ ପୁରୀ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଏହି ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଦିଗରେ ଆରମ୍ଭ ହୋଇଥିବା ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ସବୁଠୁ ଖୁସିର କଥା ହେଉଛି ସିଡ୍ୟୁଲ-୧ ସାମୁଦ୍ରିକ ବନ୍ୟପ୍ରାଣୀ ସୁରକ୍ଷା ଏବଂ ସଂରକ୍ଷଣ ଦିଗରେ ବନ ବିଭାଗ ଏବେ ଆଗ୍ରହ ଦେଖାଇଛି। ଗୋପାଳପୁରସ୍ଥିତ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ ସହ ମିଶି ବିଭାଗୀୟ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯିବ। କେଉଁ ପ୍ରଜାତି କ'ଣ ବୋଲି ତାହା ସେମାନଙ୍କୁ ଚିହ୍ନାଯିବ।

ଗୋପାଳପୁରସ୍ଥିତ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ବରିଷ୍ଠ ବୈଜ୍ଞାନିକ ଅନୀଲ ମହାପାତ୍ର କହିଛନ୍ତି, ପୁରୀ ବନ୍ୟପ୍ରାଣୀ ଡିଭିଜନର ଏହା ଏକ ଭଲ ପଦକ୍ଷେପ। ଓଡ଼ିଶାରେ ଏମିତି କୋରାଲ ଜବତ କରିବା ଦିଗରେ ବନ ବିଭାଗ ଆଗ୍ରହ ପ୍ରକାଶ କରିବା ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଦିଗରେ ଏକ ଭଲ ସଙ୍କେତ। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ଗୋପାଳପୁର ବେଳାଭୂମିରେ ସିଡ୍ୟୁଲ-୧ ଶ୍ରେଣୀର ଗର୍ଗନିଆ ମଧ୍ୟ ଖୋଲାଖୋଲି ବିକ୍ରି କରାଯାଉଛି। ଗୋପାଳପୁର ବନ ବିଭାଗ ଏ ଦିଗରେ ପଦକ୍ଷେପ ନେବ ବୋଲି ଆଶା କରୁଛୁ। ଏହାଦ୍ୱାରା ଓଡ଼ିଶାର ବିଭିନ୍ନ ବେଳଭୂମିରୁ ଏଭଳି ସାମୁଦ୍ରିକ ଜୀବଙ୍କ ବିକ୍ରି ବନ୍ଦ ହୋଇପାରିବ।

### ବଲାଙ୍ଗିରରେ ବିକାଶର...

ଯୋଜନାର ସବୁ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ଦିଆଯାଉଛି। ଏଭଳି ବ୍ୟବସ୍ଥା କରିବାରେ ଓଡ଼ିଶା ସାରା ଦେଶର ଏକମାତ୍ର ରାଜ୍ୟ। ସମଗ୍ର ଓଡ଼ିଶାରେ ୯୬ ଲକ୍ଷ ପରିବାର ଏହି ସୁବିଧା ପାଉଥିବା ବେଳେ, ବଲାଙ୍ଗୀର ଜିଲ୍ଲାର ସାଢ଼େ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କାର୍ଡ

ପାଖରେ ରହିଲେ, ଚିକିତ୍ସା ପାଇଁ କୌଣସି ଡକୁମେଣ୍ଟ ଦରକାର ନାହିଁ। କେବଳ କାର୍ଡଟିକୁ ନେଇ ଲୋକମାନେ ଦେଶର ୨୦୦ ବଡ ବଡ ହସପିଟାଲରେ ବିନା ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ପାଇପାରିବେ। ପରିବାର ପାଇଁ ବର୍ଷକୁ ୫ ଲକ୍ଷ ଟଙ୍କା ଏବଂ ମହିଳା ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିପାରିବ। ଚିକିତ୍ସା ପାଇଁ କିଏ ସୁନା ବିକେ, କିଏ ଶଙ୍ଖା। ସେଥିପାଇଁ ମତେ ବହୁତ ଦୁଃଖ ଲାଗେ। ଏହି ଦୁଃଖ ଦୂର କରିବାରେ ଏହି କାର୍ଡ ସାହାଯ୍ୟ କରିବ। ସଞ୍ଚୟ କରିଥିବା ଟଙ୍କା ପରିବାରର ବିକାଶ ଓ ପିଲାଙ୍କ ପାଠ ପଢ଼ାରେ ଖର୍ଚ୍ଚ କରିପାରିବେ। ଟଙ୍କା ପାଇଁ କେହି ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହୁଅନ୍ତୁ, ଏହା ହିଁ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ। ପ୍ରତିଟି ଜୀବନ ତାଙ୍କ ପାଇଁ ମୂଲ୍ୟବାନ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମସ୍ତେ ସୁସ୍ଥରେ ରହିଲେ ହିଁ ରାଜ୍ୟର ପ୍ରଗତି ହୋଇପାରିବ।

ମୁଖ୍ୟମନ୍ତ୍ରୀ ପ୍ରଥମେ ଟିଟିଲାଗଡ଼ ଗସ୍ତ କରି ସେଠାରେ ଅନେକ ନୂଆ ପ୍ରକଳ୍ପ ଆରମ୍ଭ କରିଥିଲେ। ଟିଟିଲାଗଡ଼-ସଇଁତଳା ବ୍ଲକରେ ସମ୍ପୂର୍ଣ୍ଣ ହୋଇଥିବା ପାଇପ ପାଣି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଟିଟିଲାଗଡ଼ ଟାଉନ୍‌କୁ ସବୁ ଘରକୁ ପାଇପ ପାଣି ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖିଥିଲେ। ପାଟଣାଗଡ଼ରେ ମୁଖ୍ୟମନ୍ତ୍ରୀ ଅନେକ ପ୍ରକଳ୍ପ ମଧ୍ୟରେ ପ୍ରସିଦ୍ଧ ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହରିଶଙ୍କର ପୀଠ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥକ୍ଷେତ୍ର ଓ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ। ଏଠାକୁ ଆସୁଥିବା ଭକ୍ତମାନଙ୍କୁ ଏକ ସୁନ୍ଦର, ଆଧ୍ୟାତ୍ମିକ ଅନୁଭୂତି ଦେବା ପାଇଁ '୫-ଟି' କାର୍ଯ୍ୟକ୍ରମରେ ଏହି ପୀଠର ବିକାଶ କରାଯାଉଛି। ଏହାଦ୍ୱାରା ଏ ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର ପ୍ରଚାର ପ୍ରସାର ବୃଦ୍ଧି ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଗସ୍ତ କରି ସେଠାରେ ମଧ୍ୟ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉଛି ଆମ ସବୁ ବିକାଶର ମୂଳଦୂଆ। ସେଥିପାଇଁ '୫-ଟି' କାର୍ଯ୍ୟକ୍ରମରେ ଏହି ଦୁଇଟି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ସହିତ ସବୁ ସରକାରୀ ହସ୍‌ପିଟାଲରେ ସମ୍ପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। '୫-ଟି'ରେ ରାଜ୍ୟର ସ୍କୁଲ ଗୁଡିକର ରୂପାନ୍ତର କରାଯାଉଛି ଓ ପ୍ରଥମ ପର୍ଯ୍ୟାୟରେ ୧୦୭୨ଟି ସ୍କୁଲର ରୂପାନ୍ତର କରାଯାଉଛି ବୋଲି ସେ କହିଥିଲେ।

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସନ୍ଥ ଭୀମଭୋଇ ମେଡିକାଲ କଲେଜ ପରେ ଏହା ହେଉଛି ଜିଲ୍ଲାର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ। ଏହାକୁ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ରୂପେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟର ବିକାଶରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହଯୋଗ କାମନା କରି ଏହାଦ୍ୱାରା ବିକାଶ ଓ ସେବା ପାଇଁ ତାଙ୍କର ସଂକଳ୍ପ ଆହୁରି ମଜବୁତ ହେବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରୀ ମଣ୍ଡଳର ସଦସ୍ୟ ବିକ୍ରମ କେଶରୀ ଆରୁଖ, ନିରଞ୍ଜନ ପୂଜାରୀ, ପଦ୍ମନାଭ ବେହେରା, ସୁଶାନ୍ତ ସିଂ, ନବ ଦାସ, ଟୁକୁନି ସାହୁ ଦିବ୍ୟଶଙ୍କର ମିଶ୍ର, ସାଂସଦ ସଙ୍ଗୀତା ସିହଦେଓ, ବିଧାୟକ ନରସିଂହ ମିଶ୍ର, ସରୋଜ ମେହେର, ସନ୍ତୋଷ ସିଂ ସାଲୁଜା, ମୁକେଶ ମହାଲିଙ୍ଗ, ଓଟିଡିସିର ଅଧ୍ୟକ୍ଷା ଶ୍ରମତୀ ଶ୍ରୀମୟୀ ମିଶ୍ର ଏବଂ ଅନେକ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କଲେ...

ଅବସରରେ ଶ୍ରୀ ସାଲୁଜା ଧନ୍ୟବାଦ ଦେଇଛନ୍ତି। ଅନ୍ୟପକ୍ଷରେ ଅନ୍ୟତମ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ୍ୟ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ସେବା ନିମନ୍ତେ ସରକାର ଯେଉଁ ରୂପରେଖ ପ୍ରସ୍ତୁତ କରିଛନ୍ତି ତାହା ଠିକ୍ ବାଟରେ ଚାଲିଲେ ଯୋଜନା ସଫଳ ହେବ। ମୁଖ୍ୟମନ୍ତ୍ରୀ ଆମ ଅଞ୍ଚଳର ବିକାଶ ପାଇଁ ଆସିଛନ୍ତି ବୋଲି ଉଲ୍ଲେଖ କରି ନରସିଂହ ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ଦାବି କରିଛନ୍ତି।

### ୨୪ରେ ସୃଷ୍ଟି ହେବ...

ଫଳରେ ଉତ୍ତର ଓଡ଼ିଶା ସମେତ ସାରା ରାଜ୍ୟରେ ସ୍ଥିତି ଉଦବେଗଜନକ ହେବାର ଆଶଙ୍କା ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ନଦୀଗୁଡ଼ିକରେ ଜଳସ୍ତର ହ୍ରାସ ପାଇ ନ ଥିବା ବେଳେ ପୁଣି ଏକ ଲଘୁଚାପ ବନ୍ୟା ଆଶଙ୍କା ବଢ଼ାଇବ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ଥିବା ଲଘୁଚାପ ଝାଡ଼ଖଣ୍ଡକୁ ଚାଲିଯାଇଥିବାରୁ ଗୁରୁବାର ଓ ଶୁକ୍ରବାର ପାଇଁ ରାଜ୍ୟର କୌଣସି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇ ନାହିଁ। କିନ୍ତୁ ୨୪ ତାରିଖ ଲଘୁଚାପ ଯୋଗୁଁ ପୁଣି ବର୍ଷା ଥିବାରୁ ୨୫ ତାରିଖଠାରୁ ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି ଯେ ମ୍ୟାଁମାର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ଏହା ପ୍ରଭାବରେ ଉତ୍ତରପୂର୍ବ ତତସଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରେ ୨୪ ତାରିଖ ସନ୍ଧ୍ୟା ସୁଦ୍ଧା ଏକ ଲଘୁଚାପ ସୃଷ୍ଟି ହେବ। ୪୮ ଘଣ୍ଟା ମଧ୍ୟରେ ଏହା ଓଡ଼ିଶା ଉପକୂଳକୁ ଗତି କରିବାର ସମ୍ଭାବନା ଥିବାରୁ ରାଜ୍ୟରେ ଏହାର ପ୍ରଭାବ ବଢ଼ିବ। ୨୫ ତାରିଖଠାରୁ ଏହାର ପ୍ରଭାବ ଓଡ଼ିଶା ଉପରେ ଥିବା ବେଳେ ସେହିଦିନ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବ। ସେହିପରି ଏହି ଜିଲ୍ଲାଗୁଡ଼ିକ ସମେତ କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ମୟୂରଭଞ୍ଜରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେବ। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୪୭ ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱରରେ ୩୬ ମିମି ବର୍ଷା ରେକର୍ଡ କରାଯାଇଛି। ବାରିପଦାରେ ମଧ୍ୟ ୧୭ ମିମି ବର୍ଷା ହୋଇଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

**AFFIDAVIT**

By virtue of an affidavit sworn before the Notary Public, Bhubaneswar, in consequence upon my marriage with Binay Charan Dixit, I, Urmila Debi, has changed my surname from Debi to Dixit. Henceforth, I shall be known as **Urmila Dixit** for all purposes.

**AFFIDAVIT**

By an affidavit before Notary Public, BBSR dt. 21.09.2021, **I Pratham Priyadarshan Mohapatra,** S/o: Bishnu Charan Mohapatra, At- Darakhapatna, Po- Kalyani Nagar, Ps.- Madhupatna, Dist.- Cuttack declared that first name of my son has changed **Debansu Mohapatra to Debanshu Mohapatra** for all purposes.

**DISTRICT EDUCATION OFFICE, MALKANGIRI**

**Notification**

Applications are invited for procurement of materials for Girls' Hostel of Odisha Adarsh Vidyalayas Four Nos. of Odisha Adarsh Vidyalayas i.e. 1. Julunibahal of Mathili Block, 2. Gunduriguda of Kudumulugumma Block and 3. Podaghat of Khairput Block and 4. Gandhipally of Malkangiri Block of Malkangiri district. The application forms and guidelines are available in the district website "**www.malkangiri.nic.in.**

Sd/-
District Education Officer,
Malkangiri

OIPR-15016/11/0003/2122 F-145

**ତହସିଲ କାର୍ଯ୍ୟାଳୟ, ବୋଡେନ, ଜିଲ୍ଲା: ନୂଆପଡା**

F-146 ଇସ୍ତାହାର ସଂଖ୍ୟା ୨୫୮୪ / ତାରିଖ ୨୧.୦୯.୨୦୨୧

**ଲଘୁଖଣିଜ ଉତ୍ସ (ପଥରଖାଦାନ) ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ଜମମୁଦ ଟେଣ୍ଡର ଆହ୍ୱାନ**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବୋଡେନ ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜା ସ୍ଥିତ ଲଘୁ ଖଣିଜ ଉତ୍ସ (ପଥରଖାଦାନ) ଗୁଡିକ ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦ ସୂତ୍ରରେ ୫ ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଛି। ଏଥି ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କରିପାରିବେ। ଟେଣ୍ଡର ଫର୍ମ (ସମସ୍ତ ବିବରଣୀ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ ଅନୁଯାୟୀ ନିର୍ଦ୍ଦିଷ୍ଟ ଫର୍ମରେ "M" ଟ. ୨୦୦୦ଙ୍କା ମୂଲ୍ୟରେ ତହସିଲ କାର୍ଯ୍ୟାଳୟ ରୁ ତା.୨୩.୦୯.୨୦୨୧ରିଖ ଠାରୁ ତା.୦୭.୧୦.୨୦୨୧ରିଖ ଘ. ୫.୩୦ଘଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟଦିବସ ସମୟରେ ଉପଲବ୍ଧ ହେବ। ଉକ୍ତ ରାଶି ଫେରସ୍ତ ହେବ ନାହିଁ।

ସବିଶେଷ ବିବରଣୀ ନିମନ୍ତେ ତହସିଲଦାରଙ୍କ କାର୍ଯ୍ୟାଳୟ, ବୋଡେନ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସରେ ପାଇପାରିବେ ତଥା ନୂଆପଡା ଜିଲ୍ଲା ୱେବସାଇଟ (www.nuapada.nic.in)ରେ ମଧ୍ୟ ଉପଲବ୍ଧ ଅଟେ।

OIPR-24214/11/0002/2122 ସା/- ତହସିଲଦାର, ବୋଡେନ

**JAN SHIKSHAN SANSTHAN-MAYURBHANJ**
(MINISTRY OF SKILL DEVELOPMENT & ENTREPRENEURSHIP, GOVT. OF INDIA)
Skill India

**ADVERTISEMENT**

We are working in the field of Literacy linked vocational skill development training to non/neo literates & rudimentary level education. We are looking for dynamic staff.

| Post | Eligible | Minimum Experience | Openings |
|---|---|---|---|
| Director | Graduate & desirable vocational degree/diploma/experience in skill development sector | 7 years | 1 |
| Programme Officer | Graduate & desirable vocational degree/diploma with experience in skill development sector | 5years | 1 |
| Assistant Project Officer | Graduation or Post graduate (NSQF Level-7) with Experience | 3years | 1 |
| Accountant-Cum-Manager | | 3years | 1 |
| Computer Operator | Intermediate/ Diploma/Graduation | 3Years | 1 |
| Field Assistant-Cum-Clerk | Post Graduation course in information Technology/Computer Science (NSQF Level-5) with Experience | 3years | 1 |
| Driver-Cum-Attendance | School Level Education (NSQF Level-2) | 3years | 1 |

Term and condition: the position shall be filled on contract basis for period of ordinarily not exceeding five years out of which the first year of the first term will be the probation period. Applicant exceeding 55 years may not apply. The board of Management may consider renewal of the contract/extension of the contract period of Director for a further period of five years on expiry of each five year tenure or termination of the scheme whichever is earlier. Outstanding candidates call for interview. Interested candidate apply online by Dt. 27.09.2021 and the shortlisted candidate walk an interview on Dt. 29.09.2021 at 11AM at JSS-Mayurbhanj office.

(*) Trainer required in following sector on contractual basis:

| Sl. No. | Name of Sector | Opening |
|---|---|---|
| 1 | Self Employed Tailor | 2 |
| 2 | Taxi Driver | 1 |
| 3 | Assistant Beauty Therapist | 1 |
| 4 | Beekeeper | 1 |
| 5 | Mushroom Grower (small entrepreneur) | 1 |
| 6 | Electrical Technician | 1 |
| 7 | Jam, Jelly and ketchup Processing Technician | 1 |
| 8 | Bamboo Basket Maker | 1 |
| 9 | Frontline health Worker | 1 |
| 9 | Domestic data entry operator | 1 |
| 10 | Hand Spinning Operator (Traditional Charkha/New Model Charkha/Solar Operated New Model Charkha) | 1 |
| 11 | Field Technician-(Home Appliance) | 1 |

- Candidates have experience on skill development sector.
- Candidates have communication skill on writing and oral.
- Interested candidates have send your Bio-Data form in our Mail Id- jssmayurbhanj@gmail.com and also submit your bio-data in our office **Jan Shikshan Sansthan-Mayurbhanj, At Raghunathpur (Near-Tulasi Mandap), Baripada, Mayurbhanj-757001 (Odisha)**

Chairman
Jan Shikshan Sansthan
Mayurbhanj



# ମନଇଛା ଡ୍ରୋନ୍ ଉଡ଼ାଣ ଉପରେ ଲାଗିବ ପ୍ରତିବନ୍ଧକ

ଭୁବନେଶ୍ୱର,୨୨।୯ (ସମିସ): ଏଣିକି ଆଉ ମନଇଛା ଡ୍ରୋନ୍ କିମ୍ବା ମାନବ ବିହୀନ ବିମାନ ଚଳାଇବା ସହଜ ହେବ ନାହିଁ। କାରଣ ରାଜ୍ୟର ସମ୍ବେଦନଶୀଳ ଅଞ୍ଚଳରେ ଡିଜିଟାଲ ସ୍କାଏ ପ୍ଲାଟଫର୍ମ ପ୍ରସ୍ତୁତ ହେବା ସହ ରେଡ୍ ଜୋନ୍ ଚିହ୍ନଟ କରାଯିବ। ଏହି ଅଞ୍ଚଳ ମଧ୍ୟରେ ଡ୍ରୋନ୍ କିମ୍ବା ମାନବ ବିହୀନ ବିମାନ ଚଳାଇବା ବେଆଇନ ବିବେଚିତ ହେବ। ତେବେ ଏହି ଡିଜିଟାଲ ସ୍କାଏ ପ୍ଲାଟଫର୍ମରେ ରେଡ୍ ଜୋନ୍ ଚିହ୍ନଟ ପାଇଁ ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ମନୋନୀତ କରିବା ପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ଦୁଇ ଜଣଙ୍କ ମଧ୍ୟରୁ ଜଣେ 'କ୍ରିଏଟର୍' ଏବଂ ଅନ୍ୟ ଜଣେ 'ଆପ୍ରୁଭର୍' ଅଧିକାରୀ ଭାବେ କାର୍ଯ୍ୟ କରିବେ। ଏପରିସ୍ଥଳେ ଦୁଇ ବରିଷ୍ଠ ଅଧିକାରୀଙ୍କ ନାମ ସୁପାରିଶ କରିବା ପାଇଁ ଗୃହ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମର୍ମରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଗୃହ ବିଭାଗକୁ ପତ୍ର ଲେଖାଯାଇ ଦୁଇ ଅଧିକାରୀଙ୍କ ନାମ ଯଥାଶୀଘ୍ର ସୁପାରିଶ କରିବା ପାଇଁ କୁହାଯାଇଛି।

ଆତଙ୍କବାଦୀ ଆକ୍ରମଣ ହେଉ ଅବା ଅନ୍ୟ କୌଣସି ବେଆଇନ୍ କାର୍ଯ୍ୟରେ ଡ୍ରୋନ୍ ବ୍ୟବହାର ନେଇ ଆଶଙ୍କା ରହିଛି। ଜାତୀୟ ସୁରକ୍ଷା ଦୃଷ୍ଟିରୁ ବେଆଇନ୍ ଡ୍ରୋନ୍ ଅବା ମାନବ ବିହୀନ ବିମାନ ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ଡ୍ରୋନ୍ ନୀତି କାର୍ଯ୍ୟକାରୀ କରିଛନ୍ତି।

- ରାଜ୍ୟ ପାଇଁ ପ୍ରସ୍ତୁତ ହେବ ଡିଜିଟାଲ ସ୍କାଏ ପ୍ଲାଟଫର୍ମ
- ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥାରେ ଯୋଡ଼ିହେବେ ଅଂଶୀଦାର
- 'କ୍ରିଏଟର୍' ଓ 'ଆପ୍ରୁଭର୍' ରହିବେ ଗୃହ ବିଭାଗ ଅଧିକାରୀ
- ଚିହ୍ନଟ ହେବ ଗ୍ରୀନ୍, ୟେଲୋ ଏବଂ ରେଡ୍ ଜୋନ୍
- କେବଳ ଗ୍ରୀନ୍ ଜୋନ୍‌ରେ ଉଡ଼ିବ ଡେଲିଭରୀ ଡ୍ରୋନ୍



ଚଳିତ ମାସ ୨୫ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଡ୍ରୋନ୍ ନିୟମ-୨୦୨୧ ପ୍ରକାଶ ପାଇଥିବା ଗେଜେଟ୍‌ରେ ବେଆଇନ୍ ବିମାନ ଉଡ଼ାଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ବ୍ୟବସ୍ଥା ରହିଛି। ଗେଜେଟ୍ ପ୍ରକାଶନର ୩୦ ଦିନ ମଧ୍ୟରେ ଡିଜିଟାଲ ସ୍କାଏ ପ୍ଲାଟଫର୍ମ ପ୍ରସ୍ତୁତ କରିବା ନିୟମ ରହିଛି। ଏହି ମର୍ମରେ ରାଜ୍ୟରେ ବେଆଇନ୍ ଡ୍ରୋନ୍ ଉଡ଼ାଣ ଉପରେ ଅଙ୍କୁଶ ଲଗାଇବା ପାଇଁ ଡିଜିଟାଲ ସ୍କାଏ ପ୍ଲାଟଫର୍ମ ପ୍ରସ୍ତୁତ କରାଯିବ। ଏଥିରେ ଗ୍ରୀନ୍ ଜୋନ୍, ୟେଲୋ ଜୋନ୍ ଏବଂ ରେଡ୍ ଜୋନ୍ ଚିହ୍ନଟ କରାଯିବ। ରାଜ୍ୟର ଅତି ସମ୍ବେଦନଶୀଳ ଅଞ୍ଚଳକୁ ରେଡ୍ ଜୋନ୍ ମଧ୍ୟରେ ରଖା ଯାଇଥିବା ବେଳେ ବିମାନବନ୍ଦରର ୧୨ କିମି ପରିଧି ବାହାର ଅଞ୍ଚଳକୁ ୟେଲୋ ଜୋନ୍ ଏବଂ ବିମାନ ଉଡ଼ାଣ ପାଇଁ ସୁରକ୍ଷିତ ଅଞ୍ଚଳକୁ ଗ୍ରୀନ୍ ଜୋନ୍ ମଧ୍ୟରେ ରଖାଯିବ। ଡିଜିଟାଲ ସ୍କାଏ ପ୍ଲାଟଫର୍ମ ଜରିଆରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ନଜର ରଖି ପାରିବେ। ଏଥିରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଓ ଗୃହ ମନ୍ତ୍ରାଳୟ ରହିବେ। ଡିଜିଟାଲ ସ୍କାଏ ପ୍ଲାଟଫର୍ମ ଏକ ସିଙ୍ଗଲ୍ ୱିଣ୍ଡୋ ଭାବେ କାର୍ଯ୍ୟ କରିବ। ଫଳରେ କୌଣସି ଜରୁରୀ ପରିସ୍ଥିତିରେ ଉଭୟ ସରକାର ହସ୍ତକ୍ଷେପ କରିପାରିବେ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପାରିବ। ଏହା ମାଧ୍ୟମରେ ସ୍ୱୟଂକୃତ ଭାବେ ଡ୍ରୋନ୍ ଓ ମାନବ ବିହୀନ ବିମାନ ଉଡ଼ାଣ ପାଇଁ ଅନୁମତି ପ୍ରଦାନ କରାଯିବ ଏବଂ ଏଥିରେ ମାନବ ହସ୍ତକ୍ଷେପ କମିବ। ସେହିପରି ଡ୍ରୋନ୍ ନିର୍ମାତା କମ୍ପାନୀ, ଷ୍ଟାର୍ଟଅପ୍ ତଥା ଉଡ଼ାଣକାରୀ ଡିଜିଟାଲ ପ୍ଲାଟଫର୍ମ ସହ ଯୋଡ଼ି ହୋଇ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ସମ୍ପାଦନ କରି ପାରିବେ। ଡ୍ରୋନ୍ ନିୟମ-୨୦୨୧ ଅନୁଯାୟୀ ଗ୍ରୀନ୍ ଜୋନ୍‌ରେ ଡ୍ରୋନ୍ ଉଡ଼ାଣ ପାଇଁ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଗ୍ରୀନ୍ ଜୋନ୍ ଏରୋ ସ୍ପେସ୍‌ରେ ୪୦୦ ଫୁଟ୍ ଅବା ୧୨୦ ମିଟର୍ ଉଚ୍ଚତା ମଧ୍ୟରେ ଡ୍ରୋନ୍ ଉଡ଼ାଇବା ପାଇଁ ଅନୁମତି ମିଳିବ। ବିମାନବନ୍ଦରର ୟେଲୋ ଜୋନ୍‌କୁ ୪୫ କିମିରୁ ୧୨ କିମିକୁ ହ୍ରାସ କରାଯାଇଛି। ବାଣିଜ୍ୟିକ ବ୍ୟବହାର ପାଇଁ ମାଇକ୍ରୋ ଡ୍ରୋନ୍ ଏବଂ ନାନୋ ଡ୍ରୋନ୍ ପାଇଁ ଲାଇସେନ୍ସ ଆବଶ୍ୟକ ରହିବ ନାହିଁ। ସେହିପରି ଜିନିଷ ପତ୍ର ଡେଲିଭରୀ ପାଇଁ ଡ୍ରୋନ୍ କରିଡର୍ ପ୍ରସ୍ତୁତ କରାଯିବ।

# ଜାତୀୟ କୁସ୍ତି କୋଚ୍ ଶିବଚରଣଙ୍କ ପରଲୋକ



କଟକ,୨୨।୯ (ସମିସ): ପୂର୍ବତନ ଜାତୀୟ କୁସ୍ତି କୋଚ୍ ଶିବଚରଣ ବୋଷଙ୍କ ଆଜି ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲେ। କିଛି ଦିନ ହେବ ଅସୁସ୍ଥ ହୋଇ ସେ ସିଡିଏ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ କ୍ରୀଡ଼ା ଜଗତରେ ଶୋକ ଖେଳିଯାଇଛି। ଅନେକ ବରିଷ୍ଠ କ୍ରୀଡ଼ାବିତ, କ୍ରୀଡ଼ା ସଙ୍ଗଠକ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସତୀଚଉରା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଅଂଶୁମାନ ବୋଷ ମୁଖାଗ୍ନି ଦେଇଥିଲେ।

ଶିବଚରଣଙ୍କ ଘର ଗଙ୍ଗାମନ୍ଦିର ଅଞ୍ଚଳରେ। ଜଣେ ଖ୍ୟାତିସମ୍ପନ୍ନ କୁସ୍ତି କୋଚ୍ ଭାବେ ସେ ବେଶ ପରିଚିତ ଥିଲେ। କାହ୍ନୁ ଦାଦା ନାମରେ ତାଙ୍କୁ ସମସ୍ତେ ଜାଣନ୍ତି। ପଟିଆଲାର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ସ୍ପୋର୍ଟସରେ ପ୍ରଥମ ଓଡ଼ିଆ ଭାବେ ୧୯୬୯ରୁ ୧୯୭୦ ମସିହା ପର୍ଯ୍ୟନ୍ତ ସେ କୋଚ୍ ଦାୟିତ୍ୱ ବହନ କରିଥିଲେ। ଏହା ପରେ ସେ ଭାରତୀୟ କ୍ରୀଡ଼ା ପ୍ରାଧିକରଣରେ କୁସ୍ତି କୋଚ୍ ଭାବେ ନିଯୁକ୍ତ ହୋଇଥିଲେ। ୧୯୮୩ ମସିହାରେ ଇସଲାମାବାଦ୍‌ରେ ହୋଇଥିବା ସାଫ ଗେମ୍ସରେ ସେ ଜାତୀୟ ଦଳର କୋଚ୍ ତଥା ମ୍ୟାନେଜର ଭାବେ ରହିଥିଲେ। ପରେ ଶିବଚରଣଙ୍କ ତତ୍ତ୍ୱାବଧାନରେ ଜାତୀୟ ଦଳ ତୁର୍କୀ ଓ ରୁଷିଆ ଗସ୍ତ କରିଥିଲା। ତାଙ୍କ ଠାରୁ ପ୍ରଶିକ୍ଷଣ ହାସଲ କରି ଅନେକ ଜାତୀୟ ଦଳର ଖେଳାଳି ସୃଷ୍ଟି ହୋଇଛନ୍ତି। କାହ୍ନୁ ଦାଦାଙ୍କ ବିୟୋଗରେ ଚାନ୍ଦିନୀଚୌକ ସ୍ଥିତ ବାରବାଟୀ କୁସ୍ତି କ୍ଲବର ସମ୍ପାଦକ ପ୍ରତାପ କିଶୋର ସିଂ ଶୋକପ୍ରକାଶ କରିଛନ୍ତି।

# ପାର୍ବଣ କଟକଣା କୋହଳ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ,୨୨।୯ (ସମିସ): ରାଜ୍ୟ ସରକାର ଶାରଦୀୟ ଦୁର୍ଗାପୂଜା ପାଇଁ ନାନା କଟକଣା ଜାରି କରିଥିବା ବେଳେ ଏହାକୁ କୋହଳ କରିବାକୁ ପ୍ରାର୍ଥନା କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ସରୋଜ ସିଂହ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ମାମଲାରେ ଦର୍ଶାଯାଇଛି ଯେ ସରକାର ମୂର୍ତ୍ତି ଉଚ୍ଚତା ୪ଫୁଟ ରଖିବା ଓ ସାଜସଜ୍ଜାରେ ପ୍ରତିବନ୍ଧକ ଲଗାଇବା ନେଇ କଟକଣା କରିଛନ୍ତି। ଏହାଦ୍ୱାରା କାରିଗର, ଡେକୋରେଟର ସଂସ୍ଥା, ତାରକସି ଓ ଜରିମେଢ଼ କାରିଗର ବିଶେଷ ଭାବେ ପ୍ରଭାବିତ ହେବେ। ଆକର୍ଷଣ ନଥିବାରୁ ସେମାନେ ଅଲୋଡ଼ା ହୋଇଯିବେ। ଏଣୁ ସରକାର ଏହାକୁ ଦୃଷ୍ଟିରେ ମୂର୍ତ୍ତି ଉଚ୍ଚତା ବୃଦ୍ଧି ସହ ସାଜସଜ୍ଜାକୁ ଅନୁମତି ଦେଇ କଟକଣା କୋହଳ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ପୂଜା ସମୟରେ ୧୪୪ ଧାରା ଜାରି କରନ୍ତୁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

ବିଶେଷକରି ପୁରୀ ରଥଯାତ୍ରା ଯେପରି ୧୪୪ଧାରା ସହ ସମ୍ପନ୍ନ ହେଲା ଚଳିତ ଥର ଶାରଦୀୟ ପୂଜାକୁ ମଧ୍ୟ ଅନୁରୂପ କଟକଣା ସହ କରାଯିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି କୁହାଯାଇଛି। ଏହାଦ୍ୱାରା କାରିଗର ଓ ଶ୍ରମିକମାନେ ସେମାନଙ୍କ ଜୀବିକା ହରାଇବାର ଆଶଙ୍କା ଉପୁଜିବ ନାହିଁ। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଏସଆରସି ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଦିଲ୍ଲୀପ କୁମାର ରାୟ ପରିଚାଳନା କରୁଛନ୍ତି। ପ୍ରକାଶଥାଉକି ନିକଟରେ ମୂର୍ତ୍ତି ଉଚ୍ଚତା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

# ଚିହ୍ନଟ ହେଲେ ୭୩୪ ସଂକ୍ରମିତ, ସୁସ୍ଥ ହେଲେ ୪୪୫

ଭୁବନେଶ୍ୱର,୨୨।୯ (ସମିସ): ଗତ ୨୪ ଘଣ୍ଟା ଭିତରେ ୭୩୪ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରେ ୧୮ ବର୍ଷ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୧ ରହିଛି। ଆଜି ବଲାଙ୍ଗିର, ବୌଦ୍ଧ, ଦେବଗଡ଼, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରୁ କୌଣସି ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିବା ବେଳେ ନୂଆପଡ଼ା, ସୋନପୁର, କନ୍ଧମାଳ ଓ ଗଜପତିରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତକାଲି ୬୯୩୨୬ ନମୁନା ପରୀକ୍ଷା ହୋଇଥିବା ବେଳେ ସେଥିରୁ ୧.୦୬ ପ୍ରତିଶତ ରିପୋର୍ଟ ପଜିଟିଭ୍ ଆସିଛି। ଖୋର୍ଦ୍ଧାରୁ ଆଜି ୩୩୫ (୨.୭୮%), କଟକରୁ ୯୧ (୧.୭୧%), ମୟୂରଭଞ୍ଜ ୨୭ (୧.୦୬%) ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ଆଜି ସଂଧ୍ୟାରେ ଆଉ ୪୪୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଆଜି ସୁଦ୍ଧା ସମୁଦାୟ ୧୦,୨୧,୯୫୦ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୧୦,୦୮,୬୭୧ ଜଣ ସୁସ୍ଥ ହେଲେଣି। ଆଜି ଆଉ ୪ ଜଣଙ୍କୁ ମିଶାଇ କୋଭିଡ୍ ମୃତକଙ୍କ ସଂଖ୍ୟା ୮୧୫୦ରେ ପହଞ୍ଚିଛି। ରାଜ୍ୟରେ ଏବେ ୫୦୭୬ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ବୌଦ୍ଧ ଜିଲ୍ଲାରେ ଜଣେ ଆକ୍ରାନ୍ତ ଥିବା ବେଳେ ନୂଆପଡ଼ାରେ ୩, ନବରଙ୍ଗପୁରରେ ୭, କେନ୍ଦୁଝର ଓ କନ୍ଧମାଳରେ ୯ ଜଣ ଲେଖାଏଁ ସକ୍ରିୟ ସଂକ୍ରମିତ ଅଛନ୍ତି। ତେବେ ଉପକୂଳ ଜିଲ୍ଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ଅପେକ୍ଷାକୃତ ଅଧିକ ରହିଛି।

ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ଘଟଣା

# ଆଜି ଆଇନଜୀବୀ ଓ ବ୍ୟବସାୟୀଙ୍କୁ ଜେରା

କଟକ,୨୨।୯ (ସମିସ): ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ଘଟଣାକୁ ନେଇ ମଙ୍ଗଳାବାଗ ଥାନା ପୁଲିସ ତଦନ୍ତ ଜାରି ରଖିଛି। ସନ୍ଦେହଘେରରେ ଥିବା ବିଭିନ୍ନ ବର୍ଗର ଲୋକଙ୍କୁ ଡାକି ପଚରାଉଚରା ଚଳାଇଛି। ଇତି ମଧ୍ୟରେ ୩ ଜଣ ୱେବପୋର୍ଟାଲ ସାମ୍ବାଦିକ, ଜଣେ ମେଡ଼ିକାଲ କର୍ମଚାରୀ ଓ ଦୁଷ୍ମନ୍ତଙ୍କ ସମ୍ପର୍କରେ ଆସିଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପୁଲିସ ତଦନ୍ତ ପରିସରଭୁକ୍ତ କରି ସାରିଛି। ତେବେ ଗୁରୁବାର ଜଣେ ଆଇନଜୀବୀ ଓ ଜଣେ ବ୍ୟବସାୟୀଙ୍କୁ ଜେରା କରାଯିବ ବୋଲି ବିଶେଷସୂତ୍ରରୁ ଜଣାପଡ଼ିଛି। ସକାଳ ୧୦ଟାରେ ହାଜର ହେବା ପାଇଁ ଏମାନଙ୍କୁ ନୋଟିସ ଜାରି କରିଛି ମଙ୍ଗଳାବାଗ ଥାନା ପୁଲିସ। ଜଗତସିଂପୁର କୁଜଙ୍ଗ ଅଞ୍ଚଳର ଦୁଷ୍ମନ୍ତ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ତାଙ୍କୁ ଏସ୍‌ସିବି ମେଡ଼ିକାଲରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଥିଲା। ହେଲେ ଏଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଆତ୍ମହତ୍ୟାର କାରଣ ସମ୍ପର୍କରେ ବିଭିନ୍ନ ଦିଗକୁ ନେଇ ପୁଲିସ ଅନୁସନ୍ଧାନ ଚଳାଇଛି। ଚାଲି ପାରୁନଥିବା ଦୁଷ୍ମନ୍ତ କିଭଳି ଭୁବନେଶ୍ୱର ବିଧାନସଭା ପର୍ଯ୍ୟନ୍ତ ଗଲେ ଏବଂ ଆତ୍ମହତ୍ୟା ଉଦ୍ୟମ କରିବାକୁ କିଏ ଉସୁକାଇଥିଲା ଏଥି ପୁଲିସ ଖୋଳତାଡ଼ କରୁଛି। ମିଳିଥିବା ସୂଚନା ଅନୁସାରେ ଦୁଷ୍ମନ୍ତ ଆତ୍ମହତ୍ୟା କରିବାର କିଛି ଦିନ ପୂର୍ବରୁ ଜନୈକ ଆଇନଜୀବୀଙ୍କୁ ଭେଟିଥିଲେ। ଆଇନଜୀବୀଙ୍କୁ ଭେଟିବାର କାରଣ? କେଉଁ ପ୍ରସଙ୍ଗରେ ଆଲୋଚନା କରିଥିଲେ ତାହା ଜାଣିବା ପାଇଁ ପୁଲିସ ଚେଷ୍ଟା କରିଛି। ସେହିପରି ତଦନ୍ତ ପ୍ରକ୍ରିୟା ଭିତରକୁ ଆସିଥିବା ବ୍ୟବସାୟୀ ଜଣକ ମଧ୍ୟ ଦୁଷ୍ମନ୍ତଙ୍କ ସହ ଯୋଗସୂତ୍ରରେ ଥିଲେ ବୋଲି କୁହାଯାଉଛି।

- ଉଚ୍ଚତର ଶିକ୍ଷାନୁଷ୍ଠାଗୁଡ଼ିକୁ ୟୁଜିସିର ନିର୍ଦ୍ଦେଶ

# ଆପ୍ରେଣ୍ଟିସିପ୍ ଶିକ୍ଷା ପାଇଁ ପିଲାଙ୍କୁ ପ୍ରୋତ୍ସାହିତ କର

ଭୁବନେଶ୍ୱର,୨୨।୯ (ସମିସ): ଆପ୍ରେଣ୍ଟିସିପ୍ ବା ଇନଟର୍ଣ୍ଣସିପ୍ ପାଇଁ ଉଦ୍ଦିଷ୍ଟ ଥିବା ପାଠ୍ୟକ୍ରମକୁ ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରୋତ୍ସାହନ ଦେବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ସଚିବ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଅନୁରୋଧ କରିଛନ୍ତି। ୟୁଜିସିର ସଚିବ ପ୍ରଫେସର ରଜନୀଶ ଜୈନ ଏ ନେଇ ସମସ୍ତ କୁଳପତିଙ୍କୁ ବୁଧବାର ଚିଠି ଲେଖିଛନ୍ତି। ପ୍ରଫେସର ଜୈନ କହିଛନ୍ତି ଯେ, ୨୦୨୦ ଡିସେମ୍ବର ୭ ତାରିଖରେ ୟୁଜିସି ଆପ୍ରେଣ୍ଟିସିପ୍ ବା ଇନଟର୍ନସିପ୍‌ଯୁକ୍ତ ପାଠ୍ୟକ୍ରମ ପାଇଁ ଗାଇଡଲାଇନ୍ ଜାରି କରିଥିଲା। ଏପରିକି ଏ ସମ୍ପର୍କରେ ୨୦୨୦-୨୧ର ବଜେଟରେ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଛାତ୍ରଛାତ୍ରୀମାନେ ସ୍ନାତକ(ୟୁଜି) ଶେଷ କରିବା ମାତ୍ରେ କିଭଳି ନିଯୁକ୍ତି ପାଇବେ ତାହା ଏହାର ମୂଳ ଉଦ୍ଦେଶ୍ୟ ରହିଥିଲା। ତେଣୁ ନିଯୁକ୍ତି ଭିତ୍ତିକ ପାଠ୍ୟକ୍ରମ ପ୍ରଦାନ କରିବାକୁ ୟୁଜିସି ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।

'ଶିଶୁ ଯୌନ ନିର୍ଯ୍ୟାତନା ପ୍ରତିରୋଧ' ଆଲୋଚନାଚକ୍ର

# ଅଭିଭାବକମାନେ ପିଲାମାନଙ୍କ ସମସ୍ୟା ଓ ଚିନ୍ତା ବୁଝିବା ଉଚିତ୍

ଭୁବନେଶ୍ୱର,୨୨।୯ (ସମିସ): ନ୍ୟାସନାଲ ଆକ୍ସନ ଆଣ୍ଡ କୋର୍ଡିନେସନ୍ ଗ୍ରୁପ୍ ଫର୍ ଏଣ୍ଟି ଭାଓଲେନ୍ସ ଏଗେନଷ୍ଟ ଚିଲଡ୍ରେନ୍(ଏନ୍ଏସିଜି ଇଭିଏସି)ଇଣ୍ଡିଆ, ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ କଲଚରାଲ ସେଣ୍ଟର(ପିକକ୍) ଓ ବିଏମଜେଡ୍ ୱାର୍ଲଡ ଭିଜନ୍ ଇଣ୍ଡିଆର



ମିଳିତ ଆନୁକୂଲ୍ୟରେ 'ଶିଶୁ ଯୌନ ନିର୍ଯ୍ୟାତନା ପ୍ରତିରୋଧ' ସମ୍ପର୍କିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭର୍ଚୁଆଲ ମାଧ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଶିଶୁ ସୁରକ୍ଷା କମିସନର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟ ତଥା ଗୋଷ୍ଠୀ ଗୁଡ଼ିକରେ ଶିଶୁ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଏସସିପିସିଆର ଭୂମିକା ବିଷୟରେ ପିଲାମାନଙ୍କୁ କହିଥିଲେ।

ଏନଏସିଜି ଇଭାକ୍ ଇଣ୍ଡିଆର ଅଧ୍ୟକ୍ଷ ରଞ୍ଜନ ମହାନ୍ତି ଯୋଗଦେଇ ପିଲାମାନଙ୍କ ସୁରକ୍ଷା ସହିତ ସେମାନଙ୍କ ପାଇଁ ଏକ ନିରାପଦ ସ୍ଥାନ ସୃଷ୍ଟି କ୍ଷେତ୍ରରେ ବଡ଼ ମାନଙ୍କର ଦାୟିତ୍ୱ ଉପରେ କହିଥିଲେ। ଏହାସହ ଶିଶୁଙ୍କ ପାଇଁ ବଢୁଥିବା ବିପଦ ଏବଂ ସମାଜରେ କିପରି ସେମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରିବା ସହ ପିଲାମାନଙ୍କ ସମସ୍ୟା ଓ ଚିନ୍ତା ବୁଝିବା ପାଇଁ ସେ ପିଲାମାନଙ୍କ ଅଭିଭାବକମାନଙ୍କୁ ନବେଦନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଆବାହକ ପ୍ରକାଶ ରଥ ଯୋଗଦେଇ ଶିଶୁ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିବା ବେଳେ ୱାଲର୍ଡ ଭିଜନର ପ୍ରୋଗ୍ରାମ୍ ମ୍ୟାନେଜର ନୀତା ମାରିଆ ଉପସ୍ଥିତ ରହି ମତ ପ୍ରଦାନ କରିଥିଲେ। ପିକକ୍‌ର କାର୍ଯ୍ୟ ନିର୍ବାହୀ ଅନୁରାଧା ମହାନ୍ତି ଶିଶୁ ଯୌନ ଶୋଷଣର ମାଧ୍ୟମ ଏବଂ ଏହାର ପ୍ରଭାବ ଉପରେ ସ୍କୋର କାର୍ଡ ଉପସ୍ଥାପନ କରିଥିଲେ। ଏଥିରେ ବିଭିନ୍ନ ଜିଲ୍ଲାର ବ୍ଲକ ସ୍ତରରେ ୧୫୦ ପିଲା ଯୋଗ ଦେଇଥିଲେ। ଶେଷରେ ପ୍ରକଳ୍ପ ସଂଯୋଜକ ଧର୍ମାନନ୍ଦ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ୟୋଗ ପାର୍କ ପକ୍ଷରୁ '୨.୦ ଖୋଲା ଚ୍ୟାଲେଞ୍ଜ'ର ଶୁଭାରମ୍ଭ

ଭୁବନେଶ୍ୱର,୨୨।୯ (ସମିସ): ଉଦ୍ୟୋଗ ପାର୍କ ଭୁବନେଶ୍ୱର ଦ୍ୱାରା ଷ୍ଟାର୍ଟଅପ୍ ପାଇଁ ୨.୦ ଖୋଲା ଚ୍ୟାଲେଞ୍ଜକୁ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆର ମହା ନିର୍ଦ୍ଦେଶକ ଡ. ଓମ୍‌କାର ରାୟଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍ୟୋଗୀମାନଙ୍କ ଦରଖାସ୍ତକୁ ସିଧାସଳଖ ଅନ୍‌ଲାଇନରେ ଆମନ୍ତ୍ରଣ କରାଯାଇ ନୂତନ ଷ୍ଟାର୍ଟଅପ୍, ନବସୃଜନ ଓ ଉଦ୍ୟୋଗୀମାନଙ୍କୁ ଚିହ୍ନଟ କରି ମନୋନୀତ କରାଯିବ। ଏହି ମନୋନୀତ ଷ୍ଟାର୍ଟଅପ୍ ଗୁଡ଼ିକୁ ପରବର୍ତ୍ତୀ ସମୟରେ ଆବଶ୍ୟକୀୟ ତାଲିମ୍, ମୂଳଧନ ଯୋଗାଇବା, ଉତ୍ପାଦ ପେମେଣ୍ଟ କରାଇବା, ବଜାର ସୃଷ୍ଟି କରିବା ଇତ୍ୟାଦି କାମରେ ସହଯୋଗ ପ୍ରଦାନ କରାଯିବ। ରାଜ୍ୟ ଏମଏସଏମଇ ବିଭାଗ ପ୍ରମୁଖ ଶାସନସଚିବ ସତ୍ୟବ୍ରତ ସାହୁ ଉଦ୍ୟୋଗ ପାର୍କ ନକ୍ସା ପାଠାଗାର ଏବଂ ସମ୍ବଳ କେନ୍ଦ୍ରକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ହାଇସ୍କୁଲ ପାଠ୍ୟକ୍ରମରେ ଔଦ୍ୟୋଗୀକରଣ

ଉତ୍ପାଦ ନମୁନା ପ୍ରସ୍ତୁତି, ସେନସର୍, ନିୟନ୍ତ୍ରଣ ବୋର୍ଡ ସୁବିଧା ଉପଲବ୍ଧ ହେବ

ଉପରେ ବିଷୟ ସ୍ଥାନିତ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଉଲ୍ଲେଖ କରି ଷ୍ଟାର୍ଟଅପ୍ ଓଡ଼ିଶା ଯୁବବର୍ଗଙ୍କ ମଧ୍ୟରେ ଉଦ୍ୟୋଗ ପ୍ରତି ମାନସିକତା ଜାଗ୍ରତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା କହିଥିଲେ। ଏଠାରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଉତ୍ପାଦ ନମୁନା ପ୍ରସ୍ତୁତି, ସେନସର୍, ନିୟନ୍ତ୍ରଣ ବୋର୍ଡ ଭଳି ସୁବିଧା ଉପଲବ୍ଧ ହୋଇପାରିବ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ସଚିବ ମନୋଜ ମିଶ୍ର, ସାଇବର ମିଡିଆ ପରିଚାଳନା ନିର୍ଦ୍ଦେଶକ ପି ଗୁପ୍ତା, ଏସଟିପିଆଇ ଭୁବନେଶ୍ୱରରର ନିର୍ଦ୍ଦେଶକ ମାନସ ପଣ୍ଡା, ଏସଟିପିଆଇ ନିର୍ଦ୍ଦେଶକ, ନୂଆଦିଲ୍ଲୀ ସୁବୋଧ ସାଚନ, ନିର୍ଦ୍ଦେଶକ ଟେକସାସ୍ ଇନଷ୍ଟ୍ରୁମେଣ୍ଟସ୍ ରାଜୀବ ଖୁସ୍ରୁ, ଇନଟେଲ ଉପସଭାପତି ତଥା ସାଧାରଣ ପରିଚାଳକ ସମ୍ପିତ୍ ସାହୁ, ନୂଆଦିଲ୍ଲୀ ଇଲେକ୍ଟ୍ରୋନିକସ ପାର୍କର ମୁଖ୍ୟ ନିର୍ବାହୀ ଅଦକାରୀ ସଞ୍ଜୀବ ଚୋପ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟାରପ୍ଲସ୍‌ରେ ପ୍ରସାରିତ ହେବ 'ବିଦ୍ରୋହ'

ଭୁବନେଶ୍ୱର,୨୨।୯ (ସମିସ): ପାଇକ ବିଦ୍ରୋହର କାହାଣୀକୁ ନେଇ ଆଧାରିତ ଧାରାବାହିକ 'ବିଦ୍ରୋହ' ଖୁବ୍ ଶୀଘ୍ର ଷ୍ଟାରପ୍ଲସରେ ପ୍ରସାରିତ ହେବାକୁ ଯାଉଛି। ଇଂରେଜଙ୍କ ବିରୁଦ୍ଧରେ ବକ୍ସି ଜଗବନ୍ଧୁଙ୍କ କିଭଳି ଲଢ଼େଇ କରିଥିଲେ ତାହାକୁ ବର୍ଣ୍ଣନା କରାଯାଇଛି। ଭାରତୀୟ ମୁକ୍ତି ସଂଗ୍ରାମର ଆଦ୍ୟ କାଳରେ ବକ୍ସି ଥିଲେ ଜଣେ ଯୋଦ୍ଧା। ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାଏ ବା ପାଇକ ବକ୍ସି ନାମରେ ସେ ଥିଲେ ଜଣାଶୁଣା। ପାଇକ ବିପ୍ଳବୀମାନେ ତାଙ୍କର ନେତୃତ୍ୱରେ ୧୮୧୭ ମସିହାରେ ଫିରିଙ୍ଗି ଶାସନ




ବିରୁଦ୍ଧରେ ପାଇକ ବିଦ୍ରୋହ ଆରମ୍ଭ କରିଥିଲେ। କଳିଙ୍ଗର ଏହି ଐତିହାସିକ କାହାଣୀକୁ ଏବେ ହିନ୍ଦୀ ଚ୍ୟାନେଲ ଷ୍ଟାରପ୍ଲସରେ ଦେଖିବେ ଅଗଣିତ

ବକ୍ସି ଜଗବନ୍ଧୁଙ୍କ ସଂଗ୍ରାମକୁ ଦେଖିବେ ଅଗଣିତ ଦର୍ଶକ

ଦର୍ଶକ। ଗାଥା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଧାରାବାହିକରେ ମୁଖ୍ୟ ଭୂମିକାରେ ଶାହରଦ ମାଲୋହୋତ୍ରା, ହେମାଲ ଇଙ୍ଗ୍‌ଲେ ଓ ସୁଲଗ୍ନା ପାଣିଗ୍ରାହୀ ରହିଛନ୍ତି। ବର୍ତ୍ତମାନ ଧାରାବାହିକର ଟ୍ରେଲର ୟୁଟ୍ୟୁବରେ ଦେଖିବାକୁ ମିଳିଥିବାବେଳେ ଆସନ୍ତା ଅକ୍ଟୋବରରେ ଏହା ମୁକ୍ତଲାଭ କରିବ।

# ବ୍ୟବସାୟ ପାଇଁ ନ୍ୟାସନାଲ ସିଙ୍ଗଲ ୱିଣ୍ଡୋ ସିଷ୍ଟମର ଶୁଭାରମ୍ଭ



ନୂଆଦିଲ୍ଲୀ,୨୨।୯: ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର ସରକାର ଶିଳ୍ପପତି ଏବଂ ବ୍ୟବସାୟୀମାନଙ୍କ ଲାଗି ଏକ ନ୍ୟାସନାଲ ସିଙ୍ଗଲ ୱିଣ୍ଡୋ ସିଷ୍ଟମର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ, ବୟନଶିଳ୍ପ, ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପୀୟୁଷ ଗୋୟଲ ଏହି ସିଷ୍ଟମ ଆରମ୍ଭ କରିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ବିଦେଶୀ ତଥା ଭାରତୀୟ ନିବେଶକ, ବ୍ୟବସାୟ ଏବଂ ଷ୍ଟାର୍ଟ ଅପ୍ ଲାଭବାନ୍ ହେବେ। ଏହି ବ୍ୟବସ୍ଥା ସହ ଦେଶର ୧୮ କେନ୍ଦ୍ରୀୟ ବିଭାଗ, ୯ଟି ରାଜ୍ୟ ପୂର୍ବରୁ ଯୋଡି ହୋଇଥିବାବେଳେ ଡିସେମ୍ବର ୨୧ ସୁଦ୍ଧା ୧୪ଟି କେନ୍ଦ୍ରୀୟ ବିଭାଗ ଏବଂ ୫ ଟି ରାଜ୍ୟ ସଂଯୁକ୍ତ ହେବେ। ଏହି ସୁବିଧା ଆରମ୍ଭ କରି ଶ୍ରୀ ଗୋୟଲ କହିଛନ୍ତି ଯେ, ନ୍ୟାସନାଲ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମର ଶୁଭାରମ୍ଭ ଭାରତକୁ ଆତ୍ମନିର୍ଭର କରିବା ଦିଗରେ ଏକ ବୃହତ୍ ପଦକ୍ଷେପ। ଆଜାଦିର ଅମୃତ ମହୋତ୍ସବର ୭୫ ତମ ସପ୍ତାହ ପାଳନ ବେଳେ ଆମେ କେବଳ ଭାରତ ନୁହେଁ ଭାରତ ବାହାରୁ ଆସୁଥିବା ନିବେଶକ,ବ୍ୟବସାୟିକ ସଂସ୍ଥାର ମାଲିକ(ଏମ୍‌ଏସ୍‌ଏମ୍‌ଇ)ଙ୍କୁ ଆଜାଦିର ଅମୃତର ଅଂଶୀଦାର କରିପାରିବା ବୋଲି ଗୋୟଲ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିର୍ଣ୍ଣାୟକ ଏବଂ ନିର୍ଭୀକ ନେତୃତ୍ୱ ଭାରତକୁ ବଡ଼ ସ୍ୱପ୍ନ ଦେଖିବାରେ ସକ୍ଷମ କରିଛି ଏବଂ ଉତ୍ସାହିତ କରିଛି। ଏହି ଅବସରରେ ଶ୍ରୀ ଗୋୟଲ କହିଛନ୍ତି ଯେ, ଏହି ଏକକ ୱିଣ୍ଡୋ ପୋର୍ଟାଲ ଅନୁମୋଦନ ଏବଂ କ୍ଲିୟରାନ୍ସ ପାଇଁ ନିବେଶକଙ୍କ ପାଇଁ ଏକ ଷ୍ଟପ୍-ଶପ୍ ହେବ। 'ଏଣ୍ଡ ଟୁ ଏଣ୍ଡ' ସୁବିଧା ମାଧ୍ୟମରେ ମାଉସର ଗୋଟିଏ କ୍ଲିକରେ ସମସ୍ତ ସମାଧାନ ସେଠାରେ ରହିବ।

ନ୍ୟାସନାଲ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମର ଉନ୍ମୋଚନକୁ ଫିକି ଇଣ୍ଡିଆର ଉପସଭାପତି ଏବଂ ଇମ୍ପା ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି। ପୁଞ୍ଜି ବିନିଯୋଗକୁ ସୁଗମ କରିବା ପାଇଁ ଫିକି ଇଣ୍ଡିଆ ଏହାକୁ ପ୍ରୋତ୍ସାହିତ କରିଆସୁଛି ଏବଂ ଏହାକୁ ବାସ୍ତବ ରୂପ ଦେଇଥିବାରୁ କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ଡିପିଆଇଆଇଟି ମନ୍ତ୍ରାଳୟକୁ ଅଭିନନ୍ଦନ। ସିଙ୍ଗଲ୍ ୱିଣ୍ଡୋ ପଦ୍ଧତିକୁ ଗ୍ରହଣ କରିବାରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ। ଯାହାଦ୍ୱାରା ମହାମାରୀ ସମୟରେ ମଧ୍ୟ ଅନେକ ପୁଞ୍ଜି ବିନିଯୋଗ ପାଇଁ ସୁଯୋଗ ସୃଷ୍ଟି ହେବା ସହ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି। ମୋର ବିଶ୍ୱାସ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସମନ୍ୱିତ ଆଭିମୁଖ୍ୟ ନିଶ୍ଚୟ ଏକ ସକରାତ୍ମକ ଫଳାଫଳ ଦେବ ବୋଲି ସେ କହିଛନ୍ତି।

- ପିପିଲିରେ ବଢୁଛି ରାଜନୈତିକ ଉଷ୍ମତା

# ଅପରାଜେୟ ରେକର୍ଡ଼ ସହ ବିଜୟ ବ୍ୟବଧାନ ବୃଦ୍ଧି ଲକ୍ଷ୍ୟରେ ବିଜେଡି

ଭୁବନେଶ୍ୱର,୨୨।୯ (ସମିସ): ଆସନ୍ତା ବର୍ଷ ସାରା ଦେଶରେ ୟୁପି ସମେତ ଏକାଧିକ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଯାହା ଜାତୀୟ ରାଜନୀତିକୁ ସରଗରମ କରିବ। ସେହିକ୍ରମରେ ଓଡ଼ିଶାରେ ଫେବୃୟାରୀ-ମାର୍ଚ୍ଚ ସମୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ୨୦୨୨ ମଧ୍ୟଭାଗରେ ସାରା ରାଜ୍ୟରେ ପୌର ନିର୍ବାଚନ ହେବା ଏକପ୍ରକାର ନିଶ୍ଚିତ। ଏହା ପୂର୍ବରୁ ପିପିଲି ଉପନିର୍ବାଚନ ହେଉଛି। ତେଣୁ ପିପିଲି ଫଳାଫଳ ବିଜୟୀ ଦଳକୁ ନିଶ୍ଚିତ ପୌର ଓ ପଞ୍ଚାୟତ ପାଇଁ ଉତ୍ସାହିତ କରିବ। ତେଣୁ ଶାସକ ବିଜେଡି ସହ ବିଜେପି ଓ କଂଗ୍ରେସ ପାଇଁ ଏହି ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପିପିଲି ଉପନିର୍ବାଚନ ବିଭିନ୍ନ ଦଳ ପାଇଁ ଅଗ୍ନିପରୀକ୍ଷା ବୋଲି କୁହାଯାଉଛି।

ଅତୀତରେ ପଞ୍ଚାୟତ ନିର୍ବାଚନର ସଫଳତା ସତ୍ତ୍ୱେ ବିଜେପି ମାତ୍ର ବର୍ଷକରେ ସେହି ରାଜନୈତିକ ବାତାବରଣ ରଖିବାରେ ବିଫଳ ହୋଇଥିଲା। ୨୦୧୮ ବିଜେପୁର ଉପନିର୍ବାଚନରେ ବିଜେଡି ବିଜୟୀ ହୋଇଥିଲା। ଏହି ଫଳାଫଳ ଦଳର ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ୨୦୧୯ରେ ଭଲ ଫଳ ପାଇଁ ପ୍ରେରଣା ଦେଇଥିଲା। ତେଣୁ ପିପିଲି ବାଜି ଜିତି ବିଜୟଧାରାକୁ ବଜାୟ ରଖିବାକୁ ବିଜେଡି ନିଶ୍ଚିତ ଚାହିଁବ। ଅନୁରୂପ ଭାବେ ବିରୋଧୀ ପିପିଲିରେ ଭଲ ପ୍ରଦର୍ଶନ କରି ବିଜେଡ଼ି ମୁଡ୍‌କୁ ଅଫଲେଟ୍ କରିବାକୁ କୌଣସି ସୁଯୋଗ ହାତଛଡା କରିବେ ନାହିଁ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି।

୨୦୧୨ରେ ମାତ୍ର ୩୬ଟି ଜିଲ୍ଲା ପରିଷଦରେ ବିଜୟୀ ହୋଇଥିବା ବିଜେପି ୨୦୧୭ରେ ୨୯୨ରେ ପହଞ୍ଚି ଯାଇଥିଲା। ମାତ୍ର ଏହାର ଠିକ୍ ପରେ ପରେ ବିଜେପିର ଉପନିର୍ବାଚନରେ ଦଳ ପଞ୍ଚାୟତ ନିର୍ବାଚନରେ ଦେଖାଇଥିବା ସଫଳତା ଦୋହରାଇବାକୁ ବ୍ୟର୍ଥ ହୋଇଥିଲା। ବିଜେପୁର ବିଧାନସଭା କ୍ଷେତ୍ରରେ ଜିଲ୍ଲା ପରିଷଦ ଆସନଗୁଡ଼ିକରୁ ବିଜେପି ୯୦ ହଜାରରୁ ଅଧିକ ଭୋଟ ପାଇଥିବାବେଳେ ଫଳାଫଳ ଉପନିର୍ବାଚନ ଫଳାଫଳ ଥିଲା ନୈରାଶ୍ୟଜନକ। ବିଜେପି ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ପ୍ରଣୟ ସାହୁଙ୍କ ଉପରେ ଭରସା କରିଥିଲା। ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ, ସ୍ମୃତି ଇରାନୀ, ତତ୍କାଳୀନ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂ ଏବଂ ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ପ୍ରମୁଖ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ହେଲେ 'ଶହେ ପାମ୍ପଡକୁ ଗୋଟେ ବିଧା' ନ୍ୟାୟରେ ମାଳମାଳ କେନ୍ଦ୍ରୀୟ ନେତାଙ୍କ ପ୍ରଚାର ସତ୍ତ୍ୱେ ନବୀନଙ୍କ ଦୁଇ ପଦ କଥା ଉପରେ ବିଜେପୁରବାସୀ ଆଶା ପ୍ରକଟ କରିଥିଲେ। ସେହି ବର୍ଷ ଉପନିର୍ବାଚନରେ ପଡ଼ିଥିବା ମୋଟ ଭୋଟର ୫୬% ବିଜେଡି ପ୍ରାର୍ଥିନୀ ରୀତା ସାହୁ ହାତେଇ ଥିଲେ। ବିଜେପି ୩୩.୫୩% ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ମାତ୍ର ୫.୬୫% ଭୋଟ ପାଇଥିଲା। ଶ୍ରୀମତୀ ସାହୁ ୧.୦୨,୮୭୧ ଖଣ୍ଡ ଭୋଟ ପାଇବା ସହ ବିଜେପି ପ୍ରାର୍ଥୀଙ୍କୁ ୪୧,୯୩୩ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ବିଜେଡିର ଏହି ଉପନିର୍ବାଚନ ବିଜୟ ବିଜେପିର ପଞ୍ଚାୟତ ଭୋଟ ଫଳ ଖୁସିରେ ପାଣି ପକାଇ ଦେଇଥିଲା। ରାଜ୍ୟରେ ଅନୁଷ୍ଠିତ ବିଭିନ୍ନ ଉପନିର୍ବାଚନରେ ବିଜେଡି ଏଯାଏ ଅପରାଜେୟ ରହି ଆସିଛି। ତେଣୁ ପିପିଲିରେ ପୁଣି ତାହାର ପୁନରାବୃତ୍ତି ଘଟିବ ବୋଲି ଦଳୀୟ ନେତାମାନେ ଆଶା ବାନ୍ଧିଛନ୍ତି।

କଣ୍ଟାପଡ଼ା ପଞ୍ଚାୟତ ସମିତି ବୈଠକ

# ସଚଳ ଓ ଅଚଳ ଜଳଯୋଗାଣ ଟାଙ୍କିର ତାଲିକା ମାଗିଲେ ବିଡିଓ

କଣ୍ଟାପଡ଼ା,୨୨।୯ (ସମିସ)

କଣ୍ଟାପଡ଼ା ପଞ୍ଚାୟତ ସମିତିର ୧୧ତମ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ନିଆଳି ବିଧାୟକ ତଥା କଟକ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଡାକ୍ତର ପ୍ରମୋଦ କୁମାର

● ବିଦାୟୀ ଅଧିକାରୀଙ୍କୁ ସମ୍ବର୍ଦ୍ଧନା





ମଲ୍ଲିକ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାବଦରେ ଆଲୋଚନା କରିଥିଲେ। କଣ୍ଟାପଡ଼ା ବ୍ଲକ ପରିସରରେ ଅନେକ ଘର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ବେଳେ ଦିନକୁ ଦିନ ତାହା ବିପଦସଙ୍କୁଳ ହୋଇପଡୁଛି। ଏହାକୁ ଭଙ୍ଗା ଯିବାପାଇଁ ପୂର୍ତ୍ତ ବିଭାଗକୁ ବାରମ୍ବାର ଲେଖାଗଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଯଦି ସପ୍ତାହକ ମଧ୍ୟରେ କୌଣସି ପଦକ୍ଷେପ ନିଆ ନଯାଏ ତେବେ ବ୍ଲକ କର୍ତ୍ତୃପକ୍ଷ ଏହାକୁ ଭାଙ୍ଗି ସେଠାରେ ନୂତନ ପ୍ରକଳ୍ପ ନିର୍ମାଣ କରିବାକୁ ଯୋଜନା କରିବା ନିମନ୍ତେ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ସେହିପରି ବ୍ଲକରେ ଥିବା ବିଭିନ୍ନ ପାନୀୟଜଳ ପ୍ରକଳ୍ପର ଓଭର୍ ହେଡ୍ ଟାଙ୍କିକୁ ପାଣି ଉଠା ନଯାଇ କେବଳ ମୋଟର ଯୋଗେ ପାଣି ଉଠାଇ ପାଇପ୍ ଲାଇନ୍‌ରେ ଛଡା ଯାଉଥିବାରୁ ଟାଙ୍କି ଗୁଡ଼ିକ ନଷ୍ଟ ହେବାକୁ ବସିଲାଣି। ଏ ସମ୍ପର୍କରେ ଗୋବିନ୍ଦପୁର ସରପଞ୍ଚ ଲଲାଟେନ୍ଦୁ ପ୍ରସାଦ ଦାଶ, ସମିତି ସଦସ୍ୟ ଜ୍ଞାନପୂର୍ଣ୍ଣ ବେହେରା, ଉରାଢ ସରପଞ୍ଚ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରଭାକର ରାଉତ ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିବା ବେଳେ ଆଲୋଚନାରେ ବିଡିଓ ସନ୍ତୋଷ ପତି ହସ୍ତକ୍ଷେପ କରି ତୁରନ୍ତ ଅଞ୍ଚଳରେ କେତୋଟି ଓଭର୍ ହେଡ୍ ଟାଙ୍କି କାର୍ଯ୍ୟକ୍ଷମ ଅଛି ଓ କେତୋଟି କାର୍ଯ୍ୟ କରୁନାହିଁ ତାର ଏକ ତାଲିକା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଭିନ୍ନ ଗ୍ରାମରେ ହେବାକୁ ଥିବା ଅଙ୍ଗନବାଡି ଗୃହକାର୍ଯ୍ୟ କିପରି ତୁରନ୍ତ ଶେଷ ହେବ ସେ ସମ୍ପର୍କରେ ବିଷଦ ଭାବେ ଆଲୋଚନା ହୋଇଥିଲା। ଏକ ବ୍ଲକ ସଂସ୍କୃତି ଭବନ ନିର୍ମାଣ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ରାଉତରାୟ, ସାଂସଦ ପ୍ରତିନିଧି ବିମାନ ବିହାରୀ ବେହେରା, ଜିଲ୍ଲା ପରିଷଦ ସଦସ୍ୟ କୈଳାସ ମହାରଣା, ପୁଷ୍ପଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାରେ ସରପଞ୍ଚ ଦ୍ୱାରିକାନାଥ ଦାଶ, ଦିଲ୍ଲୀପ ସ୍ୱାଇଁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଦସ୍ୟ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ ଏହି ବୈଠକରେ ବ୍ଲକର ଏବିଡିଓ ରବିତପସ୍ୱିନୀ ଦାସ, ବିତ୍ତ ଅଧିକାରୀ ନିବାସ ରାଉତରାୟ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବିଜୟ ଲକ୍ଷ୍ମୀ ଟୁଡୁ, ବ୍ଲକର ମୁଖ୍ୟ କିରାଣି ମଙ୍ଗଲ ଦୀପ୍ ବୋଷ ପ୍ରମୁଖଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପଟେ ଆଜି କଣ୍ଟାପଡ଼ା ବ୍ଲକରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ଅବସର ନେଇଥିବା ପ୍ରଶାନ୍ତ କୁମାର ନାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ନାଳରୁ ଉଦ୍ଧାର ମୃତଦେହ ଚିହ୍ନଟ ନୋହିଲା

ଟାଙ୍ଗୀ, ୨୨।୯ (ସମିସ)

ଟାଙ୍ଗୀ ଥାନା ବିଲତେରୁଆଁ ଗ୍ରାମ ମାଧିଆଖାଲ ନାଳ ଭିତରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ମଙ୍ଗଳବାର ଉଦ୍ଧାର ହୋଇଥିଲା। ଉକ୍ତ ଶ୍ରମିକ ଜଣକ ଚିହ୍ନଟ ହୋଇପାରିନାହାନ୍ତି। ସୂଚନା ଅନୁସାରେ, ସେ ଦଳ ସଫା କରିବା ନିମନ୍ତେ ନାଳ ଭିତରକୁ ଯାଇ ଆଉ ଫେରି ନଥିଲେ। ୭ଦିନ ତଳେ କାର୍ଯ୍ୟରେ ନିୟୋଜନ କରିଥିବା ଠିକାଦାର ଉଦ୍ଧାର କରିବା ଉଚିତ ନମଣି ଅନ୍ୟ ୪ଜଣ ଶ୍ରମିକଙ୍କୁ ନେଇ ସେହି ସ୍ଥାନରୁ ଚାଲିଯାଇଥିଲେ। ମୃତଦେହ ଉଦ୍ଧାର ପରେ ଟାଙ୍ଗୀ ପୁଲିସ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ମେଡିକାଲକୁ ପଠାଇଥିଲା। ନିୟମ ଅନୁଯାୟୀ, ଅପରିଚିତ ମୃତଦେହକୁ ସଂରକ୍ଷଣ ଗୃହରେ ଚିହ୍ନଟ ପ୍ରକ୍ରିୟା ନିମନ୍ତେ ରଖାଯିବା କଥା। ବ୍ୟବଚ୍ଛେଦ ସରିବା ପରେ ସେହିଦିନ ସଂସ୍କାର କରାଯିବା ନେଇ ପ୍ରଶ୍ନ ଉଠିଥିଲା। ବୁଧବାର ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ତାଙ୍କ ସ୍ପଷ୍ଟୀକରଣରେ କହିଛନ୍ତି ପୁଲିସ ପକ୍ଷରୁ ମୃତଦେହକୁ ସଂରକ୍ଷଣ ଗୃହରେ ରଖିବାକୁ ଲିଖିତଭାବେ ଡାକ୍ତରଖାନାର କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ବ୍ୟବଚ୍ଛେଦ କରିଥିବା ଡାକ୍ତର ମୃତଦେହକୁ ଆଉ ରଖିବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଥିଲେ। ସେଥିପାଇଁ ପୁଲିସ ପ୍ରଶାସନ ବାଧ୍ୟ ହୋଇ ମୃତକଙ୍କ ସଂସ୍କାର କରିଥିଲା।

# ଅବକାରୀ ଚଢ଼ଉ; ଦୁଇ ଗିରଫ



ନରସିଂହପୁର, ୨୨।୯ (ସମିସ): ନରସିଂହପୁର ଥାନା ବିଭିନ୍ନ ଗ୍ରାମରେ ଅବକାରୀ ବିଭାଗର ଚଢ଼ଉ ଜାରି ରହିଛି। ଅବକାରୀ ଅଧିକାରୀ ବିଜୟ କୁମାର ଭଞ୍ଜଙ୍କ ନେତୃତ୍ୱରେ ଏହି ଟିମ ଚଢ଼ଉ କରିଛି। ସେରମୁଣ୍ଡା ଗ୍ରାମର ଯଶୋବନ୍ତ ଦେହୁରୀ, କୁମ୍ଭାରନାଳୀ ଗ୍ରାମର ପ୍ରତାପ ଦେହୁରୀଙ୍କୁ ଦେଶୀ ରନ୍ଧା ମଦ ସହ ଗିରଫ କରାଯାଇଥିଲା। ଏହି ଅଭିଯୁକ୍ତ ୨ଜଣଙ୍କୁ ଅଣାଯାଇ ସ୍ଥାନୀୟ ଡାକ୍ତରଖାନାରେ କୋଭିଡ ପରୀକ୍ଷଣ ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଭୂମିହୀନଙ୍କୁ ପଟ୍ଟା ଯୋଗାଇବା ଦାବି

ନରସିଂହପୁର, ୨୨।୯ (ସମିସ)

ନରସିଂହପୁର ବ୍ଲକ ଜଗନ୍ନାଥପୁରର ଭୂମିହୀନ ଅଧିବାସୀମାନେ ଜମି ପଟ୍ଟା ପାଇଁ ଦାବି କରି ଏକ ଲିଖିତ ଅଭିଯୋଗ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଯେ ଉକ୍ତ ଗ୍ରାମରେ ବହୁ ବର୍ଷ ଧରି ସରକାରୀ ଜମିରେ ଘର କରି ରହି ଆସୁଥିଲେ ମଧ୍ୟ ସେମାନଙ୍କୁ କୌଣସି ଘରଡିହର ପଟ୍ଟା ମିଳିପାରିନାହିଁ। ପୂର୍ବରୁ ଜନପ୍ରତିନିଧି ଏବଂ ତତ୍କାଳ ତହସିଲଦାରଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ହେଁ ଏହାର କୌଣସି ସୁଫଳ ମିଳିପାରିନାହିଁ ବୋଲି ସୁରେଶ ନାୟକ କହିଛନ୍ତି। ଏପରିକି ତାଙ୍କ ପିଲାଙ୍କ ପାଠପଢ଼ା ପାଇଁ ବିଭିନ୍ନ ପ୍ରମାଣପତ୍ର ପାଇବା କଷ୍ଟକର ହୋଇପଡ଼ିଛି ବୋଲି ଶରତ ନାୟକ କହିଛନ୍ତି। ତୁରନ୍ତ ସେମାନଙ୍କୁ ସରକାରଙ୍କ ଯୋଜନାରେ ଜମିପଟ୍ଟା ଯୋଗାଇ ଦେବାକୁ ଲିଖିତ ଅଭିଯୋଗ ତହସିଲଦାର ଆଲୋକ କୁମାର ଦେହୁରୀଙ୍କୁ ପ୍ରଦାନ କରିଛନ୍ତି।

# ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ





ନିଆଳି, ୨୨।୯ (ସମିସ)

ନିଆଳି ପଞ୍ଚାୟତସ୍ତରୀୟ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ସ୍ଥାନୀୟ ରଶ୍ମିପ୍ରଭା ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନିଆଳି ପଞ୍ଚାୟତ ସମିତି ସଭ୍ୟ ତଥା ନିଆଳି ପଞ୍ଚାୟତ ବିଜେଡି ସଭାପତି ଆର୍ତ୍ତତ୍ରାଣ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ନିଆଳି ବିଧାୟକ ତଥା କଟକ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ପ୍ରଫେସର ଡ଼ା. ପ୍ରମୋଦ କୁମାର ମଲ୍ଲିକ ଆଗାମୀ ପଞ୍ଚାୟତ ତ୍ରିସ୍ତରୀୟ ନିର୍ବାଚନ ପାଇଁ ଦଳୀୟ କର୍ମୀଙ୍କୁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ। ଆମ୍ବିର ଅଧ୍ୟକ୍ଷ ଆଦିତ୍ୟ ପାଣି, ୨୨ନମ୍ବର ଜିଲ୍ଲା ପରିଷଦ ସଭ୍ୟା ମାମିନା ଜେନା, ୨୩ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଷଡ଼ଙ୍ଗୀ, ସରପଞ୍ଚ ପ୍ରଶାନ୍ତ କୁମାର ସିଂହ, ନିଆଳି ବ୍ଲକ ଡିଜିଟାଲ୍ ସମ୍ପାଦିକା ଦୀପାଲି ସେନାପତି, ପୂର୍ବତନ ସରପଞ୍ଚ ଭରତ ମଲ୍ଲିକ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିବା ବେଳେ ନିଆଳି ବ୍ଲକ ଯୁବ ବିଜେଡି ସଭାପତି ବିଷ୍ଣୁଚରଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିଆଳି ପଞ୍ଚାୟତର ୨୦ ଜଣିଆ ଆଗୁଆ ଛାମୁଆ କର୍ମୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଏହି ଅବସରରେ ଦଳର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ଦଳଠାରୁ ଦୂରେଇ ରହିଥିବା ପୂର୍ବତନ ସରପଞ୍ଚ ବଳରାମ ବେହେରା, ବ୍ରହ୍ମାନନ୍ଦ ପାଢ଼ୀ, ମୁରଲୀଧର ମିଶ୍ର, ରାମଚନ୍ଦ୍ର ଭୋଇ, ଯାଦବ ମହାସଂଘର କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ବେହେରା ପ୍ରମୁଖଙ୍କୁ ବିଧାୟକ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରିଥିଲେ।




# ମୂଳବସନ୍ତ ବିଜେଡିର କର୍ମୀ ବୈଠକ




ମାହାଙ୍ଗା,୨୨।୯ (ସମିସ): ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ବିଜେଡି ପକ୍ଷରୁ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଦୃଷ୍ଟିରୁ ବିଜେଡି ପର୍ଯ୍ୟବେକ୍ଷକ ହେମନ୍ତ ପ୍ରଧାନଙ୍କ ଆବାହକତ୍ୱରେ ଏକ କର୍ମୀ ସମ୍ମିଳନୀ ମୂଳବସନ୍ତ ଠାରେ ପଞ୍ଚାୟତ ବିଜେଡି ସଭାପତି ବଟକୃଷ୍ଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ କର, ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ, ପଞ୍ଚାୟତ ବିଜେଡି ସାଧାରଣ ସମ୍ପାଦକ ସଚ୍ଚିନ୍ଦ୍ର ସାହୁ, ସରପଞ୍ଚଙ୍କ ପ୍ରତିନିଧି ରାକେଶ ସାହୁ, ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଦୀପକ ଦାଶ, ସୁବାସ କର, ରାମକୃଷ୍ଣ ସାହୁ, ଅଜୟ ରାଉତ, ଅଶୋକ ପରମାଣିକ, ଯୁବ ସଂଗଠକ ପଞ୍ଚାନନ ପଣ୍ଡା, ପ୍ରସନ୍ନ ବଳବନ୍ତରାୟ, ଦିବାକର ସାହୁ, ନାଏବ ସରପଞ୍ଚ ବିଜୟ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

# ନନ୍ଦନକାନନ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କ ନାମ ଘୋଷଣା

ବାରଙ୍ଗ,୨୨।୯ (ସମିସ): ବିଶ୍ୱ ଶାଗୁଣା ଦିବସ ଉପଲକ୍ଷେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷ୍ୟରୁ ଜୁନିୟର ଓ ସିନିୟର ଦୁଇଟି ଗ୍ରୁପ କରାଯାଇ ଚିତ୍ରାଙ୍କନ ଓ ପୋଷ୍ଟର ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରାଯାଇଛି। ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ଜୁନିୟର ଗ୍ରୁପରେ ଅନୁଗୁଳ-ତାଳଚେର ଡିଏଭି ପବ୍ଲିକ ସ୍କୁଲର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ର ଆଶୀର୍ବାଦ ଦାସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶିବାନନ୍ଦ ରାଜରାମ ସ୍କୁଲର ଚତୁର୍ଥ ଶ୍ରେଣୀର ଛାତ୍ର ନିରଭିଗ୍ନ ପୀଠ ଦ୍ୱିତୀୟ ଓ ମଇଶୁର ଜସ୍‌ଫେ ସେଣ୍ଟ୍ରାଲ ସ୍କୁଲ ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀ ବେଦଶ୍ରୀ ୱାଲିମ୍ବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସିନିୟର ଗ୍ରୁପରେ ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଅନ୍ୟଅନେୟାସା ମିଶ୍ର ପ୍ରଥମ ସ୍ଥାନ ଓ ଭୁବନେଶ୍ୱରର -ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲ ଦଶମ ଶ୍ରେଣୀର ଛାତ୍ର ସନ୍ଦୀପ ପରିଡ଼ା ଦ୍ୱିତୀୟ ଓ କଟକ ସିଡିଏର ଡିଏଭି ପବ୍ଲିକ ସ୍କୁଲର ଏକାଦଶ ଶ୍ରେଣୀର ଛାତ୍ରୀ ଶ୍ରେୟା ମିଶ୍ର ତୃତୀୟ ସ୍ଥାନ ଅଧିକାର କରଛନ୍ତି। ଅନ୍ୟପକ୍ଷରେ ଶାଗୁଣାର ସଚେତନତା ଉପରେ ଏକ ପୋଷ୍ଟର ପ୍ରତିଯୋଗିତା ମଧ୍ୟ କରାଯାଇଥିଲା। ଏଥିରେ ଭୁବନେଶ୍ୱର ନିଳାଦ୍ରୀବିହାରର ଅଭିସ୍ମିତା ପ୍ରିୟଦର୍ଶିନୀ ପ୍ରଥମ, ଭୁବନେଶ୍ୱର ନୟାପଲ୍ଲିର କୁମାର ଅର୍ଜିତ ମିଶ୍ର ଦ୍ୱିତୀୟ ଓ ବରଗଡ଼ର ହିତେଶ କୁମାର ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିବା ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ମାସ ୪ତାରିଖରେ ବିଶ୍ୱ ଶାଗୁଣା ଦିବସ ପରିପ୍ରେକ୍ଷୀରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

# ବନ୍ୟା ବିପନ୍ନଙ୍କୁ ପ୍ରଶାସନର ସହାୟତା



ମାହାଙ୍ଗା,୨୨।୯ (ସମିସ): ଗୋବରୀ ନଦୀରେ ବନ୍ୟା ଫଳରେ ମାହାଙ୍ଗା ବ୍ଲକର ୨୯ ପଞ୍ଚାୟତର ୭୨ ଗାଁ ୯୫୦୦ରୁ ଅଧିକ ଲୋକ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ବହୁ ଗାଁ ଜଳବନ୍ଦି ଅବସ୍ଥାରେ ରହିଛି। ପଞ୍ଚାୟତରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଜଳବନ୍ଦି ଅଞ୍ଚଳ ପରିଦର୍ଶନ କରାଯିବା ସହ ବନ୍ୟାବିପନ୍ନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝି ସେମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ସେହିପରି ବନ୍ୟାପ୍ଲାବିତ ଅଞ୍ଚଳରେ ଗୋରୁଗାଈଙ୍କ ପାଇଁ ଗୋ-ଖାଦ୍ୟ ଯୋଗାଇ ଦିଆଯାଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ। ଏହି ପରିଦର୍ଶନ ଟିମରେ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ବିଡିଓ ନିହାର ରଞ୍ଜନ ମଲିକ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜିଲ୍ଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ, ଜିଲ୍ଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ଜୋନ ସଭାପତି ଦୀନବନ୍ଧୁ ସାହୁ, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ରିଆଜୁଲ ହୋଦା ପ୍ରମୁଖ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ।

■ ଶାଗୁଆନ ବୋଝେଇ ଗାଡ଼ି ଜବତ ବେଳେ ବନପାଳଙ୍କୁ ଆକ୍ରମଣ

# ବନପାଳଙ୍କ ବାଇକ ଓ ଫୋନ୍ ଛଡ଼ାଇନେଲେ

ଟାଙ୍ଗୀ,୨୨।୯ (ସମିସ)

ଟାଙ୍ଗୀ ଥାନା ଅଧୀନ କଟକ ବନଖଣ୍ଡ ବଇରୀ ରେଞ୍ଜର କୁସୁନ୍ନପୁର ବିଟ୍ ବନପାଳଙ୍କୁ ବୁଧବାର ମାଡ଼ ହୋଇଛି। କାଠ ମାଫିଆମାନେ ମାଡ଼ ମାରି ରକ୍ତାକ୍ତ କରିବା ପରେ ବନପାଳଙ୍କ ବାଇକ, ମୋବାଇଲ ଫୋନ ସହ ଶାଗୁଆନ କାଠ ବୋଝେଇ ଗାଡ଼ିକୁ ଛଡ଼ାଇ ନେଇଛନ୍ତି। ଏ ସଂକ୍ରାନ୍ତରେ ବଇରୀ ରେଞ୍ଜ ଅଧିକାରୀ ଅଭିରାମ ଜେନାଙ୍କ ନିର୍ଦ୍ଦେଶକ୍ରମେ ବନପାଳ କୈଳାସ ବେହେରା ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶଯେ ଜାମଣା ଗ୍ରାମରେ ହାତୀଙ୍କ ଦ୍ୱାରା ଧାନ ନଷ୍ଟ ଅଭିଯୋଗ ତଦନ୍ତ କରିବା ନିମନ୍ତେ ମଙ୍ଗଳବାର ସକାଳେ ବନପାଳ ଦୁଇ ସ୍କ୍ୱାଡ ସହ ବାହାରିଥିଲେ। କରଞ୍ଜି ଗ୍ରାମ ଶିବ ମନ୍ଦିର ନିକଟରେ ଏକ ଟାଟା ଏସି ଗାଡିରେ ଶାଗୁଆନ କାଠ ବୋଝେଇ ହୋଇ ଚାଲାଣ ହେଉଥିବା ଦେଖି କାଠ ଗାଡିକୁ ଜବତ କରିବାକୁ ରାସ୍ତାରେ ନିଜ ବାଇକକୁ ଆଡ ପକାଇଥିଲେ ମଧ୍ୟ ଗାଡି ଡ୍ରାଇଭର ଧକ୍କା କରିବା ପରିସ୍ଥିତି ସୃଷ୍ଟି କରି ସେଠାରୁ ଚାଲିଯାଇଥିଲା। ଗାଡି ପଛରେ ବନପାଳ ଗୋଡାଇ ଯାଇ ସଫା ଗ୍ରାମ ଭିତରେ ଗାଡିକୁ ପାଇଥିଲେ। ଡ୍ରାଇଭରକୁ ଗାଡି ଚାବି ମାଗିବାରେ ହଠାତ ଡ୍ରାଇଭର ସେଠାରୁ ଦୌଡି କିଛି ଗ୍ରାମବାସୀଙ୍କୁ ଡାକି ଆଣିଥିଲା। ଉଚବାଚ ପରେ ଗାଡିରେ ଥିବା ଜଗରଡରେ ଜଗବନ୍ଧୁ ମହାରଣା, ଅଭିରାମ ସାହୁ ଓ ଅନ୍ୟ ମାନେ ବନପାଳଙ୍କୁ ମାଡ ମାରି ବାଇକ ଚାବି, ମୋବାଇଲ ଫୋନ ଛଡାଇ ଗାଡି ସହିତ ଚାଲିଯାଇଥିଲେ। କୌଣସି ପ୍ରକାରେ ଭଗତପୁର ବିଟକୁ ବନପାଳ ଆସି ଅନ୍ୟ ଫୋନ ମାଧ୍ୟମରେ ରେଞ୍ଜ ଅଧିକାରୀଙ୍କୁ ଯୋଗାଯୋଗ କରି ସ୍କ୍ୱାଡଙ୍କ ସହିତ ସଫା ଗ୍ରାମକୁ ଯାଇଥିଲେ ମଧ୍ୟ ଚୋରା କାଠ ବୋଝେଇ ଗାଡିକୁ ପାଇ ନଥିଲେ। ଟାଙ୍ଗୀ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହନ୍ତି ଅଭିଯୋଗ ପରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ନିଶା ମଙ୍ଗଳା ଓଷା ଉଦ୍‌ଯାପିତ

ନରସିଂହପୁର, ୨୨।୯ (ସମିସ): ବାଲିଝରୀ ଗ୍ରାମ କୈବର୍ତ୍ତ୍ୟ ସାହିରେ ମାସର ପ୍ରତ୍ୟେକ ମଙ୍ଗଳବାରରେ ନିଶା ମଙ୍ଗଳା ଓଷା ଅନୁଷ୍ଠିତ ହୋଇଯାଇଛି। ପରିବାର ମଙ୍ଗଳ କାମନା କରି ମା'ମାନେ ଏହି ଓଷାକୁ ନିଶାରାତ୍ରିରେ ପାଳନ କରିଥାନ୍ତି। ସାରାଦିନ ଉପବାସ ରହି ମା'ଙ୍କ ପୂଜାର୍ଚ୍ଚନା ପରେ ରାତିରେ ଭକ୍ତମାନେ ପ୍ରସାଦ ସେବନ କରିଥାନ୍ତି। ନିଶାର୍ଦ୍ଧ ପର୍ଯ୍ୟନ୍ତ ନିର୍ଜଳ ଉପବାସ ରହି ମା' ମଙ୍ଗଳାଙ୍କୁ ପୂଜାର୍ଚ୍ଚନା ପରେ ଗତକାଲି ବିଳମ୍ବିତ ରାତିରେ ଯଜ୍ଞକାର୍ଯ୍ୟ ଶେଷ ହୋଇଥିଲା। ପୂଜକ ଶେଷଦେବ ଦଳେଇ, ଶିକ୍ଷାବିତ ସନାତନ ସ୍ୱାଇଁ ଏବଂ ଭକ୍ତଙ୍କ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ସେହିପରି ବିଭିନ୍ନ ଗ୍ରାମାଞ୍ଚଳରେ ଭକ୍ତମାନେ ମା'ଙ୍କ ଓଷାକୁ ନିରାଡମ୍ବର ସହକାରେ ପାଳନ କରିଛନ୍ତି।

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ +୩ ପରୀକ୍ଷାଫଳ ପ୍ରକାଶିତ

# ଜ୍ୟୋତିକିରଣ ବେଷ୍ଟ ଗ୍ରାଜୁଏଟ୍

ସାଲେପୁର, ୨୨।୯ (ସମିସ)




ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ +୩ ପରୀକ୍ଷାଫଳ ପ୍ରକାଶ ପାଇଛି। +୩ ରସାୟନ ବିଜ୍ଞାନରେ ଜ୍ୟୋତିକିରଣ ସାହୁ ୨୩୭୭ନମ୍ବର ରଖି ବିଜ୍ଞାନରେ ଟପ୍ପର ହୋଇଥିବାବେଳେ ୨୦୨୧ର ବେଷ୍ଟ ଗ୍ରାଜୁଏଟ୍ ଜ୍ୟୋତିକିରଣ ସାହୁ ହୋଇଥିବା ଜଣାଯାଇଛି। ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଫଳ ଉନ୍ମୋଚନ କାର୍ଯ୍ୟକ୍ରମରେ ସାଲେପୁର କଲେଜ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାଶ ଓ ସାଲେପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡଃ ଉମେଶଚନ୍ଦ୍ର ପତି ପରୀକ୍ଷାଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଚଳିତ ବର୍ଷ କରୋନା ମହାମାରୀ ପାଇଁ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍‌ରେ ପରୀକ୍ଷା ଦେଇଥିଲେ। +୩ ଡିଗ୍ରୀ ପରୀକ୍ଷାରେ ମୋଟ୍ ୬୬୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୬୫୧ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଯାହାର ସଫଳତା ହାର ଶତକଡ଼ା ୯୭.୮୯ ବୋଲି ଜଣାଯାଇଛି। ଚଳିତ ବର୍ଷ +୩ କଳାରେ ଏହି କଲେଜରେ ୨୫୧ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୫ଜଣ ଛାତ୍ରଛାତ୍ରୀ ପାଶ୍ କରିଥିବାବେଳେ ୬ଜଣ ପିଲା ଫେଲ୍ ହୋଇଛନ୍ତି। ସଫଳତା ହାର ୯୭.୬୧ରହିଛି। ସେହିପରି +୩ବିଜ୍ଞାନରେ ୨୩୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨୨୯ଜଣ କୃତକାର୍ଯ୍ୟ ହୋଇଛନ୍ତି ଓ ୪ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଏହାର ସଫଳତା ହାର ୯୮.୨୮ରହିଛି। ଏବଂ +୩ ବାଣିଜ୍ୟରେ ୧୮୧ ଜଣ ପରୀକ୍ଷା ଦେଇଥିବାବେଳେ ୧୭୭ଜଣ ପାଶ୍ କରିଥିବାବେଳେ ୪ଜଣ ଫେଲ୍ ହୋଇଛନ୍ତି। ଏହାର ସଫଳତା ହାର ୯୭.୭୯ପ୍ରତିଶତ ରହିଛି। ଚଳିତ ବର୍ଷ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ +୩ କଳା ଏଜୁକେଶନ୍ ସମ୍ମାନରେ ସୁଦେଷ୍ଣା ଶତପଥୀ ୨୩୧୦ ନମ୍ବର ରଖି କଳାରେ ଟପ୍ପର ହୋଇଥିବାବେଳେ ବାଣିଜ୍ୟ ବିଭାଗରେ ଆଦିତ୍ୟନାରାୟଣ ଦାଶ ୨୦୮୨ ନମ୍ବର ରଖି ଟପ୍ପର ହୋଇଛନ୍ତି। କାର୍ଯ୍ୟକ୍ରମରେ ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ପ୍ରଶାନ୍ତ କୁମାର ଜେନା, ଉପନିୟନ୍ତ୍ରକ ଅଧ୍ୟାପିକା ସ୍ୱାତି ପଣ୍ଡା, ଅଧ୍ୟାପକ କରୁଣାକର ମୁଦୁଲି, ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ, ଡଃ ସଂଗୀତା ମିଶ୍ର, କଲେଜ ପରିଚାଳନା କମିଟି ସଦସ୍ୟ ଅବତନ ଷଡ଼ଙ୍ଗୀ, ଜୟଦେବ ଶତପଥୀ, ଶିଶିର କୁମାର ଦାଶ, ଭକ୍ତିପଦ ମିଶ୍ର, ସଞ୍ଜୟ ନାୟକ, ସତ୍ୟନାରାୟଣ ପଟ୍ଟନାୟକ, ନିର୍ମଳ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

ଜିଲ୍ଲାରେ କରୋନା ସ୍ଥିତି

# ସହରରୁ ୪୯, ଗ୍ରାମାଞ୍ଚଳରୁ ୩୫

**କଟକ,୨୨।୯(ସମିସ):** କଟକ ଜିଲ୍ଲାରେ ବୁଧବାର ୯୧ ଜଣ କରୋନା ପଜିଟିଭ ବାହାରିଛନ୍ତି। ଏହି ଆକ୍ରାନ୍ତଙ୍କ ମଧ୍ୟରେ କଟକ ମହାନଗର ନିଗମ(ସିଏମସି) ଅଞ୍ଚଳରେ ୪୯ଜଣ, ଗ୍ରାମାଞ୍ଚଳରେ ୩୫ଜଣ ଏବଂ ଅନ୍ୟ ଜିଲ୍ଲାରୁ ୭ଜଣ ଚିହ୍ନଟ ହୋଇଛନ୍ତି। ଆଜି ୭୭ଜଣ ସୁସ୍ଥ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ଘଟିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସିଏମସି ଅଞ୍ଚଳରେ ଚିହ୍ନଟ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ସରକାରୀ କ୍ୱାରେଣ୍ଟାଇନରୁ ୯ଜଣ, ହୋମ କ୍ୱାରେଣ୍ଟାଇନରୁ ୨୪ଜଣ ଏବଂ ସ୍ଥାନୀୟ ଅଞ୍ଚଳରୁ ୧୬ଜଣ ରହିଛନ୍ତି। ଏହି ଚିହ୍ନଟଙ୍କ ମଧ୍ୟରେ ଚାଉଳିଆଗଞ୍ଜରୁ ସର୍ବାଧିକ ୬ଜଣ, ଚାନ୍ଦିନଚୌକ ଓ କଲେଜ ଛକ ଅଞ୍ଚଳରୁ ୩ଜଣ ଲେଖାଏଁ, ମଙ୍ଗଳାବାଗ ଓ ରାଜେନ୍ଦ୍ର ନଗରରୁ ୨ଜଣ ଲେଖାଏଁ ପଜିଟିଭ ବାହାରିଛନ୍ତି। ଗ୍ରାମାଞ୍ଚଳରେ ଚିହ୍ନଟଙ୍କ ମଧ୍ୟରେ କଟକ ସଦରରେ ସର୍ବାଧିକ ୮ଜଣ, ନିଆଳି ୬ଜଣ, ନିଶ୍ଚିନ୍ତକୋଇଲି, ସାଲେପୁର ଅଞ୍ଚଳରୁ ୪ଜଣ ଲେଖାଏଁ, ଆଠଗଡ଼ ଏନଏସି ଓ ବାରଙ୍ଗ ଅଞ୍ଚଳରୁ ୩ଜଣ ଲେଖାଏଁ, ଟାଙ୍ଗୀ ଓ ଚୌଦ୍ୱାର ଅଞ୍ଚଳରୁ ୨ଜଣ ଲେଖାଏଁ ଚିହ୍ନଟ ହୋଇଛନ୍ତି।

ବର୍ତ୍ତମାନ ସୁଦ୍ଧା ସିଏମସିରେ ମୋଟ ୪୩ ହଜାର ୫୬୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇସାରିଛନ୍ତି। ସେମାନଙ୍କ ମଧ୍ୟରୁ ୪୨ ହଜାର ୬୯୯ଜଣ ସୁସ୍ଥ ଏବଂ ୮୦୫ଜଣ ରୋଗୀ ଚିକିତ୍ସାଧିନ ଅଛନ୍ତି। ଜିଲ୍ଲାରେ ଏବେ ସୁଦ୍ଧା ୯୨ ହଜାର ୬୦୫ ଜଣ ରୋଗୀ ଚିହ୍ନଟ ହୋଇସାରିଥିବା ବେଳେ ସେମାନଙ୍କ ମଧ୍ୟରେ ୫୨୬ ଜଣ ଚିକିତ୍ସିତ ହେଉଛନ୍ତି। ୯୧ ହଜାର ୧୪୫ ଜଣ ସୁସ୍ଥ ହୋଇଥିବା ବେଳେ ୮୩୦ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

# ବଡ଼ ଦୋକାନୀଙ୍କୁ ମାଫ୍ ; ପାନ ଓ ଜଳଖିଆ ଦୋକାନରେ ଚଢ଼ଉ

**ନିଶ୍ଚିନ୍ତକୋଇଲି,୨୨।୯(ସମିସ):** କଟକ ଜିଲ୍ଲା ଫୁଡ୍, ଡ୍ରଗ୍ସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ନିଶ୍ଚିନ୍ତକୋଇଲି ବଜାରର ବିଭିନ୍ନ ପାନ ଓ ଜଳଖିଆ ଦୋକାନରେ ଚଢ଼ଉ କରାଯାଇଛି। ସରକାରୀ ନୀତି ନିୟମ ଊର୍ଦ୍ଧ୍ୱରେ ରହି ଯେଉଁ ବ୍ୟବସାୟୀମାନେ ବେପାର କରୁଛନ୍ତି ସେମାନଙ୍କୁ ଦୋଷୀ କରାଯିବା ସହ ଦଣ୍ଡବିଧାନ କରାଯାଇ ଜରିମାନା ଆଦାୟ କରାଯାଇଛି। ଏହି ବଜାରରେ ବେଆଇନ୍ ଭାବେ ବିଭିନ୍ନ ଗୁଟ୍‌କା ବିକ୍ରି କରୁଥିବା ୧୫ଟି ପାନ ଦୋକାନ ଉପରେ ଚଢ଼ଉ କରି ୨୭୦୦ ଟଙ୍କା ଜରିମାନା ଆଦାୟ କରିଥିବା ବେଳେ ୨୫ଟି ଛୋଟ ହୋଟେଲ୍ ଓ ଜଳଖିଆ ଦୋକାନରେ ଚଢ଼ଉ କରି ବାସି ଖାଦ୍ୟ ବିକ୍ରି କରୁଥିବା ଏବଂ ମିଠା ସାମଗ୍ରୀ ପ୍ରସ୍ତୁତି ସମୟର ତାରିଖ ଲେଖାଯାଇ ନଥିବାରୁ ସେମାନଙ୍କ ଉପରେ ୫୦୦୦ ଟଙ୍କା ଆଦାୟ କରାଯାଇଥିଲା। ପ୍ରକୃତପକ୍ଷେ ଏହି ବଜାରରେ ବଡ ହୋଟେଲ ଓ ହୋଲସେଲ ଦୋକାନ ଉପରେ ଚଢଉ କରାଯାଇ ନଥିବାରୁ ବିଭାଗୀୟ ଅଧିକାରୀଙ୍କ ପଦକ୍ଷେପ ଚର୍ଚ୍ଚାର ବିଷୟ ରହିଛି। ଛୋଟ ଛୋଟ ଦୋକାନ କରି ଗରିବ ଲୋକମାନେ ସେମାନଙ୍କ ପରିବାର ଭରଣ ପୋଷଣ କରୁଥିବା ବେଳେ ଜରିମାନା ଆଦାୟ ତାଙ୍କୁ ବହୁ ବାଧିଛି ବୋଲି ପ୍ରକାଶ କରିଛନ୍ତି। ଅପରପକ୍ଷରେ ଯେଉଁ ବଡ ବଡ ବ୍ୟବସାୟୀମାନେ ବିଭିନ୍ନ ଜର୍ଦ୍ଦା, ଗୁଟ୍‌ଖା ଓ ନକଲି ସାମଗ୍ରୀ ବିକ୍ରି କରି ହଜାର ହଜାର ଟଙ୍କା ଲାଭ କରି କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାକୁ ନେଇ ଛୋଟ ବ୍ୟବସାୟୀଙ୍କ ମନରେ କ୍ଷୋଭ ପ୍ରକାଶ ପାଇଥିବା ଦେଖାଯାଇଛି। ଏହି ଚଢ଼ଉ କାର୍ଯ୍ୟକ୍ରମରେ ଫୁଡ୍ ଇନସ୍ପେକ୍ଟର ରାକେଶ ସାହୁ, ଡ୍ରଗ୍ ଇନସ୍ପେକ୍ଟର ସୁଶୀଲ ସାହୁ, ଜନମଙ୍ଗଳ ଅଧିକାରୀ ଦେବେନ୍ଦ୍ର ମହାନ୍ତି ସାମିଲ ଥିଲେ।




## ନନ୍ଦନକାନନରେ ବିଶ୍ୱ ଗଣ୍ଡା ଦିବସ

**ବାରଙ୍ଗ,୨୨।୯ (ସମିସ):** ପ୍ରତିବର୍ଷ ୨୨ସେପ୍ଟେମ୍ବରରେ ବିଶ୍ୱ ଗଣ୍ଡା ଦିବସ ପାଳନ କରାଯାଏ। ଲୋକଙ୍କୁ ଗଣ୍ଡା ସମ୍ପର୍କରେ ସଚେତନ କରିବା ଓ ଗଣ୍ଡାକୁ ବଞ୍ଚାଇ ରଖିବା ପାଇଁ ଦକ୍ଷିଣ ଆଫ୍ରିକା ବିଶ୍ୱ ଗଣ୍ଡା ଦିବସ ଘୋଷଣା କଲା। ଏଣୁ ଏହି ପ୍ରାଣୀଙ୍କ ସୁରକ୍ଷା ବାବଦରେ ଜନସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଏହି ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବୁଧବାର ପ୍ରାଣୀ ଉଦ୍ୟାନ ଚେତନାକେନ୍ଦ୍ର ସମ୍ମୁଖରେ ଗଣ୍ଡା ଦିବସ ପାଳନ ହୋଇଯାଇଛି। କୋଭିଡ କଟକଣାକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ପ୍ରାଣୀ ଉଦ୍ୟାନକୁ ବୁଲି ଆସିଥିବା ପର୍ଯ୍ୟଟକଙ୍କୁ ଏହି ଦିବସରେ ସାମିଲ କରିବା ସହ ସେମାନଙ୍କୁ ସଚେତନ କରିବା ଲାଗି ଗଣ୍ଡା ସମ୍ପର୍କିତ ପ୍ରଶ୍ନ ଉତ୍ତର ଜରିଆରେ ପ୍ରତିଯୋଗିତା କରାଯାଇଥିଲା। ଅନ୍ୟପଟରେ ଇଣ୍ଡିଆନ ଅଏଲ ନିଜସ୍ୱ ଲୋଗ ଉନ୍ମୋଚନ କରିଥିବାରୁ ନନ୍ଦନକାନନ ଓ ଇଣ୍ଡିଆନ ଅଏଲର ମିଳିତ ଉଦ୍ୟମରେ ଆୟୋଜିତ ଏହି ଉତ୍ସବରେ ଇଣ୍ଡିଆନ ଅଏଲର ସିଜିଏମ ଶୁଭଜିତ ଘୋଷ,ଏସିଏଫ ଅମୂଲ୍ୟ ପରିଡ଼ା, ରେଭ୍ୟୁନ୍ୟୁ ରେଞ୍ଜର ସ୍ୱାଗତିକା ସାହୁ, ଭେଟନାରୀ ଅଫିସର ସରଣ ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ରେଞ୍ଜ ଅଧିକାରୀ, କର୍ମଚାରୀ, ବନ୍ୟପ୍ରାଣୀପ୍ରେମୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଏହି ଉତ୍ସବକୁ ଶିକ୍ଷାଧିକାରୀ ମିଲନ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ହତ୍ୟା ଅଭିଯୁକ୍ତ ଗିରଫ

**ବାରଙ୍ଗ,୨୨।୯(ସମିସ):** ଗତ ଗଣେଶ ପୂଜା ଦିନ ବାରଙ୍ଗ ଥାନା ଅନ୍ତର୍ଗତ ବେଣ୍ଟୁଆ ଗ୍ରାମର ଯଦୁମଣି ମୁଣ୍ଡା ନିଜ ବନ୍ଧୁକ ଦ୍ୱାରା ଗୁଳି କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ବାରଙ୍ଗ ପୁଲିସ ଚଣ୍ଡଖୋଲ ଅଞ୍ଚଳରୁ ତାକୁ ଗିରଫ କରିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଅଧିକ ତଥ୍ୟ ଜାଣିବା ପାଇଁ ଗଣପ୍ରତିନିଧିମାନେ ଫୋନ କରିଥିଲେ ହେଁ ପୁଲିସ କୌଣସି ଉତ୍ତର ଦେଇ ନଥିଲା। ସୂଚନାଯୋଗ୍ୟ ଯେ ବାରଙ୍ଗ ଥାନା ମୁଣ୍ଡଳୀ ପଞ୍ଚାୟତ ବେଣ୍ଟୁଆ ଗ୍ରାମରେ ପରିବା ବ୍ୟବସାୟର ଟଙ୍କା ଭାଗବଣ୍ଟାକୁ ନେଇ ଶିବ ଓ ତାଙ୍କ ବାପା ଯଦୁମଣିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କାରଣ ଯଦୁମଣି ଟଙ୍କା ନେଇ ମଦ ପିଇ ଦେଉଥିଲା। ଏହାକୁ ଶିବ ବିରୋଧ କରୁଥିଲା। ଏପରିକି ବାପା-ପୁଅ ହାତାହାତି ହୋଇଥିଲେ।ଏଥିରେ ଉତ୍‌କ୍ଷିପ୍ତ ଯଦୁମଣି ପାଖରେ ରଖିଥିବା ବନ୍ଧୁକ ଆଣି ହଠାତ ଗୁଳି କରିଥିଲା। ଶିବର ଛାତିରେ ଗୁଳି ବାଜିବାରୁ ସେ ସେଠାରେ ଟଳି ପଡ଼ିଥିଲା। ଖବର ପାଇ ଗୋଡିସାହି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଅଭିଯୁକ୍ତ ବାପା ଯଦୁମଣି ମୁଣ୍ଡା ଫେରାର ହୋଇଯାଇଥିଲା।

## ଅବସରପ୍ରାପ୍ତ ଡିଜି ବାଉରିବନ୍ଧୁ ନନ୍ଦଙ୍କ ପରଲୋକ



**ବାଙ୍କୀ,୨୨।୯(ସମିସ):** ବାଙ୍କୀ ଡମପଡ଼ା ଗ୍ରାମରେ ଜନ୍ମିତ ଅବସରପ୍ରାପ୍ତ ଆଇପିଏସ ଅଧିକାରୀ ତଥା ସିଆରପିଏଫ ପ୍ରାକ୍ତନ ଡିଜି ବାଉରିବନ୍ଧୁ ନନ୍ଦଙ୍କ ଆଜି ୮୦ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜିଲ୍ଲା ଆରକ୍ଷୀ ଅଧିକାରୀ ଭାବେ ଦକ୍ଷତା ସହ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ବିଜେପି ବିଧାୟକ ପାର୍ଥୀ ଶୁଭ୍ରାଂଶୁ ମୋହନ ପାଢୀ, ବାଙ୍କୀ ଓକିଲ ସଂଘର ସଭାପତି ଗୌରୀଶଙ୍କର ନନ୍ଦ, ଉପସଭାପତି ସନ୍ତୋଷ କୁମାର ରଣା, ସମ୍ପାଦକ ବିଶ୍ୱରଞ୍ଜନ ପଣ୍ଡା, ବାଙ୍କୀ କଲେଜର ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ସୁନୀଲ କୁମାର ମିଶ୍ର, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗଦୀଶ ପଣ୍ଡା, ବି.କେ. ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଦେବାଶିଷ ହାଜେରା ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅବସରପ୍ରାପ୍ତ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ କାମଦେବ ମହାପାତ୍ର, ଧନେଶ୍ୱର ବଳିୟାରସିଂହ, ଆନ୍ତର୍ଜାତିକ କଳିଙ୍ଗ କୃତି ସଂସ୍ଥାନର ଉପସଭାପତି ଗୌତମ ମୀଶ୍ର, ପ୍ରେସକ୍ଲବର କର୍ମକର୍ତ୍ତା ଓ ସଭ୍ୟବୃନ୍ଦ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଲଗାଣବର୍ଷାରେ ୭ ଘର ସମ୍ପୂର୍ଣ୍ଣ ଓ ୩୮୦ ଘର ଆଂଶିକ କ୍ଷତିଗ୍ରସ୍ତ



**ନିଶ୍ଚିନ୍ତକୋଇଲି,୨୨।୯(ସମିସ):** ଗତ ଲଘୁଚାପଜନିତ ଲଗାଣବର୍ଷାରେ ନିଶ୍ଚିନ୍ତକୋଇଲି ତହସିଲ ଅଧିନରେ ଥିବା ୧୩ଟି ରାଜସ୍ୱ ନୀରିକ୍ଷକ ସର୍କଲରେ କ୍ଷୟକ୍ଷତିର ଆକଳନ କରାଯାଇଛି। ରାଜସ୍ୱ ନୀରିକ୍ଷକମାନେ ଗାଁ ଗାଁରେ ବୁଲି ବାସସ୍ଥାନ ଓ ଗୁହାଳ କେତେ ପରିମାଣରେ କ୍ଷୟକ୍ଷତି ହୋଇଛି ତାହାର ପ୍ରାଥମିକ ଆକଳନ କରିଛନ୍ତି। ପ୍ରାଥମିକ ଆକଳନରେ ୭ ଜଣଙ୍କ ବାସସ୍ଥାନ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ୩୮୦ ଜଣଙ୍କ ଆଂଶିକ ଭାଙ୍ଗିଥିବା ଓ ୧୫୧ଟି ଗୁହାଳ କ୍ଷତି ହୋଇଥିବା ରିପୋର୍ଟ ତହସିଲ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ତହସିଲ ପକ୍ଷରୁ ଏହି ପ୍ରାଥମିକ ଆକଳନର କ୍ଷୟକ୍ଷତିର ରିପୋର୍ଟ ଜିଲ୍ଲାପାଳଙ୍କ ନିକଟକୁ ପଠାଇ ଦିଆଯାଇଛି। ଖୁବ୍‌ଶୀଘ୍ର ଏହି ପ୍ରାଥମିକ ଆକଳନର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ ହେବା ପରେ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଲୋକଙ୍କୁ ରିଲିଫ୍ କୋଡ ଅନୁଯାୟୀ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି। ସମ୍ପୂର୍ଣ୍ଣ ଘର ଧରାଶାୟୀ ହୋଇଥିବା ଲୋକଙ୍କୁ ୯୫ ହଜାର ଟଙ୍କା, ଆଂଶିକ ଘର ଭାଙ୍ଗିଥିବା ଲୋକଙ୍କୁ ୩୨୦୦ ଟଙ୍କା ଏବଂ ଗୁହାଳ ଭାଙ୍ଗିଥିବା ଲୋକଙ୍କୁ ୨୧୦୦ ଟଙ୍କା ଲେଖାଏଁ ସିଧାସଳଖ ଭାବେ ବ୍ୟାଙ୍କ ଖାତାରେ ଜମା କରାଯାଇ ସହାୟତା ଦିଆଯିବ ବୋଲି ତହସିଲଦାର ଉମାକାନ୍ତ ବିଶ୍ୱାଳ ପ୍ରକାଶ କରିଛନ୍ତି।

## ସାହିତ୍ୟ ଆଲୋଚନା



**ନିଶ୍ଚିନ୍ତକୋଇଲି,୨୨।୯(ସମିସ):** ଶିଶୁ ସାହିତ୍ୟିକ ଶ୍ୟାମସୁନ୍ଦର ଲେଙ୍କାଙ୍କ ୭୦ତମ ଜନ୍ମୋତ୍ସବରେ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ସମନ୍ୱୟ ଓ ସାହିତ୍ୟସ୍ୱର ପତ୍ରିକା ପକ୍ଷରୁ ନିଶ୍ଚିନ୍ତକୋଇଲି ତାରେଣୀ ମନ୍ଦିର ପରିସରରେ ଏକ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଉପସଭାପତି ଉତ୍କଳଜ୍ୟୋତି ରଘୁନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଏଥିରେ ବିଶିଷ୍ଟ ତବଲାଗୁରୁ ଗୋପୀନାଥ ବେହେରା, ସାହିତ୍ୟିକ ଜୟୀରାମ ସାହୁ, କବି ସଚ୍ଚିଦାନନ୍ଦ ମିଶ୍ର. ପରିବେଶବିତ୍ ବଳରାମ ପାତ୍ର, ଶିକ୍ଷାବିତ୍ ବଂଶୀଧର ପଣ୍ଡା, ପ୍ରଭାକର ସ୍ୱାଇଁ, ଶରତଚନ୍ଦ୍ର ରାଉତ, ଅଜୟ ସ୍ୱାଇଁ, ନିରଞ୍ଜନ ବସ୍ତିଆ, ଦେବପ୍ରସାଦ କର, ଅଭୟ ଜେନା, ଭବାନୀ ପ୍ରସାଦ ପଣ୍ଡା, ଲକ୍ଷ୍ମଣ ଲେଙ୍କା, ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ, ଅଶୋକ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁ ସାହିତ୍ୟିକ ଶ୍ରୀ ଲେଙ୍କାଙ୍କୁ ମାନପତ୍ର, ଉପଢୌକନ୍ୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଯୁବ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ




**କଟକ,୨୨।୯(ସମିସ):** କଟକ ନଗର ବିଜୁ ଯୁବ ଜନତା ଦଳ ପକ୍ଷରୁ ସିଏମସି ୨୭ ନଂ ୱାର୍ଡ ଅନ୍ତର୍ଗତ ଝୋଲାସାହିଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବ ବିଜେଡି ସଭାପତି ମନୋଜିତ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ଭାବେ ଝୋଲାସାହି ଗ୍ରାମର ଅଧିକାରୀ ସରୋଜ ସ୍ୱାଇଁ, ସମ୍ପାଦକ ଲକ୍ଷ୍ମୀଧର ମହାରଣା, ଆଇନଜୀବୀ କ୍ଷେତ୍ରମୋହନ ଧଳ ପ୍ରମୁଖ ଯୋଗଦେଇଥିଲେ। ସଭାରେ ୱାର୍ଡର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଆଗାମୀ ପୌର ନିର୍ବାଚନରେ ସଙ୍ଗଠନକୁ ମଜବୁତ କରିବା ଦିଗରେ ଆଲୋଚନା ହୋଇଥିଲା। ସୋମନାଥ ମହାରଣା, ସୁବ୍ରତ ଦାସ, ମଦନ ମୋହନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ୨୭ ନଂ ୱାର୍ଡର ଯୁବ ସଭାପତି ଜଗନ୍ନାଥ ମହାରଣା ଧନ୍ୟବାଦ ଦେଇଥିଲେ।

## ୭ନଂ ୱାର୍ଡରେ ଖୋଲିଲା ଟିକାକରଣ କେନ୍ଦ୍ର



**ଚୌଦ୍ୱାର, ୨୨।୯(ସମିସ):** ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୭ନଂ ୱାର୍ଡରେ ଏକ କରୋନା ଟିକାକରଣ କେନ୍ଦ୍ର ଖୋଲାଯାଇଛି। ଓଟିଏମ୍ କଲୋନୀସ୍ଥିତ ବାପୁଜୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନୂତନ ଭାବେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରକୁ ୱାର୍ଡ଼ର ପ୍ରାକ୍ତନ କାଉନସିଲର ଦିଲ୍ଲୀପ କୁମାର ସାହୁ ଉଦଘାଟନ କରିଥିଲେ। ପ୍ରଥମ ଦିନରେ ୱାର୍ଡ଼ବାସୀଙ୍କୁ ୨୦୦ ପ୍ରଥମ କରୋନା ଟିକା ପ୍ରଦାନ କରାଯାଇଥିବା ବେଳେ ୧୦୦ ଦ୍ୱିତୀୟ ଟିକା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାକ୍ତନ କାଉନସିଲର ମନୋଜ ମହାନ୍ତି, ପୂର୍ବତନ ଉପନଗରପାଳ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ସୁବ୍ରତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଚୌଦ୍ୱାର ପୌରପାଳିକାର ଅଧିବାସୀଙ୍କ ପାଇଁ ପୂର୍ବରୁ କପାଳେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୦ନଂ ୱାର୍ଡ଼ସ୍ଥିତ ଯଯାତୀକେଶରୀ କ୍ଲବରେ ଟୀକାକରଣ କାର୍ଯ୍ୟକ୍ରମ ଚାଲୁଛି।

## ଜିଲ୍ଲାସ୍ତରୀୟ ପ୍ରତିଯୋଗିତା




**ବାଙ୍କୀ, ୨୨।୯(ସମିସ):** କଟକ ଜିଲ୍ଲା ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସାଧାରଣଜ୍ଞାନ, ପ୍ରବନ୍ଧ ଲିଖନ, ଦେଶାତ୍ମକବୋଧ, ସଙ୍ଗିତ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସତ୍ୟଜିତ ଦାସ, ଅଧ୍ୟାପିକା ଜୟନ୍ତିବାଳା ପରିଜା ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଅଧ୍ୟାପିକା ନଳୀନି ବେହେରା, ଡ. ଯୋଗମାୟା ପଣ୍ଡା, ଡଃ. ଭାଗବତ ବେହେରା, ଡଃ. ସସ୍ମିତା ବେହେରା, ଶିବାନୀ ଦାସ, ଡଃ. ସନ୍ଧ୍ୟାଶ୍ରୀ ଜୟନ୍ତୀ ମହାନ୍ତି, ଡଃ. ମେନକା ରାଣୀ ସାହୁ ପ୍ରମୁଖ ପ୍ରତିଯୋଗୀଙ୍କୁ ପୁରସ୍କାର ପାଇଁ ମନୋନୀତ କରିଥିଲେ। ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ଅଧ୍ୟାପକ ସତ୍ୟଜିତ ଦାସ ପ୍ରକାଶ କରିଛନ୍ତି।

## ଯୁବ ନେତାଙ୍କ ମାନବିକତା




**ବାଙ୍କୀ, ୨୨।୯(ସମିସ):** ଗତକାଲି ବିଳମ୍ବିତ ରାତିରେ ଜଣେ ବୃଦ୍ଧା ଯାତମୁଣ୍ଡିଆରୁ କଟକ ରୋଡରେ ଅସହାୟ ଅବସ୍ଥାରେ ବସି ରହିଥିଲେ। ଡମପଡ଼ା ବ୍ଲକ ଯୁବନେତା ଅସିତ ଜେନା ଏହି ଖବର ପାଇବା ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚିଥିଲେ। ସମ୍ପୃକ୍ତା ବୃଦ୍ଧାଙ୍କୁ ଖାଦ୍ୟ ପାନୀୟ ଦେବା ସହ ତାଙ୍କ ଘର ଠିକଣା କେଉଁଠାରେ ପଚାରିଥିଲେ। ତାଙ୍କ ଘର କଟକ କାଠଗଡ଼ା ସାହି ବୋଲି ଜାଣିବାକୁ ପାଇଥିଲେ। ବୃଦ୍ଧାଙ୍କ ମାନସିକ ଅବସ୍ଥା ସ୍ଥିର ନଥିବାରୁ ଭୁଲବଶତଃ ବାଙ୍କୀ ଚାଲିଆସିଥିଲେ। ଶ୍ରୀଯୁକ୍ତ ଜେନା ତାଙ୍କୁ ନିଜ ଗାଡ଼ିରେ ନେଇ ତାଙ୍କ କଟକ ସ୍ଥିତ କାଠଗଡ଼ା ସାହିରେ ତାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପରିବାର ଲୋକ ଶ୍ରୀ ଜେନାଙ୍କୁ ଧନ୍ୟବାଦ ଜଣାଇଥିଲେ।

ଅନ୍ତର୍ଜାତୀୟ କ୍ରିକେଟ୍

# ବିରାଟଙ୍କଠାରୁ ଅଧିକ ବେତନ ପାଉଥିବା କ୍ରିକେଟର୍

ଯେତେବେଳେ ଆମେ ବିଶ୍ୱରେ ସର୍ବାଧିକ ରୋଜଗାର କରୁଥିବା କ୍ରିକେଟର୍ କିମ୍ବା ଅନ୍ୟ ଆଥ୍ଲେଟ୍‌ଙ୍କ ବିଷୟରେ ଆଲୋଚନା କରୁ ସେତେବେଳେ ଏହି ତାଲିକାରେ ବିରାଟ କୋହଲି ନିଶ୍ଚୟ ରହିଥାନ୍ତି। ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରହିଥିବା କୋହଲି ଦେଶର ଏକମାତ୍ର କ୍ରୀଡ଼ାବିତ୍ ଭାବେ ଫୋର୍ବସ୍ ପକ୍ଷରୁ ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ-୧୦୦ ଧନୀ କ୍ରୀଡ଼ାବିତ୍ (୨୦୨୦) ତାଲିକାରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ସେ ୬୬ତମ ସ୍ଥାନରେ ରହିଛନ୍ତି। ସେହିଭଳି ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ବାର୍ଷିକ ଚୁକ୍ତି ତାଲିକାରେ ମଧ୍ୟ ତାଙ୍କୁ ଏ+ ଗ୍ରେଡ୍ ମିଳିଛି। ଅର୍ଥାତ୍ ବିସିସିଆଇ ନିକଟରୁ ସେ ବାର୍ଷିକ ୭ କୋଟି ଟଙ୍କା ବେତନ ପାଇଥାନ୍ତି।

ସେହିଭଳି ବିଶ୍ୱର ସବୁଠାରୁ ବ୍ୟୟବହୁଳ କ୍ରିକେଟ୍ ଲିଗ୍ ଆଇପିଏଲ୍‌ରେ ମଧ୍ୟ କୋହଲି ସର୍ବାଧିକ ବେତନ ପାଉଥିବା କ୍ରିକେଟର୍। ୨୦୧୮ରୁ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ତାଙ୍କୁ ବାର୍ଷିକ ୧୭ କୋଟି ଟଙ୍କା ପ୍ରଦାନ କରୁଛି। ଏତଦ୍ ବ୍ୟତୀତ ଅପାର ଲୋକପ୍ରିୟତା ତଥା ଯୁବଗୋଷ୍ଠୀଙ୍କ ପ୍ରିୟ କ୍ରିକେଟର୍ ହୋଇଥିବାରୁ ବିରାଟ ମଧ୍ୟ ଅନେକ ବ୍ରାଣ୍ଡ ସହ ଡିଲ୍ କରିଛନ୍ତି। ତେବେ ଅନେକ ହୁଏତ ଜାଣି ନ ଥିବେ ବିଶ୍ୱରେ ଏମିତି ୫ଜଣ କ୍ରିକେଟର୍ ରହିଛନ୍ତି ଯେଉଁମାନେ ବିରାଟଙ୍କଠାରୁ ଅଧିକ ବେତନ ସେମାନଙ୍କ ବୋର୍ଡ ନିକଟରୁ ପାଇଥାନ୍ତି। ଆଇପିଏଲ୍ ଓ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ କାରଣରୁ ଭାରତୀୟ ଦଳର ଅଧିନାୟକ ଅଧିକ ରୋଜଗାର କରିପାରନ୍ତି, କିନ୍ତୁ ଏମିତି କିଛି କ୍ରିକେଟର୍ କେବଳ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି କୋହଲିଙ୍କଠାରୁ ଅଧିକ ବେତନ ପାଉଛନ୍ତି। ସେହି ୫ ଜଣ କ୍ରିକେଟର୍‌ଙ୍କ ଉପରେ ସଂକ୍ଷେପରେ।



### ଜୋସ୍ ବଟଲର୍ (ଇଂଲଣ୍ଡ):

ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚରଙ୍କ ପରି ଜୋସ୍ ବଟଲର୍ ମଧ୍ୟ ୩ଟି ଯାକ ଫର୍ମାଟ୍‌ରେ ଇଂଲଣ୍ଡ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ଗତ ୨ ବର୍ଷ ହେବ ସେ ଟେଷ୍ଟ ଦଳକୁ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରିପୋର୍ଟ ମୁତାବକ ବଟଲର୍ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ନିକଟରୁ ବାର୍ଷିକ ବେତନ ଆକାରରେ ୧୯ କୋଟି ଟଙ୍କା ପାଉଛନ୍ତି। ଆଇପିଏଲ୍ ଖେଳି ମଧ୍ୟ ସେ ବିପୁଳ ପରିମାଣର ରୋଜଗାର କରିଥାନ୍ତି।



### ବେନ୍ ଷ୍ଟୋକ୍ସ (ଇଂଲଣ୍ଡ):

ତୃତୀୟ ଇଂଲଣ୍ଡର କ୍ରିକେଟର୍ ଭାବେ ଷ୍ଟାର୍ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ଆର୍ଚରଙ୍କ ପରି ଷ୍ଟୋକ୍ସ ମଧ୍ୟ ଜାତୀୟ ଦଳ ପକ୍ଷରୁ ସମସ୍ତ ଫର୍ମାଟ୍‌ରେ ପ୍ରତିନିଧିତ୍ୱ କରନ୍ତି। ଯେଉଁଥି ପାଇଁ ସେ ଇଂଲଣ୍ଡ ବୋଲର୍ଡ ନିକଟରୁ ବିପୁଳ ରୋଜଗାର କରିଥାନ୍ତି। ୨୦୧୩ରୁ ଇଂଲଣ୍ଡ ଦଳର ନିୟମିତ ସଦସ୍ୟ ପାଲଟିଥିବା ୩୦ ବର୍ଷୀୟ ଷ୍ଟୋକ୍ସ ଭାରତୀୟ ମୁଦ୍ରାରେ ବାର୍ଷିକ ପ୍ରାୟ ୮.୭୫ କୋଟି ଟଙ୍କା ବେତନ ଆକାରରେ ଇସିବି ନିକଟରୁ ପାଉଛନ୍ତି। କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଷ୍ଟୋକ୍ସ ଗତ ୩ ବର୍ଷ ମଧ୍ୟରେ ବେତନରେ ୪୦ ପ୍ରତିଶତ ବୃଦ୍ଧି କରିପାରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଇସିବି ବେତନ ପ୍ରଣାଳୀରେ ପରିବର୍ତ୍ତନ କରିବାକୁ ଥିବାରୁ ଷ୍ଟୋକ୍ସଙ୍କ ବାର୍ଷିକ ବେତନ ବୃଦ୍ଧି ପାଇପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି।

### ଷ୍ଟିଭ ସ୍ମିଥ୍ (ଅଷ୍ଟ୍ରେଲିଆ)

ଅଷ୍ଟ୍ରେଲିଆର ପ୍ରାକ୍ତନ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଏହି ତାଲିକାର ୪ର୍ଥ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପରି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ମଧ୍ୟ ଟେଷ୍ଟ କ୍ରିକେଟ୍‌କୁ ବେଶ୍ ଗୁରୁତ୍ୱ ପ୍ରଦାନ କରିଥାଏ। ସ୍ମିଥ୍ ଅଷ୍ଟ୍ରେଲିଆର ଶୀର୍ଷ ମାନ୍ୟତାପ୍ରାପ୍ତ ଟେଷ୍ଟ ବ୍ୟାଟ୍ସମ୍ୟାନ। ସେହିଭଳି ବର୍ତ୍ତମାନ ଖେଳୁଥିବା ଖେଳାଳିଙ୍କ ମଧ୍ୟରେ ସର୍ବାଧିକ ରନ୍ ସଂଗ୍ରହକାରୀ ଖେଳାଳି। ରିପୋର୍ଟ ମୁତାବକ, ସିଏ ବାର୍ଷିକ ୪ ମିଲିଅନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୨୯ କୋଟି ୫୪ ଲକ୍ଷ ଟଙ୍କା) ସ୍ମିଥ୍‌ଙ୍କୁ ପ୍ରଦାନ କରିଥାଏ। ସ୍ମିଥ୍ ୩ଟି ଯାକ ଫର୍ମାଟ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ବେତନ ବ୍ୟତୀତ ସ୍ମିଥ୍ ମଧ୍ୟ କୋହଲିଙ୍କ ପରି ବିଭିନ୍ନ ବିଜ୍ଞାପନରୁ ଆଖିଦୃଷ୍ଟିଆ ରୋଜଗାର କରିଥାନ୍ତି। ୨୦୧୮ରେ ବଲ୍ ଟ୍ୟାପରିଂ ଘଟଣାରେ ବିବାଦୀୟ ହେବାପରେ ସ୍ମିଥ ତାଙ୍କ ପ୍ରଦର୍ଶନରେ ଆହୁରି ଉନ୍ନତ କରିପାରିଛନ୍ତି।



### ଜୋଫ୍ରା ଆର୍ଚର (ଇଂଲଣ୍ଡ):

ଇଂଲଣ୍ଡ ଦଳର ତାରକର ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଏହି ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ୨୦୧୯-୨୦ ସିଜନ ଆର୍ଚରଙ୍କ ପାଇଁ ବେଶ୍ ସଫଳମୟ ରହିଥିଲା। ଯେଉଁଥି ପାଇଁ ସେ ଇଂଲଣ୍ଡର ୩ଟି ଯାକ ଫର୍ମାଟ୍‌ରେ ଜଣେ ନିୟମିତ ସଦସ୍ୟ ହୋଇପାରିଥିଲେ। ସଂକ୍ଷିପ୍ତ କ୍ୟାରିୟର ମଧ୍ୟରେ ଆର୍ଚର ଅଧିନାୟକଙ୍କ ବେଶ୍ ଭରସାଯୋଗ୍ୟ ହୋଇପାରିଛନ୍ତି। ଯେଉଁଥି ପାଇଁ ୨୦୧୯ ଆଇସିସି ଏକଦିବସୀୟ ବିଶ୍ୱକପ୍ ଫାଇନାଲ ସୁପର୍ ଓଭରରେ ମଧ୍ୟ ଅଧିନାୟକ ତାଙ୍କୁ ବୋଲିଂ ଭାର ପ୍ରଦାନ କରିଥିଲେ ଏବଂ ସେ ୧୫ ରନକୁ ରୋକିପାରିଥିଲେ। ଗତ ଆସେସ୍ ସିରିଜରେ ପ୍ରଭାବୀ ବୋଲିଂ କରିବା ପରେ ଆର୍ଚରଙ୍କ ବାର୍ଷିକ ବେତନ ରୁଟ୍‌ଙ୍କ ସହିତ ସମାନ କରିଦିଆଯାଇଥିଲା। କିନ୍ତୁ ସେ ୩ଟି ଯାକ ଫର୍ମାଟ୍ ଖେଳୁଥିବାରୁ ବାର୍ଷିକ ସେ ଇସିବି ନିକଟରୁ ୯.୩୯ କୋଟି ଟଙ୍କା ବେତନ ପାଉଥିବା ରିପୋର୍ଟରୁ ଜଣାପଡ଼ିଛି। ରୁଟ୍ ଟେଷ୍ଟ ଓ ଏକଦିବସୀୟ କ୍ରିକେଟ୍ ଖେଳୁଥିବାବେଳେ ୱେଷ୍ଟଇଣ୍ଡିଜ ଜନ୍ମିତ ଆର୍ଚର ୩ଟି ଯାକ ଫର୍ମାଟ୍‌ରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥାନ୍ତି।

### ଜୋ ରୁଟ୍ (ଇଂଲଣ୍ଡ):

ଇଂଲଣ୍ଡ ଟେଷ୍ଟ କ୍ରିକେଟ୍ ଦଳର ଅଧିନାୟକ ଜୋ ରୁଟ୍ ଏହି ତାଲିକାରେ ଶୀର୍ଷରେ ରହିଛନ୍ତି। ତାଲିକାର ସର୍ବାଗ୍ରେ ରୁଟ୍‌ଙ୍କ ନାମକୁ ଦେଖି ଅନେକ ହୁଏତ ଚକିତ ହୋଇପାରନ୍ତି। କିନ୍ତୁ ଯେଉଁମାନେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)ର ଘରୋଇ ଖେଳାଳି ଚୁକ୍ତି ପ୍ରଣାଳୀ ଅନୁସରଣ କରନ୍ତି ତେବେ ବେତନ ପ୍ରସଙ୍ଗରେ ସେମାନେ ବିଭିନ୍ନ ଚୁକ୍ତିନାମା ବ୍ୟବସ୍ଥା ରଖିଛନ୍ତି। ଟେଷ୍ଟ କ୍ରିକେଟ୍‌କୁ ଗୁରୁତ୍ୱ ଦେଉଥିବା ଇସିବି ଅଧିନାୟକ ରୁଟ୍‌ଙ୍କୁ ବାର୍ଷିକ ବେତନ ଆକାରରେ ପାଖାପାଖି ୭.୨୨ କୋଟି ଟଙ୍କା ପ୍ରଦାନ କରିଥାଏ। ଯାହାକି ବିରାଟ କୋହଲି (୭ କୋଟି)ଙ୍କ ବାର୍ଷିକ ପାଉଣାଠାରୁ ଅଧିକ। ଏହି ବେତନ ରୁଟ୍‌ଙ୍କୁ ବିଶ୍ୱର ସର୍ବାଧିକ ବେତନ ପାଉଥିବା ଟେଷ୍ଟ ଅଧିନାୟକ ମାନ୍ୟତା ପ୍ରଦାନ କରିଛି। କୋହଲି ବିଜ୍ଞାପନ ଆଦିରୁ ଅଧିକ ରୋଜଗାର କରୁଥିଲେ ମଧ୍ୟ ବେତନ ଦୃଷ୍ଟିରୁ ରୁଟ୍ ତାଙ୍କୁ ପଛରେ ପକାଇ ଦେଇଛନ୍ତି।





## ଜାତୀୟ ସଫ୍ଟ ଟେନିସରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୨।୯ (ସମିସ): ଚଳିତ ମାସ ୨୬ରୁ ମଧ୍ୟପ୍ରଦେଶର ଦେୱାସଠାରେ ଜାତୀୟ ସିନିଅର ସଫ୍ଟ ଟେନିସ ପ୍ରତିଯୋଗିତା ଆରମ୍ଭ ହେବ। ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ଦଳ ବୁଧବାର ମଧ୍ୟପ୍ରଦେଶ ଅଭିମୁଖେ ଗସ୍ତ କରିଛି। ଗତ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଆୟୋଜିତ ରାଜ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଓଡ଼ିଶା ଦଳ ଗଠନ କରାଯାଇଛି ବୋଲି ଓଡ଼ିଶା ସଫ୍ଟ ଟେନିସ ସଂଘର ସମ୍ପାଦକ ମହମ୍ମଦ ଆଜାମ ସୂଚନା ଦେଇଛନ୍ତି। ରାଜ୍ୟ ସଂଘର ନିର୍ଦ୍ଦେଶକ ଶଶାଙ୍କ ଚୂଡ଼ାମଣି, ଅଧକ୍ଷ ରଞ୍ଜନ କୁମାର ନନ୍ଦ, ସଭାପତି ବିକାଶଚନ୍ଦ୍ର ପଟ୍ଟନାୟକ, ମୋନାଲିସା ରାଜଗୁରୁ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିଭଳି କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ, ମୁଖ୍ୟ ଉପଦେଷ୍ଟା ମନୋରଞ୍ଜନ ମହାନ୍ତି, କୃଷ୍ଣଚରଣ ପଣ୍ଡା, ନୀମାଧବ ଦେଓ, ଶକ୍ତିରଞ୍ଜନ ମହାନ୍ତି, ବିଶ୍ୱଜିତ୍ ସ୍ୱାଇଁ, ଅଜୟ ନିସାନ ପ୍ରମୁଖ ମଧ୍ୟ ଓଡ଼ିଶା ଦଳର ସଫଳତା କାମନା କରିଛନ୍ତି।




**ଓଡ଼ିଶା ଦଳ:**

**ପୁରୁଷ:** ମାନସ ରଞ୍ଜନ ସିଂହ (ଅଧିନାୟକ), ମହମ୍ମଦ ଅନମ (ଉପ-ଅଧିନାୟକ), ଅଜିତ୍ ସବାର, ରଜତ କୁମାର ରଇତା, ବିକାଶ କୁମାର ମହାପାତ୍ର, ଦାସରଥୀ ମୁଦୁଲି, ମହମ୍ମଦ ଆଜାମ (ପ୍ରଶିକ୍ଷକ) ଓ ଭଗବାନ ସେଠୀ (ମ୍ୟାନେଜର)।

**ମହିଳା:** ଅନୁସୟା ବାରିକ (ଅଧିନାୟିକା), ପୁପରନ୍ ଓରାମ (ଉପ-ଅଧିନାୟିକା), ମନୀଷା ଓରାମ, ହେମନ୍ତି ବିଲୁଙ୍ଗ।

## ଡୁରାଣ୍ଡ କପ୍: ଆଜିଠୁ କ୍ୱାର୍ଟର ଫାଇନାଲ

କୋଲକାତା, ୨୨।୯ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ପ୍ରତିଯୋଗିତା ଡୁରାଣ୍ଡ କପ୍‌ର ୧୩୦ତମ ସଂସ୍କରଣର କ୍ୱାର୍ଟରଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ମହମ୍ମଦାନ ଓ ଗୋକୁଲମ୍ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଗୁରୁବାର ଖେଳାଯିବ। ସେହିଭଳି ଶୁକ୍ରବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଆର୍ମି ରେଡ୍ ଓ ବେଙ୍ଗାଲୁରୁ ୟୁନାଇଟେଡ୍ ମଧ୍ୟରେ ୨ୟ ଏବଂ ଗୋଆ ଓ ଦିଲ୍ଲୀ ଏଫ୍‌ସି ମଧ୍ୟରେ ୩ୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଶନିବାର ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଆର୍ମି ଗ୍ରୀନ୍ ଓ ବେଙ୍ଗାଲୁରୁ ଏଫ୍‌ସି ପରସ୍ପରକୁ ଭେଟିବେ। ବୁଧବାର ଖେଳାଯାଇଥିବା ଶେଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ଦିଲ୍ଲୀ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ବିଜୟୀ ହୋଇଥିଲେ।

ୱିଲିସ୍ ପ୍ଲାଜାଙ୍କ ଗୋଲ୍ ବଳରେ ଦିଲ୍ଲୀ ଏଫ୍‌ସି ଦଳ ପ୍ରଥମଥର ଲାଗି ସମ୍ମାନଜନକ ଡୁରାଣ୍ଡ କପ୍ ଫୁଟ୍‌ବଲ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କଲ୍ୟାଣୀ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଦିଲ୍ଲୀ ଏଫ୍‌ସି ୧-୦ ଗୋଲରେ କେରଳା ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସି ୫-୩ ଗୋଲରେ ଇଣ୍ଡିଆନ୍ ନେଭିକୁ ହରାଇ ଅନ୍ତିମ-୮ରେ ସ୍ଥାନ ପକ୍କା କରିଛି। ବେଙ୍ଗାଲୁରୁ ପକ୍ଷରୁ ମଧ୍ୟ ହର୍ମନପ୍ରୀତ୍ ୨ଟି ଗୋଲ୍ ଦେଇଥିଲେ।

## ରାଜସ୍ଥାନ-ଛତିଶଗଡ଼, ମଧ୍ୟପ୍ରଦେଶ-ତେଲଙ୍ଗାନା ଫାଇନାଲ

ଜାତୀୟ ସଫ୍ଟବଲ

**କଟକ,୨୨।୯ (ସମିସ)** ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ୩୩ତମ ସବ୍‌ଜୁନିୟର ଜାତୀୟ ସଫ୍ଟବଲ ଚାମ୍ପିଅନସିପ ୩ୟ ଦିନର ଖେଳ ଶେଷ ହୋଇଛି। ବୁଧବାର ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ବାଳକ ବିଭାଗରେ ରାଜସ୍ଥାନ ଓ ଛତିଶଗଡ଼, ବାଳିକା ବିଭାଗରେ ମଧ୍ୟପ୍ରଦେଶ ଓ ତେଲଙ୍ଗାନା ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଫାଇନାଲ ମୁକାବିଲା ହେବା ସହିତ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ।

ବାଳକ ବିଭାଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ରାଜସ୍ଥାନ ୮-୦ ପଏଣ୍ଟରେ ପଞ୍ଜାବକୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଛତିଶଗଡ଼ ୫-୦ ପଏଣ୍ଟରେ ଉତ୍ତରାଖଣ୍ଡକୁ ହରାଇଥିଲା। ସେହିଭଳି ବାଳିକା ବର୍ଗର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୫-୨ ପଏଣ୍ଟରେ ଆନ୍ଧ୍ରପ୍ରଦେଶକୁ ଓ ତେଲଙ୍ଗାନା ୫-୦ ପଏଣ୍ଟରେ ରାଜସ୍ଥାନକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ପୂର୍ବରୁ ଖେଳାଯାଇଥିବା ବାଳକ ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚଗୁଡ଼ିକରେ ରାଜସ୍ଥାନ ୭-୦ ପଏଣ୍ଟରେ ତେଲଙ୍ଗାନାକୁ, ପଞ୍ଜାବ ୧-୦ ପଏଣ୍ଟରେ ମଧ୍ୟପ୍ରଦେଶକୁ, ଛତିଶଗଡ଼ ୮-୧ ପଏଣ୍ଟରେ ମହାରାଷ୍ଟ୍ରକୁ, ଉତ୍ତରାଖଣ୍ଡ ୩-୧ ପଏଣ୍ଟରେ କେରଳକୁ ପରାସ୍ତ କରିଥିଲା। ବାଳିକା ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ୪-୨ ପଏଣ୍ଟରେ ଉତ୍ତରାଖଣ୍ଡକୁ, ଆନ୍ଧ୍ରପ୍ରଦେଶ ୫-୪ରେ ଛତିଶଗଡ଼କୁ, ତେଲଙ୍ଗାନା ୧-୦ରେ ଦିଲ୍ଲୀକୁ ଓ ରାଜସ୍ଥାନ ୯-୧ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇଥିଲା।



# କୋକନଟ୍ ଗ୍ରେଭି ପନିର୍



ମୋ ହାଣ୍ଡିଶାଳରୁ...

## ଆବଶ୍ୟକ ସାମଗ୍ରୀ


ପନିର୍: ୫୦୦ ଗ୍ରାମ୍, ନଡ଼ିଆ ରସ: ଏକ କପ୍, ପିଆଜ: ୨ଟା, ଟମାଟୋ ପ୍ୟୁରି: ଅଧା କପ୍, ଗରମ ମସଲା: ଏକ ଚାମଚ, ଜିରା: ଅଧା ଚାମଚ, ଲଙ୍କା ଗୁଣ୍ଡ: ଏକ ଚାମଚ, ହଳଦୀ ଗୁଣ୍ଡ: ଏକ ଚାମଚ, ଅଦା ଓ ରସୁଣ ପେଷ୍ଟ: ୨ ଚାମଚ, ଧନିଆ ଗୁଣ୍ଡ: ଏକ ଚାମଚ, ଲୁଣ: ସ୍ୱାଦ ଅନୁସାରେ, ଧନିଆ ପତ୍ର: ସଜାଇବା ପାଇଁ, ତେଲ: ଆବଶ୍ୟକତା ଅନୁସାରେ।

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚୁଲା ଲଗେଇ କଡ଼େଇ ବସାନ୍ତୁ। କଡ଼େଇ ଗରମ ହେବା ପରେ ଅଳ୍ପ ତେଲ ଦିଅନ୍ତୁ। ଏହାପରେ ଜିରା ଓ ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ୍ ହୋଇଯିବା ପରେ ଅଦା ରସୁଣ ପେଷ୍ଟ ପକାନ୍ତୁ। ଏହାକୁ କିଛି ସମୟ କଷିବା ପରେ ଟମାଟୋ ପ୍ୟୁରି ପକାନ୍ତୁ। ସେଥିରେ ଲୁଣ, ଗରମ ମସଲା, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ ପକାଇ ଭଲ ଭବେ କଷନ୍ତୁ। ମସଲା କଷି ହୋଇଯିବା ପରେ ନଡ଼ିଆ ରସ ଓ ଅଳ୍ପ ପାଣି ଦେଇ ଢ଼ାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ସେଥିରେ ପନିର୍ ଓ ଗରମ ମସଲା ପକାଇ ଦୁଇ ତିନି ମିନିଟ୍ ଫୁଟାନ୍ତୁ। ଏକ ପାତ୍ରକୁ କାଢ଼ି ଧନିଆ ପତ୍ରରେ ସଜାନ୍ତୁ କୋକନଟ୍ ଗ୍ରେଭି ପନିର୍। ଏହାକୁ ଭାତ କିମ୍ବା ରୁଟି ସହ ଗରମ ଗରମ ପରଷନ୍ତୁ।

# କେଶ ସଫାର ନୂଆ ଟ୍ରେଣ୍ଡ

## ରିଭର୍ସ ହେୟାର୍ ୱାସ୍



**କେଶ ସଫା କରିବାର ନୂଆ ଏକ ଟ୍ରେଣ୍ଡ ହେଉଛି 'ରିଭର୍ସ ହେୟାର୍ ୱାସ୍'। ଯାହା ସାଧାରଣ କେଶ ଧୋଇବା ପ୍ରକ୍ରିୟାଠାରୁ ସମ୍ପୂର୍ଣ୍ଣ ଭିନ୍ନ।**

### କ'ଣ ଏହା

ସାଧାରଣତଃ କେଶ ସଫା ସମୟରେ ପ୍ରଥମେ ସାମ୍ପୁ ଓ ପରେ କଣ୍ଡିସନର ବ୍ୟବହାର କରାଯାଏ। କିନ୍ତୁ ଏହାର ପ୍ରକ୍ରିୟା ଓଲଟା। ଅର୍ଥାତ୍ ଏଥିରେ ପ୍ରଥମେ କଣ୍ଡିସନର ଓ ପରେ ସାମ୍ପୁ କରାଯାଉଥିବାରୁ ଏହାକୁ କୁହାଯାଉଛି 'ରିଭର୍ସ ହେୟାର୍ ୱାସ୍'।

### କିଭଳି କରିବେ

- ପ୍ରଥମେ କେଶ ଓଦା କରି କଣ୍ଡିସନର ବ୍ୟବହାର କରନ୍ତୁ।
- କଣ୍ଡିସନର ଲଗାଇବାର ୧୦ ମିନିଟ୍ ପରେ କେଶ ଧୋଇ ଦିଅନ୍ତୁ।
- ଏହା ପରେ ସାମ୍ପୁ ଲଗାଇ କେଶ ଧୁଅନ୍ତୁ। ଅବଶ୍ୟ ଏଥିରେ ସାମ୍ପୁ ଥରେ ବ୍ୟବହାର କରାଯାଏ।
- ପରେ କେଶରେ ସିରମ୍ ବ୍ୟବହାର କରନ୍ତୁ।

### ଉପକାରିତା

ଏହା ଦ୍ୱାରା କେଶ ମୂଳରୁ ମଇଳା ଭଲ ଭାବେ ସଫା ହୋଇଥାଏ। କେଶ ଭଲ ବଢ଼େ ଓ ସୁସ୍ଥ ରହେ। ଏହା ସହ କେଶରେ ଚମକ ଆସିଥାଏ। ତୈଳାକ୍ତ, ପତଳା ତଥା ଶୁଷ୍କ କେଶ ଲାଗି ଉପଯୋଗୀ ରିଭର୍ସ ହେୟାର ୱାସ୍। ଅନ୍ୟପଟେ ବାହାରେ ଅଧିକ ବୁଲାବୁଲି ବା ଜଗିଂ କରୁଥିଲେ ଏହି ପ୍ରକ୍ରିୟାକୁ ଆପଣାଇବା ଦରକାର। ଅବଶ୍ୟ ସପ୍ତାହକୁ ଥରେ ଏହାକୁ କରିବା ଉଚିତ।

# ଏପାଖେ ଯନ୍ତ୍ରଣା, ସେପାଖେ ହସ





**ମୁହଁ ହେଉଛି ମନର ଆଇନା। ଆମ ମନ ମଧ୍ୟରେ ଚାଲୁଥିବା ପ୍ରତିଟି ଭାବନା ତଥା ବ୍ୟକ୍ତିତ୍ୱକୁ ଏହା ସମସ୍ତଙ୍କ ସାମ୍ନାରେ ଆଣି ରଖି ଦିଏ। ସେଥିପାଇଁ ଘରୁ ବାହାରିବା ମାତ୍ରେ ଦୁଃଖକୁ ହସର ମୁଖା ଭିତରେ ଚୁଲାଇବାକୁ ପଡ଼ିଥାଏ। ତେବେ ପ୍ରଫେସନାଲ ଜୀବନରେ ମନୋଭାବକୁ ଲୁଚାଇ ମାହୋଲକୁ ଖୁସି ରଖିବା କ'ଣ ସହଜ କଥା ! ଏ ନେଇ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା କେତେକ ମହିଳା କି ପ୍ରକାର ପ୍ରଚେଷ୍ଟା କରନ୍ତି, ତାହାକୁ ନେଇ ଏ ଉପସ୍ଥାପନା...**

ସାଧାରଣତଃ ହସୁଥିବା ତଥା ହସାଉଥିବା ଲୋକଙ୍କୁ ସମସ୍ତେ ଭଲପାଆନ୍ତି। ଏହା ସହ ସାମାଜିକ ଜୀବନରେ ମଧ୍ୟ ଏମାନଙ୍କର ଏକ ସୁନ୍ଦର ଛବି ବଜାୟ ରହିଥାଏ। ସେଥିପାଇଁ କିଛି ଜୀବିକା ଏଭଳି ଅଛି, ମନରେ ଯେତେ ଚିନ୍ତା କି ଦୁଃଖ ଥିଲେ ସେସବୁର ଝଲକ ସେମାନଙ୍କ ବ୍ୟକ୍ତିତ୍ୱରେ କେବେ ବି ଦେଖିବାକୁ ମିଳି ନ ଥାଏ। ମୁଖ୍ୟତଃ ଲୋକସମ୍ପର୍କ ସହ ଜଡ଼ିତ ଲୋକଙ୍କ ପାଇଁ ଖୁସି ଦେଖାଯିବା ନିହାତି ଜରୁରୀ। ଅର୍ଥାତ୍ ଅଜଣା, ଅଚିହ୍ନା ଲୋକଙ୍କ ସହ କଥାବାର୍ତ୍ତା ବେଳେ ବ୍ୟକ୍ତିତ୍ୱରେ ଆତ୍ମୀୟତା ପ୍ରତିଫଳିତ ହେବା ଉଚିତ୍। ପ୍ରତିକୂଳ ପରିସ୍ଥିତିରେ ଶାଳୀନତା ସହ ହସିବାରେ ଏମାନେ ଥାନ୍ତି ବେଶ ପାରଙ୍ଗମ।

କୌଣସି କମ୍ପାନିରେ ଫ୍ରଣ୍ଟ ଅଫିସରେ ବସିଥିବା ରିସେପନିଷ୍ଟ, ଡାକ୍ତର, ନର୍ସ, ଏୟାର ହୋଷ୍ଟେସ୍, ଶିକ୍ଷୟିତ୍ରୀ, କଳାକାର ଆଦି ବହୁ ଲୋକ ଏମିତି ଅଛନ୍ତି, ଯେଉଁମାନଙ୍କ ପ୍ରଫେସନାଲ କାମ ହେଉଛି ନିଜେ ହସି ଅନ୍ୟର ଯତ୍ନ ତଥା ସେମାନଙ୍କୁ ଭଲ ସେବା ପ୍ରଦାନ କରିବା। ସେମାନଙ୍କ ସୌମ୍ୟ ହସ ପଛରେ ବି ବହୁ କଷ୍ଟ, ଯନ୍ତ୍ରଣା ଲୁଚି ରହିଥାଏ। କହିବାକୁ ଗଲେ ହସୁଥିବା ପ୍ରତ୍ୟେକ ମଣିଷ ପଛରେ କଷ୍ଟର ଅନେକ ଅକୁହା କାହାଣୀ ଥାଏ। ମାତ୍ର ଜିଇବା ଲାଗି ଏମାନଙ୍କୁ ହସିବାକୁ ପଡ଼ିଥାଏ।

### ନକଲି ହସ ଲାଗେ ସତ

ଜରୁରୀ ନୁହେଁ ସବୁବେଳେ ହସୁଥିବା ମଣିଷର ବ୍ୟକ୍ତିଗତ ଜୀବନ ସୁଖମୟ ହୋଇଥିବ। ନକଲି ହସ କାରଣରୁ ମିଳୁଥିବା ପ୍ରଶଂସା ମଣିଷକୁ ସତ ଖୁସି ଦେଇଥାଏ ବୋଲି କହନ୍ତି ଭୁବନେଶ୍ୱରର ମମତା ମହାନ୍ତି। ସେ ଏକ ଘରୋଇ କମ୍ପାନିରେ ରିସେପନିଷ୍ଟ ଭାବେ କାର୍ଯ୍ୟରତ। ଶାଶୂ ଘର ଲୋକେ କି ସ୍ୱାମୀ ତାଙ୍କୁ ଭଲ ପାଆନ୍ତି ନାହିଁ। ସେ ତିନି ବର୍ଷ ବୟସ ଝିଅ ସହ ବାପ ଘରେ ରହୁଛନ୍ତି। ସୁବବେଳେ କିଛି ନା କିଛି ଚିନ୍ତା ତଥା ଦୁଃଖ ତାଙ୍କ ଜୀବନରେ ଲାଗି ରହିଥାଏ। ମାତ୍ର ସେସବୁକୁ ଆଡ଼ କରି ତାଙ୍କୁ ଅଫିସରେ ବସିବାକୁ ହୋଇଥାଏ। ଅଜଣା ଲୋକଙ୍କ ସହ ପଦୁଟିଏ ହସି କଥା ହେବାକୁ ପଡ଼ିଥାଏ। ଅନେକ ସମୟରେ ନିଜକୁ ଏଭଳି ଉପସ୍ଥାପନା କରିବା ସହଜ ହୋଇ ନ ଥାଏ, ତଥାପି ଜୀବିକା ଓ ଜୀବନ ପାଇଁ କିଛି ସମୟ ଖୁସି ରହିବା ଅଭ୍ୟାସରେ ପରିଣତ ହୋଇଯାଏ।

### କଳାକାରଠାରୁ ଦୁଃଖୀ ଆଉ କେହି ନୁହନ୍ତି



କଳାକାର ଜୀବନରେ ବହୁତ ଦୁଃଖ ଓ କଷ୍ଟ ଥାଏ। ଏହା ସତ୍ତ୍ୱେ ମଧ୍ୟ ସେ ଅଭିନୟ କରେ। ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଚେଷ୍ଟା କରେ। ସେଥିପାଇଁ କଳାକାର ସବୁବେଳେ ହସୁଥାଏ। ଏପରିକି ସେ କେବେ ବି ତା' କଷ୍ଟ କାହା ପାଖରେ ଦେଖାଇବାକୁ ଚାହେଁ ନାହିଁ କି କେହି ତା' ଦୁଃଖ ବୁଝି ପାରନ୍ତି ନାହିଁ। ଦର୍ଶକଙ୍କୁ ହସାଇବା, କନ୍ଦାଇବା ତଥା ରଗାଇବା ସବୁ ଆମ ଉପରେ ନିର୍ଭର କରେ। ଆଉ ସେଥିରୁ ମଳୁଥିବା ପ୍ରଶଂସା ଆମ ପାଇଁ ଗୁରୁତ୍ୱ ରଖେ। ଯେଉଁଥିପାଇଁ କଷ୍ଟ ଲାଗିଲେ ବି କାହା ସାମ୍ନାରେ ସେସବୁ ଦେଖାଇ ନ ଥାଉ। ଅନ୍ୟପଟେ ଷ୍ଟାଇଲିସ୍ ଦେଖାଯାଉଥିବା କାରଣରୁ ଅଭିନେତା କି ଅଭିନେତ୍ରୀ ଦୁଃଖ କଷ୍ଟରେ ରହୁଥିବେ ବୋଲି ସାଧାରଣରେ କେହି ଭାବନ୍ତି ନାହିଁ। ସେ ବି ସଂଘର୍ଷ କରି ଆଗକୁ ବଢ଼େ। ହସ ହସ ମୁହଁରେ ନଜର ଆସୁଥିବା କଳାକାରଠାରୁ ଦୁଃଖୀ ଆଉ କେହି ନୁହେଁ।

- ସବିତା ସାହୁ, ଅଭିନେତ୍ରୀ

### ସବୁବେଳେ ଖୁସି ରହିବା ସହଜ ନୁହେଁ



ରୋଗୀଟିଏ ଯେଭଳି ଉପଯୁକ୍ତ ସେବା ପାଇ ଖୁସି ମନରେ ଘରକୁ ଫେରିବ ତାହା ଉପରେ ଗୁରୁତ୍ୱ ଦେଇଥାଉ। ତେଣୁ ସବୁବେଳେ ନିଜକୁ ଖୁସି ଦେଖାଇ ସେମାନଙ୍କ ସେବା କରିବାକୁ ହୋଇଥାଏ। ଅବଶ୍ୟ ସର୍ବଦା ନିଜକୁ ଏଭଳି ଉପସ୍ଥାପନା କରିବା ସେତେଟା ସହଜ ହୋଇ ନ ଥାଏ। କଷ୍ଟ ହେବା ତ ସ୍ୱାଭାବିକ କଥା। ମୋର କୋଭିଡ୍ ଡ୍ୟୁଟି ସମୟରେ ଜଣେ ୮୩ ବର୍ଷ ବୟସର ରୋଗୀ ସୁସ୍ଥ ହୋଇ ଘରକୁ ଯାଇଥିଲେ। ସେ ସେବାରେ ଖୁସି ହୋଇ ଆଶୀର୍ବାଦ କରିଥିଲେ। ବହୁତ ଖୁସି ଲାଗିଥିଲା। ରୋଗୀ ତଥା ହସପିଟାଲ ପ୍ରତି ଆମ ଦାୟିତ୍ୱକୁ ସାମ୍ନା ଲୋକ ବୁଝି ନ ପାରିଲେ ବିରକ୍ତ ଲାଗେ। ସେହିପରି ନିଜେ ଟ୍ରେନିଂ ନେବା ସହ ଜୁନିଅରମାନଙ୍କୁ ଖୁସିରେ ଟ୍ରେନିଂ ଦେବାକୁ ପଡ଼ିଥାଏ। ପିଲାମାନେ ନ ବୁଝିପାରିଲେ ବି ଚିଡ଼ା ଲାଗେ। କିନ୍ତୁ ହସି ହସି ସେମାନଙ୍କୁ ସବୁ କିଛି ବାରମ୍ବାର ବୁଝେଇବାକୁ ପଡ଼ିଥାଏ।

- ଶତରୂପା ପଟ୍ଟଯୋଶୀ, ଇନଫେକସନ କଣ୍ଟ୍ରୋଲ ନର୍ସ, ସମ୍ ହସପିଟାଲ

# ଫେବ୍ରିକ୍ ହେଡ୍‌ବ୍ୟାଣ୍ଡ

ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ

ହେୟାର୍ ଷ୍ଟାଇଲକୁ ନୂଆ ଲୁକ୍ ଦେଉଛି ଏବେ ହେୟାର୍ ବ୍ୟାଣ୍ଡ। ତେବେ ଏବେ ଫେବ୍ରିକ୍ ବା କପଡ଼ା ହେୟାର ବ୍ୟାଣ୍ଡର ଚାହିଦା ଟିକେ ବେଶି। ବିଭିନ୍ନ ଡିଜାଇନ ତଥା ଷ୍ଟାଇଲ୍‌ରେ ଏହା ଉପଲବ୍ଧ। ବିଶେଷକରି କାଜୁଆଲ ଲୁକ୍‌କୁ ଭଲ ମାନିଥାଏ ଏହି ବ୍ୟାଣ୍ଡ। ସେହିପରି ଡେନିମ୍ ତଥା ହ୍ୱାଇଟ୍ ସାର୍ଟ ଲାଗି ଫେବ୍ରିକ୍ ନଟ୍ ଷ୍ଟାଇଲ ବ୍ୟାଣ୍ଡ ଖୁବ୍ ଆକର୍ଷଣୀୟ ଲାଗେ।



ନାଇଟ୍ ପାର୍ଟି ତଥା ଫଙ୍କି ଲୁକ୍ ପାଇଁ ବୋ-ହେୟାର ବ୍ୟାଣ୍ଡ ପିନ୍ଧି ପାରିବେ। ଯେକୌଣସି ଉତ୍ସବରେ ଷ୍ଟାଇପ୍ ପ୍ରିଣ୍ଟେଡ୍ ତଥା ୱାନପିସ୍ ଡ୍ରେସ୍‌କୁ ଦୁଇ ରଙ୍ଗ ବିଶିଷ୍ଟ ଫେବ୍ରିକ୍ ହେୟାର୍ ବ୍ୟାଣ୍ଡ ସୁନ୍ଦର ଲାଗିଥାଏ। ଅନ୍ୟପଟେ ଜଗିଂ ସମୟରେ କେଶକୁ ଭଲ ଭାବେ କଭର୍ କରିଥାଏ ହେଡ୍ ଗିୟର୍। ଫଳରେ କେଶ ଧୂଳି ତଥା ମଇଳା ସଂସ୍ପର୍ଶରେ ଆସି ନ ଥାଏ। ଅନେକ ସେଲିବ୍ରିଟିଙ୍କର ଫେବ୍ରିକ୍ ହେୟାର୍ ବ୍ୟାଣ୍ଡ ଏବେ ଷ୍ଟାଇଲ ଷ୍ଟେଟମେଣ୍ଟ ସାଜିଛି।

# ସେଲିବ୍ରିଟି ସିକ୍ରେଟ୍



**ଲୋକପ୍ରିୟ କଣ୍ଠଶିଳ୍ପୀ ସୋହିନୀ ମିଶ୍ର ସୁନ୍ଦର ତ୍ୱଚା ଓ ଫିଟ୍ ରହିବା ପାଇଁ କ'ଣ କରନ୍ତି ଜାଣନ୍ତୁ ତାଙ୍କ ମୁହଁରୁ...**

## ଡାଏଟ୍ ଉପରେ ଗୁରୁତ୍ୱ ଦିଏ

- **ତ୍ୱଚାର ଯତ୍ନ ଲାଗି କ'ଣ କରନ୍ତି?**

ମୁଖ୍ୟତଃ ନାଚୁରାଲ ଜିନିଷ ବ୍ୟବହାର କରିବାକୁ ଭଲପାଏ। ଫେସ୍ ୱାସ୍ ଖୁବ୍ କମ୍ ବ୍ୟବହାର କରେ। ବେସନ, ହଳଦୀ, କ୍ଷୀର ଲଗାଏ।

- **ଆପଣଙ୍କ ବିୟୁଟି ସିକ୍ରେଟ୍ କ'ଣ?**

ଯଦିଓ ସେମିତି କିଛି ନାହିଁ, ତଥାପି ପ୍ରଚୁର ପାଣି ପିଏ।

- **ପ୍ରିୟ ଖାଦ୍ୟ?**

ଷ୍ଟ୍ରିଟ୍ ଫୁଡ୍। ଅର୍ଥାତ୍ ଗୁପ୍‌ଚୁପ୍, ଦହିବରା ଆଳୁଦମ୍ ପସନ୍ଦ।

- **ମେକ୍‌ଅପ୍ ନେବାକୁ ଭଲ ଲାଗେ?**

ମେକ୍‌ଅପ୍ ନେବା ସେତେଟା ପସନ୍ଦ ନୁହେଁ। କମ ମେକ୍‌ଅପ୍ ନିଏ।

- **ଫିଟ୍ ରହିବା ପାଇଁ କ'ଣ କରନ୍ତି?**

ଏକ୍ସରସାଇଜ୍ କରେ। କିନ୍ତୁ ସବୁଦିନ କରିପାରେ ନାହିଁ। ଡାଏଟ୍ ଉପରେ ବେଶି ଗୁରୁତ୍ୱ ଦିଏ। ତେଲ ତଥା ମସଲାଯୁକ୍ତ ଖାଦ୍ୟ ପଦାର୍ଥ ଖାଏ ନାହିଁ। ଖାଦ୍ୟରେ ସବୁଦିନ ସାଲାଡ୍ ସାମିଲ କରିଥାଏ।

**ସେ କୌଣସି ସଂସ୍ଥା ସହ ଜଡ଼ିତ ନାହାନ୍ତି କି ତାଙ୍କର ନିଜର ମଧ୍ୟ ସଂଗଠନ ନାହିଁ। ନିଜସ୍ୱ ଉଦ୍ୟମରେ ପାଣ୍ଠି ସଂଗ୍ରହ କରି କନ୍ୟା ସନ୍ତାନଙ୍କୁ ଶିକ୍ଷିତ କରାଉଛନ୍ତି ଗୁଜରାଟର ନିଶିତା ରାଜପୁତ୍।**

## ଶିକ୍ଷାର ଆଲୋକବର୍ତ୍ତିକା

# ନିଶିତା







ମଧ୍ୟବିତ୍ତ ପରିବାରର ହୋଇଥିବାରୁ ନାରୀ ଜୀବନରେ ଶିକ୍ଷାର ଗୁରୁତ୍ୱକୁ ବୁଝନ୍ତି ନିଶିତା। ଏପରିକି ସେ ଶିକ୍ଷିତ ବୋଲି ୩୪,୫୦୦ କନ୍ୟା ସନ୍ତାନଙ୍କ ଲାଗି ତିନି କୋଟିରୁ ୮୦ ଲକ୍ଷ ଟଙ୍କା ସ୍କୁଲ ଫି' ଜମା କରିଛନ୍ତି। ସାଧାରଣତଃ ଝିଅକୁ ସରକାରୀ ସ୍କୁଲ ଓ ପୁଅକୁ ଘରୋଇ ସ୍କୁଲରେ ପଢ଼ାଯାଉଥିବା ସେ ପିଲା ବେଳୁ ଦେଖି ଆସୁଥିଲେ। ମାତ୍ର ସେ ଝିଅମାନଙ୍କ ସହ ହେଉଥିବା ଏ ପ୍ରକାର ବାଛବିଚାରରେ ସନ୍ତୁଷ୍ଟ ନ ଥିଲେ। ସେଥିପାଇଁ ନିଜ ଉଦ୍ୟମରେ ସେମାନଙ୍କୁ ସ୍କୁଲରେ ପଢ଼ାଇବାକୁ ଚାହିଁଲେ। ତା'ସହ ସ୍କୁଲ ଫି' ଲାଗି ପାଣ୍ଠି ସଂଗ୍ରହ ଆରମ୍ଭ କଲେ ନିଶିତା।

ନିଶିତା ଏ ନେଇ କୌଣସି ସଂଗଠନ ସହ ଜଡ଼ିତ ନାହାନ୍ତି କି ତାଙ୍କର ନିଜର କିଛି ସଂସ୍ଥା ବି ନାହିଁ। ତେବେ ତାଙ୍କ ଉଦ୍ଦେଶ୍ୟ ହେଉଛି ନାରୀମାନଙ୍କୁ ଶିକ୍ଷିତ କରାଇବା। ଅନ୍ୟପଟେ ସେ ଚଳିତ ଜାନୁଆରୀ ମାସରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। କିନ୍ତୁ ସେ ବାହାଘରରେ ଅଯଥା ଖର୍ଚ୍ଚ ନ କରି ସେହି ଟଙ୍କାକୁ ୨୫୧ ଝିଅଙ୍କ ସ୍କୁଲ ଫି' ପାଇଁ ଜମା କରିଛନ୍ତି। କେବଳ ଏତିକି ନୁହେଁ, ୨୧ ଝିଅଙ୍କ ନାଁରେ ୫ ହଜାର ଟଙ୍କାର ସ୍ଥାୟୀ ଜମା ମଧ୍ୟ କରିଛନ୍ତି।

ନିଶିତା ଏ କାମ ୧୧ ବର୍ଷ ତଳେ ୧୫୧ ପିଲାଙ୍କଠାରୁ ଆରମ୍ଭ କରିଥିଲେ। ଅବଶ୍ୟ ଏନେଇ ସେ ଘର ଘର ବୁଲି ପାଣ୍ଠି ସଂଗ୍ରହ କରନ୍ତି। ଆଉ ସେବେଠୁ ଏଯାବତ୍ ୩୪,୫୦୦ କନ୍ୟାଙ୍କ ଲାଗି ୩ କୋଟି ୮୦ ଲକ୍ଷ ଟଙ୍କା ସ୍କୁଲ ଫି' ଜମା କରିସାରିଛନ୍ତି। ଏ କ୍ଷେତ୍ରରେ କିଏ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସନ୍ତି ତ ଆଉ କିଏ ମୁହଁକୁ ଚାହିଁ ନ ଥାନ୍ତି। ତେବେ ଯେଉଁମାନେ ବି ସାହାଯ୍ୟ କରିଛନ୍ତି, ସେମାନେ ଏଯାବତ୍ ତାଙ୍କ ସହ ଯୋଡ଼ି ହୋଇ ରହିଥିବା କହିଛନ୍ତି ନିଶିତା। ସେ ତାଙ୍କ ବାପା ଓ ମା'ଙ୍କୁ ନେଇ ଏ କାମ କରୁଛନ୍ତି। ତାଙ୍କ ମତରେ ମଣିଷ ନିଜ ପାଇଁ ସବୁକିଛି କରିପାରେ। କିନ୍ତୁ ଅନ୍ୟପାଇଁ କିଛି କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ।




## ସାମସନ୍ଙ୍କୁ ୧୨ ଲକ୍ଷ ଜରିମାନା



ଦୁବାଇ, ୨୨।୯ (ଏଜେନ୍ସି): ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନଙ୍କୁ ଜରିମାନା କରାଯାଇଛି। ମଙ୍ଗଳବାର ଖେଳାଯାଇଥିବା ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ଦଳ ମନ୍ଥର ବୋଲିଂ କରିଥିବାରୁ ସାମସନଙ୍କ ଉପରେ ୧୨ ଲକ୍ଷ ଟଙ୍କାର ଜରିମାନା ହୋଇଛି। ସାମସନଙ୍କ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୨୦ ଓଭର ପୂରଣ କରିପାରି ନ ଥିଲା। ତେବେ ଉକ୍ତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୨ ରନ୍‌ର ଚିତ୍ତାକର୍ଷକ ବିଜୟ ହାସଲ କରିଥିଲା। ଶେଷ ଓଭରରେ ପଞ୍ଜାବକୁ ବିଜୟୀ ହେବାକୁ ମାତ୍ର ୪ ରନ୍ ଆବଶ୍ୟକ ହେଉଥିବାବେଳେ ଫାଷ୍ଟ ବୋଲର କାର୍ତ୍ତିକ ତ୍ୟାଗୀ ବୋଲିଂ କରିବାକୁ ଆସି ନିକୋଲାସ ପୁରନ ଓ ଦୀପକ ହୁଡାଙ୍କୁ ଆଉଟ୍ କରିବା ସହ ମାତ୍ର ଗୋଟିଏ ରନ୍ ଦେଇଥିଲେ। ଫଳରେ ପଞ୍ଜାବ ହାତରୁ ନିଶ୍ଚିତ ବିଜୟ ଛଡ଼ାଇ ଆଣିଥିଲା ରାଜସ୍ଥାନ।

## କୋଚ୍‌ଙ୍କୁ ଛାଡ଼ିଲେ ହାଲେପ



ବୁଚାରେଷ୍ଟ, ୨୨।୯ (ଏଜେନ୍ସି): ବିଶ୍ୱ ମାନ୍ୟତାର ପୂର୍ବତନ ଏକନମ୍ବର ଖେଳାଳି ରୋମାନିଆର ସିମୋନା ହାଲେପ ଓ କୋଚ୍ ଡାରେନ କାହିଲଙ୍କ ମଧ୍ୟରେ ବିଚ୍ଛେଦ ଘଟିଛି। ଉଭୟ ୬ ବର୍ଷ ଧରି କାମ କରୁଥିଲେ। କାହିଲଙ୍କ ପ୍ରଶିକ୍ଷଣରେ ୨୯ ବର୍ଷୀୟ ହାଲେପ ୨୦୧୮ ଫ୍ରେଞ୍ଚ ଓପନ ଜିତ ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ତେବେ ଏହି ସିଜିନ ଶେଷରେ କାହିଲ ନିଜ ପରିବାର ସହ ଅଧିକ ସମୟ ଦେବାକୁ ଅଷ୍ଟ୍ରେଲିଆନ୍ କୋଚ୍ କାହିଲ ହାଲେପଙ୍କ ହାତ ଛାଡ଼ିଥିଲେ। ପରେ ୨୦୧୯ ଡବ୍ଲ୍ୟୁଟିଏ ଫାଇନାଲ୍ସ ପୂର୍ବରୁ ଉଭୟ ଏକତ୍ର ହୋଇଥିଲେ। କାହିଲଙ୍କ ପ୍ରଶିକ୍ଷଣରେ ହାଲେପ ପ୍ରଥମ ତିନିବର୍ଷର ଦୁଇଟି ସିଜିନରେ ବିଶ୍ୱ ମାନ୍ୟତାର ଏକନମ୍ବର ଓ ୨୦୧୮ ଅଷ୍ଟ୍ରେଲିଆନ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ।

# ଶୀର୍ଷକୁ ଉଠିଲା ଦିଲ୍ଲୀ କ୍ୟାପିଟାଲ୍ସ

ଦୁବାଇ, ୨୨।୯ (ଏଜେନ୍ସି)

ଆଇପିଏଲ୍ ୧୪ତମ ସଂସ୍କରଣ ୩୩ତମ ମୁକାବିଲାରେ ବୁଧବାର ଗତଥରର ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଅନୁଷ୍ଠିତ ହୋଇଛି। ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ ପୂର୍ବରୁ ୧୪ତମ ସଂସ୍କରଣ ୨ୟ ପର୍ଯ୍ୟାୟର ପ୍ରଥମ କରୋନା କେସ୍ ସାମ୍ନାକୁ ଆସିଥିଲା। ହାଇଦରାବାଦ୍‌ର ଯୁବ ଦ୍ରୁତ ବୋଲର୍ ଟି. ନଟରାଜନଙ୍କ ରିପୋର୍ଟ କରୋନା ପଜିଟିଭ ବାହାରିଥିଲା। ଏହାସତ୍ତ୍ୱେ ମ୍ୟାଚ୍‌ରେ ଏହାର କୌଣସି ପ୍ରଭାବ ପଡ଼ି ନ ଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ପ୍ରତିପକ୍ଷ ବୋଲିଂକୁ ସାମ୍ନା କରି ନ ପାରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୩୪ ରନ କରିଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଦକ୍ଷିଣ ଆଫ୍ରିକାର ଦୁଇ ଡାହାଣହାତୀ ଦ୍ରୁତ ବୋଲର କାଗିସୋ ରବାଡା ଓ ଏନ୍‌ରିଚ ନୋର୍ଜେ ପ୍ରଭାବୀ ବୋଲିଂ କରିଥିଲେ। ସେହିଭଳି ସ୍ପିନର ଅକ୍ଷର ପଟେଲ ମଧ୍ୟ ୨ଟି ୱିକେଟ୍ ନେଇ ହାଇଦରାବାଦ୍‌କୁ ବଡ଼ ସ୍କୋର କରିବାରେ ଅଟକାଇଥିଲେ। ଜବାବରେ ୧୩୫ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ ୧୭.୫ ଓଭରରେ ଦୁଇଟି ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରି ନେଇଥିଲା। ଶ୍ରେୟସ ଆୟାର ୪୭ ଓ ପନ୍ତ ୩୫ ରନ୍‌ର ଅପରାଜିତ ଇନିଂସ ଖେଳି ଦିଲ୍ଲୀକୁ ସହଜ ବିଜୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର ପୃଥ୍ୱୀ ସ ୧୧ ଓ ଶିଖର ଧାୱନ ୪୨ ରନ କରି ଆଉଟ୍ ହୋଇଥିଲେ। ହାଇଦରାବାଦ ପକ୍ଷରୁ ଖଲିଲ ଅହମ୍ମଦ ଓ ରସିଦ ଖାନ୍ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ନୋର୍ଜେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଏଥିସହ ୯ ମ୍ୟାଚ୍‌ରୁ ସପ୍ତମ ବିଜୟ ହାସଲ କରି ୧୪ ପଏଣ୍ଟ ସହ ଦିଲ୍ଲୀ ଟେବ୍‌ଲ ତାଲିକାର ଶୀର୍ଷକୁ ଉଠିଛି। ହାଇଦରାବାଦ ଅଷ୍ଟମ ମ୍ୟାଚ୍‌ରୁ ସପ୍ତମ ପରାଜୟ ସହ ସର୍ବନିମ୍ନ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହାଇଦରାବାଦ୍ ଅଧିନାୟକ କେନ୍ ୱିଲିୟମସନ୍‌ଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ ହୋଇଥିଲା। ଦଳ ଖାତା ଖୋଲିବା ପୂର୍ବରୁ ଦୁର୍ଦ୍ଧର୍ଷ ଓପନର୍ ଡେଭିଡ୍ ୱାର୍ଣ୍ଣରଙ୍କ ୱିକେଟ୍ ହରାଇଥିଲା। ଏନ୍‌ରିଚ୍ ନୋର୍ଜେ ଏହି ୱିକେଟ୍ ନେଇ ଦିଲ୍ଲୀକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ୱିକେଟ୍‌କିପର ଋଦ୍ଧିମାନ ଶାହ (୧୮ ରନ, ୧୭ ବଲ୍) ମଧ୍ୟ କ୍ରିଜରେ ସେଟ୍ ନେଇ ଆସୁଥିବାବେଳେ ରବାଦାଙ୍କ ବଲରେ ଶିଖର ଧାୱନଙ୍କ ହାତରେ କ୍ୟାଚ ହୋଇ ପ୍ୟାଭିଲିୟନ ଫେରିଥିଲେ। ମଧ୍ୟକ୍ରମରେ ଅଧିନାୟକ ୱିଲିୟମସନ୍ ଓ ମନୀଷ ପାଣ୍ଡେ ମଧ୍ୟ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇ ନେବାକୁ ପ୍ରଚେଷ୍ଟା କରିଥିଲେ। ଉଭୟ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋରରେ ପରିଣତ କରାଇବାରେ ବିଫଳ ହୋଇଥିଲେ। ମାତ୍ର ୨ଟି ବଲ୍ ଅନ୍ତରରେ ୱିଲିୟମସନ୍ (୧୮ ରନ) ଓ ପାଣ୍ଡେ (୧୭)ଙ୍କୁ ଆଉଟ୍ କରି ଦିଲ୍ଲୀ ବଡ଼ ସଫଳତା ପାଇଥିଲା। ତେବେ ମଧ୍ୟ-ନିମ୍ନକ୍ରମରେ ଅବଦୁଲ ସାମାଦ୍ ଓ ରସିଦ୍ ଖାନ୍ କିଛିଟା ଉଲ୍ଲେଖନୀୟ ପାଳି ଖେଳିବାରୁ ହାଇଦରାବାଦ୍ ୯ ୱିକେଟ୍‌ରେ ୧୩୪ ରନର ଏକ ସମ୍ମାନଜନକ ସ୍କୋର ଠିଆ କରାଇପାରିଥିଲା। ସାମାଦ୍ ୨୮ ଓ ରସିଦ୍ ୨୨ ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ରବାଡା ୩ଟି ଏବଂ ନୋର୍ଜେଓଅକ୍ଷର୨ଟିଲେଖାଏଁୱିକେଟ୍‌ନେଇଥିଲେ।

### ଆଜିର ମ୍ୟାଚ୍

ସେପ୍ଟେମ୍ବର ୨୦୨୧



ମୁମ୍ବଇ
ବନାମ
କୋଲକାତା
ଭେନ୍ୟୁ-ଆବୁଧାବି
ଖେଳ ଆରମ୍ଭ-ରାତି ୭ଟା ୩୦
ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଷ୍ଟ୍ରିମିଂ- ଡିସ୍‌ନୀ ହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବ୍‌ଲ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ନେଟ୍ ରନ୍ |
|---|---|---|---|---|---|
| ଦିଲ୍ଲୀ | ୯ | ୭ | ୨ | ୧୪ | +୦.୬୧୩ |
| ଚେନ୍ନଇ | ୮ | ୬ | ୨ | ୧୨ | +୧.୨୨୩ |
| ବାଙ୍ଗାଲୋର | ୮ | ୫ | ୩ | ୧୦ | -୦.୭୦୬ |
| ମୁମ୍ବଇ | ୮ | ୪ | ୪ | ୮ | -୦.୦୭୧ |
| ରାଜସ୍ଥାନ | ୮ | ୪ | ୪ | ୮ | -୦.୧୫୪ |
| କୋଲକାତା | ୮ | ୩ | ୫ | ୬ | ୦.୧୧୦ |
| ପଞ୍ଜାବ | ୯ | ୩ | ୬ | ୬ | -୦.୩୪୫ |
| ହାଇଦରାବାଦ | ୮ | ୧ | ୭ | ୨ | -୦.୬୮୯ |

### ସଂକ୍ଷିପ୍ତ ସ୍କୋର

**ହାଇଦରାବାଦ୍: ୧୩୪/୯**, ୨୦ ଓଭର (ସମଦ୍-୨୮, ରସିଦ୍-୨୨, ୱିଲିୟମସନ୍-୧୮, ରିଦ୍ଧିମାନ-୧୮, ପାଣ୍ଡେ-୧୭, ରବାଡା-୩/୩୭, ନୋର୍ଜେ- ୨/୧୨)।

**ଦିଲ୍ଲୀ କ୍ୟାପିଟାଲ୍ସ: ୧୩୯/୨**, ୧୭.୫ ଓଭର (ଶିଖର-୪୨, ଶ୍ରେୟାସ ଆୟାର- ୪୭*, ପନ୍ତ-୩୫*, ପୃଥ୍ୱୀ ସ-୧୧, ଖଲିଲ ଅହମ୍ମଦ-୧/୩୩, ରସିଦ ଖାନ୍-୧/୨୬)।



## ଟି. ନଟରାଜନ୍ କରୋନା ଆକ୍ରାନ୍ତ



ଦୁବାଇ, ୨୨।୯ (ଏଜେନ୍ସି): ଚଳିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ପୂର୍ବରୁ ସନରାଇଜର୍ସ ହାଇଦରାବାଦ୍ ପେସ୍ ବୋଲର ଟି. ନଟରାଜନ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ତାଙ୍କର କୋଭିଡ୍ ଟେଷ୍ଟ ପଜିଟିଭ ଆସିଥିବା ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ନଟରାଜନଙ୍କ ଆରଟି-ପିସିଆର ଟେଷ୍ଟ କରାଯାଇଥିଲା। ତାହା ପଜିଟିଭ ଆସିଛି। ସେ ଏବେ ପୃଥକବାସରେ ଅଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ୫ଜଣ ସଦସ୍ୟ ମଧ୍ୟ ଆଇସୋଲେସନରେ ରହିଛନ୍ତି। ସେମାନେ ହେଲେ ବିଜୟ କୁମାର (ଟିମ୍ ମ୍ୟାନେଜର), ଜେ. ଶ୍ୟାମସୁନ୍ଦର (ଫିଜିଓଥେରାପିଷ୍ଟ), ଅଞ୍ଜନ ଭାନ୍ନନ (ଡାକ୍ତର), ତୁଷାର ଖେଦକର (ଲଜିଷ୍ଟିକ୍ସ ମ୍ୟାନେଜର) ଓ ପେରିୟାସାମି ଗଣେଶନ (ନେଟ୍ ବୋଲର)ଙ୍କ ବୁଧବାର କୋଭିଡ୍ ଟେଷ୍ଟ କରାଯାଇଥିଲେ ହେଁ ଏହା ନେଗେଟିଭ ଆସିଛି। ପୂର୍ବରୁ କରୋନାଜନିତ ମାମଲା ଲାଗି ଚଳିତ ୧୪ତମ ସଂସ୍କରଣ ମେ ମାସରେ ଅଧାରୁ ସ୍ଥଗିତ କରିଦିଆଯାଇଥିଲା।

## ଜାତୀୟ ଜୁନିଅର ଖୋ ଖୋ ଉଦ୍‌ଘାଟିତ

# ଓଡ଼ିଶା ବାଳକ ଦଳର ବିଜୟ ଅଭିଯାନ

ଭୁବନେଶ୍ୱର, ୨୨।୯ (ସମିସ)

ଓଡ଼ିଶା ଖୋ ଖୋ ଆସୋସିଏସନ୍ ଆସୋସିଏସନ୍, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ବୁଧବାର ୪୦ତମ କମ୍ପ୍ଲେକ୍ସରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଖୋ ଖୋ ମହାସଂଘର ସାଧାରଣ ସମ୍ପାଦକ ଏମ୍.ଏସ୍. ତ୍ୟାଗୀ, ଓଡ଼ିଶା ଖୋ ଖୋ ଆସୋସିଏସନ୍‌ର ସଭାପତି ନାରାୟଣ ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ ମହାରାଷ୍ଟ୍ର ୨୬ ପଏଣ୍ଟରେ ନାଗାଲାଣ୍ଡକୁ, ଆନ୍ଧ୍ରପ୍ରଦେଶ ୧୨ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, ରାଜସ୍ଥାନ ୭ ପଏଣ୍ଟରେ ଉତ୍ତରାଖଣ୍ଡକୁ, କେରଳ ୨୧ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ, ଝାଡ଼ଖଣ୍ଡ ୨୬ ପଏଣ୍ଟରେ ପ୍ରତିଯୋଗିତାରେ ୫୩ ଟିମ୍ (ବାଳକ ଓ ବାଳିକା)ର ୬୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ବାଳକ ଦଳ ଗ୍ରୁପ୍-ଡି'ରେ କର୍ଣ୍ଣାଟକ, ବିହାର, ମଧ୍ୟପ୍ରଦେଶ ଓ ମେଘାଳୟ ସହ ସ୍ଥାନ ପାଇଛି।





ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ। ବାଳିକା ବିଭାଗର ଏକ ମ୍ୟାଚ୍‌ର ରୋମାଞ୍ଚକ ଦୃଶ୍ୟ

ଜାତୀୟ ଜୁନିଅର ଖୋ ଖୋ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହକି ପ୍ରମୋସନ କାଉନସିଲର ଅଧ୍ୟକ୍ଷ ତଥା ଅଲିମ୍ପିଆନ୍ ଦିଲ୍ଲୀପ୍ ତିର୍କୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର୍. ଭିନୀଲ କ୍ରିଷ୍ଣା ଅତିଥିଭାବେ ଯୋଗ ଦେଇ କିଟ୍‌ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

ଉଦ୍‌ଘାଟନୀ ଦିବସରେ ଓଡ଼ିଶା ବାଳକ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା (୨୮) ୨୨ ପଏଣ୍ଟରେ ମଧ୍ୟପ୍ରଦେଶ (୬)କୁ ପରାସ୍ତ କରିଛି। ବାଳକ ବିଭାଗର ଅନ୍ୟ ମ୍ୟାଚଗୁଡ଼ିକରେ ପୁଡୁଚେରୀ ୯ ପଏଣ୍ଟରେ ହିମାଚଳପ୍ରଦେଶକୁ, ଦଦ୍ରା ଓ ନଗର ହାବେଳୀକୁ ପରାସ୍ତ କରିଛି। ଅପରପକ୍ଷରେ ମହିଳା ବିଭାଗରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ ୨୩ ପଏଣ୍ଟରେ ଅରୁଣାଚଳ ପ୍ରଦେଶକୁ, ପଞ୍ଜାବ ୩୪ ପଏଣ୍ଟରେ ଦଦ୍ରା ଓ ନଗର ହାବେଳୀକୁ, ଉତ୍ତରାଖଣ୍ଡ ୭ ପଏଣ୍ଟରେ ବିହାରକୁ, ତେଲେଙ୍ଗାନା ୨ ପଏଣ୍ଟରେ ଆସାମକୁ ମାତ୍ ଦେଇଛି। ଏହି ୫ ଦିନିଆ ସେହିଭଳି ଆନ୍ଧ୍ରପ୍ରଦେଶ, ମଣିପୁର, ଜାମ୍ମୁ ଆଣ୍ଡ କଶ୍ମୀର ସହ ଓଡ଼ିଶା ବାଳିକା ଦଳ ଗ୍ରୁପ୍-ଇ'ରେ ରହିଛି। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ଆସନ୍ତାବର୍ଷ ହରିୟାଣାର ପଞ୍ଚକୁଲାରେ ହେବାକୁ ଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସକୁ ଯୋଗ୍ୟତା ଅର୍ଜନ କରିବେ ବୋଲି ଜଣାପଡ଼ିଛି।

## ଅଡୁଆରେ ମାର୍ଲନ ସାମୁଏଲ୍ସ



ଦୁବାଇ, ୨୨।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳର ପ୍ରାକ୍ତନ ଅଲ୍‌ରାଉଣ୍ଡର ମାର୍ଲନ ସାମୁଏଲ୍ସଙ୍କ ଉପରେ ଗମ୍ଭୀର ଆରୋପ ଲାଗିଛି। ରିପୋର୍ଟ ମୁତାବକ ଏକ ଟି-୧୦ ଲିଗ୍ ସମୟରେ ସାମୁଏଲ୍ସ କେତେକ ଅଜ୍ଞାତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ଯାହାର ସୂଚନା ସେ ସଠିକ୍ ସମୟରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିକୁ ଅବଗତ କରି ନ ଥିଲେ। ଯେଉଁଥି ପାଇଁ ସେ ଆଇସିସିର ଦୁର୍ନିତୀ ନିବାରଣ ନିୟମର ଧାରା ୨.୪.୨, ୨.୪.୩, ୨.୪.୬ ଉଲ୍ଲଂଘନ କରିଛନ୍ତି। ଅଭିଯୋଗର ଜବାବ ଦେବା ଲାଗି ଆଇସିସି ତାଙ୍କୁ ୧୪ ଦିନର ସମୟ ଦେଇଛି। ଉଲ୍ଲେଖଯୋଗ୍ୟ, ୨୦୦୦ରୁ ୨୦୧୮ ମଧ୍ୟରେ ସାମୁଏଲ୍ସ ୱେଷ୍ଟଇଣ୍ଡିଜ ପକ୍ଷରୁ ୭୧ ଟେଷ୍ଟ, ୨୦୭ ଏକଦିବସୀୟ ଓ ୬୭ ଟି-୨୦ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ମୋଟ୍ ଉପରେ ୧୧ ହଜାର ୧୩୪ ରନ୍ ସଂଗ୍ରହ କରିଛନ୍ତି। ସେହିଭଳି ତାଙ୍କ ନାମରେ ୧୫୨ ୱିକେଟ୍ ଲିପିବଦ୍ଧ ରହିଛି। ୨୦୧୮ରେ ସାମୁଏଲ୍ସ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ।

MAHAVIR COLLEGE OF NURSING
Recognised by: Health & Family welfare Department, Govt of Odisha, Odisha Nursing Council, Directorate of Medical Education & Training, Odisha
ADMISSION OPEN 2021-22
COURSES OFFERED:
1. ANM- 2 Yrs (+2 any Stream), 2. GNM- 3 Yrs. (+2 any Stream)
3. DMLT- 2 Yrs. (+2 Science), 4. B.Sc Nursing- 4 Yrs. (+2 Science-PCB)
5. Diabetes Assistant- 1 Yr. (+2 Any Stream)
6. Dental Assistant- 1 Yr. (+2 any Stream)
100% Placement | Spot Admission | Hostel Facility Available
Address & Contact
Campus1: Mahapatra Complex, Gobindpali Chowk, Bargarh
Campus2: Near Fly Over Bridge, Bhatli Chowk, Bargarh
Contact No.: 9937292549 I 9937578179 I 898491095 I 9692675005
Mail: mahavircollegeofnursing@gmail.com I mahavirschoolofnursing@gmail.com
Website: www.mahavircollegeofnursing.org

# ରୌପ୍ୟ ବିଜୟୀ ଭାରତୀୟ ରଗ୍‌ବୀ ଦଳକୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୨।୯ (ସମିସ)

ଉଜ୍‌ବେକିସ୍ତାନର ତାସ୍‌କେଣ୍ଟରେ ଶେଷ ହୋଇଥିବା ୧୮ ବର୍ଷରୁ କମ୍ ମହିଳା ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ପଦକ ବିଜୟିନୀ ଭାରତୀୟ ମହିଳା ରଗ୍‌ବୀ ଦଳକୁ ବୁଧବାର ଓଡ଼ିଶା ସରକାର ସମ୍ବର୍ଦ୍ଧିତ କରିଛନ୍ତି। ଭାରତୀୟ ରଗ୍‌ବୀର ସହପ୍ରାୟୋଜକ ରହିଥିବା ଓଡ଼ିଶା ସରକାରଙ୍କ ସମେତ ରଗ୍‌ବୀ ଇଣ୍ଡିଆ ଓ ଅନ୍ୟ ଅଂଶୀଦାର ବ୍ଲେଡ୍ ଅର୍ବାନ ଏୟାର ମୋବିଲିଟୀ (ଭାରତ) ପକ୍ଷରୁ ଏହି ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା। ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଭାରତୀୟ ମହିଳା ରଗ୍‌ବୀ ଦଳର ଖେଳାଳିଙ୍କ ସମେତ ସହାୟକ ଷ୍ଟାଫ୍‌ଙ୍କୁ ମୋଟ୍ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏହି ଅବସରରେ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ଜରିଆରେ ଭାରତୀୟ ଦଳର ସଫଳତାକୁ ନେଇ ପ୍ରଶଂସା କରିଛନ୍ତି।

ଲୋକସେବା ଭବନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସାଂସଦ ଡ. ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର୍. ଭିନୀଲ କ୍ରିଷ୍ଣା, ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନର ସଭାପତି ବିକ୍ରମ ଆହୁଜା, ଅଭିନେତା ତଥା ରଗ୍‌ବୀ ଇଣ୍ଡିଆର ସଦସ୍ୟ ରାହୁଲ ବୋଷ, ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏସନର ସଭାପତି ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। 'ଭାରତୀୟ ଦଳ ପ୍ରଦର୍ଶନ ଆମ ସମସ୍ତଙ୍କୁ ଗର୍ବିତ କରିଛି। ଏତେ କମ୍ ବୟସରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିବା ପ୍ରତ୍ୟେକ ଖେଳାଳିଙ୍କୁ ପ୍ରଶଂସା କରୁଛି। ଏହି ପ୍ରଦର୍ଶନ ସେମାନଙ୍କୁ ପରବର୍ତ୍ତୀ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସହାୟକ କରିବା ଲାଗି ଏକ ସୁଯୋଗ। ସବୁଥର ଭଳି ଓଡ଼ିଶା ରଗ୍‌ବୀ ଦଳର ଯାତ୍ରାରେ ସମର୍ଥନ ଜାରି ରଖିବ' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ଏହି ସମ୍ବର୍ଦ୍ଧନା ଉତ୍ସବ ଅବସରରେ କହିଛନ୍ତି।

### ୧୫ ଲକ୍ଷ ପୁରସ୍କାର





ପ୍ରକାଶଯୋଗ୍ୟ, ଭାରତୀୟ ୧୮ ବର୍ଷରୁ କମ୍ ମହିଳା ଦଳ ଏସିଆ ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାର ଫାଇନାଲରେ ୧୭-୨୧ରେ ୟୁଏଇ ନିକଟରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଭାରତୀୟ ଦଳରେ ଓଡ଼ିଶାର ୩ଜଣ ଖେଳାଳି ତରୁଲତା ନାଏକ, ମାମା ନାଏକ ଓ ନିର୍ମାଲ୍ୟ ରାଉତ ସାମିଲ ରହିଥିଲେ। ଫାଇନାଲରେ ତରୁଲତା ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

ସକାଳ THE SAKALA
SAKALA MEDIA PVT. LTD.
Plot No.- N-3/441,IRC Village, Nayapalli, Bhubaneswar-15
ପ୍ରିୟ ପାଠକ / ପାଠିକା,
'ସକାଳ' ଖବରକାଗଜ ପାଇବାରେ ଅସୁବିଧା ହେଉଥିଲେ ଆପଣ ନିମ୍ନ ପ୍ରଦତ୍ତ ନମ୍ବରରେ ଯୋଗାଯୋଗ କରିପାରିବେ।
BHUABNESWAR
Ashoka Market
Prabodha - 9776355222
Chandrasekharpur
Rajesh - 9090490990
Old Town
Dinabandhu - 9937615111
C.R.P.
Bijaya - 9040246520
Khandagiri
Ashok - 8114773314
KHURDA, NAYAGARH, PURI
Sudhanshu - 6371694142
BERHAMPUR, GANJAM GAJAPATI, KANDHAMALA
Kanhei- 9777127070
JEYPORE
SUDHIR- 9777005500
CUTTACK
Prasanta - 8249018397
SAMBALPUR
Sudam - 7008081464
Sibu - 9337050279
UPAKULA
Gyana - 7438865336
BALASORE
Kalinga - 9348955071
ପ୍ରସାର ବିଭାଗ, ସକାଳ

PUBLISHED BY AMIT KUMAR MALLICK FOR SAKALA MEDIA PVT. LTD., PLOT NO. N-3/441, IRC VILLAGE, NAYAPALLI, BHUBANESWAR-15, PH: 0674-2954342/ 2955342
PRINTED AT ASHIRBAD PRAKASHAN PVT. LTD., PLOT- 45, SEC.-A, ZONE-D, M.I. ESTATE, P.O-RASULGARH, BHUBANESWAR-10
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର